ବର୍ଷ-୫୬ : ସଂଖ୍ୟା-୧ ଜାନୁଆରୀ, ୨୦୨୫ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜାନୁଆରୀ, ୨୦୨୫


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ମାତୃବାଣୀ | ... | ... | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୭ |
| ମୁକ୍ତି ଓ ସେବା | ... | ଶ୍ରୀମା | ... | ୮ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ବିଂଶ ପରିଚ୍ଛେଦ) ବୁଦ୍ଧି ଗାରର ଶେଷ ସୀମା | ... | ଶେଖ ଅବଦୁଲ କାଶମ | ... | ୯ |
| ଅନାଗତ ଐଶ୍ୱର୍ଯ୍ୟର ଅକଳ୍ପନୀୟ ରୂପ | ... | ମନୋଜ ଦାସ | ... | ୧୪ |
| ୨୦୨୫ ବର୍ଷସୂଚୀ (Calendar)ରେ ପରିବେଷିତ ବାଣୀ | ... | ... | ... | ୧୬ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୩୮) | ... | ... | ... | ୧୭ |
| ବନ୍ଧୁ, ଦାର୍ଶନିକ ଓ ମାର୍ଗଦର୍ଶକ ଶ୍ରୀ ପ୍ରପତ୍ତି | ... | ସାଧୁଚରଣ ପଟ୍ଟନାୟକ | ... | ୨୨ |
| ସାଗର ଏକତ୍ୱ (କବିତା) | ... | ଶ୍ରୀଅରବିନ୍ଦ | ... | ୨୩ |
| ଲକ୍ଷ୍ୟ ସିଦ୍ଧିରେ କେନ୍ଦ୍ରୀୟ ସଂକଳ୍ପ | ... | ରାମକୃଷ୍ଣ ଦାସ | ... | ୨୪ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୯୩) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୮ |
| ନ୍ୟାୟ ବିଚାର | ... | ପ୍ରପତ୍ତି | ... | ୩୨ |
| ନବବର୍ଷ : ନବଚେତନା (କବିତା) | ... | ସୁନାମଣି ରାଉତ | ... | ୩୪ |
| ଦ୍ୱୀପାନ୍ତରର କଥା (ଦ୍ୱାଦଶ ପରିଚ୍ଛେଦ) ଆତ୍ମକଥା (୧) | ... | ବାରୀନ୍ଦ୍ର କୁମାର ଘୋଷ | ... | ୩୫ |
| ନୂତନ ଶିକ୍ଷାର ଆହ୍ୱାନ (୧୬) | ... | ଗୟାଧର ଦାଶ | ... | ୩୮ |
| ଦଶକର୍ମଧାରା (୧) | ... | ପ୍ରସାଦ ତ୍ରିପାଠୀ | ... | ୪୦ |
| ନୂତନ ରଣକୌଶଳ | ... | ମନୋଜ ଦାସ | ... | ୪୩ |
| ଉଦ୍ଧବଙ୍କ ବ୍ରଜ ଗମନ | ... | ବନମାଳୀ ଆଚାର୍ଯ୍ୟ | ... | ୪୫ |
| ବ୍ରହ୍ମାଙ୍କର ଦିନ ରାତି | ... | ଆର୍ତ୍ତତ୍ରାଣ ମିଶ୍ର | ... | ୪୮ |
| ବୃତ୍ରାସୁର ବଧ | ... | ନଳିନୀକାନ୍ତ ଗୁପ୍ତ | ... | ୪୯ |
| କୁହୁତାନ (କବିତା) | ... | ନିମାଇଁ ପଟ୍ଟନାୟକ | ... | ୫୨ |
| କାଲ୍‌କୁଲେଟର୍‌ରୁ ସଂଖ୍ୟା କୌତୁକ | ... | ଧର୍ମକୁମାର ଶତପଥି | ... | ୫୩ |
| ଈର୍ଷାହିଁ ବିନାଶର କାରଣ | ... | ଦୌଲତ ପାଣ୍ଡେ | ... | ୫୬ |
| ଜ୍ଞାନ ବିସ୍ଫୋରଣ ? | ... | ମନୋଜ ଦାସ | ... | ୫୮ |


❖

# ପ୍ରାର୍ଥନା

ତୁମକୁ, ହେ ଯାବତୀୟ ବରାଶିଷର ପରମ ପ୍ରଦାତା, ତୁମକୁ, ଯିଏ ଜୀବନକୁ ଶୁଦ୍ଧ, ସୁନ୍ଦର ଏବଂ ଉତ୍ତମ କରି ତାକୁ କରିଥାଅ ଯାଥାର୍ଥ୍ୟ-ମଣ୍ଡିତ, ହେ ଆମ ନିୟତିର ପ୍ରଭୁ ଏବଂ ଆମ ଯାବତୀୟ ଅଭୀପ୍ସାର ଲକ୍ଷ୍ୟସ୍ଥଳ, ତୁମକୁ ଏ ନବବର୍ଷର ଆଦ୍ୟ ମୁହୂର୍ତ୍ତ ହେଉଛି ଉତ୍ସର୍ଗୀକୃତ ।

ଏହି ଉତ୍ସର୍ଗ ଯୋଗେ ଏହା ହେଉ ସଂପୂର୍ଣ୍ଣ ମହିମାନ୍ୱିତ; ଯେଉଁମାନେ ତୁମ ପାଇଁ ଆଶାୟୀ, ସେମାନେ ସୁସଙ୍ଗତ ପଥରେ କରନ୍ତୁ ତୁମର ସନ୍ଧାନ; ଯେଉଁମାନେ ତୁମ ସନ୍ଧାନରତ ସେମାନେ ତୁମକୁ ଲାଭ କରନ୍ତୁ ଆଉ ଯେଉଁମାନେ କଷ୍ଟଭୋଗ କରୁଛନ୍ତି, ଅଥଚ ଜାଣନ୍ତି ନାହିଁ ତା'ର ପ୍ରତିକାର କେଉଁଠି, ସେମାନେ ଯେପରି ଅନୁଭବ କରନ୍ତି ତୁମର ଜୀବନଧାରା ଧୀରେ ଧୀରେ କିପରି ସେମାନଙ୍କର ତମସାଚ୍ଛନ୍ନ ଚେତନାର କଠିନ ଆବରଣକୁ ଭେଦ କରି ଯାଉଛି ।

ତୁମ ମଙ୍ଗଳମୟ ଭାସ୍ୱରତା ସମ୍ମୁଖରେ ମୁଁ ଗଭୀର ଭକ୍ତି ଏବଂ ସୀମାହୀନ କୃତଜ୍ଞତା ଭରେ ପ୍ରଣତ; ଧରିତ୍ରୀ ନାମରେ ତୁମକୁ ଦିଏଁ ଧନ୍ୟବାଦ ତୁମର ଅଭିପ୍ରକାଶ ଯୋଗୁଁ; ତାହାରି ନାମରେ ମୁଁ ତୁମକୁ ମିନତି କରୁଛି **ଆଲୋକ** ଓ **ପ୍ରେମର** ଏକ ଅବ୍ୟାହତ ବିକାଶ ମଧ୍ୟରେ ଆହୁରି ଅଧିକ ପୂର୍ଣ୍ଣତଃ ପ୍ରତିଭାତ ହେବା ନିମନ୍ତେ ।

ଆମ ଭାବନା, ଆମ ଅନୁଭବ ଏବଂ ଆମ କର୍ମର ହୁଅ ସାର୍ବଭୌମ ପ୍ରଭୁ ।
ତୁମେହିଁ ଆମର ସତ୍ୟସତ୍ତା, ଏକମାତ୍ର **ସତ୍ୟସତ୍ତା** ।
ତୁମ ବ୍ୟତିରେକେ ସବୁହିଁ ମିଥ୍ୟା ଏବଂ ବିଭ୍ରାନ୍ତି, ସବୁହିଁ ଶ୍ରୀବର୍ଜିତ କ୍ଲିଷ୍ଟତା ।
ତୁମ ମଧ୍ୟରେହିଁ ଜୀବନ, ଜ୍ୟୋତିଃ ଓ ଆନନ୍ଦ ।
ତୁମରିଠାରେହିଁ ପରମ ପ୍ରଶାନ୍ତି ।

ଜାନୁଆରୀ ୧, ୧୯୧୪ — ଶ୍ରୀମା



# ମାତୃବାଣୀ

The light has come, the road has opened; with a grateful bow to the laborious past, we shall move swiftly forward on the new way opened wide by Thee before us.

On the threshold of this new field of a vaster and more conscious realisation, we bow before Thee, O Lord, in an integral surrender and adoration. We give ourselves to Thee without reservation.

(CWM, Vol. I, p. 230) – The Mother

ହେ ପ୍ରଭୁ, ଆଲୋକ ଆସିଛି, ପଥ ଉନ୍ମୁକ୍ତ ହୋଇଛି; ଶ୍ରମକ୍ଳାନ୍ତ ଅତୀତକୁ ଏକ କୃତଜ୍ଞତାଭରା ପ୍ରଣାମ ଜଣାଇ, ତୁମେ ଆମ ସମ୍ମୁଖରେ ବ୍ୟାପକଭାବେ ଉନ୍ମୁକ୍ତ କରିଥିବା ନୂତନ ପଥରେ ଆମେ ଦ୍ରୁତଗତିରେ ଆଗେଇ ଚାଲିବୁ ।

ହେ ପ୍ରଭୁ, ଏକ ବିଶାଳତର ଏବଂ ଗଭୀରତର ଉପଲବ୍ଧିର ନୂତନ କ୍ଷେତ୍ରର ଦ୍ୱାରଦେଶରେ ଉପନୀତ ହୋଇ ଏକ ପରିପୂର୍ଣ୍ଣ ସମର୍ପଣ ଓ ଭକ୍ତିର ସହ ତୁମ ସମ୍ମୁଖରେ ଆମେ ପ୍ରଣତ । ତୁମ ନିକଟରେ ନିଜକୁ ନିଃଶେଷରେ ନିବେଦନ କରୁଛୁ ।

— ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

**(The Kingdoms and Godheads of the Greater Mind)**

(୧୩)

## ଶ୍ରୀଅରବିନ୍ଦ

Idea gave up the plastic infinity
To which it was born and now traced out instead
Small separate steps of chain-work in a plot:
Immortal once, now tied to birth and end,
Torn from its immediacy of errorless sight,
Knowledge was rebuilt from cells of inference
Into a fixed body flasque and perishable;
Thus bound it grew, but could not last and broke
And to a new thinking's body left its place.

ଯେଉଁ ଆନନ୍ତ୍ୟ ମଧ୍ୟକୁ ତା'ର ଜନ୍ମ ମୂଳ କଳ୍ପନା ସେହି ଅସୀମତାର ନିତ୍ୟ ନବ ରୂପାୟନକୁ ପରିହାର କରିଥିଲା ଏବଂ ଅଧୁନା ତା' ପରିବର୍ତ୍ତେ ଏକ ଭୂମିଖଣ୍ଡରେ ଶୃଙ୍ଖଳବଦ୍ଧ କର୍ମର କ୍ଷୁଦ୍ର ବିଲଗ ସୋପାନକ୍ରମକୁ କାଟି ଚାଲିଥିଲା : ଏକଦା ତାହା ଥିଲା ଅମର, ଅଥଚ ଏବେ ଜନ୍ମ ଓ ପରିସମାପ୍ତି ସହିତ ନିବଦ୍ଧ ହୋଇ ରହିଥିଲା, ଆପଣାର ଅଭ୍ରାନ୍ତ ଦୃଷ୍ଟିର ତତ୍‌କ୍ଷଣିକତାରୁ ତାହା ବିଛିନ୍ନ ହୋଇ ପଡ଼ିଥିଲା, ଅନୁମାନର କୋଷାବଳୀ ଭିତରୁ ପୁନର୍ଗଠିତ ହୋଇ ଜ୍ଞାନ ଧାରଣ କରିଥିଲା ଏକ ସୁନିର୍ଦ୍ଦିଷ୍ଟ ଶିଥିଳ ଓ ନଶ୍ୱର ଶରୀର; ଏହି ଭାବେ ଆବଦ୍ଧାବସ୍ଥାରେ ତାହା ବଢ଼ି ଚାଲିଥିଲା, ମାତ୍ର ସ୍ଥାୟୀ ହୋଇ ପାରୁ ନଥିଲା ଏବଂ ପରିଶେଷରେ ଭାଙ୍ଗି ପଡୁଥିଲା ଏବଂ ଏକ ନବଚିନ୍ତନର କାୟା ନିମିତ୍ତ ଛାଡ଼ି ଦେଉଥିଲା ନିଜର ସ୍ଥାନ ।

A cage for the Infinite's great-eyed seraphim Thoughts
Was closed with a criss-cross of world-laws for bars
And hedged into a curt horizon's arc
The irised vision of the Ineffable.

ଅସୀମର ବିଶାଳାକ୍ଷ ଦେବଦୂତ ସମ ଭାବନାଚୟ ପାଇଁ ଏକ ପିଞ୍ଜରା ବିଶ୍ୱ-ବିଧାନର ବହୁ ଛକିଯୁକ୍ତ ଅର୍ଗଳଗୁଡ଼ିକ ଦ୍ୱାରା ନିବୁଜ ହୋଇ ରହିଥିଲା ଏବଂ ସୀମିତ ଏକ ଦିଗନ୍ତର ବୃତ୍ତଚାପ ମଧ୍ୟରେ ଅନିର୍ବଚନୀୟର ବିଚିତ୍ରବର୍ଣ୍ଣ ଦିବ୍ୟଦର୍ଶନକୁ ପ୍ରାଚୀର ବେଷ୍ଟିତ କରି ରଖିଥିଲା ।

A timeless Spirit was made the slave of the hours;
The Unbound was cast into a prison of birth
To make a world that Mind could grasp and rule.

କାଳାତୀତ ଚିନ୍ମୟ ସାଜିଥିଲେ ମୁହୂର୍ତ୍ତସକଳର କ୍ରୀତଦାସ; ଏକ ଜଗତ୍ ଗଠନ କରିବାକୁ ବନ୍ଧନହୀନ ନିକ୍ଷିପ୍ତ ହୋଇଥିଲେ ଜନ୍ମର କାରାଗୃହ ଭିତରକୁ, ଯଦ୍ଦ୍ୱାରା ତାହା ମନର ସହଜଗ୍ରାହ୍ୟ ଓ ଶାସନାଧୀନ ହୋଇପାରିବ ।

On an earth which looked towards a thousand suns,
That the created might grow Nature's lord
And Matter's depths be illumined with a soul
They tied to date and norm and finite scope
The million-mysteried movement of the One.

ଏହି ଯେ ପୃଥିବୀ ଚାହିଁ ରହିଥିଲା ସହସ୍ର ସୂର୍ଯ୍ୟାଭିମୁଖେ, ତା' ଉପରେ ସୃଷ୍ଟଜୀବ ଯେପରି ହୋଇଉଠିବ ପ୍ରକୃତିର ପ୍ରଭୁ ଏବଂ ଜଡ଼ର ଗହ୍ୱରମାନ ଉଦ୍ଭାସିତ ହୋଇଯିବ ଅନ୍ତରାତ୍ମାର ଆଲୋକରେ, ସେଥିପାଇଁ ସେମାନେ ଦିନାଙ୍କ ଓ ରୀତି ତଥା ସସୀମ ସୁଯୋଗ ସହ ଛନ୍ଦି ଦେଇଥିଲେ ଅଦ୍ୱିତୀୟଙ୍କର ନିୟୁତ-ରହସ୍ୟଘନ ଗତିଧାରାକୁ ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ମୁକ୍ତି ଓ ସେବା

## ଶ୍ରୀମା

### ପ୍ରକୃତ ମୁକ୍ତି

ପ୍ରକୃତ ପ୍ରଚୋଦନା ଗ୍ରହଣ କରିବା ପାଇଁ ଜଣେ ନିବିଡ଼ ଭାବେ ଆସ୍ପୃହା କରିବା ଉଚିତ – କିନ୍ତୁ ଏହି ଆସ୍ପୃହା ''ସଂପୂର୍ଣ୍ଣ ମୁକ୍ତି'' ପାଇଁ ନ ହୋଇ ଈଶ୍ୱରଙ୍କ ସହିତ **ସକ୍ରିୟ** ଭାବେ ଏକାତ୍ମ ହୋଇଯିବା ପାଇଁ ହେବା ଉଚିତ । ଏହାର ଅର୍ଥ, ଈଶ୍ୱର ଯାହା ଇଚ୍ଛା କରନ୍ତି ତାହାହିଁ ଇଚ୍ଛା କରିବା, ସେ ଯାହା କରିବାକୁ ଚାହୁଁଛନ୍ତି ତାକୁହିଁ କରି ଚାଲିବା : ସେହି ଏକମାତ୍ର ଈଶ୍ୱରଙ୍କ ଦ୍ୱାରା ବଞ୍ଚିବା ଓ ତାଙ୍କରି ମଧ୍ୟରେ ବଞ୍ଚିବା । ତେଣୁ ଜଣେ ଏ ସଂସାରକୁ ଉପେକ୍ଷା କରି ନିଜେ କଠିନ ତପଶ୍ଚର୍ଯ୍ୟା କରିପାରେ । କିନ୍ତୁ ଏହି କୃଚ୍ଛ୍ର-ସାଧନା କେବଳ ସେହିମାନଙ୍କ ଲାଗି, ଯେଉଁମାନେ ଅନ୍ୟ ସମସ୍ତଙ୍କଠାରୁ ସବୁ ସଂପର୍କ ଛିଣ୍ଡାଇ ଦେବାକୁ ଚାହାନ୍ତି । କିନ୍ତୁ ସେ କ୍ଷେତ୍ରରେ ପୂର୍ଣ୍ଣାଙ୍ଗତା ରହିପାରେ କି ? ମୋତେ ଏହା ଅସମ୍ଭବ ବୋଲି ମନେ ହୁଏ ।

... ପ୍ରକୃତ ମୁକ୍ତି ହେଲା ସବୁଥିରୁ ମୁକ୍ତ ହେବା – ଏପରିକି ମୁକ୍ତି ପାଇବାର ଉପାୟଗୁଡ଼ିକ ଠାରୁ ମଧ୍ୟ ମୁକ୍ତ ହେବା । ଏହା ଏକ କଟକଣା ପରି ହୋଇଯାଏ, ଏହା ତୁମକୁ ବାନ୍ଧି ପକାଏ । ଅନ୍ୟପକ୍ଷରେ ପ୍ରକୃତ ବିଷୟଟି ହେଲା ଏକ ଅବରୁଦ୍ଧତାରୁ ମୁକ୍ତି, ନିଜକୁ ଖୋଲି ଧରିବା, ବିସ୍ତାରିତ ହୋଇଯିବା, ସମଗ୍ର ସହିତ ଏକୀଭୂତ ହୋଇଯିବା ।

ଯେତେବେଳେ ତୁମେ ତୁମ ନିଜକୁ କମାଇ, କମାଇ ଚାଲ, ପୁଣି କମାଇ ଚାଲ – ସେତେବେଳେ ନିଜକୁ ହରାଇବାର କୌଣସି ଅନୁଭବ ତୁମର ନ ଥାଏ । ଏହା ତୁମକୁ ନିଜକୁ ହରାଇବାର ଭୟରୁ ଦୂରେଇ ରଖେ । ତୁମେ ନିଟୋଳ ହୋଇଯାଅ ଏବଂ ଦୃଢ଼ଭାବେ ସନ୍ନିବଦ୍ଧ ହୋଇଯାଅ । କିନ୍ତୁ ଯେତେବେଳେ ତୁମେ ନିଜକୁ ବିସ୍ତାରିତ କରିବାର ପଥଟି ବାଛିନେଲ – ଯେତେଦୂର ସମ୍ଭବ ବୃହତ୍ ବିସ୍ତାରତା ଭିତରକୁ ମୁହାଁଇ ଯିବାକୁ ବାହାରିଲ – ସେତେବେଳେ କିନ୍ତୁ କେବେ ବି ଭୟ କରିବ ନାହିଁ ଯେ ତୁମେ କାଳେ ନିଜକୁ ହରାଇ ବସିବ ।

ଏହା ଅବଶ୍ୟ ଖୁବ୍ କଷ୍ଟକର ବ୍ୟାପାର ।

### ମୁକ୍ତି ଓ ସେବା

ମୁକ୍ତି ଓ ସେବା – ଏ ଦୁଇଟି ସେମାନଙ୍କର ଶୁଦ୍ଧତାରେ ଓ ସତ୍ୟରେ ପରସ୍ପରର ପରିପୂରକ – ସେ ଦୁଇଟି ଆଦୌ ପରସ୍ପରର ବିରୋଧୀ ନୁହନ୍ତି । ସେହି ପରମସତ୍ୟ ସହିତ ସଂପୂର୍ଣ୍ଣ ମିଳନ ଫଳରେହିଁ ସଂପୂର୍ଣ୍ଣ ମୁକ୍ତି ମିଳିଥାଏ । କାରଣ, ସମସ୍ତ ଅଜ୍ଞାନ, ସକଳ ଅଚେତନା ହେଉଛନ୍ତି ବନ୍ଧନ ଏବଂ ଏହି ବନ୍ଧନ ତୁମକୁ ଅସମର୍ଥ, ସୀମିତ ଓ ନିର୍ବଳ କରିଦିଏ । କାହା ଭିତରେ ସାମାନ୍ୟତମ ଅଜ୍ଞାନ ଥିଲେ ମଧ୍ୟ ତାହା ତାକୁ ସୀମାୟିତ କରିଦିଏ, ସେ ଆଉ ମୁକ୍ତ ହୋଇପାରେ ନାହିଁ । ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ଭିତରେ ଅଚେତନାର ସାମାନ୍ୟ ଉପାଦାନଟିଏ ଥିବ, ଏହା ତାହା ପାଇଁ ଏକ ବନ୍ଧନ ଓ ସୀମା ହୋଇ ଉଠୁଥିବ । କେବଳ **ପରମସତ୍ୟ** ସହିତ ଏକାତ୍ମ ମିଳନହିଁ ପୂର୍ଣ୍ଣମୁକ୍ତି ବା ସ୍ୱାଧୀନତାକୁ ସମ୍ଭବ କରିପାରେ । କିନ୍ତୁ ଜଣେ କିପରି ପରମସତ୍ୟ ସହିତ ଏହି ମିଳନକୁ ଉପଲବ୍ଧି କରିବ, ଯଦି ସେ ନିଜକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ସମର୍ପଣ ନ କରେ : ତାହାହିଁ ତ ପ୍ରେମର ଉପହାର । ଏବଂ ମୁଁ ଯାହା ତୁମକୁ କହୁଥିଲି – ଏହି ପ୍ରେମର ପ୍ରଥମ ଇଙ୍ଗିତ ଓ ପ୍ରଥମ ଅଭିବ୍ୟକ୍ତି ହେଲା ସେବା । ...

ପ୍ରକୃତରେ ପ୍ରେମହିଁ ଆମକୁ ଦିବ୍ୟ **ଐକ୍ୟ** ଆଡ଼କୁ ନେଇଯାଏ । ଏବଂ ଏହି **ଐକ୍ୟବୋଧ**ହିଁ ହେଲା ମୁକ୍ତିର ଯଥାର୍ଥ ଅଭିବ୍ୟକ୍ତି । ଏବଂ, ତେଣୁ ଯେଉଁମାନେ ମୁକ୍ତିର ସ୍ୱାଧିକାର ବାହାନାରେ ସ୍ୱାଧୀନତାର ଅଧିକାର ଦାବି କରନ୍ତି, ସେମାନେ ସତକୁ ସତ ବାସ୍ତବ କ୍ଷେତ୍ରରେ ଯଥାର୍ଥ ମୁକ୍ତି ବା ସ୍ୱାଧୀନତାକୁ ପଛ କରିଦେଇଥା'ନ୍ତି । କାରଣ, ସେମାନେ ପ୍ରେମକୁ ସ୍ୱୀକାର କରି ନାହାନ୍ତି ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ବିଂଶ ପରିଚ୍ଛେଦ)

## ବୁଦ୍ଧି ଗାରର ଶେଷ ସୀମା

## ଶେଖ ଅବଦୁଲ କାଶମ

ସମୂହବାଦୀର ବିଚାର ଅନୁସାରେ ସମାଜ ହେଉଛି ଏକ ସମୂହସତ୍ତା ଯାହାର ଏକ ସାମୂହିକ ବୁଦ୍ଧି ଓ ସାମୂହିକ ଇଚ୍ଛା ରହିଥାଏ । ସେହି ସାମୂହିକ ବୁଦ୍ଧି ଓ ଇଚ୍ଛାକୁ ଆବିଷ୍କାର କରି ସଙ୍ଗଠିତ କରି ପାରିଲେ ସମାଜର ଅଭିବୃଦ୍ଧି ସାଧିତ ହୁଏ । ବ୍ୟକ୍ତି ସମାଜ ଦ୍ୱାରା ଜୀବନଧାରଣ କରୁଥିବା ହେତୁ ସେ ନିଜର ଶକ୍ତି ଓ ସାମର୍ଥ୍ୟକୁ ସମାଜର ହିତ ନିମନ୍ତେ ହିଁ ବିନିଯୋଗ କରିବା ଉଚିତ । ସେ ସମୂହ ସତ୍ତା ସହିତ ଯେତିକି ସମନ୍ୱିତ ହୋଇ ଜୀବନ ବଞ୍ଚୁଥିବ, ସେ ସେତିକି ଭଲ ଭାବେ ଆପଣାର ଶକ୍ତି ସାମର୍ଥ୍ୟର ଉପଯୋଗ କରି ପାରିବ । ଯେଉଁ ବ୍ୟକ୍ତି ବା ବର୍ଗ ସମାଜର ଶାସନ ଦାୟିତ୍ୱ ବହନ କରିଥିବ ସେ ଯେପରି ନିଜର ଶକ୍ତି ଓ କ୍ଷମତାର ଅପପ୍ରୟୋଗ ନକରେ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ । ସମାନତା ଓ ସହଚର ଭାବକୁ ନେଇ ଯଦି ସମାଜ ପରିଚାଳିତ ହେଉଥିବ, ତାହାହେଲେ ବ୍ୟକ୍ତିମାନଙ୍କର ସାଧାରଣ ଉଦ୍ଦେଶ୍ୟ ଓ ଆବଶ୍ୟକତାଗୁଡ଼ିକ ପୂରଣ ହେବା ପାଇଁ ସର୍ବଦା ସୁଯୋଗ ରହିଥିବ । ସମାଜର ଦାୟିତ୍ୱ ହେଲା ପ୍ରତ୍ୟେକ ବ୍ୟକ୍ତିକୁ କର୍ମ, ଅବସର ଓ ଆତ୍ମବିକାଶ ଲାଗି ଅନୁକୂଳ ପରିବେଶ ଯୋଗାଇ ଦେବା । ସମାଜ ବ୍ୟକ୍ତିର ମୂଲ୍ୟକୁ ହୃଦୟଙ୍ଗମ କରି ତାହାର ପରିପୂର୍ଣ୍ଣ ବିକାଶ ଲାଗି ତାକୁ ଉପଯୁକ୍ତ ତାଲିମ ଦେବ । ଏକ ସୁସଙ୍ଗଠିତ ରାଷ୍ଟ୍ରରେହିଁ ଗୋଷ୍ଠୀ ଜୀବନର ଯାବତୀୟ କାର୍ଯ୍ୟଦକ୍ଷତା ଓ ଅର୍ଥନୀତିଗତ କର୍ମନିପୁଣତାରେ ଅଭିବୃଦ୍ଧି ସାଧନ ସମ୍ଭବ ହୋଇଥାଏ ।

ମନୁଷ୍ୟ ଏକ ବୁଦ୍ଧିଯୁକ୍ତ ସତ୍ତା ରୂପେ ବଞ୍ଚିବାକୁ ହେଲେ ତା' ଭିତରେ ଥିବା ଅବବୌଦ୍ଧିକ ଅଂଶଟିକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ । ରାଷ୍ଟ୍ରର ସମୂହ ବୁଦ୍ଧି ଓ ସମୂହ ଇଚ୍ଛାହିଁ ଏହି ନିୟନ୍ତ୍ରଣକୁ ଫଳପ୍ରଦ ଭାବରେ କାର୍ଯ୍ୟକାରୀ କରିପାରିବ ବୋଲି ଆମେ ଆଶା କରିବା । କାରଣ ରାଷ୍ଟ୍ରର ସମୂହ ବୁଦ୍ଧି ଓ ସମୂହ ଇଚ୍ଛା ବ୍ୟକ୍ତିର ବୁଦ୍ଧି ଓ ଇଚ୍ଛା ଠାରୁ ଅଧିକ ଉନ୍ନତ ଓ ଅଧିକ ସନ୍ଦୀପିତ । ଯେଉଁ ବ୍ୟକ୍ତିର ବୁଦ୍ଧି ଅଧିକ ଆଲୋକିତ ହୋଇଥିବ ସେ ସମୂହର ବୁଦ୍ଧି ଦ୍ୱାରା ପରିଚାଳିତ ହେବାକୁ ସହଜରେ ରାଜି ହୋଇଯିବ, କାରଣ ସେ ଭାବିବ ଯେ ସମୂହର ବୁଦ୍ଧି ତା'ର ବ୍ୟକ୍ତିଗତ ବୁଦ୍ଧିରହିଁ ଏକ ବୃହତ୍ତର ରୂପ । ତା'ର କ୍ଷୁଦ୍ର ଅହଂ ଯେତିକି ସ୍ୱାଧୀନତାର ଦାବି କରୁଛି ସେ ତାହାଠାରୁ ଅଧିକ ସ୍ୱାଧୀନତା ଲାଭ କରିବ । ଏହି ବିଚାରକୁ ଭିତ୍ତି କରି ଯୁକ୍ତି କରାଯାଏ ଯେ ପୁଲିସ, ସରକାରୀ କର୍ମଚାରୀ ଓ ସାମରିକ ଅଫିସରଙ୍କ ଆଦେଶ ମାନି ଚଳୁଥିବା ସୁଶୃଙ୍ଖଳିତ ଜର୍ମାନ ମଣିଷ ସମଗ୍ର ଇଉରୋପ ତଥା ପୃଥିବୀରେ ସବୁଠାରୁ ଅଧିକ ସ୍ୱାଧୀନ ଓ ଅଧିକ ସୁଖୀ । ଫାସିଷ୍ଟ ଇଟାଲୀ ଓ ନାଜି ଜର୍ମାନୀରେ ନାଗରିକମାନଙ୍କୁ ନୀତିମାନ୍, କର୍ମକୁଶଳ ଓ ବ୍ୟାବହାରିକ ବୁଦ୍ଧିମତ୍ତା କ୍ଷେତ୍ରରେ ଅଧିକ ଦକ୍ଷ କରିବା ପାଇଁ ଚେଷ୍ଟା କରାଯାଇଛି । ମାତ୍ର ଏହି ସିଦ୍ଧାନ୍ତଟି ପରେ ଭୁଲ୍ ପ୍ରମାଣିତ ହୋଇଛି । କାରଣ ମନୁଷ୍ୟର ପ୍ରକୃତି ଯେ ଏକ ଜଟିଳ ଓ ବହୁମୁଖୀ ପ୍ରକୃତି, ଏହି ସିଦ୍ଧାନ୍ତ ସେହି ସତ୍ୟଟିକୁ ସ୍ୱୀକାର କରି ନାହିଁ ।

ଏହା ସତ ଯେ ମଣିଷ ନିଜର ନିମ୍ନତର ପ୍ରକୃତିଗୁଡ଼ିକର ଅଧୀନତାରୁ ମୁକ୍ତ ହେବାର ଆବଶ୍ୟକତା ରହିଛି । ମାତ୍ର ଏହା ଯାନ୍ତ୍ରିକ ଭାବରେ ଓ ନିୟମବଦ୍ଧତାକୁ ଅନୁସରଣ କରି ହେବା ପରିବର୍ତ୍ତେ ସ୍ୱାଧୀନ ଓ ସ୍ୱଭାବପ୍ରେରିତ ଭାବରେ ହେବା ଉଚିତ । ଏକ ସ୍ୱେଚ୍ଛାକୃତ ଆତ୍ମନିୟନ୍ତ୍ରଣ ମଧ୍ୟଦେଇ ଏହା କାର୍ଯ୍ୟକାରୀ ହେଲେହିଁ ଫଳପ୍ରଦ ହୋଇ ପାରିବ । କୌଣସି ଯାନ୍ତ୍ରିକ ବିଧାନ-ସର୍ବସ୍ୱ ସରକାର କିଂବା ଶାସନର ଆଦେଶ ଅନୁସାରେ କାର୍ଯ୍ୟ କରିବାକୁ ବ୍ୟକ୍ତି ଆଦୌ ଚାହିଁବ ନାହିଁ । ସମଗ୍ର ମାନବଜାତି ହେଉଛି ଏକ ଆତ୍ମିକ ସତ୍ତା, ଏକ ଜୀବନମୟ ସତ୍ତା । ପ୍ରତ୍ୟେକ ସମାଜ ତାହାର ଏକ ଉପ-ଆତ୍ମା । ସେହି ସମାଜ ଆପଣା ଲାଗି ଏକ ସାଧାରଣ ଭାବଦୃଷ୍ଟି ଓ ସାମଗ୍ରିକ ଚରିତ୍ରର ବିକାଶ ଘଟାଇଥାଏ । ସମାଜର ସାମଗ୍ରିକ ଚରିତ୍ର ପ୍ରତ୍ୟେକ ବ୍ୟକ୍ତିଙ୍କ ଭିତରେ ସମାନ ଭାବରେ ଅବସ୍ଥିତ ନଥାଏ । ଗୋଷ୍ଠୀ ଜୀବନରେ ବହୁବିଧତା ଓ ବିଚିତ୍ରତା ଦେଖିବାକୁ ମିଳେ । ମତ, ଇଚ୍ଛା ଓ ଆଗ୍ରହର ବହୁବିଧତାହିଁ ଗୋଷ୍ଠୀ ଜୀବନକୁ ପ୍ରାଣବନ୍ତ କରିଥାଏ । ଏକ ସଙ୍ଗଠିତ ରାଷ୍ଟ୍ରରେ ଅଳ୍ପ ସଂଖ୍ୟକ ବ୍ୟକ୍ତିମାନଙ୍କ

ନିର୍ଦ୍ଦେଶରେହିଁ ଶାସନକାର୍ଯ୍ୟ ଚାଲେ । କୌଣସି ସମୂହ ବୁଦ୍ଧି ଓ ଇଚ୍ଛା ଶାସକ ହୋଇ ରହି ନଥାଏ । ଏକ ବୃହତ୍ତର ଜନସମୂହ ଆପଣାକୁ ବୁଦ୍ଧି ଦ୍ୱାରା ପୂର୍ଣ୍ଣ ରୂପେ ପରିଚାଳିତ ନକରିବା ଯାଏ ଏବଂ ସେମାନଙ୍କ ମନ ପୂର୍ଣ୍ଣ ରୂପେ ବିକଶିତ ନହେବା ଯାଏ ସମାଜୀକରଣ ଦ୍ୱାରା ଏହି ଶାସନ-ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ଆସିବ ବୋଲି ଆଶା କରିବା ବୃଥା ।

ସମାଜରେ ଜନସାଧାରଣଙ୍କର ବିଭିନ୍ନତା ଲାଗି ସୁଯୋଗ ଦିଆ ଯାଇଥାଏ । ମାତ୍ର ରାଷ୍ଟ୍ରୀୟ ଶାସନରେ ଏହି ବିଭିନ୍ନତାକୁ ଦବାଇ ରଖାଯାଏ । ରାଷ୍ଟ୍ରୀୟ ଶାସନରେ କେତେବେଳେ ସଂଖ୍ୟାଗରିଷ୍ଠ ପକ୍ଷ ସଂଖ୍ୟାଲଘୁ ଗୋଷ୍ଠୀକୁ ଦବାଇ ରଖେ ଓ ତା'ଉପରେ ଅତ୍ୟାଚାର କରେ, ଆଉ କେତେବେଳେ ସଂଖ୍ୟାଲଘୁ ଗୋଷ୍ଠୀ ସଂଖ୍ୟାଗରିଷ୍ଠଙ୍କ ଉପରେ ଅତ୍ୟାଚାର କରେ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏଇ ଦବାଇ ରଖିବାର ପ୍ରବୃତ୍ତିଟି ହ୍ରାସ ପାଏ । ବ୍ୟକ୍ତି ସ୍ୱାଧୀନ ଭାବରେ କାର୍ଯ୍ୟ କରିବାକୁ ସୁଯୋଗ ପାଏ । ମାତ୍ର ସମୂହବାଦ ବ୍ୟକ୍ତିକୁ ସ୍ୱାଧୀନତା ଦେବା ଲାଗି ଅନିଚ୍ଛୁକ ହୋଇଥାଏ । ସାର୍ବଜନୀନ ଶିକ୍ଷା ଦ୍ୱାରା ବ୍ୟକ୍ତି ଯେତିକି ବୁଦ୍ଧିସମ୍ପନ୍ନ ହୁଏ ସେ ଅବଦମିତ ହୋଇ ରହିବାର ଗ୍ଲାନିକୁ ସେତିକି ତୀବ୍ର ଭାବରେ ଅନୁଭବ କରେ । ବ୍ୟକ୍ତିକୁ ଯଦି ବିଚାର କରିବାର ସ୍ୱାଧୀନତାରୁ ବଞ୍ଚିତ କରାଯାଏ ତାହାହେଲେ ତାହାର ବିକାଶ ବ୍ୟାହତ ହୁଏ । ଏ ଅବସ୍ଥା ଦୀର୍ଘକାଳ ସ୍ଥାୟୀ ହେଲେ ବ୍ୟକ୍ତି ଭିତରେ ସମୂହ ପ୍ରତି ବିଦ୍ରୋହ ଭାବ ସୃଷ୍ଟି ହୁଏ ।

ଏକ ସ୍ୱଚ୍ଛନ୍ଦ ଓ ସ୍ୱତଃସ୍ଫୂର୍ତ୍ତ ବିକାଶ ନିମନ୍ତେ ତଥା ବହୁମୁଖୀ ଆତ୍ମ-ଅଭିବ୍ୟକ୍ତି ସକାଶେ ବିଚାରର ସ୍ୱାଧୀନତା ଏକ ଅପରିହାର୍ଯ୍ୟ ଆବଶ୍ୟକତା ଅଟେ । ବ୍ୟକ୍ତିଗତ ବୁଦ୍ଧିଶକ୍ତିର ବିକାଶ ଘଟିଲେ ବ୍ୟକ୍ତିଗତ ବନ୍ଧନହୀନତା ଓ ବୈଚିତ୍ର୍ୟର ଅନୁଶୀଳନ ଲାଗି ସୁଯୋଗ ସୃଷ୍ଟି କରିବାର ଆବଶ୍ୟକତା ଅନୁଭୂତ ହୁଏ । ସମାଜ ଯେତିକି ପରିମାଣରେ ସେଇ ସୁଯୋଗ ସୃଷ୍ଟି କରିବ ବ୍ୟକ୍ତି ତଥା ସମୂହର ସେତିକି ବିକାଶ ସାଧନ ହୋଇ ପାରିବ । ଜୀବନ କ୍ଷେତ୍ରରେ ବୁଦ୍ଧିସମ୍ପନ୍ନ ଇଚ୍ଛାକୁ ମୁକ୍ତ ଭାବରେ କାର୍ଯ୍ୟକାରୀ ହେବାକୁ ବାରଣ କରାଗଲେ ଅର୍ଥାତ୍ ଜୀବନର ଅତିଶୟ ନିୟନ୍ତ୍ରଣ କରି ବସିଲେ ସମାଜରେ ଏକ ଅସହ୍ୟ ବିରୋଧ ଓ ମିଥ୍ୟା ଜନ୍ମଲାଭ କରେ । ଯଦି ସମାଜରେ ବାହ୍ୟ ଦୃଷ୍ଟିରୁ ଦୃଢ଼ ଶୃଙ୍ଖଳାବଦ୍ଧତା ଥାଏ, ଯଦି ଅର୍ଥନୈତିକ ବିକାଶ ଘଟୁଥାଏ ଏବଂ ବୈଜ୍ଞାନିକ ଉପାୟ ଦ୍ୱାରା ନାନା ଉପକାର ମିଳୁଥାଏ ତାହାହେଲେ ମନୁଷ୍ୟମାନେ ସେହି ବିରୋଧ ଓ ମିଥ୍ୟାକୁ କେତେ ସମୟ ଲାଗି ସହ୍ୟ କରି ନିଅନ୍ତି । ମାତ୍ର ଉପକୃତ ହେବାର ଏହି ଅବସ୍ଥାଟି ଯେତେବେଳେ ଏକ ସ୍ୱାଭାବିକ ଦୈନନ୍ଦିନତାରେ ପରିଣତ ହୁଏ ସେତେବେଳେ ସମାଜର ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ଭିତରେ ଅସନ୍ତୋଷ ସୃଷ୍ଟି ହୁଏ ଏବଂ ପରେ ଏହା ବିଦ୍ରୋହର ରୂପ ନିଏ । ସେହି ଅସନ୍ତୋଷ ଓ ବିଦ୍ରୋହ ସାଧାରଣ ଜନସମୁଦାୟଙ୍କ ଭିତରକୁ ମଧ୍ୟ ସଂକ୍ରମିତ ହୋଇଯାଏ । ପରେ ଏହା ନୈରାଜ୍ୟବାଦୀ ଭାବନାର ରୂପ ନେଇ ସମାଜବାଦୀ ବ୍ୟବସ୍ଥାଟିକୁ ଭାଙ୍ଗି ପକାଏ । ଏହି ନୈରାଜ୍ୟବାଦୀ ଭାବନା ସହିତ ଯୁଝିବା ଲାଗି ରାଷ୍ଟ୍ର ଏପରି ଶିକ୍ଷା-ବ୍ୟବସ୍ଥା ପ୍ରଣୟନ କରେ ଯଦ୍ଦ୍ୱାରା କେତୋଟି ନିର୍ଦ୍ଦିଷ୍ଟ ବିଚାର ଓ ଦୃଷ୍ଟିଭଙ୍ଗୀ ଭିତରେ ନାଗରିକମାନଙ୍କୁ ଆୟତ୍ତାଧୀନ କରି ରଖାଯାଇ ପାରିବ । କଥା କହିବାର ତଥା ଚିନ୍ତା କରିବାର ସ୍ୱାଧୀନତାକୁ ଯଦି ଦବାଇ ରଖାଯାଏ ତାହାହେଲେ ମନୁଷ୍ୟର ବିକାଶ ଅଟକି ଯାଏ ଏବଂ ସମାଜ ସ୍ଥାଣୁ ପାଲଟି ଯାଏ ।

ବ୍ୟକ୍ତିର ଜୀବନ ଉପରେ ରାଷ୍ଟ୍ରଗତ ସଙ୍ଗଠନର ଚାପ ଯଦି ଅତ୍ୟଧିକ ହୁଏ ତାହାହେଲେ ସମାଜବାଦୀ ଆଦର୍ଶ କାର୍ଯ୍ୟକାରୀ ହୋଇପାରେ ନାହିଁ । ଯଦି ଅଳ୍ପ ସଂଖ୍ୟକ ମଣିଷଙ୍କ ଦ୍ୱାରା ବ୍ୟକ୍ତିର ଜୀବନ ନିୟନ୍ତ୍ରିତ ଓ ଶାସିତ ହୁଏ, ଅର୍ଥାତ୍, ଯଦି ଅଗଣତାନ୍ତ୍ରିକ ଧାରାରେ ଶାସନ କାର୍ଯ୍ୟ ଚାଲେ ତାହାହେଲେ ନୈରାଜ୍ୟବାଦୀ ଚିନ୍ତାଧାରାହିଁ ବଳବତ୍ତର ହୋଇ ରହିବ । ଏପରିକି ସମାଜବାଦୀ ରାଷ୍ଟ୍ର ଗଣତାନ୍ତ୍ରିକ ଧାରାକୁ ଅନୁସରଣ କଲେ ମଧ୍ୟ ଅସୁବିଧା ଦୂର ହେବ ନାହିଁ । ଅର୍ଥାତ୍, ପରସ୍ପର ସହିତ ସମ୍ମତ ହୋଇ ରହିଥିବା ସଂଖ୍ୟା ଗରିଷ୍ଠର ବୁଦ୍ଧିସମ୍ପନ୍ନ ଇଚ୍ଛା ଦ୍ୱାରା ଯଦି ଶାସନ ପରିଚାଳିତ ହୁଏ ତାହାହେଲେ ମଧ୍ୟ ସମସ୍ୟାର ଅବସାନ ହେବ ନାହିଁ । ରାଷ୍ଟ୍ରର ସଙ୍ଗଠନ ଦକ୍ଷ ଓ ସୁସମ୍ପନ୍ନ ହୋଇଥିଲେ ମଧ୍ୟ ସଂଖ୍ୟା ଗରିଷ୍ଠର ଅଥବା ସଂଖ୍ୟା ଲଘୁର ଇଚ୍ଛା ଦ୍ୱାରା ବ୍ୟକ୍ତିଗତ ସ୍ୱାଧୀନତାକୁ ଦବାଇ ରଖିବାର ଦୋଷଟି ତଥାପି ତିଷ୍ଠି ରହିଥିବ । ଏତଦ୍‌ବ୍ୟତୀତ ଯାନ୍ତ୍ରିକ ବିଧାନ ଓ ନିୟମ-ବଦ୍ଧତା ଦ୍ୱାରା ସବୁକିଛିକୁ ପରିଚାଳିତ କରିବାର ପ୍ରବୃତ୍ତି ମଧ୍ୟ ଏକ ବିରାଟ ଦୋଷ ହୋଇ ରାଷ୍ଟ୍ରର ବ୍ୟବସ୍ଥାକୁ ଦୂଷିତ କରି ପକାଉଥିବ । ଜୀବନର ସ୍ୱାଭାବିକ ପ୍ରବୃତ୍ତିଗୁଡ଼ିକୁ ମାରି ଦେବାକୁ ଚେଷ୍ଟା କଲେ କୌଣସି ବୁଦ୍ଧିସମ୍ପନ୍ନ ବ୍ୟବସ୍ଥା କଦାପି ସଫଳ ହୋଇ ପାରିବ ନାହିଁ ।

ବୁଦ୍ଧି ନିଜେ ଯାନ୍ତ୍ରିକ ଭାବରେ କାର୍ଯ୍ୟ କରିଥାଏ । ତେଣୁ ଭୌତିକ ଜଗତର ଯନ୍ତ୍ରଚାଳିତ ବ୍ୟବସ୍ଥାକୁ ନେଇ ଏହା ଯାହାକିଛି

କାରବାର କରିପାରେ । ମାତ୍ର ଜୀବନ ବା ପ୍ରାଣ କ୍ଷେତ୍ରରେ ବୁଦ୍ଧିର କ୍ରିୟାଶୀଳତା ସୀମିତ ଓ ଅନିର୍ଣ୍ଣିତ ହୋଇଥାଏ । ପ୍ରାଣ ହେଉଛି ଏକ ଗତିଶୀଳ ଶକ୍ତି । ଏହା ଯେତେ ବିକାଶ ଲାଭ କରୁଥାଏ ସେତେ ଦ୍ୱନ୍ଦ୍ୱ, ବିରୋଧ ଓ ବହୁବିଧ ବିଷୟର ସମ୍ମୁଖୀନ ହେଉଥାଏ । ଏହି ଯାବତୀୟ ବିରୋଧ ଓ ବୈଚିତ୍ର୍ୟ ମଧ୍ୟରେ ସୌଷମ୍ୟ ପ୍ରତିଷ୍ଠା କରିବାକୁ ବୁଦ୍ଧି ସମର୍ଥ ହୋଇ ନଥାଏ । ମନୁଷ୍ୟ ଯେତେବେଳେ ତା'ର ଆତ୍ମାର ସର୍ବୋଚ୍ଚ ସତ୍ୟଟିକୁ ଆବିଷ୍କାର କରିବ ସେତେବେଳେ ଯାଇ ସେ ପ୍ରାଣଗତ ସମସ୍ୟାଗୁଡ଼ିକର ସମାଧାନ କରିପାରିବ ଏବଂ ସେଗୁଡ଼ିକୁ ଆଧ୍ୟାତ୍ମିକ ସତ୍ୟ ଦ୍ୱାରା ରୂପାନ୍ତରିତ କରିପାରିବ । ବୁଦ୍ଧିର ବିଚରଣ କ୍ଷେତ୍ର ସୀମିତ, ଏହା ବିଷୟସବୁର ସମଗ୍ର ସତ୍ୟରେ ପହଞ୍ଚି ପାରେ ନାହିଁ । ଶ୍ରୀଅରବିନ୍ଦ କହନ୍ତି –

"The integral truth of things is truth not of the reason but of the spirit."

(The Human Cycle, p. 214)

ଅର୍ଥାତ୍, ''ବିଷୟଗୁଡ଼ିକର ସମଗ୍ର ସତ୍ୟଟି ଏକ ବୁଦ୍ଧିର ସତ୍ୟ ନୁହେଁ, ତାହା ହେଉଛି ଚିଦ୍‌ଗତତାର ସତ୍ୟ, ଏକ ଅଧ୍ୟାତ୍ମ ସତ୍ୟ ।''

ବିଭିନ୍ନ ବିଷୟକୁ ତୁଳନା କରି ଦେଖିବା, ସେଗୁଡ଼ିକୁ ପରସ୍ପର ସମ୍ବନ୍ଧିତ କରି ରଖିବା ଏବଂ ସେଗୁଡ଼ିକର ପରିବର୍ତ୍ତନ କରି ଚାଲିବା, ଏହା ବୁଦ୍ଧିର ଅଭ୍ୟାସଗତ କାର୍ଯ୍ୟ । ମାତ୍ର ବିବିଧ ବିଷୟ ଓ ବ୍ୟବସ୍ଥାଗୁଡ଼ିକ ଭିତରେ ସମନ୍ୱୟ ପ୍ରତିଷ୍ଠା କରିବାରେ ଏହା ସମର୍ଥ ହୁଏ ନାହିଁ । ଆଚରଣ ଓ କାର୍ଯ୍ୟକୁ ଏକ ନିର୍ଦ୍ଦିଷ୍ଟ ରୂପ ଦେବା ଲାଗି ବୁଦ୍ଧି ଯାନ୍ତ୍ରିକ ରୀତିର ଉପଯୋଗ କରେ । ମାତ୍ର ଚେତନାସମ୍ପନ୍ନ ଜୀବନ କ୍ଷେତ୍ରରେ କୌଣସି କାର୍ଯ୍ୟ କରିବା ବେଳେ ସେହି ଯାନ୍ତ୍ରିକ ରୀତିଟି ସାହାଯ୍ୟ କରିପାରେ ନାହିଁ, ତେଣୁ ବୁଦ୍ଧି ସେଥିରେ ବିଫଳ ହୁଏ । ଶ୍ରୀଅରବିନ୍ଦ କହନ୍ତି – ''ବୁଦ୍ଧି ଜୀବନର ସର୍ବପ୍ରଥମ ସିଦ୍ଧାନ୍ତ ବା ନିୟାମକ ନୁହେଁ, ଏହା ସର୍ବଶେଷ, ସର୍ବୋଚ୍ଚ ବା ସମ୍ପୂର୍ଣ୍ଣ ସିଦ୍ଧାନ୍ତ ମଧ୍ୟ ନୁହେଁ ।''

ବ୍ୟକ୍ତିବାଦୀ ବିଚାର ପ୍ରାଣ ଓ ମନର ବନ୍ଧନହୀନ ବିକାଶ ଉପରେ ଗୁରୁତ୍ୱ ଦେଇଥାଏ, ମାତ୍ର ଏହା ମନୋମୟ ସତ୍ତା ଓ ପ୍ରାଣମୟ ସତ୍ତାର ଅହଂ କେନ୍ଦ୍ରିକତାକୁ ଅଧିକ ମାତ୍ରାରେ ପରିପୁଷ୍ଟ କରିଥାଏ । ଅନ୍ୟ ପକ୍ଷରେ ସମୂହବାଦ (collectivism) ଅହଂଗତ ଜୀବନକୁ ବୃହତ୍ତର ଗୋଷ୍ଠୀଗତ ଜୀବନର ଅଧୀନ କରି ରଖିଥାଏ ଏବଂ ସମାଜରେ ଏକତ୍ୱ ପ୍ରତିଷ୍ଠା କରିବା ଲାଗି ଚେଷ୍ଟା କରିଥାଏ । ପ୍ରକୃତି ସାମାଜିକ ଜୀବନର ଏକ ସମୂହବାଦୀ ସିଦ୍ଧାନ୍ତ ଆଡ଼କୁ ଗତି କରିବାରେ ଲାଗିଛି । ସମୂହବାଦ ଚିଦ୍‌ଗତତା ଦ୍ୱାରା ପ୍ରେରିତ ହୋଇ ସେ ସାର୍ବଜନୀନ ଭାବଧାରାକୁ ଗ୍ରହଣ କରେ ଏବଂ ବ୍ୟକ୍ତିର ମୁକ୍ତ ବିକାଶ ଲାଗି ସୁଯୋଗ ସୃଷ୍ଟି କରେ । ତର୍କଶୀଳ ବୁଦ୍ଧିକୁ ଆଶ୍ରୟ କଲେ ଏକଥା ସମ୍ଭବ ହେବ ନାହିଁ ।

ସ୍ଥୂଳ ପ୍ରାଣିକ ବା ଉଗ୍ର ନୈରାଜ୍ୟବାଦ ସମାଜଗତ ମୂଳ ସିଦ୍ଧାନ୍ତଟିର ବିରୋଧ କରିଥାଏ । ଏହା ଅହଂକେନ୍ଦ୍ରିତ ଜୀବନର ଦୃଢ଼ ସମର୍ଥନ କରିଥାଏ । ଗୋଟିଏ ବୁଦ୍ଧିପ୍ରେରିତ ନୈରାଜ୍ୟବାଦୀ ଭାବନା (intellectual anarchistic thought) ମଧ୍ୟ ରହିଛି ଯାହା ମନୁଷ୍ୟ ଭିତରେ ଥିବା ଦିବ୍ୟତାର ପରିପ୍ରକାଶ ଆବଶ୍ୟକ ବୋଲି ମତ ପୋଷଣ କରେ । ଏହା ମଣିଷ ଉପରେ ମଣିଷର ବଳପ୍ରୟୋଗ ଓ ଶାସନକୁ ଅନ୍ୟାୟ ବୋଲି ଘୋଷଣା କରେ ।

ମନୁଷ୍ୟକୁ ସମାଜ ଭିତରେହିଁ ରହିବାକୁ ପଡ଼େ । ସେ ସମାଜରୁ ବିଚ୍ଛିନ୍ନ ହୋଇ ରହିଲେ ତା'ର ସର୍ବାଙ୍ଗୀଣ ବିକାଶ ସମ୍ଭବ ହେବ ନାହିଁ । ପ୍ରତ୍ୟେକ ମନୁଷ୍ୟ ନିଜେ ସ୍ୱାଧୀନଭାବେ ବିକାଶ ଲାଭ କରିବା ସହ ଅନ୍ୟମାନଙ୍କର ମୁକ୍ତ ବିକାଶରେ ସହଯୋଗୀ ହେବା ଉଚିତ ବୋଲି ସମାଜଗତତାର ସିଦ୍ଧାନ୍ତ ଦାବି କରେ । ମନୁଷ୍ୟମାନେ ଯେମିତି ପରସ୍ପର ସହିତ ନାନା ଭାବରେ ସମ୍ବନ୍ଧିତ ହୋଇ ରହିବେ ଏବଂ ମିଳିତ ଭାବରେ ପରିପୂର୍ଣ୍ଣତା ଦିଗରେ ବିକଶିତ ହୋଇଯିବେ ସେଥିଲାଗି ସେମାନଙ୍କୁ ଉପଯୁକ୍ତ ଅବସର ଯୋଗାଇ ଦେବା ସମାଜର ଦାୟିତ୍ୱ । ମନୁଷ୍ୟଜାତି ଅବବୌଦ୍ଧିକ ସ୍ତରରୁ ଅଗ୍ରସର ହେବା ସମୟରେ ଅହଂଗତ ଜୀବନର ପ୍ରାଣିକ ଓ ଭୌତିକ ନାନା ସହଜାତ ପ୍ରବୃତ୍ତିଗୁଡ଼ିକୁ ନିୟନ୍ତ୍ରଣରେ ରଖିବା ପାଇଁ ସାମାଜିକ ନିୟମବଦ୍ଧତାର ଶାସନ ଆବଶ୍ୟକ ହୋଇଥିଲା । ଏକ ଉଚ୍ଚତର ସୋପାନକୁ ଉନ୍ନୀତ ହେବା ପରେ ମନୁଷ୍ୟଜାତିକୁ ଏକ ବୃହତ୍ତର ବିଧାନ ଅନୁଯାୟୀ ଜୀବନର ସଙ୍ଗଠନ କରିବାକୁ ହେଲା । ମନୁଷ୍ୟ ଅପରିପୂର୍ଣ୍ଣ ହୋଇ ରହିଥିବା ପର୍ଯ୍ୟନ୍ତ ବାଧ୍ୟବାଧକତାର ନୀତି ଦ୍ୱାରାହିଁ ତାହାର ସଂଶୋଧନ ଆବଶ୍ୟକ ହେଉଥିବ ।

ମନୁଷ୍ୟ ଏକ ଅନ୍ତର୍ଗତ ବିଧାନ ଦ୍ୱାରା ଆପଣାକୁ ଯେତିକି ପରିଚାଳିତ କରିବ ସେ ପରିପୂର୍ଣ୍ଣତାର ସେତିକି ନିକଟବର୍ତ୍ତୀ ହୋଇ ପାରିବ । କୌଣସି ରାଷ୍ଟ୍ରରେ ଯଦି ନାଗରିକମାନଙ୍କ ଉପରେ ବାଧ୍ୟବାଧକତା ନଥିବ ଏବଂ ସେମାନେ ମୁକ୍ତ ସହମତି ଓ ସହଯୋଗିତା ସହିତ ଆପଣାର

ଜୀବନ ବଞ୍ଚି ପାରୁଥିବେ ତାହାହେଲେ ସେଇ ରାଷ୍ଟ୍ରକୁ ଏକ ପରିପୂର୍ଣ୍ଣ ସମାଜଗତ ରାଷ୍ଟ୍ର (Perfect Social State) ବୋଲି କୁହାଯାଇ ପାରିବ । ଏପରି ରାଷ୍ଟ୍ରଗଠନ ସେତେବେଳେ ସମ୍ଭବ ହେବ ଯେତେବେଳେ ବୁଦ୍ଧିପ୍ରେରିତ ନୈରାଜ୍ୟବାଦର ବ୍ୟବସ୍ଥା ଭିତରେ ମନୁଷ୍ୟ ଦୁଇଟି ସାମର୍ଥ୍ୟର ଅଧିକାରୀ ହେବ । ସେଇ ଦୁଇଟି ସାମର୍ଥ୍ୟ ହେଲା – (୧) ମନୁଷ୍ୟ ବୁଦ୍ଧିର ସନ୍ଦୀପନ, (୨) ଏକ ସ୍ୱଭାବଗତ ମାନବୀୟ ସହାନୁଭୂତି । ମନୁଷ୍ୟର ମନ ଯଥାର୍ଥ ରୂପେ ଆଲୋକିତ ହେବା ଆବଶ୍ୟକ ଯେପରି କି ସେ ନିଜ ଲାଗି ସ୍ୱାଧୀନତା ଦାବି କରିବା ସହିତ ଅନ୍ୟମାନେ ମଧ୍ୟ ସ୍ୱାଧୀନତା ଲାଭ କରନ୍ତୁ ବୋଲି ଇଚ୍ଛା କରିବ । ମନୁଷ୍ୟମାନେ ଏକ ସମଷ୍ଟିଗତ ସାଧାରଣ ଜୀବନ ବଞ୍ଚିବେ । ସମସ୍ତେ ପରସ୍ପର ସହିତ ନିବିଡ଼ ସମ୍ବନ୍ଧ ରଖି ଏକ ଉନ୍ନତ ଓ ପରିପୂର୍ଣ୍ଣ ଜୀବନ ନିମନ୍ତେ ପ୍ରୟାସ କରିବେ । ସହଯୋଗ, ସହାନୁଭୂତି, ସୌହାର୍ଦ୍ଦ୍ୟ ଓ ଭ୍ରାତୃତ୍ୱର ଭିତ୍ତି ଉପରେ ରାଷ୍ଟ୍ର ଗଠିତ ହେବ । ସେପରି ବ୍ୟବସ୍ଥାରେ ସରକାରର ବଳାତ୍କାର ବା ସମାଜର ବାଧ୍ୟବାଧକତା ରହି ନଥିବ । ଏହା ହିଁ ପ୍ରକୃତରେ ନୈରାଜ୍ୟବାଦୀ ସର୍ବୋଚ୍ଚ ଆଦର୍ଶ (highest anarchist ideal) ।

ବୁଦ୍ଧିକୁ ଭିତ୍ତି କରି ବିଭିନ୍ନ ଆଦର୍ଶ ପୃଥିବୀରେ ମୁଣ୍ଡ ଟେକିଛି । ଏକ ମୁକ୍ତିଧର୍ମୀ ଓ ସହଯୋଗୀମୂଳକ କମ୍ୟୁନିଷ୍ଟ ଆଦର୍ଶ ତନ୍ମଧ୍ୟରୁ ଗୋଟିଏ । ଏହି ଆଦର୍ଶ ଏକ ଐକ୍ୟବଦ୍ଧ ଜୀବନକୁ ପ୍ରତିଷ୍ଠା କରିବାକୁ ଚାହେଁ ଯେଉଁଠାରେ କି ସମସ୍ତଙ୍କର ସମ୍ପତ୍ତି ତଥା ସମସ୍ତଙ୍କର  ଶ୍ରମ ସର୍ବଜନଙ୍କର କଲ୍ୟାଣ ଲାଗିହିଁ ଉଦ୍ଦିଷ୍ଟ ହୋଇଥାଏ । ଆଉ  ଗୋଟିଏ ହେଉଛି ଗୋଷ୍ଠୀବାଦର ଆଦର୍ଶ ଯେଉଁଠାରେ କି ପ୍ରତ୍ୟେକ ବ୍ୟକ୍ତି ନିଜ ଇଚ୍ଛାରେ ଏକ ଗୋଷ୍ଠୀ ଭିତରେ ସାମିଲ ହୋଇଥିବ, ତା'ର ବ୍ୟକ୍ତିତ୍ୱର ବିକାଶ ନିମିତ୍ତ ତାକୁ ସ୍ୱାଧୀନତା ମିଳିଥିବ, ମାତ୍ର ତା'ର ସ୍ୱୀକୃତି କ୍ରମେ ତା'ର ଉଦ୍‌ବୃତ୍ତ ଶ୍ରମ ଓ ସମ୍ପତ୍ତିକୁ ସାଧାରଣ କଲ୍ୟାଣ ଲାଗି ବ୍ୟବହୃତ କରାଯାଇ ପାରୁଥିବ । ରୁଷିଆରେ ରାଷ୍ଟ୍ରହୀନ କମ୍ୟୁନିଷ୍ଟବାଦର ଆଦର୍ଶକୁ ଗ୍ରହଣ କରାଯାଇଛି । ମାତ୍ର ଆଧୁନିକ ଜୀବନର ଜଟିଳତା ମଧ୍ୟରେ ତାହା କିପରି ସଫଳ ଭାବରେ କାର୍ଯ୍ୟକାରୀ ହେବ ତାହା ସଂଶୟାଚ୍ଛନ୍ନ ହୋଇ ରହିଛି । ସେହିପରି ଗୋଷ୍ଠୀବାଦ ସ୍ଥାୟୀ ଭାବରେ ପ୍ରତିଷ୍ଠିତ ହୋଇପାରିବ କି ନାହିଁ ତାହା ମଧ୍ୟ ନିଶ୍ଚିତ ରୂପେ କୁହାଯାଇ ପାରିବ ନାହିଁ । ଏକ ପକ୍ଷରେ ନିର୍ମମ ସମୂହବାଦ ଏବଂ ଅନ୍ୟ ପକ୍ଷରେ ସଂଘର୍ଷମୟତା ଓ ଅରାଜକତାର ପରିସ୍ଥିତି ଯୋଗୁ ସେହି  ଆଦର୍ଶଟି ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି । ଉପରୋକ୍ତ ଆଦର୍ଶଗୁଡ଼ିକର ସମର୍ଥକମାନେ ଭୁଲିଯା'ନ୍ତି ଯେ ମଣିଷ ଭିତରେ ରହିଥିବା ଅବବୌଦ୍ଧିକ ଉପାଦାନ (infrarational element) ଓ ପ୍ରାଣପ୍ରଧାନ ଅହଂଚାରିତା (vital egoism) ଯେକୌଣସି ଆଦର୍ଶକୁ ଭଣ୍ଡୁର କରି ଦେଇପାରେ । ଅହଂଗତ ଶକ୍ତିକୁ ହତୋତ୍ସାହିତ କରି ରଖିଲେ ଅଥବା ତା'ର କ୍ରିୟାଶୀଳତାକୁ ଦବାଇ ରଖି ବୁଦ୍ଧି ଦ୍ୱାରା ତାକୁ ଅତିରିକ୍ତ ଭାବରେ ଶାସିତ କରି ରଖିଲେ ମନୁଷ୍ୟର ଜୀବନ ବଡ଼ କୃତ୍ରିମ, ନୀରସ ଓ ଯାନ୍ତ୍ରିକ ହୋଇପଡ଼େ ତଥା ସୃଷ୍ଟି କରିବାର ସାମର୍ଥ୍ୟ ହରାଇ ବସେ ।

ବୁଦ୍ଧି ପ୍ରାଣଗତ ଅହଂର ସନ୍ତୋଷ ବିଧାନ କରିପାରିବ ନାହିଁ କି ତା'ର ରୂପାନ୍ତର ସାଧନ କରିପାରିବ ନାହିଁ । ବୁଦ୍ଧି ସର୍ବଦା ଏକ ସୀମା ଭିତରେ ରହିଥାଏ । ଏହା ବିଶ୍ୱ ଜଗତର ସର୍ବୋଚ୍ଚ ବିଧାନ ନୁହେଁ । ଶ୍ରୀଅରବିନ୍ଦ ମନୁଷ୍ୟର ବୌଦ୍ଧିକ ସତ୍ତା ଓ ବୌଦ୍ଧିକ ପ୍ରକୃତି ବିଷୟରେ କହନ୍ତି –

"But his nature is rather transitional; the rational being is only a middle term of Nature's evolution. A rational satisfaction cannot give him safety from the pull from below nor deliver him from the attraction from above."

(The Human Cycle, p. 219)

ଅର୍ଥାତ୍, ''ମାତ୍ର ବୁଦ୍ଧିସ୍ତରୀୟ ମନୁଷ୍ୟର ପ୍ରକୃତି ହେଉଛି କେବଳ ଏକ ମଧ୍ୟବର୍ତ୍ତୀକାଳୀନ ପ୍ରକୃତି; ପ୍ରକୃତିର ବିବର୍ତ୍ତନରେ ବୌଦ୍ଧିକ ସତ୍ତାକୁ କେବଳ ଏକ ମଧ୍ୟବର୍ତ୍ତୀ ଅବସ୍ଥା ବୋଲିହିଁ କୁହାଯିବ । କେବଳ ଏକ ବୁଦ୍ଧିଗତ ପରିତର୍ପଣ ଦ୍ୱାରା ସେ କଦାପି ଆପଣାର ନିମ୍ନ ଭାଗସ୍ଥ ଆକର୍ଷଣଟିରୁ ପୂର୍ଣ୍ଣ ନିରାପଦରେ ରହିପାରିବ ନାହିଁ ଅଥବା ଊର୍ଦ୍ଧ୍ୱସ୍ଥ ଆକର୍ଷଣଟିରୁ ତାହା ତାକୁ ନିଷ୍କୃତି ମଧ୍ୟ ଦେଇ ପାରିବ ନାହିଁ ।''

ଏକ ଆଧ୍ୟାତ୍ମିକ ନୈରାଜ୍ୟବାଦହିଁ ମନୁଷ୍ୟଜାତିର ଯାବତୀୟ ସମସ୍ୟାର ସମାଧାନ ଆଣିଦେବ ବୋଲି ମନେ ହୁଏ । ମାତ୍ର ବର୍ତ୍ତମାନ ଯୁଗରେ ନୈରାଜ୍ୟବାଦ ନାନା ଅପୂର୍ଣ୍ଣତା ଦ୍ୱାରା ମିଶ୍ରିତ ହୋଇ ରହିଛି । ଏହି ଆଦର୍ଶଟିର ନେତୃତ୍ୱ ନେଉଥିବା ବ୍ୟକ୍ତିଗଣ ପ୍ରାଣଗତ ଜୀବନର କେବଳ ଦୋଷ ଉପରେ ଦୃଷ୍ଟିଦେଇ ତାକୁ ବର୍ଜିତ କରି ରଖିବା ଲାଗି ମତ ଦେଉଛନ୍ତି । ସେମାନେ ବୈରାଗ୍ୟ ଧର୍ମ ଓ କୃଚ୍ଛ୍ରାଚରଣର ସମର୍ଥନ କରୁଛନ୍ତି । ପ୍ରାଣିକ ସତ୍ତାର ବିଶୋଧନ ଓ ରୂପାନ୍ତର ଉପରେ ଗୁରୁତ୍ୱ ଦେବା

ପରିବର୍ତ୍ତେ ସେମାନେ ତାକୁ ଦବାଇ ରଖିବା ଲାଗି ପରାମର୍ଶ ଦେଉଛନ୍ତି । ଏହା ଫଳରେ ମନୁଷ୍ୟର ଜୀବନ ଦୁର୍ବଳ ଓ ଶୁଷ୍କ ହୋଇ ଯାଉଛି । ତେଣୁ ପ୍ରାଣଗତ ଜୀବନ ପ୍ରତି ଆମର ସକାରାତ୍ମକ ଦୃଷ୍ଟିଭଙ୍ଗୀର ଆବଶ୍ୟକତା ରହିଛି ।

ଶ୍ରୀଅରବିନ୍ଦଙ୍କ ମତରେ ମନୁଷ୍ୟଜାତି ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଛି ତାହାର ସମାଧାନ ବୁଦ୍ଧି କ୍ଷେତ୍ରରେ ନାହିଁ, ତାହା ମନୁଷ୍ୟର ଆତ୍ମା ମଧ୍ୟରେ ରହିଛି । କେବଳ ଏକ ଆଧ୍ୟାତ୍ମିକ ଓ ଆନ୍ତର ସ୍ୱାଧୀନତାହିଁ ଏକ ପରିପୂର୍ଣ୍ଣ ମାନବୀୟ ବ୍ୟବସ୍ଥାକୁ ସୃଷ୍ଟି କରିପାରିବ । ବୁଦ୍ଧିପ୍ରେରିତ ସନ୍ଦୀପନଠାରୁ ବୃହତ୍ତର ଏକ ସନ୍ଦୀପନ ଆବଶ୍ୟକ, ଅର୍ଥାତ୍ ଏକ ଆଧ୍ୟାତ୍ମିକ ଆଲୋକ ବା ଚେତନାହିଁ ମନୁଷ୍ୟର ପ୍ରାଣପ୍ରଧାନ ପ୍ରକୃତିକୁ ସନ୍ଦୀପିତ ଓ ବିଶୋଧିତ କରିପାରିବ ଏବଂ ତାହାର ଯାବତୀୟ ବିକୃତି ଓ ବିରୋଧାଭାସ ଭିତରେ ସଙ୍ଗତି ପ୍ରତିଷ୍ଠା କରିପାରିବ ।

ଏକ ପରିପୂର୍ଣ୍ଣ ସାମାଜିକ ବିବର୍ତ୍ତନ ସକାଶେ ଯାହା ପ୍ରକୃତରେ ଆବଶ୍ୟକ ସେ ବିଷୟରେ ଶ୍ରୀଅରବିନ୍ଦ କହନ୍ତି –

"A deeper brotherhood, a yet unfound law of love is the only sure foundation possible for a perfect social evolution, no other can replace it."

(The Human Cycle, p. 220)

ଅର୍ଥାତ୍, ''କେବଳ ଏକ ଗଭୀରତର ଭ୍ରାତୃଭାବାପନ୍ନତା, ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇପାରି ନଥିବା ଶ୍ରଦ୍ଧାର ଏକ ବିଧାନ ଦ୍ୱାରାହିଁ ଏକ ପରିପୂର୍ଣ୍ଣ ସାମାଜିକ ବିବର୍ତ୍ତନର ଭିତ୍ତି ସ୍ଥାପନ ସମ୍ଭବ ହେବ ଏବଂ ଆଉ କୌଣସି କଥାକୁ ଏହାର ଏକ ବିକଳ୍ପ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ ।''

ମାତ୍ର ଏହି ଭ୍ରାତୃଭାବାପନ୍ନତା ବା ଶ୍ରଦ୍ଧା ପ୍ରାଣିକ ପ୍ରବୃତ୍ତି ଦ୍ୱାରା ବା ବୁଦ୍ଧି ଦ୍ୱାରା ପ୍ରେରିତ ହୋଇ ନଥିବ । ତାହା ଆତ୍ମାରୁହିଁ ଉତ୍ସାରିତ ହୋଇଥିବ, ଆମ ସତ୍ତାର ଏକ ଗଭୀରତର ସତ୍ୟ ଉପରେ ତାହା ପ୍ରତିଷ୍ଠିତ ହୋଇଥିବ । ଏହି ଭ୍ରାତୃଭାବାପନ୍ନତାକୁ ଏକ ଆଧ୍ୟାତ୍ମିକ ସହଚାରିତା ବୋଲି କୁହାଯିବ ଯେଉଁଥିରେ ଏକତ୍ୱର ଗଭୀର ଉପଲବ୍ଧି ଅନ୍ତର୍ଭୁକ୍ତ ହୋଇଥିବ । ଏହା ପ୍ରାଣଗତ ବା ମନୋଗତ ସ୍ତରର ଭ୍ରାତୃତ୍ୱବୋଧ ନୁହେଁ, ଏହା ତା'ଠାରୁ ଭିନ୍ନ ଏକ ଆବେଗ ଯାହା ଅଧିକ ପ୍ରଶାନ୍ତ ଓ ଅଧିକ ସ୍ଥାୟୀ ।

ବୁଦ୍ଧି ଦ୍ୱାରା ଉଦ୍ଭାବିତ କୌଣସି ଯନ୍ତ୍ର ବା କୌଣସି ବ୍ୟବସ୍ଥା ବ୍ୟକ୍ତି ବା ସମାଜକୁ କେବେହେଲେ ପରିପୂର୍ଣ୍ଣତା ଆଣି ଦେଇପାରିବ ନାହିଁ । ବରଂ ମନୁଷ୍ୟର ପ୍ରକୃତି ମଧ୍ୟରେ ଏକ ଆନ୍ତର ପରିବର୍ତ୍ତନ ଆଣିବା ଏକାନ୍ତ ଆବଶ୍ୟକ । ଏହା ସତ ଯେ ଏହି ପରିବର୍ତ୍ତନ ପ୍ରଥମ ପର୍ଯ୍ୟାୟରେ କେବଳ ମୁଷ୍ଟିମେୟ କେତେକ ବ୍ୟକ୍ତିଙ୍କ ପକ୍ଷରେ ସମ୍ଭବ ହେବ ଏବଂ ଅନ୍ୟ ସମସ୍ତଙ୍କ ପାଇଁ ଏହା ଏକ ଦୁରୂହ ବ୍ୟାପାର ହୋଇ ରହିବ । ତଥାପି ଏହାହିଁ ଏକମାତ୍ର ସମାଧାନ ଓ ଏକମାତ୍ର ପଥ ହୋଇଥିବାରୁ ସେ ଦିଗରେ ପ୍ରୟାସ କରିବା ସମସ୍ତଙ୍କ ପକ୍ଷରେ ଏକାନ୍ତ ବାଞ୍ଛନୀୟ ।

ବିବର୍ତ୍ତନର ଧାରା ଇତର ପ୍ରାଣୀକୁ ଅତିକ୍ରମ କରି ମନୁଷ୍ୟର ସୋପାନରେ ଆସି ପହଞ୍ଚିଛି । ଏହା ଏହିଠାରେହିଁ ଅଟକି ରହିଯିବ ନାହିଁ । ମନୁଷ୍ୟ-ସୋପାନକୁ ଅତିକ୍ରମ କରି ଏକ ବୃହତ୍ତର ଜାତିର ଆବିର୍ଭାବ ଘଟିବ । ସେ ଦିଗରେ ବିଶ୍ୱ ପ୍ରକୃତି ତା'ର ପ୍ରୟାସ ଚଳାଇ ରଖିଛି । ଊର୍ଦ୍ଧ୍ୱରୁ ଏକ ଦିବ୍ୟ ପ୍ରଭାବ ଅବତରଣ କରି ଆସିବ ଯାହା ମନୁଷ୍ୟ ତଥା ପ୍ରକୃତିର ପ୍ରୟାସକୁ ତ୍ୱରାନ୍ୱିତ ଓ ଶକ୍ତିମନ୍ତ କରିବ । ତେଣୁ ଆଶା କରାଯାଏ, କେବଳ ଅଳ୍ପ କେତେ ଜଣ ପୁରୋଗାମୀ ନୁହନ୍ତି, ସମସ୍ତ ମାନବଜାତି ଭବିଷ୍ୟତର ସେହି ମହାନ୍ ଆଧ୍ୟାତ୍ମିକ ପରିବର୍ତ୍ତନ ଓ ଉପଲବ୍ଧି ପାଇଁ ସମର୍ଥ ହୋଇ ପାରିବ । ❑

ପୃଥିବୀକୁ ନେଇହିଁ ମୋର କର୍ମ, ବହିର୍ଜଗତସବୁକୁ ନେଇ ଖାସ୍ ସେମାନଙ୍କ ସକାଶେ ନୁହେଁ; ପାର୍ଥିବ ସିଦ୍ଧିହିଁ ମୋର ଲକ୍ଷ୍ୟ, ସୁଦୂର ଶିଖରସବୁ ଉଦ୍ଦେଶ୍ୟରେ ଉଡ୍ଡୟନ ନୁହେଁ । ଅନ୍ୟସବୁ ଯୋଗ ଏ ଜୀବନକୁ ଏକ ମାୟା ଅଥବା ଅସ୍ଥାୟୀ ପର୍ଯ୍ୟାୟ ଭାବେ ଦେଖନ୍ତି; ଏକମାତ୍ର ଅତିମାନସ ଯୋଗହିଁ ଏହାକୁ ଭଗବାନଙ୍କର କ୍ରମାଗତ ପରିପ୍ରକାଶ ସକାଶେ ସୃଷ୍ଟ ବୋଲି ମନେକରେ ଏବଂ ଜୀବନ ତଥା ସ୍ଥୂଳଦେହର ପରିପୂର୍ଣ୍ଣତା ଏହାର ଲକ୍ଷ୍ୟ ବୋଲି ଗ୍ରହଣ କରେ ।

— ଶ୍ରୀଅରବିନ୍ଦ

# ଅନାଗତ ଐଶ୍ୱର୍ଯ୍ୟର ଅକଳ୍ପନୀୟ ରୂପ

## ମନୋଜ ଦାସ

### ଜ୍ଞାନ ପର୍ଯ୍ୟାୟ
### କାରିକା - ୫

"If mankind only caught a glimpse of what infinite enjoyments, what perfect forces, what luminous reaches of spontaneous knowledge, what wide calms of our being lie waiting for us in the tracts which our animal evolution has not yet conquered, they would leave all and never rest till they had gained these treasures. But the way is narrow, the doors are hard to force, and fear, distrust and scepticism are there, sentinels of Nature to forbid the turning away of our feet from her ordinary pastures."

(Thoughts and Aphorisms)

''ଆମ ଯାତ୍ରାପଥରେ କେଉଁ ଅସୀମ ଆନନ୍ଦ, କେଡ଼େ ପରିପୂର୍ଣ୍ଣ ଶକ୍ତି, ସ୍ୱତଃସ୍ଫୂର୍ତ୍ତ ଜ୍ଞାନର କେଉଁ ଜ୍ୟୋତିର୍ମୟ ପ୍ରସାର, ଆମ ସତ୍ତାର କେଡ଼େ ପ୍ରସାରିତ ପ୍ରଶାନ୍ତି ଆମ ପାଇଁ ଅପେକ୍ଷା କରିଛି – ମାନବଜାତି ପଲକଟିଏ ପାଇଁ ଯଦି ସେସବୁ ଦେଖି ପାରନ୍ତା – ଯେଉଁସବୁ ଐଶ୍ୱର୍ଯ୍ୟ ଆମ ପଶୁପ୍ରକୃତି ବିବର୍ତ୍ତନ କ୍ରମରେ ଏ ଯାଏ ହାସଲ କରିପାରି ନାହିଁ – ତେବେ ମଣିଷ ଅନ୍ୟ ସବୁକୁ ତୁଚ୍ଛ କରି ଏସବୁ କରଗତ ନ ହେବା ପର୍ଯ୍ୟନ୍ତ ଚୁପ୍‌ଚାପ୍ ରହିପାରନ୍ତା ନାହିଁ । କିନ୍ତୁ ପଥ ସଂକୀର୍ଣ୍ଣ, ଜୋର୍ କରି ଦରଜା ଖୋଲିବା ସହଜ ନୁହେଁ । ଏବଂ ଭୟ, ଅବିଶ୍ୱାସ ଓ ସନ୍ଦେହ ପ୍ରକୃତିର ପ୍ରହରୀ ରୂପେ ଆମକୁ ତା'ର ଗତାନୁଗତିକ ଚରାଭୂଇଁରୁ ମୁହଁ ବୁଲେଇ ସେ ଦିଗରେ ଅଗ୍ରସର ହେବାକୁ ବାରଣ କରନ୍ତି ।''

ଶ୍ରୀମା କହୁଛନ୍ତି, ଯିଏ ସଚ୍ଚା ଅଭୀପ୍ସୁ, ଉପଲବ୍ଧି ଦିଗରେ ଅଗ୍ରସର ହେବା ନିମନ୍ତେ ଯିଏ ପ୍ରସ୍ତୁତ, ସିଏ ଜୀବନରେ କେବେ ନା କେବେ, କୌଣସି ନା କୌଣସି ମୁହୂର୍ତ୍ତରେ ଉପରୋକ୍ତ ଆନନ୍ଦମୟ ଐଶ୍ୱର୍ଯ୍ୟର ଅନୁଭୂତି ନିଶ୍ଚିତ ଭାବରେ ପାଇଥିବ ।

କିନ୍ତୁ ମଣିଷର ମୂଢ଼ତାର କରାମତି ଏମିତି, ମଣିଷକୁ ସିଏ ଅଚିରେ ପୁନର୍ବାର ଅଳସ ଓ ଅନ୍ଧ କରିଦେବ । ସେ ନିଜର ଗତାନୁଗତିକ ଜନ୍ମ-ମୃତ୍ୟୁ ଧାରାକୁହିଁ ଆଦରି ରହିବ । ଜନ୍ମ – କିଞ୍ଚିତ୍ ସୁଖ ସନ୍ତୋଷ ଓ ତା'ପରେ ମୃତ୍ୟୁ । କିଛିକାଳ ଅପେକ୍ଷା ପରେ ପୁନର୍ବାର ଜନ୍ମ – କିଞ୍ଚିତ୍ ସୁଖ ସନ୍ତୋଷ ଓ ପୁନର୍ବାର ମୃତ୍ୟୁ – ଏହି ସୁପରିଚିତ ମାର୍ଗ ତ୍ୟାଗ କରିବାକୁ ସେ ହେବ ଅନିଚ୍ଛୁକ । ଭିନ୍ନ କିଛି କରିବାକୁ ତାକୁ ଡର ଲାଗେ ।

କିନ୍ତୁ ଡର କାହିଁ ପାଇଁ – ସେ ପ୍ରଶ୍ନ ଉପରକୁ ତା'ର ଧ୍ୟାନ ଯାଏ ନାହିଁ । ଅଜ୍ଞାନରୁ ମୁକ୍ତି ପାଇଁ ଡର ? ଅଚେତନ ଜନ୍ମ-ମୃତ୍ୟୁ ପ୍ରଣାଳୀର ବନ୍ଦିଶାଳାରୁ ମୁକ୍ତି ପାଇବା ପାଇଁ ଡର ?

ଅବଶ୍ୟ ଅବଶେଷରେ ଦିନେ ତା' ଭିତରେ ଜାଗରିତ ହୁଏ ସଦ୍‌ବୁଦ୍ଧି । ବହୁତ ହେଲା – ଏଣିକି ଏ ମୂଢ଼ତା ଅତିକ୍ରମ କରିବା ଚାହି – ସେ କହେ । ଦିଗ୍‌ବଳୟର ଇସାରା ମାନି ସେ ଦିଗରେ ଧାବମାନ ହେଲେ କ୍ଷତି କ'ଣ ? ଯାହା ହରାଇବି, ତାହା ଏମିତି କିଛି ମୂଲ୍ୟବାନ୍ ନୁହେଁ !

କିନ୍ତୁ ପରେ ପରେ ଆସିଯାଏ ଅବିଶ୍ୱାସ । ଧ୍ରୁବ ତେଜି ଅଧ୍ରୁବକୁ ଯିବି ଯେ, କିନ୍ତୁ ଯାହା ପାଇବା ଆଶାରେ ଯିବି, ତାହା ମରୀଚିକା ନୁହେଁ ତ ? ସତରେ ସେଭଳି କୌଣସି ଐଶ୍ୱର୍ଯ୍ୟ ଅଛି କି ?

ଯେତେବେଳେ ଜଣେ ଏ ଅବିଶ୍ୱାସରୂପୀ ବାଧା ଅତିକ୍ରମ କରିଯିବ ସେତେବେଳେ ମଧ୍ୟ ପଥ ତା'ର ସୁଗମ ହୋଇଯିବ, ଏମିତି କଥା ନାହିଁ । ଆସିବ ସନ୍ଦେହ, ସଂଶୟ । ଏହି ସନ୍ଦେହ ଓ ସଂଶୟ ସହିତ ଜଡ଼ିତ ମଣିଷର ଅହଂ, ତଥାକଥିତ ବାସ୍ତବ ବୁଦ୍ଧି । ଜୀବନରେ ଯାହାର ପ୍ରତ୍ୟକ୍ଷ ପ୍ରମାଣ ସେ ପାଇ ନାହିଁ, ତାକୁ ବା ସେ କେମିତି ବିଶ୍ୱାସ କରି ସେ ଦିଗରେ ଧାବମାନ ହେବ ?

ପ୍ରକୃତି ଏମିତି ସବୁ କୌଶଳ ଜରିଆରେ ମଣିଷକୁ ବିଭ୍ରାନ୍ତ କରି ରଖେ । ଆମେ ଅଧୈର୍ଯ୍ୟ ହେଉଁ, କିନ୍ତୁ ପ୍ରକୃତି ଅଧୈର୍ଯ୍ୟ ହୁଏନା । ତା' ଆଗରେ ଅନନ୍ତ ସମୟ । ସେ ଏମିତି ଭାବରେ ଖେଳିବାରୁହିଁ ଆମୋଦ ପାଏ ।

କିନ୍ତୁ ମଣିଷ ଦିନେ ଦୃଢ଼ ନିଶ୍ଚୟ କରେ – ପ୍ରକୃତିର ଏ ଅଳସ ମଧୁର ଜାଲ ଭିତରୁ ସେ ମୁକୁଳି ଆସିବ । ସେଭଳି ଏକ ସଂକଳ୍ପରେ ଉପନୀତ ହେବା ନିମନ୍ତେ ଲୋଡ଼ା ସାହସ । ସଂକଳ୍ପ ଦୋହରାଇବାକୁ ପଡ଼ିବ । ବାରଂବାର ତାହା ମଳିନ, କ୍ଷୀଣ ହେଲେ ବି ତାକୁ ପୁଣି ଉଦ୍ଦୀପିତ କରିବାକୁ ପଡ଼ିବ । ଶେଷରେ ଦିନେ ସେ ଐଶ୍ୱର୍ଯ୍ୟର ଉପଲବ୍ଧି ଦିଗରେ ହେବ ଅବିଚଳ ଯାତ୍ରୀ ।

ଯେଉଁ ଆନନ୍ଦ, ଶକ୍ତି ଓ ଜ୍ଞାନର ଐଶ୍ୱର୍ଯ୍ୟ କଥା ଶ୍ରୀଅରବିନ୍ଦ କହୁଛନ୍ତି, ଶ୍ରୀମା ତାହାର ବର୍ଣ୍ଣନା ନ ଦେବାହିଁ ଭଲ ବୋଲି କହୁଛନ୍ତି । ସେସବୁ ଉପଲବ୍ଧିର ବ୍ୟାପାର । କିନ୍ତୁ ସେ ପ୍ରତିଶ୍ରୁତି ଦେଉଛନ୍ତି, ସେ ଉପଲବ୍ଧି ନିଶ୍ଚିତ ସମ୍ଭବ । ଦିବ୍ୟ କରୁଣା ତ ପୁଣି ରହିଛି ! ସେ ମହାଶକ୍ତିକୁ ମଣିଷ ନିଜ ଭିତରେ କାର୍ଯ୍ୟକାରୀ ହେବାକୁ ଦେବା ଚାହି ।

*

କାରିକାଟିରେ ତିନୋଟି ସତ୍ୟର ସଙ୍କେତ ଦିଆଯାଇଛି । ପ୍ରଥମତଃ, ଆମ ଚେତନାର ଚଳନ୍ତି ପର୍ଯ୍ୟାୟ । ଏହା ବଡ଼ ଦୟନୀୟ । ଏ ପର୍ଯ୍ୟାୟକୁ ରାମ୍ପୁଡ଼ାରାମ୍ପୁଡ଼ି, ଚିପୁଡ଼ାଚିପୁଡ଼ି କରି ଆମେ ସୁଖ ଓ ଆନନ୍ଦ ଭଳି ଐଶ୍ୱର୍ଯ୍ୟର ସନ୍ଧାନ କରୁଛୁ । ବହୁ ସମୟରେ ଆଶା ହୁଏ ହତାଶାରେ ପରିଣତ; ଆଶା ସଫଳ ହେଲେ ବି ସେ ସଫଳତା ଭିତରୁ ପ୍ରତ୍ୟାଶିତ ସନ୍ତୋଷ ମିଳେନା । ତଥାପି ଆମ ଚେତନାର ଏହି ପର୍ଯ୍ୟାୟ ପ୍ରତି ଆମର ଆସକ୍ତି ପ୍ରବଳ । ଏହାର ଊର୍ଦ୍ଧ୍ୱକୁ ବା ଏହାର ବାହାରକୁ ଯିବା ସତେ ଅବା ବିପଜ୍ଜନକ !

କିନ୍ତୁ ଯଦି ଆମ ମୂଲ୍ୟବୋଧର ପରିବର୍ତ୍ତନ ଆମେ କରିପାରନ୍ତୁ, ଏ ପର୍ଯ୍ୟାୟର ସୀମାରେଖା ଟପିଯିବାକୁ ବଦ୍ଧପରିକର ହୋଇ ସେ ଦିଗରେ ସାଧନା ଆରମ୍ଭ କରନ୍ତୁ, ତେବେ ଆମ ଆୟତ୍ତ ଭିତରକୁ ଆସିଯାଆନ୍ତା ଅକଳ୍ପନୀୟ ଆନନ୍ଦ, ଶକ୍ତି ଓ ଜ୍ଞାନର ଐଶ୍ୱର୍ଯ୍ୟ । ଏହା ଦ୍ୱିତୀୟ ସତ୍ୟ ଭାବରେ ଉପସ୍ଥାପିତ ।

କିନ୍ତୁ ତୃତୀୟତଃ, ଚେତନାର ଚଳନ୍ତି ପର୍ଯ୍ୟାୟ ସମ୍ପର୍କରେ ଆମେ ମୋହମୁକ୍ତ ହେବା ସତ୍ତ୍ୱେ ପ୍ରକୃତି ସହଜରେ ଆମକୁ ସେଥିରୁ ମୁକ୍ତି ଦିଏ ନାହିଁ । ତିନି ତିନିଗୋଟି ଅଙ୍କୁଶ ପ୍ରୟୋଗ କରି ସେ ଆମକୁ ପଛକୁ ଟାଣେ । ସେସବୁ ହେଲେ ଭୟ, ଅବିଶ୍ୱାସ ଓ ସଂଶୟ । ଚଲାବାଟ ଛାଡ଼ି ଅଜଣା ବାଟ ଧରିଲେ କି ପ୍ରକାର ବିପଦରେ ପଡ଼ିବି କେଜାଣି ! ସତେ ଅବା ଆମ ସୁପରିଚିତ ଚଲାବାଟରେ ବିପଦ-ଆପଦର ସଂଖ୍ୟା ନିହାତି କମ୍ ! ମଜା କଥା ହେଲା, ଆମେ ବୋଧହୁଏ ଅଚେତନ ଭାବରେ ଏଇ ଧାରଣାର ବଶବର୍ତ୍ତୀ ଯେ ଜଣା ବିପଦ ଅଜଣା ବିପଦ ତୁଳନାରେ ଶ୍ରେୟସ୍କର ! କେବଳ ମାତ୍ର ବିଶ୍ୱାସ ଓ ବିଶ୍ୱାସଜାତ ଉଦ୍ଦାମ ସାହସ ଦ୍ୱାରା ମଣିଷ ଏ ଭୟ ଅତିକ୍ରମ କରିପାରେ ।

ତା'ପରେ ରହିଛି ଅବିଶ୍ୱାସ । ଅମାପ ଐଶ୍ୱର୍ଯ୍ୟର ପ୍ରତିଶ୍ରୁତି, ଅନ୍ତହୀନ ଆନନ୍ଦର ଅନୁଭୂତି – ଏସବୁ କ'ଣ ସମ୍ଭବ ? ଆମେ ଭୁଲି ଯାଉଁ ଯେ ସେସବୁ ଯଦି ବାସ୍ତବରେ ନ ଥା'ନ୍ତା, ସେସବୁ ପାଇବା ପାଇଁ ଆମ ଭିତରେ ଆଗ୍ରହ ବି ସୃଜନ ହୋଇ ନ ଥା'ନ୍ତା । ଚେତନାର ଚଳନ୍ତି ପର୍ଯ୍ୟାୟରେ ଯେତିକି ଶାନ୍ତି, ଯେତିକି ସୁଖ ଆମେ ପାଉଁ, ସେସବୁ ସେହି ଅମାପ ଆନନ୍ଦର ଏକ ଦୂର, ନିଷ୍ପ୍ରଭ ପ୍ରତିଫଳନ ମାତ୍ର । ଆମ ଅନୁଭୂତ ସୁଖ ଓ ଆନନ୍ଦ ଅପୂର୍ଣ୍ଣ ଏବଂ ଅଯଥେଷ୍ଟ ମନେ ହେବାର କାରଣ, ସେସବୁ ସେ ଅନୁପଲବ୍ଧ ମହାନ୍ ଆନନ୍ଦ ତୁଳନାରେ ତୁଚ୍ଛ ।

ସଂଶୟ ଆସିପାରେ ନାନାଦି ରୂପରେ । ନିଜ ଯୋଗ୍ୟତା ସମ୍ପର୍କରେ ସନ୍ଦେହ ଆଧ୍ୟାତ୍ମିକ ପଥର ପ୍ରତ୍ୟେକ ଯାତ୍ରୀ ଜୀବନରେ ଏକ ମାମୁଲି ଅଭିଜ୍ଞତା । ବିଡ଼ମ୍ବନା ହେଲା, ଦିବ୍ୟ କରୁଣାର ଶକ୍ତି ସମ୍ପର୍କରେ ମଧ୍ୟ ସଂଶୟ ଉପୁଜିପାରେ । ସାଧୁସନ୍ଥମାନେ ଏ ସମ୍ପର୍କରେ କାହାଣୀଟିଏ କହିଥା'ନ୍ତି :

ନଈ ପାରି ହୋଇ ଜଗନ ଯାଇଥିଲା ବୈଦ୍ୟଙ୍କ ପାଖକୁ । ତା' ଟିକି ପୁଅଟି ଭାରି ବେମାର । ଔଷଧ ଆଣି ସେ ଘରକୁ ଫେରୁଛି, ପିଟିଲା ପ୍ରବଳ ବର୍ଷା । ପାଖରେ ପାହାଡ଼ । ତହିଁରେ ଏକ ଗୁମ୍ଫା । ଭିତରେ ରହୁଥା'ନ୍ତି ଜଣେ ସନ୍ନ୍ୟାସୀ । ଜଗନ ସେ ଗୁମ୍ଫା ଭିତରେ ଆଶ୍ରା ନେଲା ।

ସନ୍ନ୍ୟାସୀ ସାମାନ୍ୟ ଅସୁସ୍ଥ ହୋଇ ଶୋଇଥା'ନ୍ତି । ଜଗନ ତାଙ୍କ ପାଦସେବା କଲା । ବର୍ଷା ଛାଡ଼ି ଯାଆନ୍ତେ ସନ୍ନ୍ୟାସୀ ତାକୁ କହିଲେ, ''ଯା', ଏଥର ଘରକୁ । ପୁଅକୁ ଔଷଧ ଦେ । ସେ ଭଲ ହୋଇଯିବ ।'' ସନ୍ନ୍ୟାସୀ ଜଗନ ହାତରୁ ବୈଦ୍ୟ ଦେଇଥିବା ଔଷଧ ପୁଡ଼ିଆ ନେଇ କିଛି ମନ୍ତ୍ର ମନେମନେ ପଢ଼ି ତାହା ତାକୁ ଫେରାଇ ଦେଲେ ।

ଜଗନ ତାଙ୍କୁ ପ୍ରଣାମ କରି ବାହାରି ଆସିଲା । କିନ୍ତୁ ସେତେବେଳକୁ ନଈରେ ପ୍ରବଳ ବଢ଼ି । ଆକାଶରେ କଳାହାଣ୍ଡିଆ

ମେଘ । ବାମ ଡାହାଣ କାହିଁ ହେଲେ ଡଙ୍ଗାଟାଏ ଆଖିରେ ପଡୁ ନାହିଁ ।

ଜଗନ ଗୁମ୍ଫା ଭିତରକୁ ଲେଉଟି ଆସିଲା । ''ବାବା ! ଆପଣ କହିଲେ ପୁଅକୁ ଶୀଘ୍ର ଔଷଧ ଦେବା ଲୋଡ଼ା । କିନ୍ତୁ ଯିବି କେମିତି ? ନଈରେ ଭୀଷଣ ବଢ଼ି ।'' ସେ ଉତ୍କଣ୍ଠାଭରେ କହିଲା ।

ସନ୍ନ୍ୟାସୀ ନୀରବରେ ଧ୍ୟାନ କରି ଖଣ୍ଡିଏ ଛୋଟ ଭୂର୍ଜପତ୍ରରେ କିଛି ଲେଖିଦେଲେ । ଜଗନକୁ ତାହା ଧରାଇ ଦେଇ କହିଲେ, ''ଏହାକୁ ହାତମୁଠାରେ ରଖିବୁ । ଆଖି ବୁଜି ଯେତେ ଶୀଘ୍ର ସମ୍ଭବ ନଈ ଉପରଦେଇ ଚାଲିବୁ । ହଁ, ଯେଉଁଠି ତୋତେ କେହି ଲକ୍ଷ୍ୟ କରିବାକୁ ନ ଥିବେ, ସେଇଠି ଏହା କରିବୁ । ଯା' । କୂଳରେ ପହଞ୍ଚିଯିବା ମାତ୍ରେ ଏ କାଗଜ ନଈରେ ବିସର୍ଜନ ଦେଇଦେବୁ ।''

ଜଗନ ବାହାରି ଗଲା । ନିର୍ଜନ ନଈକୂଳ । ଅନ୍ଧାରୁଆ । କେହି ତାକୁ ଦେଖିବାକୁ ନାହାନ୍ତି । ଥଳି ଖଣ୍ଡିକ କାନ୍ଧରେ ପକାଇ, ମନ୍ତ୍ର-ପତ୍ରିକାକୁ ହାତରେ ଧରି ସେ ଆଖି ବୁଜିଲା ଓ ନଈ ଉପରେ ପାଦ ରଖିଲା । ପାଦ ବୁଡ଼ିଲା ନାହିଁ ! ବିସ୍ମୟ ଓ ପୁଲକରେ ସେ ଜଳ ଉପରେ ଦୌଡ଼ିଲା । ଅଦ୍ଭୁତ ସେ ଅନୁଭବ !

ଯେତେବେଳେ ସେ ଅନ୍ଦାଜରେ ବୁଝିଲା କୂଳ ପ୍ରାୟ ଆସିଗଲାଣି ସେ ଆଖି ଖୋଲିଲା । ଆଉ କେଇ ହାତ ପରେ କୂଳ ।

ମନ୍ତ୍ର ପତ୍ରିକାକୁ ତ ବିସର୍ଜନ ଦେବାକୁ ହେବ । କିନ୍ତୁ କି ମନ୍ତ୍ର ସେଥିରେ ଲେଖା ହୋଇଛି ? ସେ ଭୂର୍ଜପତ୍ର ଖୋଲିଲା । ଅସ୍ପଷ୍ଟ ଆଲୁଅରେ ପଢ଼ି ପାରିଲା – 'ଜୟ ହନୁମାନ୍' ।

ଆଶ୍ଚର୍ଯ୍ୟ ! ଏଇଥିରେ କ'ଣ ଏଡ଼େ ଅଦ୍ଭୁତ କାମ ହୋଇଗଲା ? ସତରେ ସେ ନଈ ଉପର ଦେଇ ଦୌଡ଼ି ଆସିଛି ?

ବାସ୍ ! ସଂଶୟ ମାତ୍ରେ ସେ ଗଳିପଡ଼ିଲା ନଈ ଭିତରକୁ । ତୁରନ୍ତ ସ୍ରୋତ ତାକୁ ଭସାଇ ନେବାକୁ ଲାଗିଲା । ପ୍ରାଣମୂର୍ଚ୍ଛା ଉଦ୍ୟମ କରି ସେ କୂଳରେ ପହଞ୍ଚି ପାରିଲା ସତ, କିନ୍ତୁ ଚେତା ହରାଇଲା । ବହୁ ସମୟ ପରେ କେଇଜଣ ଗାଁ ଲୋକ ତାକୁ ଦେଖି ତା' ଘରକୁ ଟେକି ନେଇଗଲେ ।

ଯେଉଁ ସୂକ୍ଷ୍ମ ସ୍ତରରେ କାର୍ଯ୍ୟ କରୁଥିଲା ସନ୍ନ୍ୟାସୀଙ୍କ କରୁଣାପ୍ରସୂତ ବିଭୂତି, ସଂଶୟର ଆଘାତ ତାକୁ ବିପର୍ଯ୍ୟସ୍ତ କରିଦେଲା ।

['ପ୍ରଜ୍ଞା-ପ୍ରଦୀପିକା'ପୁସ୍ତକରୁ ସଂଗୃହୀତ,
ପୃଷ୍ଠା : ୧୬ - ୧୯] ❑

## ୨୦୨୫ ବର୍ଷସୂଚୀ (Calendar)ରେ ପରିବେଷିତ ବାଣୀ

All now was luminosity and force.

ସବୁହିଁ ବର୍ତ୍ତମାନ ହେଲା ଔଜ୍ଜ୍ୱଲ୍ୟ ଏବଂ ଶୌର୍ଯ୍ୟ ।

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୩୮)

### ଫ୍ରାନ୍ସର 'ଜାତୀୟ ଦିବସ' ଉତ୍ସବରେ ଆଶ୍ରମର ଯୋଗଦାନ :

ସୁଧୀ ପାଠକବୃନ୍ଦଙ୍କର ନିଶ୍ଚୟ ସ୍ମରଣରେ ଥିବ ଯେ ୧୯୪୦ ଦଶକର ପ୍ରାରମ୍ଭରୁହିଁ ଆଶ୍ରମର କତିପୟ ପ୍ରଥମ ପିଢ଼ିର ସାଧକଙ୍କ ସହିତ କେତେକ ତରୁଣ ସହରର ବିଭିନ୍ନ ଟିମ୍‌ଙ୍କ ସାଥିରେ ଫୁଟ୍‌ବଲ୍ ଓ ଭଲିବଲ୍ ଖେଳାଖେଳି କରୁଥିଲେ । ଏବଂ ୧୯୪୫ର ନଭେମ୍ବର ମାସରେ ଆଶ୍ରମ ଟିମ୍‌ର ଏକ ରୀତିସିଦ୍ଧ ନାମ 'J.S.S.' ସହରର ଅନ୍ୟାନ୍ୟ ଟିମ୍‌ଙ୍କ ସହିତ ସରକାରୀ ଭାବରେ ନଥିଭୁକ୍ତ ହୋଇଥିଲା ।

୧୯୪୫ରେ, ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି ପରେ ପଣ୍ଡିଚେରୀର 'ଶାରୀରିକ ଶିକ୍ଷା କମିଟି'ର ମୁଖ୍ୟ ପ୍ରଥମ କରି ଆଶ୍ରମର ଯୁବଗୋଷ୍ଠୀଙ୍କୁ 'ଫ୍ରାନ୍ସର ଜାତୀୟ ଦିବସ'* ଉତ୍ସବରେ ଯୋଗ ଦେବାକୁ ଶ୍ରୀମା'ଙ୍କୁ ଆମନ୍ତ୍ରଣ-ପତ୍ରଟିଏ ଦେଲେ । ପଣ୍ଡିଚେରୀରେ ଏହି ଉତ୍ସବର ଦୁଇଟି ମୁଖ୍ୟ କାର୍ଯ୍ୟକ୍ରମ ଥିଲା । ପ୍ରଥମଟି ହେଉଛି ୧୩ ଜୁଲାଇର ସାୟଂକାଳରେ ସ୍ଥାନୀୟ ପୋଲିସ ଓ ସାମରିକ ବାହିନୀ ସହିତ ବିଭିନ୍ନ କ୍ଲବ୍ ବା ଟିମ୍ ସଦସ୍ୟଙ୍କର ମଶାଲ ଧରି ସହର ପରିକ୍ରମାର ଶୋଭାଯାତ୍ରା । ପ୍ରତିଟି ଟିମ୍ ମାର୍ଚ୍ଚିଂ କରି ଯାଉଥିବା ବେଳେ ସେହିସବୁ ଟିମ୍‌ର ପାର୍ଶ୍ୱରେ ଜଣେ କି ଦୁଇଜଣ ଲଣ୍ଠନ ଓ ମଶାଲ ଆଲୁଅ ବାହକ ଚାଲୁଥିବେ । (ଦ୍ୱିତୀୟଟି ସମ୍ବନ୍ଧେ ପରେ ବର୍ଣ୍ଣନା କରିବୁ ।)

ଇତିମଧ୍ୟରେ ତ ଆଶ୍ରମର ତରୁଣ ଗୋଷ୍ଠୀ ମାର୍ଚ୍ଚିଂ ଶିଖି ଯାଇଥିଲେ । ତେଣୁ ସେମାନେ ଏହି ଉତ୍ସବରେ ଯୋଗ ଦେବାକୁ ଶ୍ରୀମାଶ୍ରୀଅରବିନ୍ଦଙ୍କର ଅନୁମତି ଓ ଆଶୀର୍ବାଦ ଲାଭ କରି ୧୩ ତାରିଖର ସାୟଂକାଳରେ ଆଶ୍ରମ ପ୍ରାଙ୍ଗଣରେ ମାର୍ଚ୍ଚିଂ ଫରମେସନ୍‌ରେ ଦଣ୍ଡାୟମାନ ହେଲେ । ଶ୍ରୀମା ତାଙ୍କର କକ୍ଷ ସଂଲଗ୍ନ ଉନ୍ମୁକ୍ତ ଟେରାସ୍‌ରେ ଦଣ୍ଡାୟମାନ ହୋଇ ଏମାନଙ୍କର ଶୋଭାଯାତ୍ରାର ଶୁଭାରମ୍ଭ ପରିଦର୍ଶନ କରିଥିଲେ । ଏମାନେ ଯାଇ ପ୍ରଧାନ ଶୋଭାଯାତ୍ରାର ନିର୍ଦ୍ଦିଷ୍ଟ ସ୍ଥାନରେ ଯୋଗ ଦେଇଥିଲେ ।

୧୯୪୬ରେ ଏହି ମାର୍ଚ୍ଚିଂ ପରିକ୍ରମାର ସଙ୍ଗଠକଗଣ

---

* ୧୪ ଜୁଲାଇ ଦିବସଟିକୁ ଫ୍ରାନ୍ସର 'ଜାତୀୟ ଦିବସ' ବୋଲି କୁହାଯାଇଥାଏ । ୧୭୮୯ରେ ଆରମ୍ଭ ହୋଇଥିବା ଫରାସୀ ବିପ୍ଳବର ସ୍ମୃତି ସ୍ୱରୂପ ଏହାର ବାର୍ଷିକୋତ୍ସବ ୧୪ ଜୁଲାଇରେ କେବଳ ଫ୍ରାନ୍ସରେ ନୁହେଁ, ବିଦେଶରେ ଥିବା ପ୍ରତିଟି ଫରାସୀ ଉପନିବେଶରେ ମଧ୍ୟ ବେଶ୍ ଭଲ ଭାବରେ ପାଳନ କରାଯାଇଥାଏ । ଏହି ବିପ୍ଳବର ଆରମ୍ଭ କାଳରେ ଜନସାଧାରଣଙ୍କର ତୀବ୍ର ଉନ୍ମାଦନା ସୃଷ୍ଟିକାରୀ ବଜ୍ରଧ୍ୱନି (megical key-word) ଥିଲା 'ରିପବ୍ଲିକ୍' । ତେଣୁ ଏହି ଦିବସକୁ ମଧ୍ୟ ଫ୍ରାନ୍ସର 'ରିପବ୍ଲିକ୍ ଡେ' ବୋଲି କୁହାଯାଏ । ଏହି ବିପ୍ଳବ ସମଗ୍ର ପୃଥିବୀକୁ ପ୍ରଥମ କରି 'ଲିବର୍ଟି, ଇକ୍ୱାଲିଟି ଓ ଫ୍ରାଟେର୍ନିଟି' (ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ)ର ଆଦର୍ଶ ପ୍ରଦାନ କରିଥିଲା ।

ପୁନଶ୍ଚ ଏହି ବିପ୍ଳବର ସର୍ବପ୍ରଥମ ଦୃଢ଼ ପଦକ୍ଷେପ ଥିଲା 'ବାସ୍ତିଲ୍'କୁ ଧ୍ୱଂସ କରିବା । ବାସ୍ତିଲ୍ ଥିଲା ପ୍ୟାରିସ୍‌ର ଏକ ବିଶାଳ ବନ୍ଦୀଶାଳା । ଏଥିରେ ଶତାବ୍ଦୀ ଶତାବ୍ଦୀ ଧରି ଦମନକ୍ଷମ ରାଜତନ୍ତ୍ରର ମନମୁଖି ଏକଚାଟିଆ ଶାସନରେ ବର୍ଷ ବର୍ଷ ଧରି ଶହ ଶହ ନିର୍ଦ୍ଦୋଷ ସୈନିକ ଓ ଜନଗଣ ବିନା ବିଚାରରେ ବନ୍ଦୀ ହୋଇ ବେଶ୍ ନିପୀଡ଼ିତ ଅବସ୍ଥାରେ କାଳାତିପାତ କରୁଥିଲେ । ଶହ ଶହ ବିକ୍ଷୁବ୍ଧ ଜନତାଙ୍କର ଅତର୍କିତ ସାଂଘାତିକ ଆକ୍ରମଣ ଦ୍ୱାରା ବନ୍ଦୀଶାଳାଟି ଏକେବାରେ ଧ୍ୱଂସ ହୋଇ ଯାଇଥିଲା ଏବଂ ସମସ୍ତ ବନ୍ଦୀ ଆନନ୍ଦରେ ମୁକ୍ତି ଲାଭ କରିଥିଲେ । ଏହି ଘଟଣାକୁ କେନ୍ଦ୍ର କରି 'ବାସ୍ତିଲ୍‌ର ଧ୍ୱଂସ ଦିବସ' ରୂପେ ମଧ୍ୟ ଏହା ପ୍ରତି ବର୍ଷ ପାଳନ କରାଯାଇଥାଏ । ୧୩ ଜୁଲାଇର ସାୟଂକାଳରେ ବାଦ୍ୟଯନ୍ତ୍ର, ଲଣ୍ଠନ ଆଲୁଅ ଓ ମଶାଲ ବାହକଙ୍କ ସହିତ ସ୍ଥାନୀୟ ମିଲିଟାରୀ ମାର୍ଚ୍ଚିଂ ତଥା ବିଭିନ୍ନ ପ୍ରକାର ମନୋମୁଗ୍ଧକର ବାଣ ଓ ଆତସବାଜିର ପ୍ରଦର୍ଶନ କରାଯାଇଥାଏ । (ବିଶେଷ କରି ପଣ୍ଡିଚେରୀରେ ଏପରି ପାଳିତ ହୋଇଥାଏ ।) ବିଭିନ୍ନ କ୍ଲବ୍-ସଦସ୍ୟଙ୍କର ମାର୍ଚ୍ଚିଂ ସହିତ ସହର ପରିକ୍ରମା କରାଯାଇଥାଏ । ଏହାକୁ ଫରାସୀରେ କୁହାଯାଏ : 'ଲା ରତ୍ରେଟ୍ ଉ ଫ୍ଲାବୋ' (ମର୍ମାର୍ଥ – 'ମଶାଲ ମାର୍ଚ୍ଚିଂ') । – ସଂଗ୍ରାହକ

ଶ୍ରୀମା'ଙ୍କୁ ସାକ୍ଷାତ କରି ଆଶ୍ରମର ଯୁବଗୋଷ୍ଠୀଙ୍କୁ ପୁଣି 'ଜାତୀୟ ଦିବସ' ଉତ୍ସବ ପାଳନରେ ଯୋଗ ଦେବା ସକାଶେ ତାଙ୍କର ଅନୁମତି ଚାହିଁଲେ । ଏଥର ଶ୍ରୀମା ପରିକଳ୍ପନା କଲେ ଏହି ମାର୍ଚ୍ଚିଂରେ ଯୋଗ ଦେବା ବେଳେ ଏକ ପତାକାର ଡିଜାଇନ୍‌ରେ କିଛି ଉନ୍ନତି ସାଧନ କରିବେ । ଶ୍ରୀମା ଆଶ୍ରମର ଶାରୀରିକ ଶିକ୍ଷା ସଂସ୍ଥାଟିର ନାମ (J.S.A.) ସହିତ ଏକ ପତାକାର ଡିଜାଇନ୍ କଲେ – ନୀଳ ଆକାଶୀ ରଙ୍ଗର ପତାକାର ମଧ୍ୟସ୍ଥଳରେ ସୁବର୍ଣ୍ଣ ରଙ୍ଗରେ ତାଙ୍କର ସିମ୍ବଲ । ଅଭୟ ସିଂ ନାହାରଙ୍କୁ ନିର୍ବାଚନ କଲେ ଏହି ପତାକାର ଷ୍ଟାଣ୍ଡାର୍ଡ-ବିୟର୍‌ର ଯିଏ ଗ୍ରୁପ୍ ମାର୍ଚ୍ଚିଂର ସର୍ବାଗ୍ରେ ରହିବେ ଏବଂ ପାର୍ଶ୍ୱରେ ରହିବେ କ୍ୟାପ୍‌ଟେନ୍ ପ୍ରଣବ । ଏକ 'ବାସ୍ ଡ୍ରାମ୍' ଓ ଏକ 'କେଟଲ୍ ଡ୍ରାମ୍' ମାର୍ଚ୍ଚିଂ ପାଇଁ ଭଡ଼ାରେ ଅଣାଗଲା । ବୀରେନ୍-ଦା ପ୍ରଥମଟିକୁ ବଜାଇବେ ଏବଂ ଅନ୍ୟଟି ବଜାଇବେ ହୃଦୟ-ଦା; ଏ ଦୁହେଁ ଅଭୟ ସିଂଙ୍କର ଠିକ୍ ସମ୍ମୁଖରେ ରହି ସମଗ୍ର ଗ୍ରୁପ୍‌ଟିକୁ ମାର୍ଚ୍ଚିଂ କରାଇ ନେବେ । ଏହି ମାର୍ଚ୍ଚିଂ କରୁଥିବା ସମୟରେ ଆଠଜଣ ଯୁବକ ଲମ୍ବା ଦଣ୍ଡର ଅଗ୍ରଭାଗରେ ବିଭିନ୍ନ ରଙ୍ଗର କାଚ ଦ୍ୱାରା ଆବୃତ ବତୀ ଆଲୁଅ (lamps) ଧରିବେ ଏବଂ ଏପରିକି ଏମାନଙ୍କ ମଧ୍ୟରୁ ଦୁଇଜଣ ଅତି ସାବଧାନତାର ସହିତ ଜ୍ୱଳନ୍ତ ମଶାଲ (lighted torches) ଧରିବେ ବୋଲି ଶ୍ରୀମା ନିଷ୍ପତ୍ତି ନେଲେ । ଏହା ସାଙ୍ଗକୁ ଶ୍ରୀମା ପ୍ରତ୍ୟେକଙ୍କ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟ ନିରୂପଣ କରିଥିଲେ । ...

ମାର୍ଚ୍ଚିଂରୁ ଫେରି ଆସିବା ପରେ ପ୍ରଣବଙ୍କୁ ଆଶ୍ଚର୍ଯ୍ୟ କରାଇ ଶ୍ରୀମା ଖବର ଦେଲେ ଯେ ଆସନ୍ତା ବର୍ଷ (୧୯୪୭ରେ) ଏହି ଉତ୍ସବରେ ବଡ଼ ବଡ଼ ଝିଅମାନେ ମାର୍ଚ୍ଚିଂରେ ଯୋଗ ଦେବେ । ଶ୍ରୀମା ତାଙ୍କର ଏହି ସିଦ୍ଧାନ୍ତ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କୁ ଜଣାଇ ତାଙ୍କର ଅନୁମତି ପ୍ରାପ୍ତ ହୋଇଛନ୍ତି । ଏବଂ ପଣ୍ଡିଚେରୀର ଯୁଗପତ୍ ଫ୍ରେଞ୍ଚ୍ ମିଲିଟାରୀ କମାଣ୍ଡର୍ ଏବଂ ଏହାର ସ୍ପୋର୍ଟସ୍ କମିଟିର ପ୍ରେସିଡେଣ୍ଟ ଲେଫ୍‌ଟେନାଣ୍ଟ୍ ବୋହାର୍ଡ୍ ଶ୍ରୀମା'ଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଏହି ମାର୍ଚ୍ଚିଂରେ ଝିଅମାନଙ୍କର ସୁରକ୍ଷା ନିମିତ୍ତ ସେ ବ୍ୟକ୍ତିଗତ ଭାବରେ ଦାୟିତ୍ୱ ବହନ କରିବେ ।

ଏଥିରେ ଅଂଶଗ୍ରହଣ କରିବା ସକାଶେ ଶ୍ରୀମା ୩୬ ଜଣ ତରୁଣୀଙ୍କୁ ନିର୍ବାଚନ କଲେ । ଲାଇଟ୍ ଗାଙ୍ଗୁଲି ହେବେ ଏହି ଗ୍ରୁପ୍‌ର ଷ୍ଟାଣ୍ଡାର୍ଡ୍ ବିୟରର ଏବଂ କ୍ୟାପ୍‌ଟେନ ହେବେ ଅନୁସୂୟା (ଅନୁ) ପୁରାଣୀ । ଦୁଇ ଧାଡ଼ିରେ ସଜ୍ଜିତ ମାର୍ଚ୍ଚିଂ ଚାଲିଥିବା ବେଳେ ଗ୍ରୁପ୍‌ର ପାର୍ଶ୍ୱରେ କ୍ୟାପ୍‌ଟେନ୍ ମାର୍ଚ୍ଚିଂ କରିବେ ।

ଏମାନଙ୍କର ପୋଷାକ ହେବ ଧଳା ପାଇଜାମା ସହିତ ଅଧା ହାତ ଥାଇ ଅନୁରୂପ କପଡ଼ାର ଜାକେଟ୍ । ଛାତି ପାଖ ଜାକେଟ୍‌ର ବାମ ପାର୍ଶ୍ୱରେ ନୀଳ ସୂତାରେ ଚେନ୍-ଷ୍ଟିଚ୍‌ରେ ଏମ୍ବ୍ରୟଡ଼ରି କରାଯିବ ଶ୍ରୀମା'ଙ୍କ ସିମ୍ବଲ ଏବଂ କିଞ୍ଚିତ୍ ପରିମାଣରେ ଅଧିକ ଶୋଭାବର୍ଦ୍ଧନକାରୀ, ବିଶେଷ ନିପୁଣତାର ନିଦର୍ଶନ ସ୍ୱରୂପ ଜାକେଟ୍‌ରେ ଯୋଡ଼ା ବୋତାମ ସିଲାଇ କରାଯିବ । ପ୍ରତ୍ୟେକେ ଧଳା ମୋଜା ସହିତ ଧଳା ଜୋତା ପିନ୍ଧିବେ ଏବଂ ପ୍ରତ୍ୟେକଙ୍କର ମଥାର ବେଣୀ ମୁକୁଟ ସଦୃଶ ମସ୍ତକରେ ଗୁଡ଼ାହୋଇ ରହିଥିବ ।

ଏମାନଙ୍କର ରହିବ ଏକ ନୂତନ ପତାକା – ଧଳା ରଙ୍ଗର ପତାକାର ମଧ୍ୟସ୍ଥଳରେ ରହିଥିବ ନୀଳ ରଙ୍ଗର ସିମ୍ବଲ । ଶ୍ରୀମା ସ୍ୱୟଂ ଏହିସବୁ ପୋଷାକପତ୍ର ତଥା ଏମାନଙ୍କର ମାର୍ଚ୍ଚିଂ ଅନୁଶୀଳନର ସୁବ୍ୟବସ୍ଥାରେ ତଦାରଖ କରିବାର ଭାର ଗ୍ରହଣ କଲେ । ...

ଏବେ ଉପରୋକ୍ତ କାର୍ଯ୍ୟକ୍ରମରେ ନିର୍ବାଚିତ ହୋଇଥିବା ଜନୈକ ତରୁଣୀ ଚିତ୍ରା ସେନ୍‌ଙ୍କର ସ୍ମୃତିକଥାରୁ ଉଦ୍ଧୃତି :

''... (୧୯୪୭ର ପ୍ରାରମ୍ଭରୁ) ଆମେ ମାର୍ଚ୍ଚିଂ ଶିଖିବାକୁ ଆରମ୍ଭ କଲୁ । ତଦାନୀନ୍ତନ ପଣ୍ଡିଚେରୀ ଗଭର୍ଣ୍ଣରଙ୍କର ପତ୍ନୀ ମାଦାମ୍ ବାରୋଁ (ଶ୍ରୀମା'ଙ୍କର ଆମନ୍ତ୍ରଣ କ୍ରମେ) ଆଶ୍ରମର ପ୍ଲେ-ଗ୍ରାଉଣ୍ଡକୁ ଆସି ଆମମାନଙ୍କୁ ଫ୍ରେଞ୍ଚ୍ ଧାରାରେ ମାର୍ଚ୍ଚିଂ ଶିଖାଇଲେ । (ଶ୍ରୀମା ଏଥିରେ ଉପସ୍ଥିତ ରହି ସମସ୍ତ ଟିକିନିଖି ବ୍ୟାପାରରେ ଆମକୁ ସାହାଯ୍ୟ କରୁଥିଲେ ।)

''ଇତିମଧ୍ୟରେ ଆଶ୍ରମର ସିଲାଇ ଡିପାର୍ଟମେଣ୍ଟର ମୁଖ୍ୟ ଆଲବର୍ଟ-ଦା'ଙ୍କୁ ଶ୍ରୀମା ଆମମାନଙ୍କର ପୋଷାକ ପ୍ରସ୍ତୁତ କରି ଦେବାର ନିର୍ଦ୍ଦେଶ ଦେଲେ । ଅଳ୍ପ ଦିନ ଭିତରେ ସେ ଆମ ସମସ୍ତଙ୍କର ପୋଷାକ (ଶ୍ରୀମା'ଙ୍କ ନିର୍ଦ୍ଦେଶାନୁଯାୟୀ) ପ୍ରସ୍ତୁତ କରିଦେଲେ । ଅବଶ୍ୟ ତାଙ୍କୁ ଏହି କର୍ମରେ ସ୍ୱତଃପ୍ରବୃତ୍ତ ହୋଇ କେତେକ ଆଶ୍ରମବାସୀ ସାହାଯ୍ୟ କରିଥିଲେ । ...

''(ମାଦାମ୍ ବାରୋଁଙ୍କ ପାଖରୁ ମାର୍ଚ୍ଚିଂ ଶିଖିନେବା ପରେ) ଆମେ ନିତି ପ୍ଲେ-ଗ୍ରାଉଣ୍ଡରେ ଶ୍ରୀମା'ଙ୍କ ସାମନାରେ ପ୍ରଣବଙ୍କର କମାଣ୍ଡରେ ରୀତିମତ ମାର୍ଚ୍ଚିଂ ଅଭ୍ୟାସ କଲୁ । ଶ୍ରୀମା ନିଜେ ଆମର ଉଚ୍ଚତାନୁଯାୟୀ ମାର୍ଚ୍ଚିଂ ଫରମେସନ୍‌ର ସ୍ଥାନ ନିରୂପଣ କଲେ । ଆମେ ସାଧାରଣତଃ ଦୁଇଟି ଧାଡ଼ିରେ ରହି ମାର୍ଚ୍ଚିଂ କରୁଥିଲୁ । ... ଇତିମଧ୍ୟରେ ନବନିର୍ମିତ ପତାକା ମଧ୍ୟ ପ୍ରସ୍ତୁତ ହୋଇ ସାରିଥିଲା ।

''ବର୍ତ୍ତମାନ ପ୍ଲେ-ଗ୍ରାଉଣ୍ଡରେ ଆମର ମାର୍ଚ୍ଚିଂ ଅଭ୍ୟାସ ଷ୍ଟାଣ୍ଡାର୍ଡ-ବିୟରର (ଲାଇଟ୍-ଦି) ଓ କ୍ୟାପ୍‌ଟେନ ଅନୁ-ବେନ୍‌ଙ୍କ ସହିତ ଚାଲିଲା । ଶ୍ରୀମା ପ୍ଲେ-ଗ୍ରାଉଣ୍ଡର ବିଭିନ୍ନ କୋଣରେ ଦଣ୍ଡାୟମାନ ରହି ଆମର ମାର୍ଚ୍ଚିଂର ଉତ୍ତରୋତ୍ତର ମାନ ବୃଦ୍ଧି କରି ଆମମାନଙ୍କୁ ନିପୁଣ କରି ଗଢ଼ି ତୋଳିଲେ । ...

''୧୩ ତାରିଖ ଦିନ ମାର୍ଚ୍ଚିଂରେ ଯୋଗ ଦେବାର ଯଥେଷ୍ଟ ପୂର୍ବରୁ ଶ୍ରୀମା'ଙ୍କ ନିର୍ଦ୍ଦେଶ ଅନୁସାରେ 'ଦର୍‌ତୋଆର୍' ବୋର୍ଡିଂରେ ଏକତ୍ର ହେଲୁ । ସେଠାରେ ଆମେ ଆମର ନୂତନ ପୋଷାକ ପରିଧାନ କଲୁ । ଆମର ପୋଷାକ, ମୋଜା, ଜୋତା, ମଥାର ବେଣୀ-ବନ୍ଧନ ଇତ୍ୟାଦି ଆମେ ଯଥାର୍ଥ ଭାବରେ ସମ୍ପାଦନ କରିଛୁ କି ନାହିଁ – ଏହା ତଦନ୍ତ କରିବା ସକାଶେ ଶ୍ରୀମା ତାଙ୍କର ପ୍ରଦତ୍ତ ସମୟର ଯଥେଷ୍ଟ ପୂର୍ବରୁ ପ୍ଲେ-ଗ୍ରାଉଣ୍ଡରେ ପହଞ୍ଚିଲେ । ଆମେ ସମସ୍ତେ ତାଙ୍କ ସାମନାରେ ଲାଇନରେ ଛିଡ଼ା ହେଲୁ । ଶ୍ରୀମା ଖୁସୀ ହେଲେ ଏବଂ ଲାଇଟ୍-ଦି ଶ୍ରୀମା'ଙ୍କଠାରୁ ଆନୁଷ୍ଠାନିକ ଭାବରେ ନୂତନ ପତାକା ଗ୍ରହଣ କଲେ । ଏହାପରେ ଶ୍ରୀମା ବୋର୍ଡିଂର ଅଗଣାରେ ଉପସ୍ଥିତ ହେଲେ । ଇତିମଧ୍ୟରେ ସେହି ଅଗଣାରେ ଏକ ଲମ୍ବା ଟେବୁଲ ଉପରେ ଆମ ପ୍ରତ୍ୟେକଙ୍କ ସକାଶେ ସାନ୍ଧ୍ୟ ଭୋଜନର ପାତ୍ରସବୁ ସୁଚାରୁ ରୂପେ ସଜ୍ଜିତ କରି ରଖା ଯାଇଥିଲା । ଶ୍ରୀମା'ଙ୍କର ସସ୍ନେହ ଇଙ୍ଗିତରେ ଆମେ ପ୍ରତ୍ୟେକେ ଚୌକିରେ ବସି ସନ୍ତୋଷ ମନରେ ଆହାର କଲୁ । ଶ୍ରୀମା'ଙ୍କର ସତର୍କ ଓ ସ୍ନେହବୋଳା ଦୃଷ୍ଟି ସାମନାରେ ଆମର ଭୋଜନ ଗ୍ରହଣ କରିବାର ଏହା ହେଉଛି ସର୍ବପ୍ରଥମ । ଆମ ପାଖେ ପାଖେ ମନ୍ଥର ଗତିରେ ପଦଚାରଣ କରୁ କରୁ ଶ୍ରୀମା ପ୍ରାୟ ପଚାରୁଥିଲେ, 'ପେଟ ପୂରା ଖାଇଛ ତ ? କିଛି ଦରକାର ପଡ଼ିଲେ ମାଗି ନିଅ ... ।' ସେହି ମୁହୂର୍ତ୍ତରେ ଆମେ ପ୍ରତ୍ୟେକେ ମର୍ମେ ମର୍ମେ ପୁଲକିତ ହୋଇ ସ୍ୱତଃ ଏକ ଦିବ୍ୟ-ଚେତନାରେ ଅବଗାହନ କରି ଭୋଜନ କରୁଥିଲୁ । କରୁଣାମୟୀ ଶ୍ରୀମା'ଙ୍କର ଦିବ୍ୟ ସାନ୍ନିଧ୍ୟରେ ଆମେ କତିପୟ ସୌଭାଗ୍ୟବତୀ ତରୁଣୀ ସେଦିନ ପରମ ତୃପ୍ତିଭରା ଅପୂର୍ବ ଅନୁଭୂତି ଲାଭ କରୁଥିଲୁ । ଏବେ ସେଦିନ ସେଇ ମୁହୂର୍ତ୍ତର କଥା ସ୍ମରଣରେ ଆସିଲେ ବେଶ୍ ହୃଦୟଙ୍ଗମ କରିପାରୁଛୁ ଯେ ସେ ଆମ ଭୋଜନ ସମୟରେ ଉପସ୍ଥିତ ରହି ଭୋଜନ-ଦ୍ରବ୍ୟ ମାଧ୍ୟମରେ ନିଶ୍ଚିତ ରୂପେ ଆମମାନଙ୍କ ମଧ୍ୟରେ ଶାରୀରିକ ଭାବରେ ମହତ୍ତ୍ୱପୂର୍ଣ୍ଣ କିଛିର ଅନୁପ୍ରବେଶ ଘଟାଉ ଥିଲେ; ଯଦ୍ଦ୍ୱାରା ଆମେ ପ୍ରତ୍ୟେକେ ସେଦିନ ତାଙ୍କର ଏକ ଉପଯୁକ୍ତ ମାଧ୍ୟମ ହୋଇ ସମ୍ପୂର୍ଣ୍ଣ ଅଭିନବ କାର୍ଯ୍ୟକ୍ରମଟିକୁ ସୁଚାରୁ ରୂପେ ସମ୍ପାଦନ କରିପାରିବୁ । ...

''ଶ୍ରୀମା'ଙ୍କର ଅନୁକୂଳ ସମ୍ମତି କ୍ରମେ ଚାରିଜଣ ଶ୍ରମିକଙ୍କୁ ଭଡ଼ାରେ ଅଣାଗଲା । ଏମାନେ ଆମ ଗ୍ରୁପ୍‌ର ପାର୍ଶ୍ୱରେ ପେଟ୍ରୋମାକ୍ସ ଲାଇଟ୍ ଧରି ଚାଲିବେ । ପ୍ରତିଟି ଖୁଣ୍ଟିନାଖି ବିଷୟରେ ତାଙ୍କର ପରିଚାଳନାର ଧାରା ଥିଲା ଅପୂର୍ବ । ...

''ସମବେତ ମାର୍ଚ୍ଚିଂ ଆରମ୍ଭ ହେବାର ନିର୍ଦ୍ଧାରିତ ସମୟର ଅଳ୍ପ ପୂର୍ବରୁ ପ୍ଲେ-ଗ୍ରାଉଣ୍ଡରୁ ଆମେ ସମସ୍ତେ (ଅର୍ଥାତ୍ ତରୁଣ ଓ ତରୁଣୀ ଗ୍ରୁପ୍) ନିଜ ନିଜ ଫାଇଲରେ ଦଣ୍ଡାୟମାନ ହେଲୁ । ଆମେ ପ୍ଲେ-ଗ୍ରାଉଣ୍ଡରୁ ପୋଲିସ ହେଡ୍ କ୍ୱାଟର୍‌ସ୍ ଦିଗରେ ବାହାରକୁ ପାଦ ଦେବା ମୁହୂର୍ତ୍ତରେ ଶ୍ରୀମା ଦ୍ୱାରଦେଶରେ ଦଣ୍ଡାୟମାନ ହୋଇ ଆମମାନଙ୍କୁ ଆଶୀର୍ବାଦ ଦେଲେ । ସେ ସମୟରେ ଆମର ବ୍ୟାଣ୍ଡ୍ ପାର୍ଟି ଥିଲା ଗୋଟିଏ ବାସ୍ ଡ୍ରାମ୍ ଓ ଦୁଇଟି କ୍ୟାଟେଲ୍ ଡ୍ରାମ୍ । ଆମେ ମାର୍ଚ୍ଚିଂ କରି ଯାଇ ଟାଉନ୍ ହଲ ଓ ପୋଲିସ ହେଡ୍ କ୍ୱାଟର୍‌ସ ମଧ୍ୟରେ ଥିବା ରାସ୍ତାରେ ନିଜର ନିରୂପିତ ସ୍ଥାନରେ ଦଣ୍ଡାୟମାନ ହେଲୁ – ଏହି ଶୋଭାଯାତ୍ରାର ସର୍ବାଗ୍ରେ ରହିଲା ଆମର ବ୍ୟାଣ୍ଡ୍ ପାର୍ଟି, ତା'ପରେ ତରୁଣଙ୍କର ଷ୍ଟାଣ୍ଡାର୍ଡ ବିୟରର୍ ଅଭୟ ସିଂ ଓ ତରୁଣ ଗ୍ରୁପ୍ (ଏମାନଙ୍କର ପୋଷାକ ଥିଲା ଧଳା ହାଫ୍ ସାର୍ଟ, ହାଫ୍ ପ୍ୟାଣ୍ଟ, ଧଳା ମୋଜା ସହିତ ଧଳା ଜୋତା ।) । କ୍ୟାପ୍‌ଟେନ୍ ପ୍ରଣବ-ଦା ଏମାନଙ୍କର ପାର୍ଶ୍ୱରେ ରହିଲେ । ତା'ପରେ ଆମ ଗ୍ରୁପ୍‌ର ଷ୍ଟାଣ୍ଡାର୍ଡ ବିୟରର୍ ଲାଇଟ୍-ଦି ଓ ଆମ ଗ୍ରୁପ୍ ଏବଂ ଗ୍ରୁପ୍ ପାର୍ଶ୍ୱରେ ଆମର କ୍ୟାପ୍‌ଟେନ୍ (ଅନୁ-ବେନ୍) । ଆମ ଗ୍ରୁପ୍‌ର ପଶ୍ଚାତରେ ରହିଲେ ଫ୍ରେଞ୍ଚ୍ ଆର୍ମିର ଅବସରପ୍ରାପ୍ତ ଅଫିସରଗଣଙ୍କର ଗ୍ରୁପ୍, ତା'ପରେ ପୋଲିସର ବ୍ୟାଣ୍ଡ୍ ପାର୍ଟି ସହିତ ସେମାନଙ୍କର ଗ୍ରୁପ୍ । ଏହା ପରେ ପୋଲିସ ଜିପ୍‌ରେ ଥିଲେ ଲେଫ୍‌ଟନାଣ୍ଟ୍ ବୋହାର୍ଡ୍, ତାଙ୍କର ସଜାଗ ଦୃଷ୍ଟିରେ ଅଳ୍ପ ବାହାରକୁ ଝୁଙ୍କି ରହିଥିଲେ । ଜିପ୍‌ର ପଛରେ ସହରର ଅନ୍ୟାନ୍ୟ ସ୍ପୋର୍ଟିଂ ଗ୍ରୁପ୍ ନିଜସ୍ୱ ଗ୍ରୁପ୍‌ରେ ସଜ୍ଜିତ ହୋଇ ଦଣ୍ଡାୟମାନ ଥିଲେ ।

''ନିର୍ଦ୍ଧାରିତ ସମୟର ସଙ୍କେତ-ସୂଚକ ଧ୍ୱନିରେ ଆମେ ଟାଉନ୍-ହଲ୍ ପାଖ ରାସ୍ତାରେ ସମୁଦ୍ରକୂଳକୁ ମାର୍ଚ୍ଚିଂ କରି ଅଗ୍ରସର ହେଲୁ । ସମୁଦ୍ର କୂଳ ରାସ୍ତାରେ ଗତି କରି (ଏବେ ଯେଉଁଠି ପ୍ରୋମନାଦ ରେଷ୍ଟୁରାଣ୍ଟ୍ ଅଛି) ଆମେ ଗଭର୍ଣ୍ଣର୍ ହାଉସ୍ ଆଡ଼କୁ ମୁହାଁଇଲୁ । ଗଭର୍ଣ୍ଣର୍ ହାଉସ୍‌ର ପୂର୍ବ ପଟ ରାସ୍ତାରେ ଅଗ୍ରସର ହୋଇ ଆମେ ଆଶ୍ରମର ବାଲ୍‌କୋନି ଷ୍ଟ୍ରୀଟ୍‌ରେ ପ୍ରବେଶ କଲୁ ।

''ଏହି ବର୍ଷ ଶ୍ରୀମାଶ୍ରୀଅରବିନ୍ଦଙ୍କର ଭକ୍ତ, ଗଭର୍ଣ୍ଣର୍ ମଁସିଓ ଫ୍ରାଁସୁଆ ବାରୋ ସ୍ୱତଃସ୍ଫୂର୍ତ୍ତ ଭାବରେ ନିଷ୍ପତ୍ତି ନେଇଥିଲେ ଯେ ଶ୍ରୀମା'ଙ୍କ ବାଲ୍‌କୋନିରେ ଶ୍ରୀମା'ଙ୍କ ପାର୍ଶ୍ୱରେ ଦଣ୍ଡାୟମାନ ରହି 'ରଡ୍ରେଡ୍'ର (ମାର୍ଚ୍ଚିଂ ଶୋଭାଯାତ୍ରାର) ସାଲ୍ୟୁଟ୍ ଗ୍ରହଣ କରିବେ ।

''ଏହି ଖବର ଶୁଣି ଆମେ ଅତ୍ୟନ୍ତ ପ୍ରୀତ ହୋଇ ଉଠିଥିଲୁ । ତେଣୁ ସହରର ଏହି ପରିକ୍ରମାରେ ଅଂଶଗ୍ରହଣ କରିଥିବା ପ୍ରତିଟି ସଦସ୍ୟ ଗଭର୍ଣ୍ଣର୍‌ଙ୍କୁ ସାଲ୍ୟୁଟ୍ ଦେବା ବେଳେ ସ୍ୱଭାବତଃ ଶ୍ରୀମା'ଙ୍କୁ ମଧ୍ୟ ସାଲ୍ୟୁଟ୍ ଦେବେ । ...

''ଆମର ଶୋଭାଯାତ୍ରାଟି ବାଲ୍‌କୋନି ଷ୍ଟ୍ରୀଟ୍‌ରେ ସିଧା ଯାଇ ସହରର ପଶ୍ଚିମପଟ ବୋଲ୍‌ଭାର୍ଡ ଷ୍ଟ୍ରୀଟ୍‌ରେ ପହଞ୍ଚି ଦକ୍ଷିଣକୁ ମୁହାଁଇଲା । ତା'ପରେ ବୁଶି ଷ୍ଟ୍ରୀଟ୍‌ରେ ଥିବା ପି. ଡବ୍ଲିଉ. ଡି. ପାଖରେ ପୂର୍ବକୁ ଅଗ୍ରସର ହେଲା । (ବୁଶି ଷ୍ଟ୍ରୀଟ୍‌ର ଏବକାର ନାମ ଲାଲବାହାଦୂର ଷ୍ଟ୍ରୀଟ୍) । ଆମେ ଏହି ଷ୍ଟ୍ରୀଟ୍‌ରୁ ଉତ୍ତରାଭିମୁଖୀ ହୋଇ ଡୁମା ଷ୍ଟ୍ରୀଟ୍ (ସମୁଦ୍ର କୂଳ ରାସ୍ତାର ଠିକ୍ ପରବର୍ତ୍ତୀ ରାସ୍ତା)ରେ ପ୍ରବେଶ କରି ଆମର ଷ୍ଟାର୍ଟିଂ ପଏଣ୍ଟରେ ଉପସ୍ଥିତ ହେଲୁ । – ଏହାହିଁ ଥିଲା ଆମର ସହର ପରିକ୍ରମାର ରାସ୍ତା । ବର୍ତ୍ତମାନ ଭାବିଲେ ମନେହେବ ସେହି ପରିକ୍ରମାର ଦୂରତା କେତେ ନଗଣ୍ୟ ନଥିଲା ! କିନ୍ତୁ ସେତେବେଳେ ଆମର ଆଶ୍ରମ-ଜୀବନଧାରାର ଅର୍ଦ୍ଧ-ନିଭୃତାବସ୍ଥାରୁ ଆମର (ଅର୍ଥାତ୍ ବିଶେଷ କରି ଆମ ତରୁଣୀ ଗୋଷ୍ଠୀର) ମାତ୍ର ପାଦଟିଏ ବାହାରକୁ ପକାଇବା ସତରେ କେତେ ଆୟାସସାଧ୍ୟ ନଥିଲା ! ଏହି ପରିକ୍ରମାର ଦୂରତା ଆମମାନଙ୍କୁ ସେତେବେଳେ ଲାଗିଥିଲା ଯେପରି ଆମେ ସମଗ୍ର ପଣ୍ଡିଚେରୀ ଘୂରି ଆସିଲୁ ! ...

ଏହି ଶୋଭାଯାତ୍ରା ଦେଖିବାକୁ ଭିଡ଼ ଜମାଇଥିବା ରାସ୍ତା ଧାରର ଜନଗହଳି (ପ୍ରତିବର୍ଷ ଏମିତି ଗହଳି ହୋଇଥାଏ)ଙ୍କ ମଧ୍ୟରୁ କେତେକଙ୍କର ପ୍ରଥମ ନଜରରେ ପଡ଼ିଲା ସମ୍ଭ୍ରାନ୍ତବଂଶୀୟା ସୁନ୍ଦରୀ ତରୁଣୀଗଣ ମଧ୍ୟ ଏଥିରେ ଯୋଗ ଦେଇଛନ୍ତି ! ପୁନଶ୍ଚ ଟ୍ରାଉଜର୍ ଓ ଜାକେଟ୍ ପିନ୍ଧି ମଥାର ବେଣୀକୁ ମସ୍ତକରେ ଗୁଡ଼ାଇ ମାର୍ଚ୍ଚିଂ କରି ଚାଲିଛନ୍ତି ! ଅକଳ୍ପନୀୟ, ଅଶ୍ରୁତ ଓ ଅପ୍ରତ୍ୟାଶିତ କଥା ! ଏହା ସାଙ୍ଗକୁ ସେତେବେଳେ ସହରର ଅଧିକାଂଶ ଅଧିବାସୀଙ୍କର ଆଶ୍ରମ ପ୍ରତି ସାଧାରଣତଃ ସ୍ୱେଚ୍ଛାକୃତଭାବେ ଶତ୍ରୁଭାବାପନ୍ନ ମନୋଭାବହିଁ ଥିଲା । ସ୍ୱଭାବତଃ ଦର୍ଶକମଣ୍ଡଳୀଙ୍କ ମଧ୍ୟରେ ଏହି ଦୃଶ୍ୟ ଅସହ୍ୟ ଥିଲା । ତେଣୁ ସେମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଓ ଆଲୋଡ଼ନ ସୃଷ୍ଟି ହେବା ସ୍ୱାଭାବିକ । ଦର୍ଶକମଣ୍ଡଳୀଙ୍କ ମଧ୍ୟରୁ ଆମମାନଙ୍କ ପ୍ରତି ଅବଜ୍ଞାସୂଚକ ଶବ୍ଦ (ହୁଇସିଲ୍ ମାରିବା) ସହିତ ଆମମାନଙ୍କ ଉପରେ ଛେପ ପକାଇବା, ଆମମାନଙ୍କ ଉପରକୁ ଛୋଟ ଛୋଟ ଗୋଡ଼ି-ପଥର ଫୋପାଡ଼ିବା, ଏପରିକି ଆମ କ୍ୟାପ୍‌ଟେନ୍‌ଙ୍କର ବାହୁକୁ ରାମ୍ପି ଦେବା, ଷ୍ଟାଣ୍ଡାର୍ଡ ବିୟରର୍‌ଙ୍କର ଛାତି ଉପରକୁ କିଞ୍ଚିତ୍ ବଡ଼ ଆକାରର ପଥର ଫୋପାଡ଼ିବା, କେତେକଙ୍କୁ ଚାପୁଡ଼ା ମାରିବା, ଧକ୍କା ଦେବା ଇତ୍ୟାଦି ପ୍ରତିକ୍ରିୟାର ସୂତ୍ରପାତ ହେଲା । ଲେଫ୍‌ଟନାଣ୍ଟ୍ ବୋହାର୍ଡ୍‌ଙ୍କର ଦୃଷ୍ଟି ପଥାରୂଢ଼ ହେବା ମାତ୍ରେ ସେ ତତ୍‌କ୍ଷଣାତ୍ ତାଙ୍କ ଜିପ୍‌କୁ ସାମନାକୁ ଆଣି ଆମ କ୍ୟାପ୍‌ଟେନ୍‌ଙ୍କର ପାର୍ଶ୍ୱରେ ରଖି ଗ୍ରୁପ୍ ସହିତ ଆଗେଇଲେ । ହାତରେ ଥିଲା ଗୁଳିଭର୍ତ୍ତି ରିଭଲ୍‌ଭର୍ । ସେ ପରିକ୍ରମାର ଶେଷ ପର୍ଯ୍ୟନ୍ତ ଶ୍ରୀମା'ଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିଥିଲେ ।

''କିନ୍ତୁ କହିବା ବାହୁଲ୍ୟ ସେଇ ମୁହୂର୍ତ୍ତରେ ଏହିସବୁ ଅପ୍ରୀତିକର ଘଟଣା ଆମକୁ ସ୍ପର୍ଶ କରିପାରୁ ନଥିଲା । ଏସବୁ ଘଟଣାକୁ ଘୃଣାକ୍ଷରେ ପରବାୟ ନକରି ଶିରୋଉଳନ କରି ଶ୍ରୀମା'ଙ୍କର ବୀରାଙ୍ଗନାଗଣ ନିଜକୁ ଦିବ୍ୟ ଜନନୀଙ୍କର ଗର୍ବିତ ଓ ସମ୍ମାନିତ ସ୍ଥିତିରେ ରଖି ମାର୍ଚ୍ଚିଂ କରି ଚାଲିଥିଲୁ । ମର୍ମେ ମର୍ମେ ଆମେ ତୀବ୍ର ଅନୁଭବ କରୁଥିଲୁ ଯେ ଏକ ଶକ୍ତିମନ୍ତ ଆବହାଉଆ ଆମକୁ କବଚାବୃତ କରି ରଖିଛି । ...

''କହିବା ବାହୁଲ୍ୟ ଯେ ଦର୍ଶକମଣ୍ଡଳୀଙ୍କ ମଧ୍ୟରେ ବେଶ୍ କେତେ ବ୍ୟକ୍ତି ଆମ ଗ୍ରୁପ୍‌ର ମାର୍ଚ୍ଚିଂକୁ ଅତ୍ୟୁତ୍ତମ ବୋଲି ବିବେଚନା କରି ପ୍ରଶଂସାସୂଚକ ଶବ୍ଦ ଉଚ୍ଚାରଣ କରୁଥିଲେ । କେତେକେ ଆମମାନଙ୍କୁ ତୀବ୍ର ଉତ୍ସାହ ଓ ଉଦ୍ଦୀପନା ଦେବା ଉଦ୍ଦେଶ୍ୟରେ ଆନନ୍ଦାତିଶଯ୍ୟରେ ପ୍ରଶଂସାସୂଚକ ଶବ୍ଦ ଉଚ୍ଚାରଣ କରି କରତାଳି ମଧ୍ୟ ଦେଉଥିଲେ । ...

''ଆମର ମାର୍ଚ୍ଚିଂ ପରିକ୍ରମା ଯେତେବେଳେ ଆଶ୍ରମ ନିକଟସ୍ଥ ହେଲା, ଶ୍ରୀମା'ଙ୍କୁ (ତଥା ଗଭର୍ଣ୍ଣର୍‌ଙ୍କୁ) ବାଲ୍‌କୋନିରେ ଦଣ୍ଡାୟମାନ ହୋଇଥିବାର ଦେଖିବା ମାତ୍ରେ ପ୍ରଣବ-ଦା' ସାଲୁଟ୍ କମାଣ୍ଡ ଦେଲେ, 'ତେତ୍ ଗୋସ୍' (Tete gauche) 'ବାମକୁ ଦେଖ' ଅର୍ଥାତ୍, ଶ୍ରୀମା'ଙ୍କୁ ତଥା ଗଭର୍ଣ୍ଣର୍‌ଙ୍କୁ ସାଲ୍ୟୁଟ୍ । କହିବାକୁ ଗଲେ ସମସ୍ତ ଶୋଭାଯାତ୍ରାଟି ବାମକୁ ମସ୍ତକ ଘୂରାଇ ସାଲ୍ୟୁଟ୍ କରି ଅଗ୍ରସର ହେଲା । ଠିକ୍ ଏହି ମୁହୂର୍ତ୍ତରେ ଆମର କ୍ୟାପ୍‌ଟେନ୍ ଲକ୍ଷ୍ୟ କଲେ ଯେ ଶ୍ରୀଅରବିନ୍ଦଙ୍କ କକ୍ଷର ଗୋଟିଏ ଝରକାର କବାଟ ଖୋଲା ରହିଛି ଏବଂ ଝରକା ବାଡ଼ରେ ବାହୁର କହୁଣୀଟିଏ ଦେଖା ଯାଉଛି । ନିଶ୍ଚିତ ରୂପେ ଏହା ଚମ୍ପକଲାଲଙ୍କର ହୋଇଥିବ । କିନ୍ତୁ ପରେ ଆମେମାନେ ଜାଣିବାକୁ ପାଇଲୁ ଯେ

ଆମ ସମସ୍ତଙ୍କର ମାର୍ଚ୍ଚିଂ ଦେଖିବା ସକାଶେ ସ୍ୱୟଂ ଶ୍ରୀଅରବିନ୍ଦ ସେଠାରେ ଉପସ୍ଥିତ ଥିଲେ । ... ଆମର ମର୍ତ୍ତ୍ୟ ଜୀବନ ଧନ୍ୟ ହୋଇ ଉଠିଲା, ଆମେ ପ୍ରଭୂତ ଭାବରେ ନିଜକୁ ଭାଗ୍ୟବାନ୍ ଓ ଭାଗ୍ୟବତୀ ମନେ କଲୁ ।

''ଦ୍ୟୁମାନ୍ ଭାଇ ମଧ୍ୟ ତହିଁ ପରଦିନ ଆମମାନଙ୍କୁ ଜଣାଇଥିଲେ ଯେ ଶ୍ରୀମା ବାଲ୍‌କୋନିରେ ଆମମାନଙ୍କର ସାଲ୍ୟୁଟ୍ ଗ୍ରହଣ କରିବା ପରେ (ନିଜ କକ୍ଷରେ ପ୍ରବେଶ କରି) ଆମେମାନେ ମାର୍ଚ୍ଚିଂ ଶେଷ କରି ଆଶ୍ରମକୁ ଫେରି ଆସିବା ପର୍ଯ୍ୟନ୍ତ ଗଭୀର ସମାଧିସ୍ଥ ଅବସ୍ଥାରେ ରହିଥିଲେ । ...

''ଆମେମାନେ ମାର୍ଚ୍ଚିଂ ଶେଷ କରି ଆଶ୍ରମରେ ପ୍ରବେଶ କରି ସିଧା ମେଡିଟେସେନ୍ ହଲ୍‌କୁ ଗଲୁ । ସେଠାରେ ଶ୍ରୀମା ଆମ ସମସ୍ତଙ୍କୁ ଅପେକ୍ଷା କରି ଉପବେଶନ କରିଥିଲେ । ଆମେ ଲାଇନ୍ କରି ପ୍ରତ୍ୟେକେ ତାଙ୍କ ପଦସ୍ପର୍ଶ କରି ପ୍ରଣତି ଜଣାଇଲୁ । ଶ୍ରୀମା ତାଙ୍କର ବରଦ ହସ୍ତରେ ଆମକୁ ଆଶୀର୍ବାଦ କଲେ । ତା'ପରେ ଆମେ ଦଣ୍ଡାୟମାନ ହୋଇ ତାଙ୍କ ନିକଟରୁ ଅପସରି ଆସିବା ମୁହୂର୍ତ୍ତରେ ସେ ତାଙ୍କର ହୃଦୟଜିଣା ହସରେ ଆମ ପ୍ରତ୍ୟେକଙ୍କର ପ୍ରସାରିତ କରକମଳରେ ରସାଳ କମଳାଟିଏ ଥୋଇ ଦେଉଥିଲେ । ...

''ତହିଁ ଆରଦିନ ଆମେମାନେ ସରକାରୀ ମହଲରୁ ଖବର ପାଇଲୁ ଯେ ଗତକାଲି ସହରର ପରିକ୍ରମା ମାର୍ଚ୍ଚିଂରେ ପୋଲିସ ଦଳର ମାର୍ଚ୍ଚିଂ ଥିଲା ପ୍ରଥମ ଏବଂ ତରୁଣୀଦଳର ମାର୍ଚ୍ଚିଂ ଥିଲା ଦ୍ୱିତୀୟ । ଶ୍ରୀମା ଆମମାନଙ୍କର ସମ୍ପାଦିତ ଭୂମିକାରେ ଅତ୍ୟନ୍ତ ପ୍ରୀତ ହୋଇଥିଲେ । ସେ ତାଙ୍କର ଆନ୍ତର ମନୋଭାବକୁ ଲାଇଟ୍-ଦି'ଙ୍କର ବାପାଙ୍କୁ ଜଣାଇଥିଲେ । ...

''ଯୁଗ ଯୁଗ ଧରି ଭାରତୀୟ ନାରୀମାନଙ୍କୁ ସତେ ଯେପରି ଗୋଡ଼ରେ ବେଡ଼ି ପକାଇ ସମାଜର ଅନ୍ଦର ମହଲରେ ରଖିବାର ଧାରାକୁ ମୁକ୍ତ କରି ଆଣିବାରେ ଉପରୋକ୍ତ ଘଟଣାଟି ଥିଲା ପ୍ରତ୍ୟକ୍ଷ ଭାବରେ ଶ୍ରୀମା'ଙ୍କର ବିଭିନ୍ନ ବୈପ୍ଳବିକ ପଦକ୍ଷେପ ମଧ୍ୟରୁ ଅନ୍ୟତମ । ଏହି ଚିରାଚରିତ ଧାରାଟି ଥିଲା ମନସ୍ତାତ୍ତ୍ୱିକ ଘେରସବୁର ପରିସର ଭିତରେ ଆବଦ୍ଧ ରହିଥିବା ନାରୀମାନଙ୍କର ଏକ ଶାରୀରିକ ଦୂରତା । ଏଥିରୁ ନାରୀମାନଙ୍କୁ ମୁକ୍ତ କରି ଆଣିବାର ଏକ ଜ୍ୱଳନ୍ତ ନିଦର୍ଶନର ପ୍ରଥମ ସଙ୍କେତଟି ଥିଲା ନାରୀମାନଙ୍କର ମାର୍ଚ୍ଚିଂ । ...''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

**ତଥ୍ୟ ନିର୍ଦ୍ଦେଶିକା :**

1. Namita Sarkar : 'Memorable Years with The Mother,' Vol. 1, pp. 35-43

2. 'Ever to the New and the Unknown'; Chitra Sen's article, 'La Retraite aux Flambeaux', pp. 295-98

ପ୍ରକାଶ ପାଇଲା :

**ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ**

**ବାଣୀ-ପ୍ରାର୍ଥନା-ମନ୍ତ୍ର**

(ସଂଚୟନ)

ସଂକଳକ : ମଧୁସୂଦନ ମହାପାତ୍ର

ପ୍ରକାଶକ : ନବଜ୍ୟୋତି ପ୍ରକାଶନ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ

ମୂଲ୍ୟ : ୮୦/- (ଅଶୀ ଟଙ୍କା)

ପ୍ରାପ୍ତିସ୍ଥାନ : ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ -୨

ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩



ଶ୍ରୀ ପ୍ରପତ୍ତିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି :

# ବନ୍ଧୁ, ଦାର୍ଶନିକ ଓ ମାର୍ଗଦର୍ଶକ ଶ୍ରୀ ପ୍ରପତ୍ତି

## ସାଧୁଚରଣ ପଟ୍ଟନାୟକ

୧୯୬୫ ସାଲ ଅଗଷ୍ଟ ୧୩ ତାରିଖ ଦିନ ମୁଁ ପ୍ରଥମଥର ପାଇଁ ପଣ୍ଡିଚେରୀ ଆସିଥିଲି । ପୂର୍ବରୁ ପ୍ରପତ୍ତିଜୀଙ୍କ ସହିତ ପତ୍ରାଳାପ କରିଥିଲି । ସେତେବେଳେ ପଣ୍ଡିଚେରୀରୁ ପ୍ରକାଶ ପାଉଥିବା ଓଡ଼ିଆ ତ୍ରୈମାସିକ ପତ୍ରିକା 'ନବଜ୍ୟୋତି'ର ସେ ଥିଲେ ସମ୍ପାଦକ । ତାଙ୍କ ଲେଖା ପଢ଼ି ଶ୍ରୀମାଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ପ୍ରଥମେ ଜାଣି ପାରିଥିଲି । ଆମକୁ ଦେଖି ସେ ଖୁସି ହେଲେ ଏବଂ ଆମ ପାଇଁ 'ରାଜଭବନ' (ହୋଟେଲ)ରେ ରହିବା ପାଇଁ ବ୍ୟବସ୍ଥା ହୋଇଥିବା କଥା ଜଣାଇଲେ । ସେତେବେଳେ 'ନବଜ୍ୟୋତି କାର୍ଯ୍ୟାଳୟ'ରେ ଥିବା ଓଡ଼ିଆଙ୍କ ସଂଖ୍ୟା ଥିଲା ମାତ୍ର ଛଅ । ତେଣୁ ସେ ନିଜେ ଦର୍ଶନାର୍ଥୀମାନଙ୍କ ପାଇଁ ରହିବା ବ୍ୟବସ୍ଥା କରୁଥିଲେ । (ସେତେବେଳେ ଓଡ଼ିଆ ଦର୍ଶନାର୍ଥୀମାନଙ୍କ ପାଇଁ ଆଜି ଭଳି ସ୍ୱତନ୍ତ୍ର 'ଓଡ଼ିଶା ଗେଷ୍ଟ ହାଉସ', 'ଓଡ଼ିଆ ନିଳୟମ' ତିଆରି ହୋଇ ନଥିଲା । 'ପାର୍କ ସାର୍‌ଭୌ'ର ପୁରାତନ ଡର୍ମିଟୋରିରେ ବହୁ କଷ୍ଟ ସ୍ୱୀକାର କରି ରହିବାକୁ ପଡୁଥିଲା । ଆଜି ଯେ ଓଡ଼ିଆମାନଙ୍କ ପାଇଁ ଏପରି ସୁନ୍ଦର ବ୍ୟବସ୍ଥାମାନ ହୋଇ ପାରିଛି, ତାହା ମୂଳରେ ରହିଛନ୍ତି ଦୁଇଜଣ ମହାତ୍ମା : ବାବାଜି ମହାରାଜ ଓ ପ୍ରପତ୍ତିଜୀ ।) ସେଦିନ ପ୍ରପତ୍ତିଜୀ ଆମ ସହିତ ଜଣେ ଓଡ଼ିଆ ଛାତ୍ରକୁ 'ରାଜଭବନ' ପଠାଇଥିଲେ । କିଛି ସମୟ ପରେ ନିଜେ ପହଞ୍ଚି ଆମ ସୁଖ ସୁବିଧା କଥା ପଚାରି ବୁଝିଲେ । ମୋର ମନେହେଲା ପ୍ରଥମ ଦେଖାରେହିଁ ସେ ମୋ ଭଳି ଏକ ଅକିଞ୍ଚନକୁ ନିଜ ବନ୍ଧୁ ରୂପେ ଗ୍ରହଣ କରିଥିଲେ । ମୁଁ ଗଭୀର ଭାବେ ଉପଲବ୍ଧି କଲି ଯେ ତାହା ଥିଲା ତାଙ୍କର ଚରମ ଉଦାରତା ଓ ଅସୀମ ବିନମ୍ରତା । କିଛିଦିନ ପରେ ତାଙ୍କ ଓଡ଼ିଶା ଗସ୍ତ ଖବର ପାଇ ମୁଁ କଟକରେ ପହଞ୍ଚି ତାଙ୍କୁ ବ୍ରହ୍ମପୁର ନିମନ୍ତ୍ରଣ କରିଥିଲି । ସେ ମୋ ନିମନ୍ତ୍ରଣ ରକ୍ଷା କରି ଆମର ଅତିଥି ହୋଇଥିଲେ । ସେଦିନ ସନ୍ଧ୍ୟାରେ 'ଟାଉନ ହଲ'ରେ ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରଥମ ବାର୍ଷିକ ସମ୍ମିଳନୀରେ ସେ ଥିଲେ ମୁଖ୍ୟ ବକ୍ତା । ମୋ ଘରେ ଶ୍ରୀଅରବିନ୍ଦଙ୍କ ରଚିତ କେତେକ ବହି ଦେଖି 'The Upanishads' ବହି ଖଣ୍ଡିକ ଥାକରୁ ନିଜ ହାତରେ ନେଇ ପଚାରିଥିଲେ, 'ଆପଣ ଏ ବହିଟି ପଢ଼ିଛନ୍ତି ?' ମୁଁ ସେତେବେଳେ କେବଳ 'The Mother' ବହିଟି ପଢ଼ିଥିଲି । ଶ୍ରୀଅରବିନ୍ଦଙ୍କ ରଚିତ ଅନ୍ୟ କୌଣସି ବହି ପଢ଼ି ନଥିଲି । ମୁଁ ତାଙ୍କୁ ସେକଥା ଜଣାଇଲି । ବହିଟି ଥରେ ଓଲଟାଇ ସେ ମତେ କହିଥିଲେ, 'ଈଶୋପନିଷଦ୍' ସମ୍ବନ୍ଧେ ଶଙ୍କରାଚାର୍ଯ୍ୟ ଯେଉଁ ଟୀକା କରିଛନ୍ତି ତାହା ଉପନିଷଦ୍‌ର ଚିନ୍ତାଧାରାର ସମ୍ପୂର୍ଣ୍ଣ ବିରୋଧୀ । ନିଜ ମତବାଦ(ମାୟାବାଦ)ରେ ସେ ଏପରି ଆବିଷ୍ଟ ହୋଇ ଚାଲିଥିଲେ ଯେ କେବଳ ତାହାହିଁ ସାବ୍ୟସ୍ତ କରିବା ପାଇଁ ସର୍ବଦା ଚେଷ୍ଟିତ ଥିଲେ ଏବଂ ଉପନିଷଦ୍‌ର ଅନ୍ୟାନ୍ୟ ଦିଗକୁ ବିଚାର କରିପାରି ନଥିଲେ । ଏହା ଶ୍ରୀଅରବିନ୍ଦ ବୁଝାଇ କହିଛନ୍ତି । ଈଶୋପନିଷଦ୍‌ର ଆଦ୍ୟ ଶ୍ଳୋକଟି –

''ଈଶା ବାସ୍ୟମିଦଂ ସର୍ବଂ ଯତ୍ କିଞ୍ଚ ଜଗତ୍ୟାଂ ଜଗତ୍ ।
ତେନ ତ୍ୟକ୍ତେନ ଭୁଞ୍ଜୀଥା ମା ଗୃଧଃ କସ୍ୟସ୍ୱିଦ୍ ଧନମ୍ ।୧।''

ଶଙ୍କର ଏହାର ଅର୍ଥ କରିଥିଲେ : ଏହି ବିଶ୍ୱର ଅଳୀକତା ସମ୍ବନ୍ଧେ ଉପଲବ୍ଧି କରି ତାହା ପ୍ରତି ଆସକ୍ତି ପରିତ୍ୟାଗ କଲେ ବ୍ୟକ୍ତି ଶୁଦ୍ଧ ବ୍ରହ୍ମଙ୍କୁ ଆବିଷ୍କାର କରିପାରିବ । କିନ୍ତୁ ଶ୍ରୀଅରବିନ୍ଦ ନିଜ ଦୃଷ୍ଟିକୋଣରୁ ବିଚାର କରି ଟୀକା କରିଛନ୍ତି – ଏହି ଜଗତରେ ଯାହାକିଛି ଅଭିବ୍ୟକ୍ତ ହୋଇଛି ସେ ସକଳହିଁ ପରମପ୍ରଭୁଙ୍କ ଆବାସ । ବ୍ୟକ୍ତି ଯାହା କିଛି ନିଜର ଭାବିଥାଏ, ସେସବୁ ତାଙ୍କ ବିଶ୍ୱଗତ ସ୍ପନ୍ଦନର ଅଂଶମାତ୍ର । ଏହା ଉପଲବ୍ଧି କରି ବ୍ୟକ୍ତି ସାଂସାରିକ ବିଷୟବସ୍ତୁ ପ୍ରତି ବାସନା ଓ ଆସକ୍ତି ପରିତ୍ୟାଗ କଲେ ସେ ଜୀବନରେ ସୁଖୀ ହୁଏ । ପରବର୍ତ୍ତୀ ଶ୍ଳୋକଟି –

''କୁର୍ବନ୍ନେବେହ କର୍ମାଣି ଜିଜୀବିଷେଚ୍ଛତଂ ସମାଃ ।
ଏବଂ ତ୍ୱୟି ନାନ୍ୟଥେତୋଽସ୍ତି ନ କର୍ମ ଲିପ୍ୟତେ ନରେ ।୨।''

ଶଙ୍କର ଏହି ଶ୍ଳୋକଟିର ଅର୍ଥ କରିଥିଲେ – ଏହି ଜଗତରେ ଅଜ୍ଞାନୀ ବ୍ୟକ୍ତିମାନେହିଁ ଶତ ବର୍ଷଯାଏ କର୍ମ ବନ୍ଧନରେ ଆବଦ୍ଧ ହୋଇ ରହିବାକୁ ଚାହାନ୍ତି । କିନ୍ତୁ ଯେ ଆତ୍ମଜ୍ଞାନୀ ସେ ସକଳ କର୍ମ ଓ କର୍ମ-କୋଳାହଳ ସଂସାର ତ୍ୟାଗ କରି ବନଗମନ କରେ । କିନ୍ତୁ ଶ୍ରୀଅରବିନ୍ଦ ଏକ ସର୍ବାଙ୍ଗୀନ ଦୃଷ୍ଟିକୋଣରୁ ବିଚାର କରି ଟୀକା କରିଛନ୍ତି : 'କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟ ନରଖି

ଏବଂ ବାସନାରୁ ମୁକ୍ତ ହୋଇ କେବଳ ଭଗବାନଙ୍କ ଚେତନାରେ ବାସ କରି ତାଙ୍କରି ଉଦ୍ଦେଶ୍ୟରେ କର୍ମ କରିବା ଫଳରେ ବ୍ୟକ୍ତି କର୍ମ ବନ୍ଧନରୁ ମୁକ୍ତ ହୁଏ । ଏଭଳି କର୍ମରତ ରହି ପୃଥିବୀରେ ଶତବର୍ଷ ବଞ୍ଚି ରହିବା ପାଇଁ ବ୍ୟକ୍ତିର ଇଚ୍ଛା ପୋଷଣ ଅବଶ୍ୟ କର୍ତ୍ତବ୍ୟ ।' ('କୁର୍ବନ୍ନେବେହ' ଶବ୍ଦଟିରେ 'ଏବହ' କର୍ମ ଅବଶ୍ୟ କରଣୀୟ ସୂଚାଇ ଦିଏ, କର୍ମରୁ ବିରତ ହେବା ନୁହେଁ ।)

ବନ୍ଧୁ ରୂପେ ସହଜ ଓ ସରଳ ଭାବେ ସେ ଯେଉଁ କେତେକ ତଥ୍ୟ କହିଥିଲେ ସେଗୁଡ଼ିକ ଥିଲା ଶ୍ରୀଅରବିନ୍ଦ ସାହିତ୍ୟ ପ୍ରତି ମୋର ଆଦ୍ୟପାଠ । ତାଙ୍କଠାରୁ ଶୁଣି ଶ୍ରୀଅରବିନ୍ଦ ସାହିତ୍ୟରେ ଥିବା ଅମୂଲ୍ୟ ସମ୍ପଦର ଭଣ୍ଡାର କ୍ରମେ କ୍ରମେ ଆବିଷ୍କାର କଲି ଏବଂ ପରମପ୍ରଭୁଙ୍କ କୃପାରୁ ସେଥିରୁ କେତେକ ବହୁ ମୂଲ୍ୟ ଜ୍ଞାନ ପାଇବା ସୌଭାଗ୍ୟ ଲାଭ କଲି । ବାସ୍ତବରେ ସେ ଥିଲେ ମୋର ବନ୍ଧୁ, ଦାର୍ଶନିକ ଓ ମାର୍ଗଦର୍ଶକ ।

(୨୮ ଜୁନ୍, ୧୯୯୦ରେ ମାତୃଭବନ ଦ୍ୱାରା ପ୍ରକାଶିତ 'A Flame of Gratitude' ଶୀର୍ଷକ ସ୍ମରଣିକାରୁ ସଂଗୃହୀତ)

❑❑❑

# ସାଗର ଏକତ୍ୱ

## ଶ୍ରୀଅରବିନ୍ଦ



ନୀରବ ଚତୁର୍ଦ୍ଦିଗ, ମୋର ବିଶାଳ ଅନିର୍ବଚନୀୟ;
ସିନ୍ଧୁ ପରେ ଶ୍ୱେତପକ୍ଷୀ ଲମ୍ଫ ଦେଇ ଉଡ଼ିଯାଏ;
ଶବ୍ଦହୀନ ସୁନୀଳ ସାଗର ମୌନେ ଚାହିଁ ରହେ,
ବାଣୀହୀନ ନୀଳତର ଅନ୍ତରୀକ୍ଷ ଦିଗେ ।

ଅସୀମ ଓ ନୀରବତା ସହ ହୋଇ ଏକୀଭୂତ
ଆତ୍ମା ମୋର ପ୍ରସାରିତ ବିଶ୍ୱେ କରି ଆଲିଙ୍ଗନ
ଏଯାବତ୍ ସତ୍ୟ ହେବ ଆପାତଃ ପ୍ରତୀୟମାନ,
ଏକମେବ ପରାକ୍ରମୀ ଅଦ୍ୱୟ ବିରାଟେ ।

ନାମହୀନ, ଦେହହୀନ କିଏ ଜଣେ ଧ୍ୟାନସ୍ଥ ସେଠାରେ,
ନିଃସଙ୍ଗ, ଚୈତନ୍ୟମୟ, ମୃତ୍ୟୁଞ୍ଜୟ ଓ ସୀମାହୀନ,
ଏବଂ, ଏକା ଏକ ନିର୍ବିଚଳ ଚିରନ୍ତନ ମହୋଲ୍ଲାସେ,
କରି ସର୍ବେ ଆହରଣ ତା' ହୃଦୟ ମଧ୍ୟେ ।

[ଶ୍ରୀଅରବିନ୍ଦଙ୍କ ରଚିତ **"Ocean Oneness"** କବିତାର ଭାଷାନ୍ତର]

ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

# ଲକ୍ଷ୍ୟ ସିଦ୍ଧିରେ କେନ୍ଦ୍ରୀୟ ସଂକଳ୍ପ

**ରାମକୃଷ୍ଣ ଦାସ**

ଜୀବନର ଲକ୍ଷ୍ୟସିଦ୍ଧିର ଆଧାର ବା ଭିତ୍ତି କେନ୍ଦ୍ରୀୟ ସଂକଳ୍ପ । କେନ୍ଦ୍ରୀୟ ସଂକଳ୍ପ ସମସ୍ତ ପ୍ରକାର ପ୍ରତିକୂଳ ଅବସ୍ଥା, ପ୍ରତିକୂଳ ଗତିବୃତ୍ତି ସକାଶେ ରକ୍ଷାକବଚ । କେନ୍ଦ୍ରୀୟ ସଂକଳ୍ପ ଦୃଢ଼ ହେଲେ ଲକ୍ଷ୍ୟପ୍ରାପ୍ତିର ସାହାଯ୍ୟକାରୀ ଦୁର୍ବଳ ଭାଗସକଳ ସବଳ ହୁଅନ୍ତି । ନିରୁତ୍ସାହ ସ୍ଥାନରେ ଆସେ ନୂତନ ଉତ୍ସାହ, ଦୁର୍ବଳତା ସ୍ଥାନରେ ଆସେ ଅଦମ୍ୟ ଶକ୍ତି । ତାମସିକତା ପରିଣତ ହୁଏ କର୍ମତତ୍ପରତାରେ । ଅନ୍ତରରେ ସୁପ୍ତ ଥିବା ଶ୍ରଦ୍ଧା, ବିଶ୍ୱାସ, ଦୃଢ଼ତା, ଭଗବାନଙ୍କ ପ୍ରତି ସମର୍ପଣଭାବ, ଭଗବାନଙ୍କ ଉପରେ ନିର୍ଭରତା, ଭକ୍ତି, ଜ୍ଞାନ, ବିବେକ ହୁଏ ଜାଗ୍ରତ୍ । ତ୍ରସ୍ତ ତାପତପ୍ତ, ମ୍ରିୟମାଣ ଜୀବନ-ବୃକ୍ଷରେ ହୁଏ ଭଗବତ୍ କୃପାରୂପ ଶୀତଳ ଜଳର ବୃଷ୍ଟି; ଶାନ୍ତି, ସନ୍ତୋଷ, ଆନନ୍ଦରୂପକ ନୂତନ ଶାଖା-ପ୍ରଶାଖା ଓ ପୁଷ୍ପଫଳରେ ତାହା ହୁଏ ମଣ୍ଡିତ । ସଂସାର-ପରିଶ୍ରାନ୍ତ, ଆନ୍ତର ଏବଂ ବାହ୍ୟ ଦୁଃଖଦ୍ୱନ୍ଦ୍ୱ ରୌଦ୍ରତାପତପ୍ତ ପ୍ରାଣିସକଳଙ୍କୁ ଦିଏ ଜୀବନଲକ୍ଷ୍ୟର ସୁଶୀତଳ ଛାୟା, ଭଗବତ୍ ଆଶ୍ରୟରୂପ ସୁସ୍ୱାଦୁ ରସାଳ ଫଳ । ଜୀବନ ହୁଏ ସରସ, ଆନନ୍ଦମୟ । ଦୃଢ଼ ସଂକଳ୍ପରେ ବ୍ୟକ୍ତିର ଜୀବନ ହୁଏ ମହାନ୍, ବିଶାଳ । ଦୃଢ଼ ସଂକଳ୍ପ ବ୍ୟତୀତ ବ୍ୟକ୍ତି ହୁଏ ଭୀରୁ, ଅସମର୍ଥ, ଅଯୋଗ୍ୟ, ପ୍ରତ୍ୟେକ କାର୍ଯ୍ୟରେ ହୁଏ ଅସଫଳ । ତାହା ଦ୍ୱାରା ସାଂସାରିକ କାର୍ଯ୍ୟ ସାଧିତ ହୁଏ ନାହିଁ କି ଅଧ୍ୟାତ୍ମ ଲକ୍ଷ୍ୟ ପ୍ରାପ୍ତି ହୁଏ ନାହିଁ । ସଂକଳ୍ପବିହୀନ ବ୍ୟକ୍ତି ସାଂସାରିକ ତଥା ପରମାର୍ଥିକ ଉଭୟ କର୍ମ ସକାଶେ ଅଯୋଗ୍ୟ । ତା' ଜୀବନ ନିରର୍ଥକ ।

### ଦୃଢ଼ ବିଶ୍ୱାସରେ କର୍ମ ସିଦ୍ଧି

ମନୁଷ୍ୟ ଜୀବନ ସମ୍ଭାବନାରେ ପୂର୍ଣ୍ଣ । ତା' ମଧ୍ୟରେ ସମସ୍ତ ଅଲୌକିକ ଶକ୍ତି ସୁପ୍ତ ରୂପେ ନିହିତ । ସେ ଭଗବତ୍ ପ୍ରତିଭୂ ବା ଅଂଶ । ସେ ଜୀବନରେ ସମସ୍ତ ଶକ୍ତିକୁ ଜାଗ୍ରତ୍ କରିପାରେ, ଇନ୍ଦ୍ରାଦି ଦେବତାଙ୍କୁ ଅତିକ୍ରମ କରି ଭଗବାନଙ୍କ ପୂର୍ଣ୍ଣ ଯନ୍ତ୍ର ହୋଇପାରେ ଅଥବା ଜାଗତିକ ଯେକୌଣସି କାର୍ଯ୍ୟସିଦ୍ଧି କରି ଜଗତ୍ପୂଜ୍ୟ ହୋଇପାରେ । ଏହା ହୁଏ ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ଗ୍ରହଣ କରିବାରେ । ଏହା ଛଡ଼ା ବ୍ୟକ୍ତି ଦ୍ୱିପଦବିଶିଷ୍ଟ ପଶୁ ସଦୃଶ ଉଦର ପୂର୍ଣ୍ଣ କରିବା ଛଡ଼ା ଆଉ କିଛି କରିପାରେ ନାହିଁ । ଏପରି ବ୍ୟକ୍ତି ଦେବ ଦୁର୍ଲଭ ମନୁଷ୍ୟ ଶରୀର ପାଇ ବ୍ୟର୍ଥରେ ନଷ୍ଟ କରେ ।

ସଂକଳ୍ପର ଅର୍ଥ କାର୍ଯ୍ୟସିଦ୍ଧି ସକାଶେ ଦୃଢ଼ ନିଶ୍ଚୟ । ଏହାର ସହାୟକ ବିଶ୍ୱାସ, ଧୈର୍ଯ୍ୟ, ଅଧ୍ୟବସାୟ ଏବଂ ଯଥାର୍ଥ ବିଚାର । ଏହିସବୁର ଅଭାବରେ ଲକ୍ଷ୍ୟ ସିଦ୍ଧି ହୁଏ ନାହିଁ ତଥା ସଂକଳ୍ପ ଦୃଢ଼ ବୋଲି କୁହାଯାଇ ପାରେ ନାହିଁ । ଯେପରି କୌଣସି ବ୍ୟକ୍ତି ପଢ଼ିବା ଲକ୍ଷ୍ୟ ଗ୍ରହଣ କରିଥାଏ, ସେଥିରେ ଦୃଢ଼ ସଂକଳ୍ପ ନ ଥିଲେ ଅଧ୍ୟବସାୟ କରିପାରେ ନାହିଁ । ଅର୍ଥାତ୍, ନିୟମିତ ରୂପେ ଆଗ୍ରହ ସହିତ ପଢ଼ିପାରେ ନାହିଁ, ପରୀକ୍ଷାରେ ଫେଲ୍ ହୁଏ, ଧୈର୍ଯ୍ୟ ନ ଥିବାରୁ ପଢ଼ା ମଧ୍ୟ ଛାଡ଼ିଦିଏ । ଅଥବା ଅର୍ଥର ଅଭାବ, ପାରିପାର୍ଶ୍ୱିକ ପ୍ରତିକୂଳ ଅବସ୍ଥାର ସମ୍ମୁଖୀନ ହୋଇ ନ ପାରି ପଢ଼ା ବନ୍ଦ କରେ କିଂବା ଶିକ୍ଷକଙ୍କ ସଙ୍ଗେ ଅଥବା ଅଭିଭାବକଙ୍କ ସଙ୍ଗେ ଝଗଡ଼ା କରି ପଢ଼ା ଛାଡ଼ି ବାବାଜି ହେବାକୁ ଯାଏ । ସଂସାର-ଆସକ୍ତି, କାମନା-ବାସନାରେ ବୈରାଗ୍ୟ ନଥାଏ, ଭଗବତ୍ ପ୍ରାପ୍ତିରେ ତୀବ୍ରତା ବା ଦୃଢ଼ତା ନଥାଏ, ବୈରାଗୀ ଜୀବନରେ ସାଂସାରିକ ବସ୍ତୁ ଚାହେଁ । ଏହି ପ୍ରତିକୂଳ ଅବସ୍ଥା ବେଶୀ ଦିନ ଚାଲେ ନାହିଁ । ହତାଶ ହୋଇ ଦୁଇ, ଚାରି ବର୍ଷ ଦାତବ୍ୟ ଅନ୍ନରେ ଉଦରପୋଷଣ କରି 'ପୁନର୍ମୂଷିକୋଭବ' ନ୍ୟାୟରେ ପୁନରାୟ ଘରକୁ ଫେରେ । ଯଦି କିଂକର୍ତ୍ତବ୍ୟବିମୂଢ଼ ହୋଇ ସନ୍ନ୍ୟାସ ସମାଜରେ ରହେ, ତେବେ ସଂସାର କର୍ତ୍ତବ୍ୟ ଛାଡ଼େ, ପରମାର୍ଥ ଲାଭ କରିପାରେ ନାହିଁ, ବ୍ୟର୍ଥରେ ଜୀବନ ନଷ୍ଟ କରେ । ଧୋବା କୁକୁର ସଦୃଶ ଘରକୁ ବା ଘାଟକୁ ହୁଏ ନାହିଁ ।

ଦୃଢ଼ ନିଶ୍ଚୟ, ଧୈର୍ଯ୍ୟ, ଅଧ୍ୟବସାୟ ବିନା ସେହିପରି ବ୍ୟକ୍ତି ସଂଗୀତ, ନୃତ୍ୟାଦି ବିଭିନ୍ନ କଳାରେ ମଧ୍ୟ ସଫଳ ହୋଇପାରେ ନାହିଁ । ସେହିପରି ବ୍ୟବସାୟ ବାଣିଜ୍ୟ । ଦୃଢ଼ ସଂକଳ୍ପ, ଧୈର୍ଯ୍ୟ, ଅଧ୍ୟବସାୟ ସହିତ ବ୍ୟବସାୟ ଆରମ୍ଭ କଲେ ପ୍ରଥମରୁ ଅଳ୍ପମାତ୍ରାରେ ଆରମ୍ଭ କରିବା ଉଚିତ । ସେଥିରେ ଅନୁଭୂତି ପ୍ରାପ୍ତ ହୁଏ, ବ୍ୟବସାୟ ଜ୍ଞାନ ଉତ୍ପନ୍ନ ହୁଏ, ତେବେ ବ୍ୟକ୍ତି କ୍ରମଶଃ ତାହା ବୃଦ୍ଧି କରିପାରେ । ଏହି ପ୍ରଣାଳୀରେ ସେ

ଲକ୍ଷ୍ୟସିଦ୍ଧି କରିପାରେ । କୌଣସି ବ୍ୟକ୍ତି ଅଳ୍ପରୁ ଆରମ୍ଭ ନ କରି, ଯଦି ଅଧିକ ମାତ୍ରାରେ ବ୍ୟବସାୟ କରିବାକୁ ଚାହେଁ, ତେବେ ବ୍ୟବସାୟର ଜ୍ଞାନପ୍ରାପ୍ତ ହେବା ସକାଶେ କୌଣସି ବ୍ୟବସାୟ ସଂସ୍ଥାରେ କାର୍ଯ୍ୟ ଗ୍ରହଣ କରି, ସେଠାରେ ରହି, ବ୍ୟବସାୟର ସମସ୍ତ ଦିଗର ଶିକ୍ଷା ଏବଂ ଜ୍ଞାନପ୍ରାପ୍ତ ହେବା ପରେ ବଡ଼ ଧରଣର ବ୍ୟବସାୟ ସେ ସ୍ୱୟଂ ଆରମ୍ଭ କରିପାରେ । ଦୃଢ଼ ସଂକଳ୍ପ, ଧୈର୍ଯ୍ୟ, ଅଧ୍ୟବସାୟ, ଅନୁଭୂତି ବିନା ବ୍ୟକ୍ତି ବ୍ୟବସାୟ ଆରମ୍ଭ କଲେ, ଶେଷରେ ମୂଳଧନ ହରାଇ ଦରିଦ୍ର ହୋଇ ଜୀବନ ନଷ୍ଟ କରେ । ଚାକିରି କ୍ଷେତ୍ରରେ ମଧ୍ୟ ସେହିପରି । ଏହିସବୁ ଗୁଣ ଅଭାବରୁ କୌଣସି ଉପରିସ୍ଥ ଅଫିସରଙ୍କ ଅନ୍ୟାୟ ବା ଦୁର୍ବ୍ୟବହାର ଯୋଗୁଁ ବ୍ୟକ୍ତି ଉତ୍ତେଜନାରେ ଆସି ଆଗପଛ କିଛି ବିଚାର ନକରି ଅନ୍ୟାୟ ବିରୋଧରେ ଲଢ଼ିବା ପାଇଁ ଚାକିରିରୁ ଇସ୍ତଫା ଦେଇ ବେକାର ହୋଇ ଘରେ ବସେ । ନାନାପ୍ରକାର ଅଭାବ, ଅନଟନର ସମ୍ମୁଖୀନ ହୋଇ ଶେଷରେ ପରିବାର ଏବଂ ସମାଜରେ ବିଶେଷ ଭାବେ ଅପମାନିତ ହୁଏ । ଏଠାରେ ଗୋଟିଏ ଘଟଣା ଉଲ୍ଲେଖ କରିବା –

ଜଣେ ପ୍ରଫେସର ସରକାରୀ କଲେଜରେ ସାତ, ଆଠ ଶହ ଟଙ୍କା ବେତନ ପାଇ କାର୍ଯ୍ୟ କରୁଥିଲେ । ଅଧ୍ୟକ୍ଷଙ୍କ ସଙ୍ଗେ ଝଗଡ଼ା କରି କିଛି ବିଚାର ନ କରି ଇସ୍ତଫା ଦେଇ ସସ୍ତ୍ରୀକ ଶ୍ୱଶୁର ଘରେ ଯାଇ ରହିଲେ । ପାଖରେ ଥିବା ପଇସା ଶେଷ ହେଲା । ଏତେ ବଡ଼ ପ୍ରଫେସର ଛୋଟ ଚାକିରି କରିବାରେ ଅପମାନ ମନେ କଲେ । ଖାଲି ବସି ରହି ଖାଇବାରୁ ଶ୍ୱଶୁର ଏବଂ ଶାଳକମାନଙ୍କ ସହିତ ଝଗଡ଼ା ହେଲା । ଶେଷରେ ଶ୍ୱଶୁର ଝିଅକୁ ରଖି ତାଙ୍କୁ ବାହାର କରିଦେଲେ । ସେତେବେଳେ ପାଖରେ ଗୋଟିଏ ପଇସା ନଥିଲା । ପେଟ ଏସବୁ ଦେଖେ ନାହିଁ; କ୍ଷମା କରିବା ତା' ଜାତକରେ ନାହିଁ, ସର୍ବଦା ନିଜ ଦାବି ପୂରଣ କରେ । ଶେଷରେ ଗୋଟିଏ ପ୍ରେସମାଲିକଙ୍କୁ ସବୁ ଘଟଣା କହିଲେ । ତାଙ୍କ ପ୍ରେସରେ ବ୍ୟକ୍ତିର ଆବଶ୍ୟକତା ନ ଥିବା ସତ୍ତ୍ୱେ ପ୍ରଫେସରଙ୍କ ଦୈନ୍ୟ ଅବସ୍ଥାରେ ଦୟା କରି ଶହେ ଟଙ୍କାରେ ନିଜ ପ୍ରେସରେ ତାଙ୍କୁ ନିଯୁକ୍ତ କରିଦେଲେ । କିଛିଦିନ ରହିବା ପରେ ଅନ୍ୟ ସ୍ଥାନରେ ଦେଢ଼, ଦୁଇ ଶହ ଟଙ୍କାରେ ଚାକିରି କଲେ । ପ୍ରଫେସରଙ୍କ ଅବିଚାରତା ଦେଖି ତାଙ୍କ ସ୍ତ୍ରୀ ପିତାଙ୍କ ଘରେ ପଢ଼ାପଢ଼ି କରି ପାସ୍ କରି ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟ କଲେ । ପତି ସହିତ କୌଣସି ସମ୍ପର୍କ ରଖିଲେ ନାହିଁ । ଏହି ମନସ୍ତାପରେ ପ୍ରଫେସରଙ୍କ ଜୀବନ ବହୁତ ଅଶାନ୍ତ ଏବଂ ଦ୍ୱନ୍ଦ୍ୱମୟ ହେଲା । ତାଙ୍କ ଅବସ୍ଥା ମୁଁ ନିଜେ ଦେଖିଛି । ଅଳ୍ପ ବେତନ ଯୋଗୁଁ ଭଲ ଘରେ ରହି ପାରନ୍ତି ନାହିଁ, ଚାକର ରଖି ପାରନ୍ତି ନାହିଁ, ନିଜ ହାତରେ ରୋଷେଇ କରନ୍ତି । ଦୁଃଖରେ ରହି ପୂର୍ବ ସୁଖସୁବିଧାକୁ ସ୍ମରଣ କରି ମନସ୍ତାପ କରୁଥାଆନ୍ତି । ଏହା ହେଲା ତାଙ୍କ ଜୀବନରେ କୌଣସି ଲକ୍ଷ୍ୟପ୍ରାପ୍ତିର ଦୃଢ଼ ସଂକଳ୍ପ ନ ଥିବାରୁ ।

ସେହିପରି ରାଜନୀତି କ୍ଷେତ୍ରରେ ବହୁ ବ୍ୟକ୍ତିଙ୍କ ଜୀବନରେ ଏହିପରି ଘଟିଥାଏ । ଦେଶୋନ୍ନତିର ଦୃଢ଼ ସଂକଳ୍ପ ବିନା ବ୍ୟକ୍ତି ପଢ଼ିବା ଛାଡ଼ି ରାଜନୀତିରେ ପ୍ରବେଶ କରନ୍ତି, କେବଳ ଥାଏ ସ୍ୱାର୍ଥସିଦ୍ଧି । ସ୍ୱାର୍ଥ ଯୋଗୁଁ ମନୁଷ୍ୟ ଅନ୍ଧ ଏବଂ ଅଜ୍ଞାନ ହୋଇ କୁମାର୍ଗଗାମୀ ହୁଏ । ବ୍ୟକ୍ତି ସ୍ୱାର୍ଥସିଦ୍ଧି ଆଶାରେ ଗୋଟିଏ ସଂଘ ଛାଡ଼ି ଅନ୍ୟ ସଂଘରେ ଯୋଗ ଦିଅନ୍ତି । ନିଜର ସ୍ୱାର୍ଥ ଆଶା ଯୋଗୁଁ ସଂଘରେ ନିଷ୍ଠା ନ ଥାଏ । ଯିଏ ଅଧିକ ଟଙ୍କା ଦିଏ ସେହି ନେତାଙ୍କୁ ଭୋଟ ଦିଅନ୍ତି । ଦେଶର ଉନ୍ନତିରେ ଯଥାର୍ଥ ନିଷ୍ଠା ଅଭାବରୁ ତାଙ୍କୁ ବ୍ୟକ୍ତି ବିଶ୍ୱାସ କରନ୍ତି ନାହିଁ । ଯଦି ସେ କଳକୌଶଳରେ, ଫନ୍ଦିଫିକରରେ, ଅନ୍ୟାୟଅସତ୍ୟ ଓ ପଇସାର ଜୋର୍‌ରେ ନେତା ହୋଇଯାଆନ୍ତି, ଇଲେକ୍ସନରେ ଜିତି ମନ୍ତ୍ରୀ ହୁଅନ୍ତି, ତେବେ ତାଙ୍କୁ ବ୍ୟକ୍ତି ଶ୍ରଦ୍ଧା ବା ବିଶ୍ୱାସ କରନ୍ତି ନାହିଁ । କେବଳ ପଇସା ପାଇବା ଆଶାରେ ତାଙ୍କୁ ନେତା ମାନନ୍ତି । ଲୋକଙ୍କର ହାର୍ଦ୍ଦିକ ଶ୍ରଦ୍ଧା, ବିଶ୍ୱାସ ତାଙ୍କ ପ୍ରତି ନ ଥିବାରୁ ନିଜ ଅଧିକାର ରକ୍ଷାର ଚିନ୍ତା ତାଙ୍କର ବରାବର ଥାଏ; ଜୀବନରେ ସୁଖଶାନ୍ତି ମିଳେ ନାହିଁ, ଦେଶର ଉନ୍ନତି କରିପାରନ୍ତି ନାହିଁ; ଠେଲାଠେଲି କରି କିଛି ଦିନ କାମ ଚଳାନ୍ତି । ଶେଷରେ ନାନାପ୍ରକାର ଲାଞ୍ଛନା ଆସେ, ଦୁଃଖବିଷାଦ ଓ ବିଫଳ ମନୋରଥରେ ଅବସର ଗ୍ରହଣ କରନ୍ତି ।

ସାଂସାରିକ କର୍ମସିଦ୍ଧି ଲକ୍ଷ୍ୟରେ ଯେଉଁମାନଙ୍କର ଦୃଢ଼ ସଂକଳ୍ପ ଥାଏ, ଧୈର୍ଯ୍ୟ, ଉତ୍ସାହ, ଶ୍ରଦ୍ଧା, ବିଶ୍ୱାସ, କଳ-କୌଶଳରେ ତତ୍ପରତା ସହିତ ପ୍ରାଣପଣେ କର୍ମ କରନ୍ତି ସେମାନେ ବିଦ୍ୟା, କୃଷି-ବାଣିଜ୍ୟ, ଚାକିରି, ରାଜନୀତିରେ ସଫଳ ହୁଅନ୍ତି । କିନ୍ତୁ ହୃଦୟ ବା ଆନ୍ତରିକ ଭାବ ସମ୍ବନ୍ଧେ ସେମାନେ ସଚେତନ ନ ଥା'ନ୍ତି; ହୃଦୟର ଭଲ, ମନ୍ଦ ବୃତ୍ତି ଦ୍ୱାରା ବାହ୍ୟ କର୍ମ ନିୟନ୍ତ୍ରିତ ହୁଏ ବୋଲି ସେମାନେ ଜାଣିପାରନ୍ତି ନାହିଁ । ହୃଦୟର ଉତ୍ତମ ଭାବ, ବିବେକ, ସତ୍ୟ, ନ୍ୟାୟ, ଶାନ୍ତି, ଆନନ୍ଦ ଏବଂ ସୁପ୍ତ ଆନ୍ତର ଚେତନାକୁ ଜାଗ୍ରତ୍ ବା ବିକାଶ କରିବାକୁ ଚେଷ୍ଟା କରନ୍ତି ନାହିଁ । କେବଳ ବାହ୍ୟ କର୍ମ ଦ୍ୱାରା ନିଜ ଜୀବନର ଏବଂ ସଂସାରର

ଉନ୍ନତି ଚାହାନ୍ତି; କର୍ମରେ ନିଷ୍ଠା ଏବଂ ତତ୍ପରତା ଯୋଗୁଁ ବାହ୍ୟ କର୍ମରେ ଯଦ୍ୟପି ସଫଳତା ମିଳେ ତାହା ସ୍ଥାୟୀ ହୁଏ ନାହିଁ କିଂବା ତଦ୍ଦ୍ୱାରା ଜୀବନରେ ଏବଂ ଜଗତରେ ସୁଖଶାନ୍ତି ପ୍ରାପ୍ତ ହୁଏ ନାହିଁ । ଏହା ଏକେବାରେ ପ୍ରତ୍ୟକ୍ଷ । ମନୁଷ୍ୟର ବୁଦ୍ଧି ପ୍ରଚୁର ପରିମାଣରେ ବିକଶିତ ହୋଇପାରେ, ସେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରି ବ୍ୟକ୍ତିଙ୍କୁ ଚକିତ କରିପାରେ; କିନ୍ତୁ ଭଗବାନଙ୍କ ସଂସ୍ପର୍ଶ ବ୍ୟତୀତ ବିବେକ ଉତ୍ପନ୍ନ ହୁଏ ନାହିଁ । ବିବେକ ବିନା ବ୍ୟକ୍ତି ନିଜ ଜୀବନର ଲକ୍ଷ୍ୟ ଏବଂ ଜଗତରେ ସୁଖଶାନ୍ତି ସ୍ଥାପନ ହେବାର ନିର୍ଭୁଲ ଉପାୟ ବୁଝିପାରେ ନାହିଁ ।

ଯଥାର୍ଥରେ ବାହ୍ୟ କର୍ମ ଦ୍ୱାରା ଜୀବନର ଲକ୍ଷ୍ୟସିଦ୍ଧି ନିର୍ଭର କରେ ନାହିଁ, ନିର୍ଭର କରେ ହୃଦୟର ଉତ୍ତମ ଭାବ ଦ୍ୱାରା ବାହ୍ୟ କର୍ମ ସମ୍ପାଦିତ ହେବାରେ । ବ୍ୟକ୍ତିର ହାର୍ଦ୍ଦିକ ଭାବ ଯଦି ଅସତ୍ୟ, ଅନ୍ୟାୟ, ସ୍ୱାର୍ଥ, ଈର୍ଷ୍ୟା ତ୍ୟାଗ କରି ଅନ୍ୟର ହିତ କରିବା ଉଦ୍ଦେଶ୍ୟ ଥାଏ, ତେବେ କର୍ମରେ ଏହାହିଁ ପ୍ରତିଫଳିତ ହୁଏ । ହୃଦୟରେ ସଦ୍‌ଭାବନା ନ ଥିଲେ କେବଳ ବାହ୍ୟ ବିଚାରରେ ବ୍ୟକ୍ତି ଯେଉଁ ଉତ୍ତମ ଧାରଣା କରିଥାଏ, ହୃଦୟର ଅସତ୍ ବୃତ୍ତି ଦ୍ୱାରା ତାହା ନଷ୍ଟ ହୋଇଯାଏ । ଅସଦ୍‌ଭାବ ଦୂର ହୁଏ, ସଦ୍‌ଭାବ ଉତ୍ପନ୍ନ ହୁଏ ଭଗବାନଙ୍କୁ ହୃଦୟ-ମନ୍ଦିରରେ ପ୍ରତିଷ୍ଠା କଲେ । କାରଣ ସତ୍ୟ, ନ୍ୟାୟ, ଜ୍ଞାନ, ବିବେକ, ଆନନ୍ଦ, ପରମ ଶାନ୍ତିର ଆଧାର ବା ସ୍ୱରୂପ ଭଗବାନ୍ । ସୂର୍ଯ୍ୟ ବିନା ନାନାପ୍ରକାର ଆଲୋକ ଜାଳିଲେ ଯେପରି ଅନ୍ଧକାର ଦୂର ହୁଏ ନାହିଁ, ସେହିପରି ଭଗବାନଙ୍କ ବିନା ବ୍ୟକ୍ତି ବହୁଚେଷ୍ଟା କଲେ ସୁଦ୍ଧା ତା' ହୃଦୟରେ ସଦ୍‌ଗୁଣ ପ୍ରତିଷ୍ଠିତ ହୋଇପାରେ ନାହିଁ । ଏହି ସଦ୍‌ଗୁଣ ଛଡ଼ା ବ୍ୟକ୍ତି କୌଣସି ଉତ୍ତମ କାର୍ଯ୍ୟ ନିଜ ଜୀବନରେ ବା ସଂସାରରେ ସମ୍ପନ୍ନ କରିପାରେ ନାହିଁ । ଆଜି ପର୍ଯ୍ୟନ୍ତ ଭଗବାନଙ୍କୁ ବାଦ୍ ଦେଇ କେବଳ ସାଂସାରିକ କର୍ମ କରାହେଉଛି । ସେଥିସକାଶେ ସଂସାରରେ ସୁଖଶାନ୍ତି ସ୍ଥାପିତ ହୋଇ ନାହିଁ । ସୂର୍ଯ୍ୟ ପଶ୍ଚିମରେ ଉଦୟ ହୋଇପାରନ୍ତି; ମାତ୍ର ଭଗବାନଙ୍କ ଆଶ୍ରୟରେ ଦୃଢ଼ ସଂକଳ୍ପ ସହ କର୍ମ କରିବା ଛଡ଼ା ଜୀବନରେ ତଥା ସଂସାରରେ ସୁଖଶାନ୍ତି ପ୍ରତିଷ୍ଠିତ ହେବା ଅସମ୍ଭବ ।

## ଅଧ୍ୟାତ୍ମ ଜୀବନରେ ଲକ୍ଷ୍ୟପ୍ରାପ୍ତିର ଦୃଢ଼ନିଷ୍ଠା

ଦୃଢ଼ ସଂକଳ୍ପ ଛଡ଼ା ଜାଗତିକ କର୍ମ ସଫଳ ନ ହେଲେ ବି କିଛି ଅଂଶରେ କରାଯାଇ ପାରେ । କିନ୍ତୁ ଅଧ୍ୟାତ୍ମ ମାର୍ଗରେ ଭଗବାନଙ୍କ ଆଶ୍ରୟରେ ଦୃଢ଼ ସଂକଳ୍ପ ଛଡ଼ା ପାଦ ରଖିବା ସମ୍ଭବ ହୁଏ ନାହିଁ । ସାଧାରଣ ଜୀବନରେ ବ୍ୟକ୍ତି ନିଜର ଦୋଷତ୍ରୁଟି, ପ୍ରତିକୂଳ ଅବସ୍ଥା ସମ୍ବନ୍ଧେ ଅଚେତ ଥାଏ । ଅଧ୍ୟାତ୍ମ ଜୀବନରେ ପ୍ରବେଶ କରିବାମାତ୍ରେ ଜୀବନର ଲକ୍ଷ୍ୟ ସମ୍ମୁଖରେ ରହେ । ସେହି କାରଣରୁ ପ୍ରତିକୂଳ ଅବସ୍ଥା ସମ୍ବନ୍ଧେ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତ ଭାବେ ସଚେତ ହୁଏ । ସାଧକ ପ୍ରତିପଦରେ ବାଧାବିପତ୍ତିର ସମ୍ମୁଖୀନ ହୁଏ । ଯେଉଁମାନଙ୍କର ଲକ୍ଷ୍ୟପ୍ରାପ୍ତିର ଦୃଢ଼ ସଂକଳ୍ପ ନଥାଏ, ସେମାନେ ବାଧାବିପତ୍ତିର ସମ୍ମୁଖୀନ ହୋଇପାରନ୍ତି ନାହିଁ । ବାଧ ହୋଇ ସାଧାରଣ ଜୀବନକୁ ଫେରିଯାଆନ୍ତି । କୌଣସି କାରଣ ବଶତଃ ଘରକୁ ନ ଫେରି ଯଦି ଅଧ୍ୟାତ୍ମ ସଂଘରେ ରହିବାକୁ ହୁଏ, ତେବେ ସମସ୍ତ ଜୀବନ ଅଶାନ୍ତ, ଅତୃପ୍ତିକର, ଦୁଃଖମୟ ହୁଏ । ଅଧ୍ୟାତ୍ମ ସିଦ୍ଧି ବା ଅଧ୍ୟାତ୍ମ ଅନୁଭୂତିଠାରୁ ସେମାନଙ୍କୁ ଦୂରରେ ରହିବାକୁ ପଡ଼େ ।

ଶ୍ରୀଅରବିନ୍ଦ କହିଛନ୍ତି :

"It is a very serious difficulty in one's Yoga – the absence of a central will always superior to the waves of the Prakriti forces, always in touch with the Mother, imposing its central aim and aspiration on the nature. That is because you have not yet learned to live in your central being; You have been accustomed to run with every wave of Force, no matter of what kind, that rushed upon you and to identify yourself with it for the time being. It is one of the things that has to be unlearned; you must find your central being with the Psychic as its basis and live in it."

(CWSA, Vol. 28-31, p : 227)

ଅର୍ଥାତ୍ – ''ସାଧନା ପଥରେ ଗୋଟିଏ ଗୁରୁତର ଅନ୍ତରାୟ ହେଲା ଏକ କେନ୍ଦ୍ରୀୟ ସଂକଳ୍ପଶକ୍ତିର ଅଭାବ, ଯାହା ସର୍ବଦା 'ପ୍ରକୃତି'ର ଶକ୍ତି-ଲହରୀର ଊର୍ଦ୍ଧ୍ୱକୁ ଉଠିଯାଇ ମା'ଙ୍କ ସଙ୍ଗେ ସଂଯୋଗ ସ୍ଥାପନ କରେ ଏବଂ ତାହାର ମୂଳ ଲକ୍ଷ୍ୟ ଓ ଅଭୀପ୍ସାକୁ ପ୍ରକୃତି ଉପରେ ଆରୋପ କରେ । ଏହିପରି ଘଟିବାର ଅର୍ଥ ଏହି ଯେ ତୁମେ ନିଜର ମୂଳ ସତ୍ତାରେ ବାସ କରିବାକୁ ଏପର୍ଯ୍ୟନ୍ତ ଶିକ୍ଷା କରି ନାହଁ; ତୁମର ଅଭ୍ୟାସ ଏହି

ପ୍ରକାର ହୋଇଅଛି ଯେ ତୁମ ଉପରେ ଯେଉଁ ଶକ୍ତିତରଙ୍ଗ ସବେଗରେ ଆସି ପଡ଼େ, ସେଥିରେ ତୁମେ ନିଜକୁ ଭସାଇ ଦିଅ ଓ ସେହି ସମୟରେ ତାହା ସଙ୍ଗେ ତୁମେ ମିଳିତ ହୋଇଯାଅ । ତୁମେ ତୁମର ପୂର୍ବଲବ୍ଧ ଶିକ୍ଷାସବୁକୁ ଭୁଲିଯିବାକୁ ହେବ, ତାହା ମଧ୍ୟରୁ ଏହାହିଁ ଗୋଟିଏ ଶିକ୍ଷା । ତୁମର ଯେଉଁ ମୂଳ ସତ୍ତା, ଯାହାର ଭିତ୍ତି ହେଲା ଚୈତ୍ୟପୁରୁଷ, ତାଙ୍କୁ ଖୋଜି ବାହାର କରି ତାଙ୍କ ମଧ୍ୟରେ ତୁମକୁ ବାସ କରିବାକୁ ହେବ ।''

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,*
ପ୍ରଥମ ଖଣ୍ଡ, ପୃଷ୍ଠା : *୬୦୧ - ୬୦୪*)

❑❑❑



ଯେତେବେଳେ ତୁମେ ଯୋଗ-ସାଧନାର କ୍ଷେତ୍ରକୁ ଆସ ସେତେବେଳେ ତୁମକୁ ତୁମର ସମସ୍ତ ମାନସିକ ସୌଧ ଓ ପ୍ରାଣିକ ଭାରାକୁ ଭାଙ୍ଗି ଚୂରମାର କରିଦେବା ଲାଗି ପ୍ରସ୍ତୁତ ହେବାକୁ ହେବ । ତୁମକୁ ଶୂନ୍ୟରେ ଝୁଲି ରହିବା ଲାଗି ପ୍ରସ୍ତୁତ ହେବାକୁ ହେବ ଯେଉଁଠି ତୁମର ବିଶ୍ୱାସ ଛଡ଼ା ଅନ୍ୟ କୌଣସି ଅବଲମ୍ବନ ନଥିବ । ତୁମକୁ ତୁମର ଅତୀତ ଜୀବନ ଓ ତା'ପ୍ରତି ଥିବା ତୁମର ସମସ୍ତ ଆସକ୍ତିକୁ ସଂପୂର୍ଣ୍ଣ ଭୁଲିଯିବାକୁ ହେବ, ତାହାକୁ ତୁମ ଚେତନାରୁ ମୂଳୋତ୍ପାଟିତ କରି ସମସ୍ତ ବନ୍ଧନରୁ ମୁକ୍ତ ହୋଇ ନୂଆକରି ଜନ୍ମଲାଭ କରିବାକୁ ହେବ । ତୁମେ ଯାହା ଥିଲ ସେକଥା ଚିନ୍ତା ନକରି ତୁମେ ଯାହା ହେବାକୁ ଅଭୀପ୍ସା କର ସେକଥା ଚିନ୍ତାକର, ଯାହା ତୁମେ ଉପଲବ୍ଧି କରିବାକୁ ଚାହୁଁଛ ତା'ରି ମଧ୍ୟରେ ସଂପୂର୍ଣ୍ଣରୂପେ ମଗ୍ନରୁହ । ମୃତ ଅତୀତରୁ ମୁଖ ଫେରାଇଆଣି ସିଧା ଭବିଷ୍ୟତ୍ ଦିଗରେ ଦୃଷ୍ଟିପାତ କର । ତୁମର ଧର୍ମ, ରାଷ୍ଟ୍ର, ପରିବାର ସେହିଠାରେହିଁ ରହିଛି; ସେ ହେଉଛନ୍ତି **ଭଗବାନ୍** ।

— ଶ୍ରୀମା

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୯୩)

## ମହେନ୍ଦ୍ରନାଥ ସ୍ୱାଇଁ

**କର୍ମଯୋଗୀ :**

ଫେବ୍ରୁଆରୀ ୨୫ ଏବଂ ୨୬, ୧୯୧୪ ନିମନ୍ତେ ଦିବ୍ୟଜନନୀ ଶ୍ରୀମା ଏହି ଗୋଟିଏ ପ୍ରାର୍ଥନା ଲେଖିଛନ୍ତି :

"HE who wants to serve Thee worthily should not be attached to anything, not even to those activities which enable him to commune more consciously with Thee.... But if as a result of the totality of circumstances, material things still take a greater place in life than usual, one must know how not to become absorbed by them, how to keep in one's inmost heart the clear vision of Thy presence and live constantly in that serene peace which nothing can disturb....

"Oh, to do everything seeing only Thee everywhere and thus soar above the act that has been carried out, without letting any chain that holds us prisoners to the earth burden our flight....

"O Lord, grant that the offering I make to Thee of my being may be integral and effective.

"With a respectful and loving devotion I bow down before Thee, O ineffable Essence, inconceivable Reality, Nameless One."

(Prayers and Meditations, page. 84)

''ହେ ପ୍ରଭୁ, ଯିଏ ପ୍ରକୃତ ମୂଲ୍ୟଦେଇ ତୁମର ସେବା କରିବାକୁ ଇଚ୍ଛା କରେ ସେ କାହାରି ସହିତ ବାନ୍ଧି ହୋଇ ରହିବା ଉଚିତ ନୁହେଁ, ଏପରିକି ଯେଉଁସବୁ କାର୍ଯ୍ୟକଳାପ ତୁମ ସହିତ ସର୍ବଦା ଅଧିକ ସଚେତନ ଭାବରେ ଭାବର ଆଦାନପ୍ରଦାନ କରିବା ନିମନ୍ତେ ତୁମ ସହ ଯୁକ୍ତ ହୋଇପାରେ ସେ ସମସ୍ତଙ୍କ ଆଡ଼କୁ ମଧ୍ୟ ଯେପରି ଆକର୍ଷିତ ନହୁଏ, ସଂଯୁକ୍ତ ହୋଇ ନରହେ ।... କିନ୍ତୁ ଯଦି ପରିବେଶ ପରିସ୍ଥିତିର ସାମଗ୍ରିକତାର ପରିଣାମ ସ୍ୱରୂପ, ଜଡ଼ ପଦାର୍ଥମାନେ ସାଧାରଣ ଜୀବନ ଠାରୁ ବର୍ତ୍ତମାନ ଜୀବନରେ ମଧ୍ୟ ଏକ ବୃହତ୍ତର ସ୍ଥାନ ଅଧିକାର କରି ନିଅନ୍ତି, ତାହାହେଲେ ବ୍ୟକ୍ତିକୁ ଜାଣିବାକୁ ପଡ଼ିବ, ଶିକ୍ଷା କରିବାକୁ ହେବ ଯେ କିପରି ସେହି ପଦାର୍ଥମାନଙ୍କ ଭିତରେ ନିମଜ୍ଜିତ ନହୋଇ ହୃଦୟ ଅଭ୍ୟନ୍ତରେ ତୁମର ସାନ୍ନିଧ୍ୟକୁ ଧରି ରଖି ପାରିବ । ସେହି ଦିବ୍ୟାନନ୍ଦମୟ ପ୍ରଶାନ୍ତି ମଧ୍ୟରେ ସଦାସର୍ବଦା ବାସ କରି ପାରିବ ଏବଂ ଯାହାକୁ କେହି କେବେହେଲେ ତିଳେମାତ୍ର ବି ବିକ୍ଷୁବ୍ଧ କରି ପାରିବେ ନାହିଁ । ...

''ହେ ପ୍ରଭୁ, କେବଳ ମାତ୍ର ତୁମକୁ ସର୍ବତ୍ର ଦର୍ଶନ କରି ପ୍ରତ୍ୟେକ କାର୍ଯ୍ୟ ଯଦି କରାଯାଏ ଏବଂ ଏଠାରେ ଯେଉଁ କାର୍ଯ୍ୟକଳାପ ଚାଲିଛି ତା'ର ଊର୍ଦ୍ଧ୍ୱକୁ ଉଠି ଯିବାକୁ ହେବ, କୌଣସି ଶୃଙ୍ଖଳକୁ ଏହି ପୃଥିବୀର ବୋଝ ସହିତ ଆମର ଉଡ୍ଡାଣକୁ ଦୃଢ଼ ଭାବରେ ବାନ୍ଧି ରଖିବାକୁ ଅନୁମତି ପ୍ରଦାନ କରିବା ନାହିଁ । ...

''ହେ ପ୍ରଭୁ, ମୋତେ ଏହି ବରଦାନ କର ଯେପରି ମୁଁ ମୋର ସତ୍ତା ଭିତରୁ ତୁମକୁ ଯେଉଁ ନୈବେଦ୍ୟର ଅର୍ଘ୍ୟ ନିବେଦନ କରୁଛି ତାହା ସମ୍ପୂର୍ଣ୍ଣ ଏବଂ ଫଳପ୍ରଦ ହେଉ ।

''ଏକ ସମ୍ମାନାସ୍ପଦ ଏବଂ ପ୍ରେମପୂର୍ଣ୍ଣ ଭକ୍ତିର ସହିତ ମୁଁ ମସ୍ତକ ଅବନତ ପୂର୍ବକ ତୁମକୁ ପ୍ରଣିପାତ କରୁଛି, ହେ ! ଅଚିନ୍ତନୀୟ ବାସ୍ତବତା, ଅନିର୍ବଚନୀୟ ସତ୍ୟ ।''

ଆଲୋଚ୍ୟ ପ୍ରାର୍ଥନାରେ ମା' ଆମ ଜୀବନର ଏକ ବାସ୍ତବ ସତ୍ୟକୁ ପ୍ରକାଶ କରିଛନ୍ତି । ଆମର ସ୍ୱଭାବ ଯେତେ ଅଧିକ ପରିମାଣରେ ସାତ୍ତ୍ୱିକ ହୋଇ ଉଠିବ ସେତେ ଅଧିକ ପରିମାଣରେ ଆମର ଚିନ୍ତା, ଭାବନାସକଳ ଓ ସମ୍ବେଦନଶୀଳତା ସେତେ ଅଧିକ ପରିମାଣରେ ବିଶୁଦ୍ଧ ହୋଇ ଉଠିବ । ଯେତେବେଳେ ଆମେ ଆମର ଖାଦ୍ୟପଦାର୍ଥ ଏବଂ ବିଭିନ୍ନ

ପ୍ରକାର ଆବଶ୍ୟକୀୟ ବସ୍ତୁମାନଙ୍କ ସମ୍ପର୍କରେ ଅଧିକ ସଚେତନ ହୋଇ ପଡ଼ିବା, କେବଳ ସେହି ବିଷୟରେ ଚିନ୍ତା କରିବା – କ'ଣ ଖାଇବା, କ'ଣ ନଖାଇବା ଭାବିବା, ଘରେ ଥିବା ଯେଉଁ ଜିନିଷଗୁଡ଼ିକ ପୁରୁଣା ହୋଇ ଗଲେଣି ତାକୁ ବଦଳାଇବା, ସେମାନଙ୍କର ଦୀର୍ଘ ଦିନର ସେବାକୁ ହିସାବକୁ ନନେଇ ଅତିକମ୍ ମୂଲ୍ୟରେ ବିକ୍ରି କରିଦେବା ଇତ୍ୟାଦି ଇତ୍ୟାଦି କଥା ଚିନ୍ତା କରି କରି ଆମେ ଶକ୍ତିହୀନ ହୋଇପଡ଼ୁ ଏବଂ କ୍ଳାନ୍ତି ଅନୁଭବ କରୁ । ଅନ୍ୟ ଅର୍ଥରେ କହିବାକୁ ଗଲେ ଆମେ ବସ୍ତୁଗତ ଆବଶ୍ୟକତା କଥା ଚିନ୍ତା କରି କରି ଆମର ବହୁମୂଲ୍ୟ ସମୟ ଖର୍ଚ୍ଚ କରି ଦେଇଥାଉ । ଏହିସବୁ ସମସ୍ୟାର ସମ୍ମୁଖୀନ ହୋଇ ନପାରି ସମାଜରେ 'ସନ୍ନ୍ୟାସ' ଶବ୍ଦଟି ସୃଷ୍ଟି ହୋଇଛି । କିନ୍ତୁ ବର୍ତ୍ତମାନ ଯୁଗରେ 'ସନ୍ନ୍ୟାସ' ଗ୍ରହଣ କରି ବାନପ୍ରସ୍ଥକୁ ଚାଲିଯାଇ ଅରଣ୍ୟରେ, ପର୍ବତ ଗୁମ୍ଫାରେ ବାସ କରି ସାଧନା କରିବା ସମ୍ଭବପର ନୁହେଁ । ତାହାହେଲେ ଆମେ ସଂସାର ଏବଂ ସନ୍ନ୍ୟାସ ଭିତରେ ଥିବା ଦୁଇଟି ଭିନ୍ନ ପ୍ରକାରର ଆବଶ୍ୟକତା ଯଥା : ଆନ୍ତର ଜୀବନରେ ବୁଡ଼ି ରହି ପରମପ୍ରଭୁଙ୍କ ପାଦପଦ୍ମରେ ଲୟ ଲଗାଇ ଜୀବନ ଅତିବାହିତ କରିବା ଅଥବା ବାହ୍ୟ ଜୀବନକୁ ଆଦରି ନେଇ ସକଳ କାର୍ଯ୍ୟକୁ ପ୍ରଭୁଙ୍କ ସେବା ଭାବରେ ଗ୍ରହଣ କରି, ସବୁକଥା ଶୁଣି, ବିଭିନ୍ନ ପ୍ରକାରର ଲୋକମାନଙ୍କ ସଂସ୍ପର୍ଶରେ ଆସି, କୌଣସି ପ୍ରକାରର ପ୍ରତିକ୍ରିୟା ପ୍ରକାଶ ନକରି, ସବୁକଥା ପରମ ପ୍ରଭୁଙ୍କୁ ସମର୍ପି ଦେବା, ନିଜେ ପରିବର୍ତ୍ତିତ ହେବା ସଙ୍ଗେ ସଙ୍ଗେ ପରିବେଶକୁ ପରିବର୍ତ୍ତିତ କରିବା ପାଇଁ ସାଧନା କରିବା । ପ୍ରତ୍ୟହ ଅନେକ ଥର ଆମେ ଜୀବନ-ବୋଝ ତଳେ ଚାପି ହୋଇ ଯାଉଛେ । କିନ୍ତୁ ଏହା ତ ଶେଷ କଥା ନୁହେଁ ! ନିଶ୍ଚିତ ଭାବରେ ପ୍ରଭୁ ଶ୍ରୀଅରବିନ୍ଦ ଏବଂ ଦିବ୍ୟଜନନୀ ଶ୍ରୀମା ଆମଠାରୁ ଅନ୍ୟ କିଛି ଚାହୁଁଛନ୍ତି । ଆଲୋଚ୍ୟ ପ୍ରାର୍ଥନାରେ ମା' ଏହି ଚିରନ୍ତନ ସମସ୍ୟାର ସମାଧାନର ପଥ ନିର୍ଦ୍ଦେଶ କରି ଦେଇଛନ୍ତି ।

ଆମକୁ ଜୀବନର ବୋଝ ବୋହିବାକୁ ପଡ଼ିବ, ତାକୁ ଛାଡ଼ି ଦେଇ ଖସି ପଳାଇଗଲେ ଠିକ୍ ହେବ ନାହିଁ । କିନ୍ତୁ ଆମ ଚେତନାର କେନ୍ଦ୍ରକୁ ଜୀବନର ବୋଝରେ ଭାରାକ୍ରାନ୍ତ ନକରି ପରମସତ୍ୟ ଉପରେ ଏକାଗ୍ର କରି ସ୍ଥିର ଅବିଚଳିତ ରହିବାକୁ ହେବ । ବିରୋଧୀ ଶକ୍ତିମାନେ ଅନେକ ପ୍ରଲୋଭନ ଦେଖାଇବେ, କିନ୍ତୁ ସେତେବେଳେ ପ୍ରଭୁ ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀ ଶ୍ରୀମା'ଙ୍କ ପାଦପଦ୍ମରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରିଦେଇ ପାରିଲେ ସକଳ ପ୍ରକାର ସମସ୍ୟାର ସମାଧାନ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ହୋଇଯିବ । ଏହି ସମସ୍ୟା-ସମାଧାନ ସମ୍ପର୍କରେ ଏକ ସୁନ୍ଦର କଥା ସ୍ମୃତିପଟରେ ଉଙ୍କି ମାରୁଛି । ତାହା ହେଲା –

କୌଣସି ଏକ ଗ୍ରାମରେ ଜଣେ ସନ୍ନ୍ୟାସୀ ଛୋଟ ମଠଟିଏ ନିର୍ମାଣ କରି ଅଳ୍ପ କେତେଜଣ ଶିଷ୍ୟଙ୍କ ସହିତ ବାସ କରୁଥିଲେ । ସେହି ଗ୍ରାମର ମୁଖ୍ୟ ବ୍ୟବସାୟ ଥିଲା 'ଗୋ-ପାଳନ' । ସୁତରାଂ ପ୍ରତ୍ୟେକ ପରିବାର ଗୋରୁଗାଈମାନଙ୍କ ଗୋବର ସଂଗ୍ରହ କରି ଗୋବର ଖାତରେ ରଖୁଥିଲେ ଏବଂ ସେଥିରୁ ଘଷି (ଏକ ପ୍ରକାର ଜାଳେଣୀ) ତିଆରି କରୁଥିଲେ । ଘଷିର ଆକାର ଗୋଲ, ସମସ୍ତେ ପ୍ରାୟ ସମାନ ସମାନ ଆକାରର ଘଷି ପାରି, ଖରାରେ ଶୁଖାଇ, ଶୁଖିଲା ଘଷିକୁ ଗଦାମାରି ରଖୁଥିଲେ, ବିକ୍ରି କରୁଥିଲେ ଅଥବା ନିଜେ ବ୍ୟବହାର କରୁଥିଲେ । ମଠ ନିକଟରେ ରହୁଥିବା ଜନୈକା ମହିଳା ସର୍ବଦା ଅଭିଯୋଗ କରି ଆସୁଥିଲେ ଯେ ମଠର ମହନ୍ତ ଏବଂ ସେଠାରେ ରହୁଥିବା ଅନ୍ତେବାସୀମାନେ ତାଙ୍କ ଘଷିଗଦାରୁ ଘଷି ଚୋରି କରିନେଇ ମଠରେ ଥିବା ଗଦାରେ ଥାକମାରି ରଖି ଦେଉଛନ୍ତି । ମହିଳା ଜଣକ ଏହି ଅଭିଯୋଗକୁ ପଞ୍ଚାୟତକୁ ନେଇଗଲେ । ପଞ୍ଚାୟତ ବସିଲା କିନ୍ତୁ କୌଣସି ସିଦ୍ଧାନ୍ତ ହୋଇ ପାରିଲା ନାହିଁ, କାରଣ ସମସ୍ତଙ୍କ ଗଦାର ଘଷିର ଆକାର ପ୍ରାୟ ଏକାପରି ଦେଖା ଯାଉଥିଲା । ଏହି ସମୟରେ ମଠର ସନ୍ନ୍ୟାସୀ-ମହନ୍ତ ଏକ ପ୍ରସ୍ତାବ ଦେଲେ; କହିଲେ, ''ଆମେ ଘଷି ତିଆରି କଲାବେଳେ ସମସ୍ତେ 'ରାମ'ନାମ ଜପ କରୁଥାଉ ।'' ପଞ୍ଚାୟତର ମୁଖିଆଙ୍କୁ ଅନୁରୋଧ କରି କହିଲେ, ''ମହାଶୟ, ଆମ ଗଦାରୁ ଘଷି ଖଣ୍ଡେ ଆପଣ ଧରନ୍ତୁ ଏବଂ କାନ ପାଖରେ ରଖନ୍ତୁ, ଦେଖିବେ ସେଥିରୁ 'ରାମ' ନାମ ଶବ୍ଦ ଶୁଣି ପାରିବେ ।'' ତାହାହିଁ ହେଲା । କିଛିକ୍ଷଣ ପରେ ମୁଖିଆ କହିଲେ, ''ଆଶ୍ଚର୍ଯ୍ୟ କଥା, ଏଥିରୁ ତ 'ରାମ', 'ରାମ' ଶବ୍ଦ ଶୁଭୁଛି !'' ସେ ଅନ୍ୟ ସଭ୍ୟମାନଙ୍କୁ ଖଣ୍ଡେ ଖଣ୍ଡେ ଘଷି ଦେଇ କହିଲେ, ''ଦୟାକରି ଆପଣମାନେ ମଧ୍ୟ କାନ ପାଖରେ ରଖି ଶୁଣନ୍ତୁ, ଯାହା ଶୁଣିଲେ ସମସ୍ତଙ୍କ ସମ୍ମୁଖରେ ପ୍ରକାଶ କରନ୍ତୁ ।'' ସମସ୍ତ ସଭ୍ୟ ଖଣ୍ଡେ ଖଣ୍ଡେ ଘଷି ଆଣି କାନ ପାଖରେ ଧରିଲେ । କିଛି ସମୟ ପରେ ସମସ୍ତେ ଏକା ସ୍ୱରରେ କହିଉଠିଲେ, ''ହଁ, ହଁ, ସତେ ତ 'ରାମ', 'ରାମ' ଶବ୍ଦ ଶୁଭୁଛି !'' ଏହାପରେ ପଞ୍ଚାୟତର ମୁଖିଆ ଓ ଅନ୍ୟ ସଭ୍ୟମାନେ ମହିଳାଙ୍କ ଘଷି ଗଦାରୁ ଖଣ୍ଡେ ଖଣ୍ଡେ ଘଷି ଆଣି କାନ ପାଖରେ ଧରିଲେ ଏବଂ କହିଲେ, ''କାହିଁ ଏଥିରୁ ତ କିଛି ଶୁଭୁ ନାହିଁ !'' ଏଥିରୁ ପ୍ରମାଣିତ

ହୋଇଗଲା ଯେ ମଠର ମହନ୍ତ ବା ଅନ୍ୟ କେହି ଅନ୍ତେବାସୀ ମହିଳାଙ୍କ ଗଦାରୁ ଘଷି ଚୋରି କରି ନାହାଁନ୍ତି । ପଞ୍ଚାୟତର ମୁଖିଆ ଓ ଅନ୍ୟ ସଭ୍ୟମାନେ ଉଠି ଚାଲିଗଲେ ।

(Musing on the Mother's Prayers and Meditations, Vol. I, Shyam Kumari. p. 217 )

ଏହି ଗଳ୍ପଟିକୁ ବିଶ୍ୱାସ କରିବା ଆମ୍ଭମାନଙ୍କ ପକ୍ଷରେ ସମ୍ଭବ ନହେବା ସ୍ୱାଭାବିକ । କିନ୍ତୁ ଏହା ଭିତରେ ଖୁବ୍ ସୂକ୍ଷ୍ମ, ତୀକ୍ଷ୍ଣ ବିନ୍ଦୁଟିଏ (a sharp point) ରହିଛି । ତାହାହେଲା, ଆମେ ଯଦି ଆମର ବାହ୍ୟ କର୍ମଗୁଡ଼ିକୁ ଗଭୀରତାର ସହ ବିଚାରକୁ ନେବା, ସବୁ କାର୍ଯ୍ୟ ଭକ୍ତିର ସହିତ ସମାପନ କରିବା, ଏହାର ସମାପ୍ତି ମଧ୍ୟ ଭକ୍ତିମୟ ହୋଇଉଠିବ ଏବଂ ସେଥିରୁ କର୍ମ ଭିତରେ ଏକ ଶକ୍ତିମୟ ଧ୍ୟାନର ଅବସ୍ଥା ପ୍ରାପ୍ତ ହେବ । ଏହାର ଫଳାଫଳ ଏତେ ପରିମାଣରେ ଅଧିକ ହେବ ଯେ ତାକୁ ବହନ କରିନେବା ସମୟରେ ଆମର ନିଃଶ୍ୱାସ-ପ୍ରଶ୍ୱାସ ପ୍ରଖରତର ହୋଇ ଉଠିବ । ଭକ୍ତି ଏବଂ ଦିବ୍ୟାନନ୍ଦମୟ ପରିବେଶ ଭିତରେ ପ୍ରସ୍ତୁତ ହେଉଥିବା ବସ୍ତୁମାନଙ୍କ ଭିତରେ ଏକ ସୁରକ୍ଷା-ପ୍ରଦାନକାରୀ ଶକ୍ତି ନିହିତ ଥାଏ । ତାହା ଆମର ବିପଦ ଆପଦ ବେଳେ କାମରେ ଲାଗେ ।

ଆମେ ଯଦି ଆମ ନିଜର ଅଭାବ-ଅସୁବିଧାକୁ ଚିହ୍ନି ପାରିବା ଏବଂ ଆମ ଦୁର୍ବଳତାକୁ ସଂବେଦନଶୀଳ ନହୋଇ ଲକ୍ଷ୍ୟ କରିବା, ତାହାହେଲେ ଭିତରେ ଥିବା ଛୋଟ ଛୋଟ ଦୋଷ-ଦୁର୍ବଳତା – ଯଥା : ନିଜକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ମନେ କରିବାର ଅହଂକାର, ସ୍ୱାର୍ଥପରତା ଏବଂ ଆମର 'gracious imperfections', ଭିତରେ ଥିବା ଅପୂର୍ଣ୍ଣତାକୁ ରଙ୍ଗଦେଇ ଆମେହିଁ କେବଳ ତାକୁ ଧାରଣ କରି ଚାଲିପାରୁ, ଚାଲିବାର କ୍ଷମତା ରଖିଛୁ ବୋଲି ଘୋଷଣା କରିବାର ଭାବର ଅହଂକାରକୁ ଆବିଷ୍କାର କରିପାରିବା । ଏହି ପରିପ୍ରେକ୍ଷୀରେ 'P' ନାମକ ମହାରାଷ୍ଟ୍ରର ଜନୈକ ସାଧକ-ଭକ୍ତ କିପରି ମାତୃକୃପା ଲାଭ କରି ଆଶ୍ରମରେ ମା'ଙ୍କ ସେବାରେ ନିଜକୁ ନିୟୋଜିତ କରି କୃତକୃତ୍ୟ ହୋଇଥିଲେ ସେହି ବିଷୟରେ ଆଲୋଚନା କରିବା, ତାହା ହେଲା – କୌଣସି ଏକ ଗୁଜୁରାଟୀ ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ଏକ ପ୍ରବନ୍ଧର ଶୀର୍ଷକ ଉପରେ 'P'ଙ୍କର ଦୃଷ୍ଟି ପଡ଼ିଲା । ସେଠାରେ ଲେଖା ହୋଇଥିଲା, "Sri Aurobindo is doing yoga-sadhana not for himself but for the whole of humanity." ଅର୍ଥାତ୍, ''ଶ୍ରୀଅରବିନ୍ଦ ତାଙ୍କ ନିଜ ପାଇଁ ଯୋଗ-ସାଧନା କରୁ ନାହାଁନ୍ତି, କିନ୍ତୁ କରୁଛନ୍ତି ସମଗ୍ର ମାନବଜାତି ପାଇଁ ।''

ଏହି କଥାଟି ତାଙ୍କ ହୃଦୟକୁ ସ୍ପର୍ଶ କଲା ଏବଂ ତତ୍‌କ୍ଷଣାତ୍ ତାଙ୍କ ଚେତନା ଉପରକୁ ଉଠି ଗଲାପରି ମନେ ହେଲା । ପାଟିରୁ ଅବଲୀଳାକ୍ରମେ ବାହାରି ଆସିଲା, "If such a great man is still on earth, why should I not go for his darshan and benefit by his guidance ?" ଅର୍ଥାତ୍, ''ଯଦି ବର୍ତ୍ତମାନ ସୁଦ୍ଧା ଏପରି ଜଣେ ମହାପୁରୁଷ ପୃଥିବୀ ଉପରେ ବିରାଜିତ ଅଛନ୍ତି, ତାହାହେଲେ ମୁଁ କାହିଁକି ତାଙ୍କ ଦର୍ଶନ ଓ ଦିଗ୍‌ଦର୍ଶନ ଲାଭ କରି ଉପକୃତ ହେବି ନାହିଁ ?''

ଇତ୍ୟବସରେ ସେ ସେହି ସମ୍ବାଦପତ୍ରରେ ଅନ୍ୟ ଏକ ସମ୍ବାଦ ପାଠ କଲେ, ଯାହା ଥିଲା – "Fourteen hundred people had Sri Aurobindo's Darshan on 24th November, 1946.'' ଅର୍ଥାତ୍, ''ଚଉଦ ଶହ ଲୋକ ୨୪ ନଭେମ୍ବର, ୧୯୪୬ରେ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିଛନ୍ତି ।'' ଏହି ସମ୍ବାଦ ତାଙ୍କ ହୃଦୟକୁ ଆନ୍ଦୋଳିତ କଲା । ସେ କିପରି ପଣ୍ଡିଚେରୀ ଯାଇ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବେ, ସେହି କଥା ଚିନ୍ତାକରି ତାଙ୍କୁ ରାତିରେ ନିଦ ହେଲା ନାହିଁ । ସେ ଜାଣିବାକୁ ପାଇଲେ ଯେ ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀରୁ ଜନୈକ ଅନ୍ତେବାସୀ-ସାଧକ ବମ୍ବେ ଆସୁଛନ୍ତି, ତାଙ୍କ ନାମ 'B' । ସେ 'B'ଙ୍କୁ ସାକ୍ଷାତ୍ କରି ସବୁକଥା ଜଣାଇଲେ ଏବଂ ଅନୁରୋଧ କଲେ ଦିବ୍ୟଜନନୀ ଶ୍ରୀମା'ଙ୍କଠାରୁ ଆଶ୍ରମ ଦର୍ଶନ ନିମନ୍ତେ ଅନୁମତି କରାଇ ଦେବା ପାଇଁ । 'B' ଆଶ୍ରମର ଜନୈକ ବରିଷ୍ଠ ସାଧକ ଶ୍ରୀ ଅମ୍ବାଲାଲଙ୍କୁ ସବୁକଥା ଲେଖି ଜଣାଇ ଦେଲେ । ଶ୍ରୀ ଅମ୍ବାଲାଲ 'P'ଙ୍କ ବିଷୟରେ ମା'ଙ୍କୁ ଜଣାଇ ଦେଲେ । "The Mother granted permission for 'P' to attend the February Darshan in 1947." ଅର୍ଥାତ୍, ''ଶ୍ରୀମା 'P'ଙ୍କୁ ୧୯୪୭ ମସିହା ଫେବ୍ରୁଆରୀ ୨୧ ଦର୍ଶନ ନିମନ୍ତେ ଅନୁମତି ପ୍ରଦାନ କଲେ ।'' 'P'ଙ୍କୁ ତାହା ଜଣାଇ ଦିଆଗଲା ଏବଂ ସୂଚୀତ କରି ଦିଆଗଲା ଯେ ଆଶ୍ରମରେ ରହିବା ଓ ଖାଇବା ପାଇଁ ମାସକୁ ଖର୍ଚ୍ଚ ୬୦ ଟଙ୍କା । ଏଥିପାଇଁ ସେ ପ୍ରସ୍ତୁତ ହୋଇ ଆସିଥିବେ ।

ଜାନୁଆରୀ ୯ ତାରିଖ, ୧୯୪୭ ମସିହା ସକାଳ ୫ଟା ବେଳେ 'P' ପଣ୍ଡିଚେରୀରେ ପହଞ୍ଚିଲେ ଏବଂ ସିଧାସିଧା

ଶ୍ରୀ ଅମ୍ବାଲାଲଙ୍କ ଘରକୁ ଗଲେ । ସେ ତାଙ୍କୁ ପଠାଇ ଦେଲେ 'ଅଚ୍ୟୁତ ହାଉସ୍' ନାମକ ଆଶ୍ରମର ଏକ ଅତିଥି ଭବନକୁ, ଯେଉଁଠାରେ ତାଙ୍କ ପାଇଁ ଗୋଟିଏ ରୁମ୍ ରଖା ଯାଇଥିଲା । ସେଠାରୁ ସେ ମା'ଙ୍କର 'ବାଲ୍‌କୋନି ଦର୍ଶନ'କୁ ଗଲେ । ଦିବ୍ୟଜନନୀଙ୍କ ଅପୂର୍ବ ଦିବ୍ୟ ସ୍ୱରୂପର ଦର୍ଶନ ତାଙ୍କ ଭାଗ୍ୟ ଉପରେ ମୋହରଟିଏ ଲଗାଇ ଦେଲା । ସେ ଅନୁଭବ କଲେ, "The Mother has made everything ready for me; I do not have to worry about anything." ଅର୍ଥାତ୍, ''ଶ୍ରୀମା ମୋ ପାଇଁ ସବୁ ପ୍ରସ୍ତୁତ କରି ରଖିଛନ୍ତି; କୌଣସି ବିଷୟରେ ମୋର ଚିନ୍ତା କରିବାର ନାହିଁ ।'' ସେ ଯେଉଁ ସ୍ୱର୍ଗକୁ ଖୋଜୁଥିଲେ ତାଙ୍କୁ ତାହା ପ୍ରାପ୍ତ ହୋଇ ଯାଇଛି । ସେହିଦିନ 'P'ଙ୍କୁ 'ଡାଇନିଂ ରୁମ୍'ରେ କାମ ମିଳିଗଲା, ଯେଉଁଠାରେ ସେ ଆଜି ପର୍ଯ୍ୟନ୍ତ (ପ୍ରବନ୍ଧଟି ଲେଖା ହେବା ଦିନ ପର୍ଯ୍ୟନ୍ତ) କାମ କରି ଆସୁଛନ୍ତି, ତାଙ୍କ କାମ ଥିଲା, ଯେଉଁ ସାଧକମାନେ ଅନ୍ୟାନ୍ୟ କାର୍ଯ୍ୟବଶତଃ 'ଡାଇନିଂ'କୁ ଆସି ପାରୁ ନଥିଲେ ତାଙ୍କ ଘରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଟିଫିନ୍-କ୍ୟାରିୟରମାନଙ୍କୁ ଗୋଟିଏ ହାତଟଣା ଗାଡ଼ିରେ ଲଦି ଟାଣିଟାଣି ନେଇ ପହଞ୍ଚାଇ ଦେବା । ମା' ଏହି ଗାଡ଼ିଟିର ନାମ ଦେଇଥିଲେ, 'The Victory Chariot' ('ବିଜୟ ରଥ') ।

'P' ମା'ଙ୍କୁ ନିବେଦନ କରିଥା'ନ୍ତି ତାଙ୍କୁ ଫେବ୍ରୁଆରୀ ୧୯୪୭ ଦର୍ଶନ ପୂର୍ବରୁ ଆଶ୍ରମର ଅନ୍ତେବାସୀ ରୂପେ ଗ୍ରହଣ କରିନେବା ପାଇଁ । କିନ୍ତୁ ଦିବ୍ୟଜନନୀ ତାଙ୍କର ଏହି ପ୍ରାର୍ଥନା ପୂରଣ କଲେ ମେ ମାସ ୨୪ ତାରିଖରେ । ଏହାର ଦୁଇ ଦିନ ପରେ ସେ ଖବର ପାଇଲେ ଯେ ତାଙ୍କ ପିତା ଯେ କି ତାଙ୍କୁ ଆଶ୍ରମର ଅନ୍ତେବାସୀ ରୂପେ ରହିବାକୁ ସ୍ୱୀକୃତି ପ୍ରଦାନ କରୁ ନଥିଲେ ସେହି ମାସ ୨୨ ତାରିଖରେ ସ୍ୱର୍ଗାରୋହଣ କରିଛନ୍ତି । ସୁତରାଂ ମା' ତାଙ୍କ ଜୀବନର ସମସ୍ତ ଦାୟିତ୍ୱ ନେଇ ଯାଇଛନ୍ତି ବୋଲି ସେ ଜାଣି ପାରିଲେ ଏବଂ ତାଙ୍କ ଆଖିରୁ କୃତଜ୍ଞତାର ଦୁଇଧାର ଅଶ୍ରୁ ବୋହି ଆସିଲା । ଦିବ୍ୟଜନନୀଙ୍କର ଅପାର କୃପା ପ୍ରତି ଯୋଡ଼ହସ୍ତରେ ପ୍ରଣାମ ନିବେଦନପୂର୍ବକ ସେ ତାଙ୍କ କାମରେ ଲାଗି ପଡ଼ିଲେ ।

ଥରେ କେହି ଜଣେ ବ୍ୟକ୍ତି ମନ୍ତବ୍ୟଟିଏ ପ୍ରକାଶ କରି କହିଲେ, "People come to this Ashram only to eat." ଏହି ଶବ୍ଦ କେତୋଟି 'P'ଙ୍କର ହୃଦୟରେ ଶକ୍ତ ଆଘାତ ଦେଲା; ସେହି ରାତ୍ରିରେ ସେ ଭଲ ଭାବରେ ଶୋଇ ପାରିଲେ ନାହିଁ । ତତ୍‌ପରେ ତାଙ୍କ ଅନ୍ତର ଭିତରେ ସେ ଏକ ଆଲୋକନ (illumination)ଯୁକ୍ତ ଶବ୍ଦ ଶ୍ରବଣ କଲେ । ତାହା ଥିଲା, "The people who are saying such things are themselves of that type; they have came to Ashram for an easy life."

ଅର୍ଥାତ୍, ''ଯେଉଁ ଲୋକମାନେ ଏହିପରି କୁହନ୍ତି ସେମାନେ ନିଜେ ସେହି ପ୍ରକାରର; ସେମାନେ ଆଶ୍ରମକୁ ଆସିଛନ୍ତି ଏକ ପ୍ରକାର କଷ୍ଟବିହୀନ ଜୀବନ କଟାଇବା ନିମନ୍ତେ ।'' ପରବର୍ତ୍ତୀ ସମୟରେ ସେ ଦେଖିଲେ ଯେ ଯେଉଁ ବ୍ୟକ୍ତିମାନେ ଏହି ପ୍ରକାର ମନ୍ତବ୍ୟ ପ୍ରକାଶ କରିଥିଲେ ସେମାନେ ଆଶ୍ରମରେ ଅଧିକ ଦିନ ରହି ପାରିଲେ ନାହିଁ ।

'P' ବର୍ତ୍ତମାନ ମା'ଙ୍କର ଏକ ସମର୍ପିତ ଯନ୍ତ୍ର ହୋଇ ଯାଇଛନ୍ତି, ଦିନରାତି କାମରେ ଲାଗିଛନ୍ତି । ଏକଦା କେହି ଜଣେ ତାଙ୍କୁ ପଚାରିଲେ, "'P', how can you carry such a workload ?" ଅର୍ଥାତ୍, ''ତୁମେ ଏତେ କାମର ବୋଝ କିପରି ନେଇ ପାରୁଛ ?'' 'P' ତତ୍‌କ୍ଷଣାତ୍ ଉତ୍ତର ଦେଲେ, "But it is not my load, nor I am carrying it. It is Her work and Her power is doing it through me, I am only an instrument.", – such was the answer of this Karmayogi." ''କିନ୍ତୁ ଏହା ମୋ ବୋଝ ନୁହେଁ, ମୁଁ ମଧ୍ୟ ତାହା ବହନ କରି ଚାଲୁ ନାହିଁ, ଏହା ହେଉଛି ଦିବ୍ୟ ଜନନୀଙ୍କର କାମ ଓ ଶକ୍ତି, ଯାହା ହେଉଛି ମୋ ମାଧ୍ୟମରେ, ମୁଁ କେବଳ ଏକ ଯନ୍ତ୍ର ମାତ୍ର ।'' – ଏହାହିଁ ଥିଲା ଏହି 'କର୍ମଯୋଗୀ'ଙ୍କ ଉତ୍ତର ।

(How they came to Sri Aurobindo and The Mother, pp. 124-126)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother

(୨) Musing on the Mother's Prayers and Meditations, Vol. 1, Shyam Kumari

# ନ୍ୟାୟ ବିଚାର
## ପ୍ରପତ୍ତି

ଆଜିକାଲି ସମାଜରେ ନ୍ୟାୟ-ଅନ୍ୟାୟ, ପାପ-ପୁଣ୍ୟ, ଶୁଭ ଅଶୁଭ ବା ଭଲମନ୍ଦ ବୋଲି କୌଣସି ନିୟମ ବା ବନ୍ଧନ ନାହିଁ । ଯେ ଯାହା ଇଚ୍ଛା କରୁଛି, ସେ ତାହା କରି ପାରୁଛି; ଆଉ ଅନେକ କ୍ଷେତ୍ରରେ, ଖୁବ୍ ବେଶୀ ପରିମାଣରେ ଅନ୍ୟାୟ, କପଟତା ଓ ମିଥ୍ୟାରହିଁ ବିଜୟ ହେଉଛି । କିଛି ଲୋକ ତ ବରାବର ସତ୍ୟ ଓ ଧର୍ମ ଆଚରଣ କରନ୍ତି, ସେମାନେ ଏହି ବିପରୀତ ପରିସ୍ଥିତି ଦେଖି ଅତ୍ୟନ୍ତ ବିମର୍ଷ । ସୁତରାଂ ବହୁଲୋକ ପ୍ରଶ୍ନ କରୁଛନ୍ତି ଯେ ଯେଉଁମାନେ ଅନ୍ୟାୟ, ଅନାଚାର, ମିଥ୍ୟା, ଠକାମିର ଆଶ୍ରୟ ନେଉଛନ୍ତି ସେମାନଙ୍କର ଜୟ ହେଉଛି କିପରି ? ଶ୍ରୀମା ସ୍ୱୟଂ ଏହି ପ୍ରଶ୍ନର ଯେପରି ଉତ୍ତର ଦେଇଛନ୍ତି ତାହା ନିମ୍ନରେ ପ୍ରଦତ୍ତ ହେଲା :

***ପ୍ରଶ୍ନ : ଲୋକମାନେ ଅକପଟ ନୁହନ୍ତି, ଏକଥା ଜାଣି ମଧ ଭଗବାନ୍ କାହିଁକି ସେମାନଙ୍କୁ ଶକ୍ତି ଦିଅନ୍ତି ?***

**ଉତ୍ତର :** ଏ ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ତୁମକୁ ପ୍ରଥମେ ବୁଝିବାକୁ ହେବ ଯେ ଭଗବାନ୍ ମନୁଷ୍ୟର ଧାରଣା ଦ୍ୱାରା ଚାଳିତ ହୋଇ କାର୍ଯ୍ୟ କରନ୍ତି ନାହିଁ । ଆମ୍ଭେମାନେ ଯାହାକୁ ଯୌକ୍ତିକତା ବା ନ୍ୟାୟ ବିଚାର କହୁ ସେ ତା'ର ଧାର ଧାରନ୍ତି ନାହିଁ, ଅନ୍ତତଃ ତାଙ୍କର ଯୌକ୍ତିକତା ମନୁଷ୍ୟର ଯୌକ୍ତିକତା ପରି ନୁହେଁ । ସର୍ବୋପରି ମନୁଷ୍ୟର ନ୍ୟାୟ ବିଚାର ସମ୍ପର୍କରେ ଯେଉଁ ଧାରଣା ଭଗବାନଙ୍କର ସେ ଜିନିଷର କୌଣସି ଆବଶ୍ୟକତା ନାହିଁ । ଦୃଷ୍ଟାନ୍ତସ୍ୱରୂପ ଯେତେବେଳେ ତୁମେ ଦେଖିଲ କୌଣସି ଲୋକ ଖୁବ୍ ଅର୍ଥଲୋଭୀ, ସାମାନ୍ୟ କେତୋଟି ଟଙ୍କା ପାଇଁ ସବୁବେଳେ ମନୁଷ୍ୟକୁ କେବଳ ଠକିବାକୁ ଚେଷ୍ଟା କରୁଛି, ସଙ୍ଗେ ସଙ୍ଗେ ତୁମର ନ୍ୟାୟାଦର୍ଶ ଚିତ୍କାର କରି ଉଠିବ, ଏପରି ଲୋକ ଅର୍ଥଲୋଭ କରିବା ଉଚିତ ନୁହେଁ । ଏହାର ପ୍ରାପ୍ୟ ଚରମ ଦାରିଦ୍ର୍ୟ । କିନ୍ତୁ କାର୍ଯ୍ୟତଃ ଦେଖାଯାଏ ତାହାର ଓଲଟାହିଁ ଘଟେ ଯଦିଓ ତାହା ହେଉଛି ପ୍ରକୃତ ଅବସ୍ଥାର ବାହ୍ୟରୂପ ମାତ୍ର, ଏହାର ଅନ୍ତରାଳର ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଅନ୍ୟ ପ୍ରକାର । ଯେ ଲୋଭୀ, ସେ ଲୋଭନୀୟ ବସ୍ତୁ ଲାଭ କରେ, କିନ୍ତୁ ତା' ବିନିମୟରେ ତାକୁ କିଛି ହରାଇବାକୁ ହୁଏ, ତା'ର କୌଣସି ବୃହତ୍ତର ସମ୍ଭାବନାକୁ ପରିତ୍ୟାଗ କରିବାକୁ ହୁଏ । ସେ ଅର୍ଥ ଲାଭ କରେ କିନ୍ତୁ ଚେତନାକୁ ହରାଏ । ଫଳରେ ପ୍ରାୟ ଦେଖାଯାଏ ଯେ କାମ୍ୟବସ୍ତୁ ବିପୁଳ ପରିମାଣରେ ହସ୍ତଗତ କରି ମଧ ମଣିଷ ସୁଖୀ ହୋଇ ପାରେ ନାହିଁ, ପୂର୍ବାପେକ୍ଷା ଅନେକ କମ୍ ସୁଖୀ ସେ । ଯେଉଁ ସମ୍ପଦ ସେ ଲାଭ କରିଛି ତାହାହିଁ ତା'ର ଦୁଃଖର କାରଣ ହୋଇଥାଏ ।

ମଣିଷର ଆପାତ ସାଫଲ୍ୟ ବା ଆପାତ ବ୍ୟର୍ଥତା ଦେଖି ଭଗବାନଙ୍କ କର୍ମଧାରାର ବିଚାର କରିବା ନାହିଁ । ତାଙ୍କ କର୍ମଧାରାର ଗୋଟାଏ ମୋଟାମୋଟି ନୀତି ତୁମେ ଏ ଭାବରେ ବ୍ୟାଖ୍ୟା କରିପାର ଯେ ମନୁଷ୍ୟ ଯାହା କାମନା କରେ ଭଗବାନ୍ ତାହା ଦିଅନ୍ତି ଏବଂ ଏହାହିଁ ହେଉଛି ମନୁଷ୍ୟକୁ ଶିକ୍ଷା ଦେବାର ସବୁଠାରୁ ଭଲ ବାଟ । ତୁମର ବାସନା ଯଦି ହୁଏ ଅଜ୍ଞାନୋଦ୍ଭୂତ, ତିମିରାଚ୍ଛନ୍ନ, ଅଚେତନ ଓ ସ୍ୱାର୍ଥପର, ତେବେ ତୁମ ଭିତରେ ଅଜ୍ଞାନତା ଓ ସ୍ୱାର୍ଥପରତା ବଢ଼ିଯିବ । ଅର୍ଥାତ୍ ତୁମେ ସତ୍ୟ-ଚେତନାର ଆଲୋକଠାରୁ ଦୂରକୁ ଘୁଞ୍ଚି ଯାଉଛ, ସେହି ସୁଖରୁ ବଞ୍ଚିତ ହେଉଛ । ଏହାକୁ ତ କୁହାଯାଏ ଭଗବାନଙ୍କଠାରୁ ଦୂରକୁ ଘୁଞ୍ଚିଯିବା ।

ଭଗବାନଙ୍କ ଦୃଷ୍ଟିରେ ଗୋଟିଏ ମାତ୍ର ସତ୍ୟ ଅଛି – ତାହା ହେଲା ଭଗବତ୍ ଚେତନା, ଭଗବତ୍ ମିଳନ । ସେହି ସତ୍ୟକୁ ଛାଡ଼ି ଯେତେବେଳେ ତୁମେ ଜଡ଼ବସ୍ତୁ ଦିଗରେ ଦୌଡ଼, ସେତେବେଳେ ତୁମେ ଅଧିକତର ଜଡ଼ ଚେତନାସମ୍ପନ୍ନ ହୋଇଯାଅ, ଭଗବାନଙ୍କୁ କ୍ରମେ ଦୂରକୁ ଠେଲିଦିଅ । ଅଜ୍ଞାନ ଦୃଷ୍ଟିରେ ଯାହା ବିସ୍ମୟକର ସାଫଲ୍ୟ ତୁମେ ତାହା ପାଇପାର, କିନ୍ତୁ ସତ୍ୟ ଦୃଷ୍ଟିରେ ଏହି ସାଫଲ୍ୟ ତୁମ ପକ୍ଷରେ ଏକ ମସ୍ତବଡ଼ ପରାଜୟ । ତୁମେ ସତ୍ୟର ବିନିମୟରେ ମିଥ୍ୟାକୁ ଗ୍ରହଣ କରୁଛ ।

ବାହ୍ୟରୂପ ବା ଆପାତ ସାଫଲ୍ୟ ଦେଖି ବିଚାର କରିବା ଏକ ଘୋର ଅଜ୍ଞାନର ଖେଳ । ଏପରିକି ଖୁବ୍ ଦୃଢ଼ଚରିତ୍ର, ଶକ୍ତ ଲୋକ, ପ୍ରଭୂତ ସାଫଲ୍ୟରେ ଯାହାକୁ ସୁଖୀ ବୋଲି ମନେ ହୁଏ, ତାଙ୍କର ମଧ ଗୋଟାଏ ବିପରୀତ ଦିଗ ରହିଛି । ତାଙ୍କ

ଚରିତ୍ରର ଏହି ଶକ୍ତି ଗଠନହିଁ ତାଙ୍କ ବାହ୍ୟ ଚେତନା ଓ ଆନ୍ତର ସତ୍ୟର ମଝିରେ ଏକ ଆଢୁଆଳ ହୋଇ ରହିଛି ଏବଂ ଏହି ଗଢ଼ଣଟି ଯେତେ କଠିନ ହେବ ଆନ୍ତର ସତ୍ୟ ସଙ୍ଗରେ ବାହ୍ୟ ଜୀବନର ଏହି ବିଚ୍ଛେଦ ସେତିକି ଦୁର୍ବିଷହ ହେବ ।

ଦୁର୍ଲଭ ମୂଲ୍ୟ ଦେଇ ସାଫଲ୍ୟ କ୍ରୟ କରିବାକୁ ହୁଏ । ମନୁଷ୍ୟ ଖୁବ୍ ବଡ଼ ହୋଇପାରେ, ପବିତ୍ର ହୋଇପାରେ, ତା'ର ଏପରି ଉତ୍ତୁଙ୍ଗ ଆଧାତ୍ମିକ ଚେତନା ଥାଇପାରେ ଯାହା ଖୁବ୍ ନିଃସ୍ୱାର୍ଥପର ଓ ଜୀବନର ସାଫଲ୍ୟ ଆଣିବା ଦିଗରେ ସମର୍ଥ । କିନ୍ତୁ ଏସବୁ ଥାଇ ମଧ୍ୟ ତାକୁ ଅବିଚଳ ରହିବାକୁ ହେବ । ସାଫଲ୍ୟକୁ ବହନ କରିବା ପରି ଆଉ କଠିନ କାର୍ଯ୍ୟ କିଛି ନାହିଁ । ଏହିଠାରେହିଁ ଜୀବନର ଅସଲ ପରୀକ୍ଷା ।

କିନ୍ତୁ ତୁମେ ଯେତେବେଳେ ବ୍ୟର୍ଥ ହୁଅ, ସେତେବେଳେ ସ୍ୱାଭାବିକ ରୂପେ ତୁମର ଦୃଷ୍ଟି ଅନ୍ତର ଆଡ଼କୁ ଫେରେ, ତୁମେ ଭିତରକୁ ପ୍ରବେଶ କର, ବାହ୍ୟ ଜୀବନର ବ୍ୟର୍ଥତାର ଯନ୍ତ୍ରଣାଠାରୁ ଦୂରେଇ ଯାଇ ଅନ୍ତରର ଆରାମ ଭିତରେ ରହିବାକୁ ଚାହଁ । ଏହି ଅବସ୍ଥାରେ ଯେଉଁମାନଙ୍କର ଅନ୍ତରରେ ଅଭୀପ୍ସାର ଅଗ୍ନି ଜଳୁଛି ଭଗବାନ୍ ସେମାନଙ୍କୁ ସାହାଯ୍ୟ କରନ୍ତି, ଅର୍ଥାତ୍ ଯେଉଁମାନେ ସେହି ସାହାଯ୍ୟ ଗ୍ରହଣ କଲାଭଳି ସାମର୍ଥ୍ୟ ଲାଭ କରିଛନ୍ତି, ଯେଉଁମାନେ ସତ୍ୟ ପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି ସେମାନେ ଗୋଟିକ ପରେ ଗୋଟିଏ ଆଘାତ ପାଇବାକୁ ଅପେକ୍ଷା କରନ୍ତି । କାରଣ ସେମାନେ ଜାଣନ୍ତି ଯେ ଭଗବାନ୍ ସେମାନଙ୍କୁ ଆଘାତ ଦେଇ ସାହାଯ୍ୟ କରନ୍ତି । ବାସ୍ତବରେ ଏହାହିଁ ହେଲା ସବୁଠାରୁ ପ୍ରତ୍ୟକ୍ଷ, ସବୁଠାରୁ ଶକ୍ତିଶାଳୀ ଓ ସକ୍ରିୟ ସାହାଯ୍ୟ । କିନ୍ତୁ ଯଦି ସଫଳତା ଲାଭ କରୁଥାଅ ତେବେ ସାବଧାନ ହୁଅ । ନିଜକୁ ପଚାର କି ମୂଲ୍ୟ ଏଥିପାଇଁ ଦେବାକୁ ହେଉଛି । ଏହି ସାଫଲ୍ୟର ବିନିମୟରେ ଯାହା ଦେଉଛ ତା' କି ଜିନିଷ ? ଅବଶ୍ୟ ପୁଣି ଅନ୍ୟ ଧରଣର ଲୋକ ବି ଅଛନ୍ତି ଯେଉଁମାନେ ନିଜକୁ ଓ ନିଜର କ୍ଷୁଦ୍ର ଅହଂକୁ ଅତିକ୍ରମ କରିଯାଇଛନ୍ତି, ଆତ୍ମାକୁ ଜାଣିଛନ୍ତି, ଯେଉଁମାନେ ସମ୍ପୂର୍ଣ୍ଣ ରୂପେ ସମର୍ପିତ, ସେମାନେ ମଧ୍ୟ ଜୀବନରେ ସଫଳତା ଲାଭ କରନ୍ତି । କିନ୍ତୁ ସେମାନଙ୍କୁ ସଫଳତା ସ୍ପର୍ଶ କରେ ନାହିଁ । ସାଫଲ୍ୟର ବୋଝ ମଥାରେ ନେଇ ସିଧା ହୋଇ ଠିଆ ହେବାକୁ ହେଲେ, ଅନେକ ଉଚ୍ଚରେ ଚେତନାର ଉତ୍ତୁଙ୍ଗ ଶିଖରକୁ ତୁମକୁ ଉଠିବାକୁ ହେବ । ମନୁଷ୍ୟ ପାଇଁ ଭଗବାନ୍ ଯେତେ ପରୀକ୍ଷା ଆଣନ୍ତି ତାହା ଭିତରେ ବୋଧହୁଏ ଏଇଟାହିଁ ଚୂଡ଼ାନ୍ତ ସର୍ବଶେଷ ପରୀକ୍ଷା । ଏ ପରୀକ୍ଷାର ଯେତେବେଳେ ତୁମେ ସମ୍ମୁଖୀନ ହୋଇ ପାରିଛ ସେତେବେଳେ ଭଗବାନ୍ କହନ୍ତି ଯେ ଏଥର ତୁମେ ଅନେକ ଉପରକୁ ଉଠିଯାଇଛ, ଅଜ୍ଞାନକୁ ପାର ହୋଇ ଆସିଛ, ଅହଂଶୂନ୍ୟ ହୋଇ ପ୍ରକୃତ ମହତ୍ ହୋଇଛ, ମୋରି ଭିତରେହିଁ ରହିଛ, ଏଥରକ ତୁମକୁ ମୁଁ ବିଜୟ ଦେବି, ଦେଖିବି ତୁମେ ଆଘାତ ସହି ପାର କି ନାହିଁ ।

ଭଗବାନ୍ ଅସୁରମାନଙ୍କ ମନୋବାଞ୍ଛା ପୂର୍ଣ୍ଣ କରନ୍ତି । ସାଧାରଣତଃ ଏହାହିଁ ହେଉଛି ସେମାନଙ୍କୁ ଯଥାଶୀଘ୍ର ଅନ୍ତିମକୁ ଠେଲି ଦେବାର ସହଜ ଉପାୟ, ଅସୁର ତାହାର ନଶ୍ୱରତ୍ୱ ସମ୍ବନ୍ଧରେ ସଚେତନ । ସେ ଜାଣେ ଯେଉଁ ମନୋଭାବ ନେଇ ସେ ଚାଲିଛି, ଏ ବିଶ୍ୱରେ ତା' ସ୍ଥାୟୀ ହୋଇ ପାରିବ ନାହିଁ; ତା'ର ପ୍ରକୃତିହିଁ ତାକୁ ଧ୍ୱଂସ ଦିଗରେ ଠେଲି ନେଇ ଚାଲିଛି । ଦିନେ ସେ ଶେଷ ହୋଇଯିବ । ଅବଶ୍ୟ ଅସୁରମାନଙ୍କ ସମୟ ମନୁଷ୍ୟମାନଙ୍କ ସମୟଠାରୁ ଦୀର୍ଘତର, ତା' ସତ୍ତ୍ୱେ ବି ସେ ଜାଣେ ଯେ ସେ ଦିନେ ଶେଷ ହୋଇଯିବ । କାରଣ ସେ ଅନ୍ତର ଭିତରୁ ବିଚ୍ଛିନ୍ନ ହୋଇ ଯାଇଛି । ତା'ର ଉଦ୍ଦେଶ୍ୟ ହେଉଛି ଯେତେଦୂର ସମ୍ଭବ ତା'ର କାମନା-ବାସନାଗୁଡ଼ିକୁ ଟାଣି ନେଇ ଚାଲିବା ତା'ର ସବିଶେଷ ପତନର ଦିନ ପର୍ଯ୍ୟନ୍ତ ଏବଂ ସେ ଯଦି ତା'ର ପଥରେ ଅବାଧରେ ଚାଲିପାରେ ତେବେ ଶେଷ ପତନର ଦିନ ଆହୁରି ନିକଟତର ହୋଇ ଆସେ ।

ଏଥିପାଇଁ ଏହି ବିଶ୍ୱରେ ଯେତେବେଳେ ବିରାଟ କିଛି ମହତ୍ ଘଟଣା ଘଟେ, ଠିକ୍ ସେତିକିବେଳେ ବିରୋଧୀ ଶକ୍ତିଗୁଡ଼ିକ ସକ୍ରିୟ ହୋଇ ଉଠନ୍ତି । ପ୍ରଚଣ୍ଡ ଶକ୍ତି ନେଇ ସେମାନେ ଆବିର୍ଭୂତ ହୁଅନ୍ତି । ବିପୁଳ ସାଫଲ୍ୟ ଅର୍ଜନ କରନ୍ତି । ତା'ର ଅର୍ଥ ସେମାନଙ୍କୁ ନିଜର ସର୍ବନାଶ ଦିଗରେ ଦ୍ରୁତ ଭାବରେ ଛୁଟି ଚାଲିବା ପାଇଁ ଅବାଧ ସ୍ୱାଧୀନତା ଦିଆ ଯାଇଛି ।

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ',
ପ୍ରଥମ ଖଣ୍ଡ, ପୃଷ୍ଠା : ୨୯୫ - ୨୯୭)

❑❑❑

# ନବବର୍ଷ : ନବଚେତନା

## ସୁନାମଣି ରାଉତ

"Let the birth of the new year be the new birth of our consciousness. Leaving the past far behind us, let us run towards a luminous future."
(MCW, Vol. 15, p. 165) – The Mother

''ନୂତନ ବର୍ଷର ଜନ୍ମ ଯେପରି ଆମ୍ଭମାନଙ୍କ ଚେତନାର ନବଜନ୍ମ ହୋଇଉଠେ । ଅତୀତକୁ ପଛରେ ବହୁ ଦୂରରେ ଛାଡ଼ି ଆସ ଆମେ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ୍ ଅଭିମୁଖେ ଆଗେଇ ଚାଲିବା ।''

– ଶ୍ରୀମା

[ଶ୍ରୀମା'ଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ନବବର୍ଷ : ନବଚେତନା**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ନବବର୍ଷର ନବୀନ ଆଲୋକେ
ଉଦ୍‌ଭାସିତ ଏ ଧରା,
ବିଲ, ବନ, ବୀଥି, ସାଗର, ଭୂଧର
ସରଗ ସୁଷମା-ଭରା ।୧।

ଦୁର୍ଲଭ ଏଇ ମାନବ ଜୀବନ
ସୁନ୍ଦର ଏ ଧରାପରେ,
ଦୟା, କ୍ଷମା, ପ୍ରେମ, ମାନବିକତା ଯେ
ଅମୃତ ହୋଇ ଝରେ ।୨।

ବିକଶିତ ହେଉ ନବଚେତନାର
ନବୀନ ଆତ୍ମଜ୍ଞାନ,
ନବପୁଲକରେ ପୁଲକିତ ହେଉ
ଧାରଣା, ଧୀଷଣା, ଧ୍ୟାନ ।୩।

ଅଭୁଲା ଅତୀତ ଭୁଲି ହୋଇଯାଉ
ଯାଉ ଦୂରେ ବହୁ ଦୂରେ,
ମାନସରେ 'ଅତିମାନସ'-ଚେତନା
ଭରିଯାଉ ପୁରେ ପୁରେ ।୪।

ମୋହ-ମାୟାଭରା ଏ ସାରା ସଂସାର
ନବଜନ୍ମ ପୁଣି ଲଭୁ,
ଭୂମିରୁ ଭୂମାକୁ ବ୍ୟାପୀ ରହିଛନ୍ତି
ସେହି ସର୍ବମୟ ପ୍ରଭୁ ।୫।

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ
ମଣିଷ ଅମୃତ ସୃଷ୍ଟି,
ସେ ପରମ ପିତା ହରତା କରତା
କରନ୍ତି କରୁଣା ବୃଷ୍ଟି ।୬।

ଏଇ ଦୁନିଆରେ ଧନ-ଜନ-ମାନ
ଗୋଟିଏ ଗୋଟିଏ ଯନ୍ତା,
ଏଥିରୁ ନିସ୍ତାର ପାଇବା ସକାଶେ
ପ୍ରାର୍ଥନାହିଁ ଏକ ପନ୍ଥା ।୭।

ଏ ନବବର୍ଷର ନବଚେତନାରେ
ମନ-ପ୍ରାଣ ଯାଉ ଭରି,
ଭବିଷ୍ୟତ୍ ହେଉ ଉଜ୍ଜ୍ୱଳମୟ
ମାତୃକୃପା ପଡୁ ଝରି ।୮। ❑

# ଦ୍ୱୀପାନ୍ତରର କଥା

## (ଦ୍ୱାଦଶ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ଆତ୍ମକଥା

### (୧)

ଏତେ ବଡ଼ ଦୁଃଖ ଓ ବନ୍ଧନର ବେଦନା ଜୀବନରେ ବୋହି କରି ନେଇ କାହାର କେଉଁ ପ୍ରକାରରେ ଆଣ୍ଡାମାନରେ ଦିନ କଟିଲା, ତାହା ଶୁଣିବାକୁ ଅନେକ ବନ୍ଧୁ ଓ ଆତ୍ମୀୟମାନେ ବ୍ୟାକୁଳ ଅଛନ୍ତି । କିନ୍ତୁ ଏତେ ଜଣଙ୍କର ମନର ଗୋପନ କଥା ଜଣେ ଜାଣିବା ଓ କହିବା ଅସମ୍ଭବ । ତେଣୁ ନିଜ କଥାହିଁ କହିବି, ପ୍ରସଙ୍ଗକ୍ରମେ ମୋ ବ୍ୟଥା-ସହ ଯେ ବ୍ୟଥିତ ତା' ଅନ୍ତରର ଗୋଟେ ଦୁଇଟା କଥା ଆସିପାରେ ।

ଯେତେବେଳେ ଗଳାରେ ଫାଶୀ ଦଉଡ଼ି ବାନ୍ଧି ଫାଶୀଘରେ ବସି ଦିନ ଗଣୁଛି, ସେତେବେଳେ ମୋର ଭାବନାରେ ଟଳମଳ ଅବସ୍ଥା । ମରଣ ସହ ସେତେବେଳେ ନିରୋଳାରେ ମୁହାଁମୁହିଁ ବସି ପରମ ସୁହାଗରେ ତା'ର ଓଢ଼ଣି ଟଣାଟଣି କରୁଛି । କାରଣ ଦୁଃଖ-ସୁନ୍ଦର ସେତେବେଳେ କାନେ କାନେ କହି ଯାଇଛି ଯେ, ''ଏଇ କଳା ଓଢ଼ଣି ତଳେ ଆଲୋକରେ ଆଲୋକମୟ ମନଲାଖି ରୂପ ଅଛି ।'' ତେଣୁ ମୁଁ ବି ବସନ ଟାଣି ସେହି ମୁହଁ ଦେଖିବି, ଆଉ ସେ ବି ଦେଖାଇବ ନାହିଁ । ତୁମେମାନେ ପଚାରିଛ, ''ମରଣକୁ କ'ଣ ଭୟ ଲାଗେନା ?'' ଭୟ ଲାଗେ ତ, ତେଣୁ ପ୍ରଥମ ଦିନ ଫାଶୀର ହୁକୁମ ଶୁଣି ଏତେ ହସଖୁସୀର ମଝିରେ ବି ମୋ ଆଖିରେ ଲୁହ ଜମି ଯାଇଥିଲା । ମନେ ହୋଇଥିଲା, ଯାହାକୁ ପ୍ରାଣ ଥିବା ପର୍ଯ୍ୟନ୍ତ ଦେବାକୁ ଚାହିଁ ନାହିଁ, ସେହି ଦେହ-ମନ-ପ୍ରାଣ ସର୍ବସ୍ୱକୁ ବୋଧହୁଏ ଠାକୁର ଏବେ ଛଡ଼େଇ ନେଲେ । ମନୁଷ୍ୟ ଏକ ଅବିମିଶ୍ର ଭାବର ସମ୍ଭୋଗ କେତେବେଳେ ପାଏ କି ନା ଜାଣେନା । ମୋର ଭାଗ୍ୟରେ ତ ଚିରଦିନହିଁ ଡିଆଁଡେଇଁ କରି ଗଣ୍ଡଗୋଳ ସୃଷ୍ଟି କରି ଏକ ସଙ୍ଗରେ ଶହେଟା ଭାବର ମନମତାଣିଆ କୀର୍ତ୍ତନହିଁ ଜୁଟିଛି । ଭୟରେ ଛାତି ଧଡ଼ ଧଡ଼ ହେଉଛି, ତଥାପି ଲୁହକୁ ଚାପି ସର୍ବସ୍ୱ ଦେବାର ଆନନ୍ଦାଶ୍ରୁ ! ସ୍ଫୂର୍ତ୍ତିଭରା ମନ-ପ୍ରାଣରେ କହୁଛି, ''ଆଗୋ, ଏତେ ସ୍ପର୍ଶ, ଏତେ ଗନ୍ଧ, ଏତେ ରଙ୍ଗର ରଙ୍ଗରାଜ ! ବର୍ତ୍ତମାନ ମୋର ମନ୍ଦିରର ବତୀ ଲିଭାଅ ନାହିଁ । ବର୍ତ୍ତମାନ ମୋର ମୃତ୍ୟୁରେ ବି ସୁଖ ନାହିଁ, କାରଣ ଏହା ମୋର ସ୍ୱାମୀ-ସୋହାଗର ବୟସ । ଛାତିଫଟା ତୃଷ୍ଣା ତ ବର୍ତ୍ତମାନ ବି ତୁମର ଚରଣ ସ୍ପର୍ଶ କରି ମରିବାର ସୁଖ ପାଇ ନାହିଁ ।'' କିନ୍ତୁ ଠିକ୍ ସେତିକିବେଳେ ପୁଣି ଚିର ଉଦାସ ଓ ନିର୍ବିକାର ଜ୍ଞାନ-ବିବେକ ମନ ମୃଗାଜିନ ଆସନରେ ବସି ଗାଉଛି : ''ଯେପରି ଜଳର ବିମ୍ବ ଜଳରେ ଉଦୟ, ସେହିପରି ଜଳ ହୋଇ ମନ ମିଶି ଯାଏ ଜଳରେ ।'' ଯେଉଁ ଆସରରେ ଘରଭର୍ତ୍ତି ମରଣକାନ୍ଦଣା, ସେଇ ଆସରରେ ଗଙ୍ଗାକୂଳ ଦୀପୋତ୍ସବ ! ଏମିତି କାହାର ହୁଏ ଜାଣେନା । ମୋର ତ ହୋଇଥିଲା ।

ଯେମିତି ଭାବ ସେମିତି ଲାଭ — ଫାଶୀର ହୁକୁମ ରଦ୍ଦ ହୋଇ ଯାବଜ୍ଜୀବନ ଜିଅନ୍ତା କବରସ୍ଥ ରହିବାର ହୁକୁମ ଦିନେ ଆସି ପହଞ୍ଚି ମୋର ମରଣର ପଥ ଚାହିଁବା ନିଃଶେଷ କରିଦେଲା । ସେତେବେଳେ ପୁଣି ପଟ୍ଟ-ପରିବର୍ତ୍ତନ ହୋଇ ଆଣ୍ଡାମାନୀ ଆସରରେ ଜୀବନର ଅଭିନବ ଦୁଃଖର ବିଚିତ୍ର ଖେଳ ଆରମ୍ଭ ହେଲା । ସୁଖକୁ ଚାହିଁ ସୁଖର ଘରେ ଯେଉଁ ବାସିନ୍ଦା, ତା'ର ମଥାରେ ଅତର୍କିତ ଭାବରେ ସର୍ବନାଶୀ ଦୈବ ଦୁର୍ବିପାକ ଆସିଲେ ପ୍ରାୟ ଖୁବ୍ ବାଧେ; ସମସ୍ତ ଅନ୍ତରାତ୍ମା ସୁଖର ଅଭାବ-ଜନିତ ଦୁଃଖରେ ହାହାକାର କରିଉଠେ । ଆମମାନଙ୍କର ବିପଦଟା କିନ୍ତୁ ଥିଲା ଡାକି ଆଣିବା ବିପଦ; ନାଳ କାଟି ଗଙ୍ଗାର କୁମ୍ଭୀର ଘରକୁ ଆଣିବା ସଦୃଶ କାଣ୍ଡ । ଯେତେ ବଡ଼ ବେଦନା ହେଉ ପଛକେ, ତାହା ଯଦି ଯାଚି ଯାଚି ବରଣ କରାଯାଏ, ତା'ହେଲେ ତା'ର ଅର୍ଦ୍ଧେକ କଷ୍ଟ ଦେହକୁ ଲାଗେନା; ଦୁଃଖର କଷାଘାତରେ କେବଳ ହସ ଲାଗେ । ପ୍ରେମ ପଥରେ କଣ୍ଟା ଯେତେ ଫୁଟେ, ଯେତେ କଷ୍ଟ ଦିଏ, ସେତେହିଁ ସୁଖ; କଷ୍ଟ ନପାଇଲେ ଯେପରି ସେ ସୁଖର ମିଳନ ଉତ୍ସବ ଜମେ ନାହିଁ । ତେବେ ଦୁଃଖ ତ ଦୁଃଖ ନିଶ୍ଚୟ — ତେଣୁ କିଛି ପରିମାଣରେ

ଯନ୍ତ୍ରଣା ତ ହୁଏ । ଆମେ ଢାଲ ଓ ତଲବାର ହୀନ ଦେଶୋଦ୍ଧାର ନିଧିରାମ୍ ସର୍ଦ୍ଦାର ହେଲେ ବି ରକ୍ତମାଂସର ମଣିଷ ତ !

ଦୁଃଖ ଥିଲା ଅନେକ । ତା' ମଧ୍ୟରେ ପ୍ରଥମେ ପ୍ରଥମେ ସାଥୀର ଅଭାବ ଥିଲା ସବୁଠୁ ବଡ଼ ଦୁଃଖ । କଡ଼ା ହୁକୁମ ଥିଲା ଗୋଟିଏ ବ୍ଲକରେ ପାଖାପାଖି ରହିବେ ମାତ୍ର, କିନ୍ତୁ କେହି କାହା ସହ କଥା କହି ପାରିବେନି । ଏକା ସଙ୍ଗରେ ବୁଲା ବୁଲି, ଆହାର ବିହାର, ଅଥଚ କଥା କହି ନପାରି ଅନ୍ତରାତ୍ମାର ଯେ କି ପ୍ରକାର କ୍ଷୁବ୍ଧ ହାହାକାର ! ଟିକିଏ ଅଧେ ଉଢ଼ାଳରେ ଆଖି ଠାରାଠାରି ଓ ଚୁପ୍‌ଚୁପ୍ ଆଳାପ, ସେଥିରେ ଦୁଃଖ ବଢ଼େ ସିନା କମେ ନାହିଁ । ଅବୈଧ ଆଳାପରେ ଟିକିଏ ଅନ୍ୟମନସ୍କ ଦଶାରେ କାହାକୁ ଧରି ପାରିଲେହିଁ ଖୋୟେଦାଦ ଚାଚାର ହୁଂକାର ଉଠେ, – ''ଏଇ ବାଂଗାଲୀ, ଥୋଡ଼ା ସରମ୍ କରୋ !'' କାମରେ ଅକାମରେ ସରମ୍ କରୁ କରୁ ସଦା ସଙ୍କୁଚିତ ଆମେ ମନେ ମନେ ଭାବୁଥାଉ ''ଏକଥା ତ ନଥିଲା ! ହୁଏତ ବିକଳ୍ପରେ ଦେଶ ଉଦ୍ଧାର କରିବାକୁ ଯାଇଥିଲୁ, ତା' ବୋଲି ଚାପାଦାଢ଼ିବାଲା କାବୁଲୀ ନଣନ୍ଦର ରୁକ୍ଷ ଗାଳି ସହିବାର କଥା ଥିଲା କି ? ଆଉ ଯେତେବେଳେ ସେତେବେଳେ ଏତେ ଲଜ୍ଜା ଅବା କେଉଁଠାରୁ ମିଳେ ?'' ଏ ଯେପରି ହିନ୍ଦୁ ଘରର ପତିବତ୍ସଳା ଲଜ୍ଜାବିଜଡ଼ିତା ଲୁଗାବନ୍ଧାଟି ନୁହେଁ ତ ଆଉ କ'ଣ ? ଏପରି ଦୁର୍ଭାଗ୍ୟ ବି ମଣିଷ କପାଳରେ ଘଟେ ! ସେଇଠୁ ଆମେ ପ୍ରଥମ ଅବରୋଧରେ ଦୁଃଖ ଓ ବିଭୀଷିକାଟିକୁ ବୁଝିଲୁ ।

ଖାଇବା, ପିନ୍ଧିବାର ଦୁଃଖ ପ୍ରଥମେ ପ୍ରଥମେ ଦୁଃସହ ହୋଇ ନାହିଁ; ଯେତେ ଯେତେ ଦିନ ବିତିବାକୁ ଲାଗିଲା, ଯେତେହିଁ ପ୍ରତିଦିନ ଡାଲି, ଭାତ ଓ ସାରୁପତ୍ର ଖାଇବାର ବୈଚିତ୍ର୍ୟହୀନ ଭାବଟା କଣ୍ଟା ପରି ବିନ୍ଧିବାକୁ ଆରମ୍ଭ କଲା, ଏବଂ ଯେତେ ଯେତେ ଦେଶର ଜଳବାୟୁର ଗୁଣ ଘୁଞ୍ଚି ଯାଇ ଆଣ୍ଡାମାନୀ ଜଳବାୟୁର ଗୁଣ ଅନୁଭୂତ ହେବାକୁ ଲାଗିଲା, ସେତେହିଁ ଆହାରରେ ରୁଚି ଓ ମନର ଶ୍ରଷ୍ଟି ଚାଲିଗଲା । କାର୍ଯ୍ୟତଃ ଖାଦ୍ୟ ଖାଉଥିଲୁ ହୁଏତ ନିତାନ୍ତ କର୍ତ୍ତବ୍ୟବୋଧରେ ଓ କ୍ଷୁଧାର ତାଡ଼ନାରେ ଏବଂ ସେଇ ହେତୁ ଆହାରର ପରିମାଣ ଯେଉଁପ୍ରକାର ମିତାଚାର ହୋଇ ଦେଖା ଦେଲା ତାହା ଯୋଗୀଜନବାଞ୍ଛିତ – ଏଇ ଦୁର୍ଭିକ୍ଷ ପ୍ରପୀଡ଼ିତ ଭାରତରେ ନିତାନ୍ତହିଁ ଆବଶ୍ୟକୀୟ ଶିକ୍ଷା । ଶୁଣିଛି ବ୍ରାହ୍ମଣ ଘରର ଗୋରୁମାନେ କମ୍ ଖାଆନ୍ତି, କିନ୍ତୁ ଗୋବର ଓ ଦୁଗ୍ଧ ବେଶୀ ପରିମାଣରେ ଦିଅନ୍ତି; ଆମର ମଧ୍ୟ ହେଲା ଏଇ ଗୋ-ବ୍ରାହ୍ମଣର ଅବସ୍ଥା । କଏଦୀ ଖାଏ କମ୍, ପରିଶ୍ରମ କରେ ଚାରିଗୁଣ । ପ୍ରତିଦିନ ଗୋଟିଏ ବେଳାର ଆହାର୍ଯ୍ୟ ପରିମାଣ ଏଇ ପ୍ରକାରର ଥିଲା – ଚାଉଳ ୬ ଆଉନ୍‌ସ, ରୁଟିର ଅଟା ୫ ଆଉନ୍‌ସ, ଡାଲି ୨ ଆଉନ୍‌ସ, ଲବଣ ୧ ଡ୍ରାମ, ତେଲ ୩/୪ ଡ୍ରାମ, ତରକାରୀ ଆଠ ଆଉନ୍ସ । ଏଠାରେ ଚୁଡ଼ା, ଖଇର ଗୋଟିଏ ମାପ, ଗୁରୁଭୋଜୀ, ବିଶାଳ ଦେହୀ କୈଳାସ ଓ ମୋ' ପରି କୃଶଦେହୀ ଗଙ୍ଗାଫଡ଼ିଂ (ସବୁଜ ରଙ୍ଗର ଝିଣ୍ଟିକା) ଉଭୟଙ୍କ ନିମିତ୍ତ ଏଇ ପରିମାଣ ଆହାରର ବ୍ୟବସ୍ଥା ।

ତେବେ ସୁଖର ବିଷୟ ଆହାର ଏଠାରେ ଖୁବ୍ ଗୋଟାଏ ବଡ଼ ସମସ୍ୟା ହୁଏ ନାହିଁ । ପୋର୍ଟ ବ୍ଲେୟାରର ଭାତ ଓ ପାଣି କିଛିଦିନ ପେଟରେ ପଡ଼ିଲେହିଁ ଅଗ୍ନିମାନ୍ଦ୍ୟ ରୋଗର ଚରମ ଅବସ୍ଥା ଦେଖାଦିଏ । ତା'ପରେ ଯେଉଁ ଚର୍ବଚୋଷ୍ୟ ପରମାନ୍ନ ଖାଦ୍ୟର ବ୍ୟବସ୍ଥା, ସେଥିରେ ରୁଚି ଓ କ୍ଷୁଧା ଅଚିରେ କୈଫିୟତ ଦେଇ ବସନ୍ତି । ଦୁଇ ବର୍ଷ ଏକାଧାରରେ ସାରୁଶାଗ ଓ ଅନ୍ନ ଆହାର କଲା ପରେ ନୂତନ କିଛି ଖାଦ୍ୟ – ଯଥା ତୁଚ୍ଛ ମିଠାଇ ମଣ୍ଡା ଯେ କି ପ୍ରକାର ଅମୃତ ବୋଧ ହୁଏ, ସେକଥା କ'ଣ ବୁଝାଇବି ? ଦିନେ ସୈୟବ ଜବ୍‌ବାର ନାମରେ ଜଣେ ପଠାଣ ଓ୍ୱାର୍ଡ଼ର ରାତିରେ ପହରା ସମୟରେ ମୋ ପାଇଁ କିଛି ମାଂସ ରାନ୍ଧି ଗୋପନରେ ଆଣିଥିଲା, ତା'ର ସ୍ୱାଦ କେବେବି ପାଣ୍ଡବପ୍ରିୟା ଦ୍ରୌପଦୀର ସ୍ୱହସ୍ତପକ୍ୱ ରନ୍ଧନରେ ଥିଲା କି ନା ସନ୍ଦେହ । ଦିନେ ଚାର୍ଲି ବୋଲି ଜଣେ ପୁରାତନ କଏଦୀ (Jail bird) ରୁଟି ସହ ଚିନି ଓ ଟଟକା ନଡ଼ିଆ ତେଲ ଲଗାଇ ମୋତେ ଖାଇବାକୁ ଦେଇଥିଲା; ବର୍ଦ୍ଧମାନର ମିହିଦାନାରେ ସତକୁ ସତ ଏମିତି ସ୍ୱାଦ କେବେ ପାଇ ନାହିଁ । ପୋର୍ଟ ବ୍ଲେୟାରରେ ସେଇ ଦୁଃଖ ଦୈନ୍ୟର ଜୀବନରେ ବେଶ୍ ହୃଦୟଙ୍ଗମ କରାଯାଏ ଯେ ଯେଉଁମାନେ ସୁଖର ଶଯ୍ୟାରେ ପାଳିତ ହୋଇ ନିତ୍ୟ ବହୁ ସୁଖାଦ୍ୟ ଆହାର କରନ୍ତି, ସେମାନେ ବଡ଼ କୃପାପାତ୍ର ! ଜିହ୍ୱାର ଆସ୍ୱାଦନ ସୁଖରୁ ସେମାନଙ୍କ ପରି ବଞ୍ଚିତ ଏ ଦୁନିଆରେ ଆଉ କେହି ନାହିଁ । ଦୁଃଖୀ ବହୁ କଷ୍ଟରେ ଜୀବନରେ ଦୁଇ ଚାରି ଦିନ ପାୟସ୍ ଭଳି ପରମାନ୍ନ ଖାଇ ଯେଉଁ ବିପୁଳ ଆନନ୍ଦ ପାଏ, ରାଜାଙ୍କ ଘରେ ତାହା ନାହିଁ । Hunger is the best sauce – କ୍ଷୁଧାହିଁ ଅନ୍ନରେ ଆସ୍ୱାଦ ଆଣିଦିଏ । ଏହାଠାରୁ ବଡ଼ ସତ୍ୟ ରସନାର ସୁଖଭୋଗ ବିଷୟରେ ଆଉ କିଛି ଅଛି କି ?

ବୋଧହୁଏ ସବୁ ବିଷୟରେ ଏହି ସତ୍ୟ ସବୁଠାରୁ ବଡ଼ ସତ୍ୟ । ଅନ୍ତରର ମିଳନରେ ସୁଖୀ ଏକପତ୍ନୀକ ବୋଧହୁଏ

ଏଇଭାବେ ଲମ୍ପଟଠାରୁ ଅଧିକ ସୁଖୀ । ଚିନ୍ମୟୀ ନାରୀକୁ ଯିଏ
ସୁଖ-ସଂଯମର ମଝିରେ ପରମ ବନ୍ଧନରେ ପାଏ, ମୃଣ୍ମୟୀର
ସଙ୍ଗକାମନା କରୁଥିବା ଦେହର ନିତ୍ୟ-ବ୍ୟାପାରୀ ବୋଧହୁଏ
ଏଇ କାରଣରୁ ସେଇ ଅମୃତ ରସରୁ ଚିରଦିନ ବଞ୍ଚିତ ।

''ଯେ ଜଗତ-ରାଧା ସେ ତ ମୋରି ଭିତରେ !
ନାରୀ ମୋର ପୁଣି କି କାର୍ଯ୍ୟରେ ଆସିବ ?
ଭୋଗରେ ସାକାରା
ମୋକ୍ଷରେ ନିରାକାରା
ମୋତେ, ତ୍ରିପୁର-ସୁନ୍ଦରୀ ଦେଇଛି ଅଭୟ ।
ଦେହରେ ନିରଞ୍ଜନୀଙ୍କୁ କରେ ଦରଶନ
ତାଙ୍କୁ ଯେଉଁ ପ୍ରେମରେ କରେ ଗୋ ହୃଦୟରେ ଧାରଣ
ନିଜେ ଅଙ୍ଗେ ନେଇ
ହରଗୌରୀ ହୋଇ
ମହାମାୟା ତାଙ୍କୁ ଦିଅନ୍ତି ଶିବପଦ ।''

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑


"To be one with all Nature and all beings, this is Yoga."

*(The Hour of God, p. 15)* - Sri Aurobindo

**Collected Works of the Mother 17 Vols. (CR) (PB)** **– Rs. 3500**

**The Great Adventure - A Diary for all times: (New Revised Edition)** **– Rs. 395**

**Ideal Child, Ideal Parent, Ideal Teacher (3in1) Booklet** **– Rs. 75**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***)** **– Rs. 50**

**125 Drops of Nectar – Daily Quotations by the**
**Divine Mother and Lord Sri Aurobindo** **– Rs. 150**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact No. : 0413 - 2334542, 2336673, 4205976, website: www.vakbooks.in

# ନୂତନ ଶିକ୍ଷାର ଆହ୍ୱାନ

## (୧୬)

## ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଶିକ୍ଷା ଆୟୋଗର ଅବସ୍ଥାନ କାଳରେ ଏବଂ ଶିକ୍ଷା ଆୟୋଗ ଚାଲିଯିବା ପରେ ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ଏବଂ ବର୍ତ୍ତମାନ ଭାରତୀୟ ଶିକ୍ଷା ଓ ଅନ୍ୟାନ୍ୟ ସମସ୍ୟା ଉପରେ ଶ୍ରୀମା ତାଙ୍କର ବାଣୀ ଓ ପ୍ରଶ୍ନୋତ୍ତର ରୂପେ ୧୯୬୫ ମସିହା ଅଗଷ୍ଟ ୫ ତାରିଖରେ ଯାହା ଆଲୋକପାତ କରିଛନ୍ତି, ତାହା ସମସ୍ତ ଶିକ୍ଷାବିତ୍, ଛାତ୍ର, ଗବେଷକ ଓ ଦେଶର ବୁଦ୍ଧିଜୀବୀମାନେ ଜାଣିବା ସହ ସେ ବିଷୟରେ ଗଭୀର ଭାବେ ଚିନ୍ତା କରିବା ଆବଶ୍ୟକ ।

**ଶ୍ରୀମା'ଙ୍କୁ ପ୍ରଥମ ପ୍ରଶ୍ନ :** ଜାତୀୟ ଓ ଅନ୍ତର୍ଜାତୀୟ ଜୀବନଧାରାର ବର୍ତ୍ତମାନ ଓ ଭବିଷ୍ୟତ୍ ଦୃଷ୍ଟିରୁ ଶିକ୍ଷା ସମ୍ପର୍କରେ ଭାରତର ଲକ୍ଷ୍ୟ କ'ଣ ହେବା ଉଚିତ ?

**ଶ୍ରୀମା'ଙ୍କ ଉତ୍ତର :** ମିଥ୍ୟାର ପ୍ରତ୍ୟାଖ୍ୟାନ ଓ ସତ୍ୟର ଅଭିବ୍ୟକ୍ତି ପାଇଁ ତା'ର ସନ୍ତାନମାନଙ୍କୁ ତିଆରି କରିବା ।

**ଦ୍ୱିତୀୟ ପ୍ରଶ୍ନ :** ଏହି ଉଚ୍ଚତର ଲକ୍ଷ୍ୟ ପୂରଣ କରିବାକୁ ହେଲେ କେଉଁସବୁ ସୋପାନ ଦେଇ ଦେଶ ଅଗ୍ରସର ହେବ ଏବଂ ସେ ଦିଗରେ ଆରମ୍ଭ କିପରି ହେବ ?

**ଉତ୍ତର :** ଆତ୍ମାର ଅଭିବ୍ୟକ୍ତି ପାଇଁ ଜଡ଼ ବା ବସ୍ତୁକୁ ପ୍ରସ୍ତୁତ କରିବା ।

**ତୃତୀୟ ପ୍ରଶ୍ନ :** ଭାରତର ସ୍ୱକୀୟ ପ୍ରତିଭା କ'ଣ ଏବଂ ତା'ର ଭବିତବ୍ୟ କ'ଣ ?

**ଉତ୍ତର :** ପୃଥିବୀକୁ ଏହି ଶିକ୍ଷା ଦେବା ଯେ ଭୌତିକ ବସ୍ତୁ ଯେପର୍ଯ୍ୟନ୍ତ ଆତ୍ମାର ଅଭିବ୍ୟକ୍ତିରେ ପରିଣତ ନ ହୋଇଛି ସେପର୍ଯ୍ୟନ୍ତ ତାହା ମିଥ୍ୟା ଓ ଶକ୍ତିହୀନ ଅଟେ ।

**ଚତୁର୍ଥ ପ୍ରଶ୍ନ :** ଭାରତରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତିକୁ ଶ୍ରୀମା କେଉଁ ଦୃଷ୍ଟିରେ ଦେଖୁଛନ୍ତି ? ମନୁଷ୍ୟ ଭିତରେ ଆତ୍ମାର ବିକାଶ ପାଇଁ ସେଗୁଡ଼ିକର ଅବଦାନ କ'ଣ ଥାଇ ପାରେ ?

**ଉତ୍ତର :** ଏହାର ଏକମାତ୍ର କାର୍ଯ୍ୟ ହେଲା ଆତ୍ମାର ଅଭିବ୍ୟକ୍ତି ଓ ପ୍ରକାଶ ପାଇଁ ଭୌତିକ ବସ୍ତୁର ଭିତ୍ତିକୁ ଦୃଢ଼ତର, ପୂର୍ଣ୍ଣତର ଓ ଅଧିକ ଫଳପ୍ରଦ କରିବା ।

**ପଞ୍ଚମ ପ୍ରଶ୍ନ :** ବର୍ତ୍ତମାନ ଦେଶ ଆଗରେ ମୁଖ୍ୟ ସମସ୍ୟା ହେଉଛି ଜାତୀୟ ଐକ୍ୟ । ଏ ସମ୍ପର୍କରେ ଶ୍ରୀମା'ଙ୍କର ଦୃଷ୍ଟି କ'ଣ ? ନିଜ ସମ୍ପର୍କରେ ଓ ପୃଥିବୀ ସମ୍ପର୍କରେ ଭାରତ କିପରି ତା'ର କର୍ତ୍ତବ୍ୟ ସମ୍ପନ୍ନ କରି ପାରିବ ?

**ଉତ୍ତର :** ସକଳ ଜାତିର ଏକତା ହେଉଛି ପୃଥିବୀର ଅନିବାର୍ଯ୍ୟ ଭବିଷ୍ୟତ୍; କିନ୍ତୁ ଜାତିମାନଙ୍କ ଭିତରେ ଏହି ଏକତା ସମ୍ଭବ ହେବାକୁ ହେଲେ, ପ୍ରତ୍ୟେକ ଜାତିକୁ ପ୍ରଥମେ ନିଜର ଏକତା ହାସଲ କରିବାକୁ ହେବ ।

**ଷଷ୍ଠ ପ୍ରଶ୍ନ :** ଭାଷା ସମସ୍ୟା ଭାରତକୁ ଅନେକ ଅସୁବିଧାର ସମ୍ମୁଖୀନ କରାଉଛି । ଏ ସମ୍ପର୍କରେ ଆମର ଯଥାର୍ଥ ଦୃଷ୍ଟିକୋଣ କ'ଣ ହେବା ଉଚିତ ?

**ଉତ୍ତର** : ଐକ୍ୟ ବାସ୍ତବତାରେ ପରିଣତ ହେବା ଆବଶ୍ୟକ ଏବଂ ଏହା କୌଣସି ମନମୁଖି ଆଇନ ଲଦି ଦେବା ଦ୍ୱାରା ସମ୍ଭବ ହୋଇ ନଥାଏ । ଯେତେବେଳେ ଭାରତ ଏକ ହୋଇଯିବ, ସେତେବେଳେ ସେ ସମସ୍ତଙ୍କର ବୋଧଗମ୍ୟ ହେଉଥିବା ଗୋଟିଏ ଭାଷା ସ୍ୱତଃସ୍ଫୂର୍ତ୍ତ ଭାବେ ପାଇପାରିବ ।

**ସପ୍ତମ ପ୍ରଶ୍ନ :** ବର୍ତ୍ତମାନ ଶିକ୍ଷା ସାଧାରଣତଃ ସାକ୍ଷରତା ଓ ଏକ ସାମାଜିକ ମର୍ଯ୍ୟାଦାରେ ପରିଣତ ହୋଇଛି । ଏହା ଏକ ଅସ୍ୱାସ୍ଥ୍ୟକର ଲକ୍ଷଣ ନୁହେଁ କି ? କିନ୍ତୁ ଶିକ୍ଷାକୁ ତା'ର ଆନ୍ତର ମୂଲ୍ୟ ଓ ଅନ୍ତର୍ନିହିତ ସରସତା କିପରି ଦିଆ ଯାଇପାରିବ ?

**ଉତ୍ତର :** ସମସ୍ତ ପ୍ରକାର ପରମ୍ପରାଗତ ବିଧିବିଧାନରୁ ମୁକ୍ତ ହୁଅ ଏବଂ ଆତ୍ମାର ବିକାଶ ଉପରେ ଗୁରୁତ୍ୱ ଦିଅ ।

**ଅଷ୍ଟମ ପ୍ରଶ୍ନ :** ଆଜିର ଶିକ୍ଷାକୁ କେଉଁ ପ୍ରକାର ମୋହ ଓ ବିଭ୍ରାନ୍ତି ଗ୍ରାସ କରିଛି ? ଆମେ କିପରି ସେସବୁର କବଳରୁ ରକ୍ଷା ପାଇବୁ ?

**ଉତ୍ତର :** (କ) ବାହ୍ୟ ସଫଳତା (Success),

ଜୀବିକାର୍ଜନବୃତ୍ତି (Career) ଓ ଅର୍ଥ ଉପାର୍ଜନ (Earning Money) ଉପରେ ଦିଆ ଯାଇଥିବା ଅତ୍ୟଧିକ ଗୁରୁତ୍ୱ ।

(ଖ) ଆତ୍ମା ସହିତ ସମ୍ବନ୍ଧ ସ୍ଥାପନ ଏବଂ ସତ୍ତା ମଧ୍ୟସ୍ଥ ସତ୍ୟର ଅଭିବୃଦ୍ଧି ଓ ପ୍ରକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦିଅ ।

୧୯୬୫ ମସିହାରେ ଶ୍ରୀମା ଶିକ୍ଷା ଓ ସମସ୍ୟା ଉପରେ ଯାହାସବୁ କହି ଯାଇଛନ୍ତି ତାହା ଏବେ ବି ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ ହୋଇ ରହିଛି ।

## ପ୍ରଥମ ଜାତୀୟ ଶିକ୍ଷାନୀତି (NPE-1968)

ଭାରତୀୟ ଶିକ୍ଷା ଆୟୋଗ Indian Education Commission : (୧୯୬୪-୬୬)ର ସୁପାରିସ ଅନୁସାରେ ୧୯୬୮ ମସିହାରେ ପ୍ରଥମ ଜାତୀୟ ଶିକ୍ଷାନୀତି (National Policy on Education) ପ୍ରଣୟନ କରାଯାଇଥିଲା । ସେତେବେଳେ ଇନ୍ଦିରାଗାନ୍ଧି ଭାରତର ପ୍ରଧାନମନ୍ତ୍ରୀ ଥିଲେ । ଏହି ଶିକ୍ଷାନୀତିର ମୁଖ୍ୟାଂଶଗୁଡ଼ିକ ହେଲା –

(୧) ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ୬ ରୁ ୧୪ ବର୍ଷ ପର୍ଯ୍ୟନ୍ତ ।

(୨) ଶିକ୍ଷକ ପ୍ରଶିକ୍ଷଣ ଓ ଯୋଗ୍ୟତା ଉପରେ ଗୁରୁତ୍ୱ ପ୍ରଦାନ ।

(୩) ତିନୋଟି ଭାଷାର ପ୍ରଚଳନ । ବିଶ୍ୱବିଦ୍ୟାଳୟ ସ୍ତରରେ ଆଞ୍ଚଳିକ ଭାଷାର ବ୍ୟବହାର । ବିଦ୍ୟାଳୟରେ ହିନ୍ଦୀ, ଇଂରାଜୀ ଓ ଆଞ୍ଚଳିକ ଭାଷା ଉପରେ ଶିକ୍ଷାଦାନ । ଦେଶରେ ହିନ୍ଦୀ ଓ ସଂସ୍କୃତ ଭାଷାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ ।

(୪) ଜାତି, ଧର୍ମ, ଲିଙ୍ଗ ଓ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସମାନ ଶିକ୍ଷା । ଶିକ୍ଷାର ମାନ ଓ ନାରୀ ଶିକ୍ଷା ଉପରେ ଗୁରୁତ୍ୱ ।

(୫) ଅଧିସୂଚିତ ଜାତି, ଅଧିସୂଚିତ ଉପଜାତି, ଶାରୀରିକ ଓ ମାନସିକ ସ୍ତରରେ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ବିଶେଷ ଦୃଷ୍ଟି ।

(୬) ପ୍ରତିଭାସମ୍ପନ୍ନ ବା ତୀକ୍ଷ୍ଣ ଧୀଶକ୍ତି ସମ୍ପନ୍ନ ପିଲାମାନଙ୍କୁ ପ୍ରୋତ୍ସାହନ ।

(୭) ଜାତୀୟ ସେବା ଓ କାର୍ଯ୍ୟାନୁଭୂତିକ ଶିକ୍ଷା ବ୍ୟବସ୍ଥା ।

(୮) ଜାତୀୟ ଅର୍ଥନୀତିର ବିକାଶ ନିମିତ୍ତ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଶିଳ୍ପ ଓ କୃଷି ବିଦ୍ୟା ଉପରେ ଗୁରୁତ୍ୱ ।

(୯) ପାଠ୍ୟ ଉପକରଣ ଓ ଗୁଣାତ୍ମକ ପୁସ୍ତକ ଉପରେ ଗୁରୁତ୍ୱ ।

(୧୦) ନିରନ୍ତର ମୂଲ୍ୟାୟନ ପଦ୍ଧତି ଉପରେ ଗୁରୁତ୍ୱ ପ୍ରଦାନ ।

(୧୧) ପାଠାଗାର ଓ ପ୍ରୌଢ଼ ଶିକ୍ଷାର ବିକାଶ ।

(୧୨) ପତ୍ରବିନିମୟ ପାଠ୍ୟକ୍ରମ ଓ ଶାରୀରିକ ଶିକ୍ଷାର ବ୍ୟବସ୍ଥା ।

ଏହି ଜାତୀୟ ଶିକ୍ଷାନୀତି ବିଶେଷତଃ ମାଧ୍ୟମିକ ପାଠ୍ୟକ୍ରମକୁ ସୁଧାରି ଏହାକୁ ସଂସ୍କୃତି ଭିତ୍ତିକ, ଗଣତାନ୍ତ୍ରିକ ଜୀବନଧାରା ଭିତ୍ତିକ, ସାମ୍ୟବାଦ ଭିତ୍ତିକ ଓ ସାମାଜିକ କୁସଂସ୍କାରଗୁଡ଼ିକର ଦୂରୀକରଣ ସମେତ ବିଜ୍ଞାନସମ୍ମତ ଓ ସଚେତନା ଭିତ୍ତିକ କରିବା ନିମନ୍ତେ ସୁଚିନ୍ତିତ ପରାମର୍ଶମାନ ଦେଇଥିଲା । ଏହି ଶିକ୍ଷାନୀତି ଅନୁସାରେ ୧୯୬୯ ମସିହାରେ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ (ICSSR), ବିଜ୍ଞାନ ଓ ଶିଳ୍ପ ଗବେଷଣା ପରିଷଦ (CSIR), ଭାରତୀୟ କୃଷି ଗବେଷଣା ପରିଷଦ (ICAR) ଆଦି ପ୍ରମୁଖ ସଂସ୍ଥାମାନ ପ୍ରତିଷ୍ଠା କରାଯାଇଥିଲା । ୧୯୭୦ ମସିହାରେ ଜନଶିକ୍ଷା (Population Education) ପାଠ୍ୟକ୍ରମ ପ୍ରଚଳନ କରାଯାଇଥିଲା । ୧୯୭୯ ମସିହା ଜାନୁଆରୀ ୫ ତାରିଖରେ ଭୁବନେଶ୍ୱରରେ SCERT ପ୍ରତିଷ୍ଠା କରାଗଲା ।

୧୯୭୭ ମସିହାରେ 'ଈଶ୍ୱରଭାଇ ପଟେଲ କମିଟି' ଗଠନ କରାଯାଇଥିଲା ଏବଂ ଏହି କମିଟି ଦଶ ବର୍ଷିଆ ବିଦ୍ୟାଳୟ ଶିକ୍ଷାର ସମୀକ୍ଷା କରିଥିଲା ଏବଂ ଏହା ସମାଜ ଉପଯୋଗୀ ଉତ୍ପାଦନକ୍ଷମ କର୍ମକୁ (Socially Useful Productive Work – SUPW) ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପାଇଁ ସୁପାରିସ କରିଥିଲା । ଏତଦ୍‌ବ୍ୟତୀତ ୧୯୭୮ ମସିହାରେ ଆଦି ଶେଷୟା କମିଟି ଉଚ୍ଚ ମାଧ୍ୟମିକ ସ୍ତରରେ ବୈଷୟିକ ଶିକ୍ଷା ପ୍ରତି ଗୁରୁତ୍ୱ ଦେଇ ସୁଚିନ୍ତିତ ପ୍ରସ୍ତାବମାନ ପ୍ରଦାନ କରିଥିଲା । ୧୯୮୨ ମସିହା ଅଗଷ୍ଟ ମାସରେ ହାଇଦ୍ରାବାଦରେ ଭାରତର ପ୍ରଥମ ମୁକ୍ତ ବିଶ୍ୱବିଦ୍ୟାଳୟ ଡଃ ବି. ଆର୍. ଆମ୍ବେଦକରଙ୍କ ନାମରେ ପ୍ରତିଷ୍ଠା କରାଯାଇଥିଲା ।

(କ୍ରମଶଃ)

❑❑❑

# ଦଶକର୍ମଧାରା

## (୧)

## ପ୍ରସାଦ ତ୍ରିପାଠୀ

[**ପୂର୍ବାଭାଷ :** ଦଶକର୍ମଧାରା ସମ୍ପର୍କରେ ଏହି ନିବନ୍ଧଗୁଡ଼ିକ ଲେଖିବାର ଅନେକ ଆଗରୁ ଓଡ଼ିଶାରେ ଦଶକର୍ମଧାରା ପ୍ରବର୍ତ୍ତିତ ହୋଇ ସାରିଥିଲା । ହଠାତ୍ ଦିନେ ମାମୁଁ (ଶ୍ରୀ ଗଦାଧର ମିଶ୍ର) ଡାକି କରି କହିଲେ, ''ଆମେ ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର କମିଟି ତରଫରୁ **ଦଶକର୍ମଧାରା** ପ୍ରଚଳନ କରିବା । ଆମ ସମାଜରେ ବିଭିନ୍ନ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସଙ୍ଗଠିତ କରି ବିଭିନ୍ନ କାର୍ଯ୍ୟଧାରା ମାଧ୍ୟମରେ ଓଡ଼ିଶାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିବା । ସେଥିପାଇଁ ପାଠଚକ୍ର, ମହିଳା ପାଠଚକ୍ର, ଶିକ୍ଷାରେ ଗବେଷଣା, ଡାକ୍ତର, ଇଞ୍ଜିନିୟର, ସାହିତ୍ୟ, କଳା, ବ୍ୟବସାୟ, ଆଇନ, କୃଷି ଏବଂ ଆଲୋକସେନା – ଏହିପରି ଭାବରେ ଦଶଟି ବିଭାଗକୁ ନେଇ ସେମାନଙ୍କୁ ସଙ୍ଗଠିତ କରିବା । ମୁଁ ପଚାରିଲି ମାମୁଁ, ''ଏହି ଦଶଟିରୁ କ'ଣ ଆଉ ଅଧିକ ନାହାନ୍ତି ?'' ମାମୁଁ କହିଲେ, ''ଏବେ ଏତିକି କରିବା, ପରେ ପୁଣି ଦରକାର ପଡ଼ିଲେ ଅନ୍ୟ କର୍ମଧାରା ସବୁ ଆରମ୍ଭ କରିବା ।'' 'ତା'ପରେ ମୋତେ ୨୦୦୬ ମସିହାରେ କହିଲେ, ''ଏଇ ଦଶକର୍ମଧାରାଗୁଡ଼ିକ ସମ୍ପର୍କରେ ତୁ ଗୋଟିଏ ଗୋଟିଏ ନିବନ୍ଧ ଲେଖ ଏବଂ ସେଗୁଡ଼ିକ ସବୁ ମାତୃଭବନ ପତ୍ରରେ ନିୟମିତ ଭାବରେ ପ୍ରକାଶ ପାଇବ । ପ୍ରତ୍ୟେକ ମାସରେ ଗୋଟିଏ କର୍ମଧାରା ।'' ମୁଁ ୨୦୦୬ ଅଗଷ୍ଟ ମାସରୁ ଏହା ଲେଖିବାକୁ ଆରମ୍ଭ କଲି । ପ୍ରଥମ ଦୁଇଟି ନିବନ୍ଧ ଉପକ୍ରମ, ତା' ପରବର୍ତ୍ତୀ ପ୍ରତି ସଂଖ୍ୟାରେ ଗୋଟିଏ ଗୋଟିଏ କର୍ମଧାରା ସମ୍ପର୍କରେ ଆଲୋଚନା । ମାତ୍ର ଜାଣିବା କଥା ଯେ, ମୁଁ ଏସବୁ ଲେଖିଲା ବେଳେ ଯେଉଁଠାରେ ବି ମାମୁଁଙ୍କ ନାମ ଉଲ୍ଲେଖ କରିଥିଲି, ମାମୁଁ ସବୁ କାଟି ଦେଇଛନ୍ତି । ସବୁଗୁଡ଼ିକର ସୂତ୍ରଧର ସିଏ ଥିଲେ । ପରବର୍ତ୍ତୀ ସମୟରେ ସେ ଆମ ଭିତରୁ ଜଣକୁ କହିଲେ, ''ଦଶକର୍ମଧାରା ବିଷୟଟି ସିଧା ଊର୍ଦ୍ଧ୍ୱରୁ ଆସିଲା । ମୁଁ ଆଦୌ ଭାବି ନାହିଁ ।'' ବାସ୍ତବରେ ଏବେ ସବୁ ଅତି ପ୍ରାଞ୍ଜଳ ଭାବରେ ବୁଝି ହେଉଛି । ମାତ୍ର ସେତେବେଳେ ହୁଏତ ଏତେ ସହଜରେ ବୁଝି ହେଉ ନଥିଲା ।

ଏହି ନିବନ୍ଧଗୁଡ଼ିକ ୨୦୦୬ ମସିହାରେ ଲେଖା ହୋଇଛି । ଏହା ମଧ୍ୟରେ ପ୍ରତି କର୍ମଧାରାରେ କିଛି କିଛି ପୁରାତନ ଲେଖା ସହିତ କର୍ମଧାରାରେ କିଛି କିଛି କାର୍ଯ୍ୟକ୍ରମ ମଧ୍ୟ ଆଗେଇ ଗଲାଣି । ପ୍ରତ୍ୟେକ ନିବନ୍ଧରେ ପୁରାତନ ଲେଖା ସହିତ ବର୍ତ୍ତମାନର ଅଗ୍ରଗତି ସମ୍ବନ୍ଧରେ କିଛି ସୂଚନା ଦେବା ପାଇଁ ଚେଷ୍ଟା କରିବି । – ପ୍ରସାଦ ତ୍ରିପାଠୀ]

ମା'ଙ୍କ କାମ ତ କରିବ । ପାଠଚକ୍ର କରିବ, ମହିଳା ପାଠଚକ୍ର କରିବ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କରିବ, ସଭା ସମ୍ମିଳନୀ, ଶିବିର ପ୍ରଭୃତି କରିବ । ମାତ୍ର ତାକୁ ପୁଣି ଦଶଟି ଧାରାରେ ବିଭକ୍ତ କାହିଁକି କରିବ ? ମା' କ'ଣ ଏମିତି କରିବାକୁ କେଉଁଠି କିଛି କହିଛନ୍ତି ? ଆଉ ଯଦି କହି ନାହାନ୍ତି ତେବେ ଆମେ ସେପରି କରିବୁ କାହିଁକି ? ଦଶକର୍ମଧାରା ଆରମ୍ଭ ହେବା ସମୟରେ ଏମିତି କିଛି ପ୍ରଶ୍ନ ଉଠିଥିଲା ଏବଂ ପ୍ରଶ୍ନ ଉଠିବା ମଧ୍ୟ ସ୍ୱାଭାବିକ । ମାତ୍ର ଏହାର ଉତ୍ତର କ'ଣ ?

ବାସ୍ତବିକ ମା' ଏପରି କିଛି କହିଛନ୍ତି କି ନାହିଁ ତାହା ଯେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଆମେ ଏପରି ପ୍ରଶ୍ନ କରୁଚୁ କାହିଁକି ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ସମୟ ସମୟରେ କେବେ କେବେ ଭିନ୍ନ ଭିନ୍ନ ପ୍ରେରଣାରୁ ଭିନ୍ନ ଭିନ୍ନ ପ୍ରକାର କାର୍ଯ୍ୟ କରିବାକୁ ସୂଚନା ମିଳେ । ଯଦି ତାହା ମା'ଙ୍କ କାର୍ଯ୍ୟର ବା ଆମ ଜୀବନର ଲକ୍ଷ୍ୟର ପ୍ରତିକୂଳ ନ ହୋଇଥାଏ ତେବେ ତାହା ଅବଶ୍ୟ କରଣୀୟ । ଆମେ ଯାହା ଯାହା କାର୍ଯ୍ୟ କରୁଛୁ ସେସବୁର ଲକ୍ଷ୍ୟ ସମାନ । ପାଠଚକ୍ର, ଶିକ୍ଷାକେନ୍ଦ୍ର, ଛାତ୍ରସମାଜ, ଶିବିର, ସଭା ଇତ୍ୟାଦି ସବୁ ମୂଳରେ ଏକ ମାତ୍ର ଲକ୍ଷ୍ୟ – ତାହା ହେଲା ଜୀବନର ପରିପୂର୍ଣ୍ଣତା । ଆଉ ପରିପୂର୍ଣ୍ଣତା ପାଇଁ ଆମକୁ ସଂସାରର କୌଣସି କାର୍ଯ୍ୟକୁ ବାଦ୍ ଦେଇ ହେବ ନାହିଁ । ପ୍ରତ୍ୟେକେ ନିଜ ଜୀବନକୁ ସତ୍ୟ ଦିଗରେ ପରିଚାଳିତ କରି ବଞ୍ଚିବାକୁ ଉଦ୍ୟମ କରିବେ ଏବଂ ତାହାରି ମାଧ୍ୟମରେ ଏକ ନୂତନ ସତ୍ୟର ଆବିଷ୍କାରରେ ଅଂଶ ଗ୍ରହଣ କରିବେ ।

ଯେଉଁମାନେ ବାସ୍ତବିକ ଏପରି ପ୍ରଶ୍ନ କରୁଛନ୍ତି ସେମାନଙ୍କର ଜାଣିବାର ଆଗ୍ରହ ଅପେକ୍ଷା ନକରିବାର ଆଗ୍ରହ ଅଧିକ । ତା' ନହେଲେ ଏକ ନୂତନ ପ୍ରୟାସ କରିବା ପୂର୍ବରୁ ଆମେ ଏତେ ଅଧିକ ସଂଶୟ ଆଣନ୍ତୁ ନାହିଁ ।

ଓଡ଼ିଶାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ସଙ୍ଗଠନର ମୁଖ୍ୟ ପୁରୋଧା ହେଲେ ପୂଜ୍ୟ ବାବାଜି ମହାରାଜ ଶ୍ରୀ ରାମକୃଷ୍ଣ ଦାସ ଏବଂ ପୂଜ୍ୟ ଅଧ୍ୟାପକ ପ୍ରପତ୍ତି । ସେମାନଙ୍କର ସାଧନାର ଲକ୍ଷ୍ୟ ଥିଲା ଓଡ଼ିଶାର ଜନସାଧାରଣ କିପରି ଅଧିକରୁ ଅଧିକ ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କୁ ଜାଣିବେ ଏବଂ ତାଙ୍କ ଦର୍ଶନ ସହିତ ସମ୍ପୃକ୍ତ ହେବେ, ତାକୁ ନିଜ ଜୀବନରେ, ଆଚରଣରେ ପ୍ରୟୋଗ କରିବେ ଏବଂ ବସ୍ତୁତଃ ଏକ ନୂତନ ସମାଜ ଗଠନରେ ଅଂଶ ଗ୍ରହଣ କରିବେ । ଏଇ ଲକ୍ଷ୍ୟ, ଏଇ ଉଦ୍ଦେଶ୍ୟ ନେଇ ଓଡ଼ିଶାରେ ଶ୍ରୀଅରବିନ୍ଦ ସଙ୍ଗଠନ ଆରମ୍ଭ ହେଲା । ସେଥିରେ ପ୍ରଥମେ ଆରମ୍ଭ ହେଲା ଶ୍ରୀଅରବିନ୍ଦ ପାଠଚକ୍ର । ଯଦିଓ ପ୍ରଥମେ ୧୯୪୮ ମସିହାରେ ପରମ ପ୍ରଭୁ ଶ୍ରୀଅରବିନ୍ଦ ସଶରୀରରେ ଥିବା ସମୟରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ପ୍ରଥମ ଶ୍ରୀଅରବିନ୍ଦ ପାଠଚକ୍ର ଆରମ୍ଭ ହୋଇଥିଲା, ମାତ୍ର ବାସ୍ତବରେ ୧୯୬୦ ପରଠାରୁ ଏହା ଧୀରେ ଧୀରେ ବିସ୍ତୃତି ଲାଭ କଲା । କଟକରେ ସ୍ୱର୍ଗତଃ ନରେନ୍ଦ୍ର କିଶୋର ଦାସ ଏବଂ ସ୍ୱର୍ଗତଃ ଲଳିତ ମୋହନ ଘୋଷଙ୍କ ଘରେ ପ୍ରଥମେ ପାଠଚକ୍ର ଆରମ୍ଭ ହେଲା । ନରେନ୍ଦ୍ର କିଶୋର ଦାସ (ନରିବାବୁ)ଙ୍କ ଘର ପାଠଚକ୍ରରେ କିଛି ତତ୍ତ୍ୱଗତ ଆଲୋଚନା ହେଉ ନଥିଲା । କେବଳ ଗୁରୁବାର ସନ୍ଧ୍ୟା ୭.୪୫ ରୁ ୮.୧୫ ପର୍ଯ୍ୟନ୍ତ କିଛି ଭଜନ ରେକର୍ଡ଼ ବଜାଇ ଧ୍ୟାନ କରାଯାଉଥିଲା । ସେତେବେଳେ Tape Recorder, Cassete, Music ଇତ୍ୟାଦିର ପ୍ରଶ୍ନ ନଥିଲା । ଯଦିଓ ମା'ଙ୍କର New Year Music ଆଶ୍ରମରେ ଥିଲା ମାତ୍ର ସେସବୁର ବାହାରେ ପ୍ରଚଳନ ହୋଇ ନଥିଲା । ନରିବାବୁଙ୍କ ପାଠଚକ୍ରରେ ତେଣୁ ଗ୍ରାମୋଫୋନ୍ ରେକର୍ଡ଼ରେ ପ୍ରାୟଶଃ କିଛି ବଙ୍ଗଳା ଶ୍ୟାମା ସଙ୍ଗୀତ ବଜା ଯାଉଥିଲା ଏବଂ ତା' ସହିତ ଧ୍ୟାନ କରାଯାଉଥିଲା । ନରିବାବୁ ଅଦ୍ଭୁତ ମାତୃଭକ୍ତ ଥିଲେ । ତାଙ୍କର ବିଶ୍ୱାସ ଜରିଆରେ ସେ ଅନେକ ବ୍ୟକ୍ତିଙ୍କୁ ମା'ଙ୍କ ପ୍ରତି ଆକୃଷ୍ଟ କରାଇ ପାରିଥିଲେ । ସେ ଥିଲେ ଜଣେ ବ୍ୟବସାୟୀ । ସେତେବେଳେ ଓଡ଼ିଶାର ଅଳ୍ପ କେତେଜଣ ବ୍ୟବସାୟୀଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ମାନ୍ଦ୍ରାଜର ଅଶୋକ ଲେଲ୍ୟାଣ୍ଡ୍ କମ୍ପାନୀର ଓଡ଼ିଶା ପାଇଁ ସେ ଥିଲେ ବିତରକ । ମାତ୍ର କଥାବାର୍ତ୍ତା, ଆଚାର ବ୍ୟବହାର ସବୁଥିରେ ଥିଲେ ଅସମ୍ଭବ ଭାବରେ ସରଳ, ଭଦ୍ର, ଅମାୟିକ । ତାଙ୍କର ବ୍ୟକ୍ତିତ୍ୱହିଁ ପ୍ରମାଣ କରୁଥିଲା ସେ ମା'ଙ୍କର କେତେ ଘନିଷ୍ଠ । ଶ୍ରୀଯୁକ୍ତ ଲଳିତ ମୋହନ ଘୋଷ ଥିଲେ ଜଣେ ପ୍ରବୀଣ ଶିକ୍ଷାବିତ୍ । ଭିକ୍ଟୋରିଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ପଦବୀରୁ ଅବସର ଗ୍ରହଣ କରି ସାରିଥିଲେ । ସେ ରେଭେନ୍ସା କଲିଜିଏଟ ସ୍କୁଲରେ ଶିକ୍ଷକତା କରୁଥିବା ସମୟରେ ପ୍ରପତ୍ତିଙ୍କ ଶିକ୍ଷକ ଥିଲେ । ତେଣୁ ପ୍ରପତ୍ତି ତାଙ୍କୁ ସାର୍ ବୋଲି ସମ୍ବୋଧନ କରୁଥିଲେ ଏବଂ ଲଳିତ ବାବୁ ତାଙ୍କୁ କାଙ୍ଗାଳୀ ବୋଲି ଡାକୁଥିଲେ । ଏସବୁ ଆମ୍ଭେମାନେ ନିଜେ ଦେଖିଛୁ ଏବଂ ଶୁଣିଛୁ । ଲଳିତ ବାବୁଙ୍କ ପାଠଚକ୍ର କିନ୍ତୁ ଏକଦମ୍ ଭିନ୍ନ ଥିଲା । ତାଙ୍କ ଘର ବାହାର ବାରଣ୍ଡାରେ ଗୋଟିଏ ଆର୍ମଚେୟାରରେ ସେ ନିଜେ ବସୁଥିଲେ ଏବଂ ତାଙ୍କର ଚାରି ପାଖରେ ଆଉ କେତୋଟି ଚୌକିରେ ଅନ୍ୟ ସଭ୍ୟସଭ୍ୟାମାନେ ବସୁଥିଲେ । ଲଳିତ ବାବୁ ନିଜେ ଶ୍ରୀଅରବିନ୍ଦଙ୍କ ଲେଖାକୁ ପଢ଼ି ଆଲୋଚନା କରୁଥିଲେ । କିଛି କିଛି ପ୍ରଶ୍ନ ଉତ୍ତର ମଧ୍ୟ ହେଉଥିଲା । ଗୋଟିଏ ପାଠଚକ୍ର କେବଳ ଭକ୍ତି ପ୍ରଧାନ ହେବା ସମୟରେ ଆଉ ଗୋଟିଏ କେବଳ ଜ୍ଞାନ ପ୍ରଧାନ ହେଉଥିଲା । ସେହି ସମୟରେ ଜଟଣୀରେ ନିମାଇଁ ଚରଣ ମହାପାତ୍ର ରେଲୱେରେ ଚାକିରି କରୁଥା'ନ୍ତି । ସେ ମଧ୍ୟ ଜଣେ ଅତ୍ୟନ୍ତ ଅମାୟିକ, ସରଳ ବ୍ୟକ୍ତି । ଶ୍ରୀଅରବିନ୍ଦଙ୍କର ସମସ୍ତ ଲେଖା ବିଶେଷ କରି ସାବିତ୍ରୀକୁ ବ୍ୟାଖ୍ୟା କରିବାରେ ତାଙ୍କର ଅସାଧାରଣ ଦକ୍ଷତା ଥିଲା । ନିମାଇଁ ବାବୁ ଜଟଣୀ ରେଡଙ୍ଗ କଲୋନୀରେ ଆରମ୍ଭ କଲେ ଶ୍ରୀଅରବିନ୍ଦ ପାଠଚକ୍ର ଏବଂ ପ୍ରଥମ କରି ଏକ ରାଜ୍ୟସ୍ତରୀୟ ସମ୍ମିଳନୀର ଆୟୋଜନ କଲେ । ଓଡ଼ିଶାର ପ୍ରଥମ ରାଜ୍ୟସ୍ତରୀୟ ସମ୍ମିଳନୀ ଆରମ୍ଭ ହୋଇଥିଲା ଜଟଣୀଠାରେ । ସେତେବେଳେ ପଣ୍ଡିଚେରୀରେ ନବଜ୍ୟୋତି ପ୍ରକାଶ ପାଇ ସାରିଥାଏ । ମାତ୍ର ନବଜ୍ୟୋତି କାର୍ଯ୍ୟାଳୟ ସେତେଟା କ୍ରିୟାଶୀଳ ହୋଇ ନଥାଏ । ଧୀରେ ଧୀରେ କାର୍ଯ୍ୟକ୍ରମ ବଢୁଥାଏ । ପ୍ରଥମ କରି ଶ୍ରୀଅରବିନ୍ଦ ସୋସାଇଟି କଟକ ବାରବାଟୀ ଷ୍ଟାଡ଼ିୟମଠାରେ ଏକ ଚତୁଃବାର୍ଷିକ ସମ୍ମିଳନୀ ଆୟୋଜନ କଲେ ୧୯୬୪ ଏପ୍ରିଲ ୪, ୫, ୬ ଏବଂ ୭ରେ ।

ଶ୍ରୀଅରବିନ୍ଦ ସୋସାଇଟିର ଓଡ଼ିଶା ଶାଖାର ସମ୍ପାଦକ ଶ୍ରୀ ଗୋବିନ୍ଦ ତେଜ ଏହାର ମୁଖ୍ୟ ଦାୟିତ୍ୱ ନେଇ ସବୁ ଆୟୋଜନ କଲେ । ପଣ୍ଡିଚେରୀରୁ ଅନେକ ବିଶିଷ୍ଟ ସାଧକମାନେ ଏଇ ସମ୍ମିଳନୀରେ ଯୋଗ ଦେଲେ । ଓଡ଼ିଶାର

ବିଭିନ୍ନ ଜିଲ୍ଲାରୁ ଅନେକ ମାତୃଭକ୍ତମାନେ ଆସି ଯୋଗ ଦେଲେ । ପରବର୍ତ୍ତୀ ସମ୍ମିଳନୀ ଅନୁଷ୍ଠିତ ହେଲା ୧୯୬୮ ମସିହା ଏପ୍ରିଲ ମାସରେ । ସେତେବେଳକୁ କଟକ ଖଟବିନ ସାହିରେ 'ନିଉ ଲାଇଟ୍ ସୋସାଇଟି' ଆରମ୍ଭ ହୋଇ ସକ୍ରିୟ ଭାବରେ କର୍ମରେ ଅଂଶ ଗ୍ରହଣ କରି ସାରିଲାଣି । ଓଡ଼ିଶାର ପ୍ରଥମ ତରୁଣ ସଙ୍ଗଠନ ଶ୍ରୀଅରବିନ୍ଦ ଛାତ୍ର ସମାଜ ଥିଲା 'ନିଉ ଲାଇଟ୍ ସୋସାଇଟି' । ଏହି ସଂସ୍ଥାର ମୁଖ୍ୟ କାର୍ଯ୍ୟ ଥିଲା ଆଶ୍ରମରୁ ଆସୁଥିବା ଶ୍ରୀମାଶ୍ରୀଅରବିନ୍ଦଙ୍କ ବାଣୀକୁ ପ୍ରତ୍ୟେକ ସଭ୍ୟସଭ୍ୟାମାନଙ୍କ ନିକଟରେ ପହଞ୍ଚାଇ ଦେବା ଏବଂ ଶ୍ରୀମାଶ୍ରୀଅରବିନ୍ଦଙ୍କ ପୁସ୍ତକ, ପଣ୍ଡିଚେରୀ ପ୍ରସ୍ତୁତ ବିଭିନ୍ନ ବସ୍ତୁ, ଶ୍ରୀମାଶ୍ରୀଅରବିନ୍ଦଙ୍କ ଫଟୋ, ଲକେଟ, ମୁଦି, ଆଶ୍ରମ ପ୍ରସ୍ତୁତ ଧୂପକାଠି, ଗେଞ୍ଜି ପ୍ରଭୃତି ନେଇ ବିଭିନ୍ନ ସ୍ଥାନରେ ବିକ୍ରୟ କରିବା ଏବଂ ସେହି ଅର୍ଥକୁ ଆଶ୍ରମକୁ ପଠାଇବା । ଦୈନନ୍ଦିନ ଏଇ ବସ୍ତୁକୁ ସମସ୍ତଙ୍କ ନିମନ୍ତେ ପାଇବାର ସୁଯୋଗ ଦେବା ପାଇଁ ଖଟବିନ ସାହିରେ ଏକ ଭଡ଼ା ଘରେ ଏହା ଆରମ୍ଭ ହେଲା 'ଶ୍ରୀଅରବିନ୍ଦ ଆଶ୍ରମ ଷ୍ଟୋର' ଏବଂ ଶ୍ରୀଅରବିନ୍ଦଙ୍କ ଧାରାରେ କର୍ମର ପ୍ରବେଶ ହେଲା । ଯଦିଓ ସଭା ସମିତି ଜରିଆରେ କିଛି କର୍ମ କରାଯାଉଥିଲା ମାତ୍ର ତାହା ମୁଖ୍ୟତଃ ଭକ୍ତି ଏବଂ ଜ୍ଞାନ ମାର୍ଗର ସମ୍ମିଶ୍ରଣ ଥିଲା । ପରେ ବିକ୍ରୟ ସଂସ୍ଥାମାନେ ସେଥିରେ ଅଂଶଗ୍ରହଣ କରି କର୍ମର ପ୍ରୟୋଗ ମଧ୍ୟ ଆରମ୍ଭ କଲେ ।

ଏହିଭଳି ଭାବରେ କଟକ ଏବଂ ଜଟଣୀଠାରେ ସମ୍ମିଳନୀ ଚାଲୁ ଚାଲୁ ଭୁବନେଶ୍ୱରଠାରେ ଶ୍ରୀ ପ୍ରମୋଦ କୁମାର ମହାନ୍ତିଙ୍କ ଘରେ ଏକ ପାଠଚକ୍ର ଆରମ୍ଭ ହେଲା ଏବଂ ସେଥିରେ ଭୁବନେଶ୍ୱରର ଅନେକ ମାତୃଭକ୍ତ ଅଂଶ ଗ୍ରହଣ କଲେ । ସେମାନଙ୍କ ଆୟୋଜନରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ମଧ୍ୟ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେଲା । ଏହିପରି କର୍ମକୁ ଗ୍ରହଣ କରି କାର୍ଯ୍ୟ କରୁ କରୁ ହଠାତ୍ ବାବାଜି ମହାରାଜ ଏବଂ ପ୍ରପତ୍ତି ମହାଶୟ ଓଡ଼ିଶାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଖୋଲିବାର ପ୍ରସ୍ତାବ ଦେଲେ ଏବଂ ପ୍ରଥମ ଶିକ୍ଷାକେନ୍ଦ୍ର ଭୁବନେଶ୍ୱରର ପଟେଲ ହଲଠାରେ ୧୯୭୦ ଜୁଲାଇ ୧୫ ତାରିଖ ଦିନ ଆରମ୍ଭ ହେଲା । ଏହା ହେଲା ସମାଜ ମଧ୍ୟରେ ଶିକ୍ଷା ଜରିଆରେ ପ୍ରବେଶ କରି ସମାଜକୁ ନୂତନ ଧାରାରେ ପରିବର୍ତ୍ତନ କରିବାର ପ୍ରଥମ ପ୍ରୟାସ ।

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ ହେବା ବେଳକୁ ଓଡ଼ିଶାରେ ଅନେକ ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର, ଛାତ୍ର ସମାଜ, ଯୁବ ସମାଜ ପ୍ରଭୃତି ଖୋଲି ସାରିଥିଲା । କେହି କେହି ମଧ୍ୟ ବିଭିନ୍ନ ସ୍ଥାନରେ ସଭା, ସମିତି, ସେମିନାର କରୁଥିଲେ । ମୋଟାମୋଟି ଭାବରେ ବାତାବରଣ ଏକ ଅନୁକୂଳ ଆଧ୍ୟାତ୍ମିକ ପ୍ରଭାବର ସ୍ପର୍ଶ ପାଇ ସାରିଥିଲା ।

ମାତ୍ର ସେଥିରେ ସମସ୍ୟା ରହିଲା, ସମାଜର କେତେକ ବର୍ଗର ଲୋକ ସେମାନଙ୍କ କାର୍ଯ୍ୟର ପ୍ରକାର ଦୃଷ୍ଟିରୁ ହେଉ କିଂବା ଅନ୍ୟାନ୍ୟ କିଛି ଅସୁବିଧା କାରଣରୁ ହେଉ ଏହି କାର୍ଯ୍ୟକ୍ରମମାନଙ୍କରେ ସଙ୍କୋଚ କରି ଯୋଗ ଦେଲେ ନାହିଁ ।

ଏହି ସମୟରେ ପ୍ରପତ୍ତି ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କଲେ । ସେ କହିଲେ ସମାଜର ପ୍ରତ୍ୟେକ ବର୍ଗର ଲୋକ ଅର୍ଥାତ୍ ଶିକ୍ଷକ, ଅଧ୍ୟାପକ, ଓକିଲ, ଡାକ୍ତର, ଇଞ୍ଜିନିୟର, କଳାକାର ପ୍ରଭୃତିଙ୍କୁ ସ୍ୱତନ୍ତ୍ର ଭାବରେ ସଙ୍ଗଠିତ କରିବାକୁ ହେବ ଏବଂ ସେମାନଙ୍କ କାର୍ଯ୍ୟର ମାଧ୍ୟମରେ ସେମାନଙ୍କୁ ମାତୃକର୍ମରେ ସମ୍ପୃକ୍ତ କରାଇବାକୁ ହେବ ।

ଅର୍ଥାତ୍, ସମାଜରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ଧାରାର ବ୍ୟକ୍ତିମାନଙ୍କୁ ସ୍ୱତନ୍ତ୍ର ଭାବରେ ସଙ୍ଗଠିତ କରିବାକୁ ହେବ । ସେମାନେ ତାଙ୍କର କାର୍ଯ୍ୟ କରିବେ ମାତ୍ର ତାହା ମା'ଙ୍କ ଧାରାରେହିଁ ହେବ । ଯଦି ଶ୍ରୀଅରବିନ୍ଦ ପାଠଚକ୍ର ଥିଲା ତେବେ ଆଉ ମହିଳା ପାଠଚକ୍ର କାହିଁକି ଆରମ୍ଭ ହେଲା ? ଏହାର କାରଣ ହେଲା ବିଶେଷତଃ ମଫସଲ ଅଞ୍ଚଳରେ ମହିଳାମାନେ ସମସ୍ତଙ୍କ ସହିତ ଏକାଠି ବସି କଥା ହେବା ପାଇଁ କିଂବା ନିଜର ମନୋଭାବ ପ୍ରକାଶ କରିବା ପାଇଁ ସଙ୍କୋଚ କରି ପାରନ୍ତି । ତେଣୁ ସେମାନଙ୍କୁ ସ୍ୱତନ୍ତ୍ର ଭାବରେ ସଙ୍ଗଠିତ କରିବା ଦରକାର । ଏହା ଥିଲା ପୂଜ୍ୟ ମହାରାଜଜିଙ୍କ ଉକ୍ତି । ଠିକ୍ ସେମିତି ସମାଜର ସବୁ ବର୍ଗର/ମାର୍ଗର ବ୍ୟକ୍ତିମାନଙ୍କୁ ସ୍ୱତନ୍ତ୍ର ସଙ୍ଗଠିତ କଲେ ସେମାନେ ନିଜ ନିଜ ଧାରାରେ ପ୍ରଭୁଙ୍କ କାର୍ଯ୍ୟ କରିବାକୁ ଉଦ୍ୟମ କରିବେ । ଡାକ୍ତର, ଇଞ୍ଜିନିୟର, କଳାକାର, ଶିକ୍ଷକ, ଓକିଲ, କୃଷିବିତ୍, ବ୍ୟବସାୟୀ, ତରୁଣ, ସାହିତ୍ୟିକ, ଯୁବକ/ମହିଳା ପ୍ରଭୃତିଙ୍କୁ ସ୍ୱତନ୍ତ୍ର ଭାବରେ ସଙ୍ଗଠିତ କରିବାର ଆବଶ୍ୟକତା ପଡ଼ିଲା – ପ୍ରପତ୍ତିଙ୍କ ଉକ୍ତ ଘୋଷଣାହିଁ – ଓଡ଼ିଶାରେ ବର୍ତ୍ତମାନ ଚାଲୁଥିବା ଦଶକର୍ମଧାରାର ପ୍ରଥମ ମାର୍ଗଦର୍ଶକ ।

(କ୍ରମଶଃ)

❑❑❑

କାହାଣୀ :

# ନୂତନ ରଣକୌଶଳ

## ମନୋଜ ଦାସ

ପାର୍ବତ୍ୟ ଉପତ୍ୟକାର ସେ ଗାଁଟି ବେଶ୍ ବଡ଼ । କିନ୍ତୁ ଗ୍ରୀଷ୍ମକାଳରେ ଗାଁର ସବୁଗୁଡ଼ିକ ପୋଖରୀ ଶୁଖିଯାଏ । ପ୍ରତି ପରିବାରର ସ୍ତ୍ରୀଲୋକମାନେ ଅଧକ୍ରୋଶ ଦୂରବର୍ତ୍ତୀ ଝରଣାକୁ ଯାଇ ପିଇବା ପାଣି ଧରି ଫେରନ୍ତି ।

ସମସ୍ତେ ହଇରାଣ ହେଉଥା'ନ୍ତି, କିନ୍ତୁ ସମସ୍ୟାର ସମାଧାନ ଦିଗରେ ସାଧୁ ଭୋଳାଜୀଙ୍କ ବ୍ୟତୀତ ଆଉ କେହି ମୁଣ୍ଡ ଖେଳାଉ ନଥା'ନ୍ତି ।

ଜଳ-ସଙ୍କଟର ସମାଧାନ ସକାଶେ ସେ ଅନେକ ଧାଁ ଧପଡ଼ କରିଥିଲେ । କିନ୍ତୁ ଫଳ ଫଳି ନଥିଲା । ସେ ନିଜ ପନ୍ଥା ବଦଳାଇବାକୁ ସ୍ଥିର କରିଥିଲେ ।

ସୂର୍ଯ୍ୟାସ୍ତ ବେଳେ ସେ ନିଜ କୁଡ଼ିଆ ଭିତରେ ଶିଷ୍ୟଟିଏ ସହ କଥାବାର୍ତ୍ତା ହେଉଛନ୍ତି, ଜଣେ ଭଦ୍ରଲୋକ ଭିତରକୁ ମୁଣ୍ଡ ଭୁକାଇ ନମ୍ର ଭାବରେ କହିଲେ, ''ଆଜ୍ଞା, ଆମକୁ ମୁନ୍ଦିଏ ଲେଖାଏଁ ପିଇବା ପାଣି ମିଳିବ ? ଆମେ ଶୋଷରେ ମରିବାକୁ ବସିଲୁଣି ।''

ଭୋଳାଜୀ କୁଡ଼ିଆ ବାହାରକୁ ଆସି ଦେଖିଲେ ସାମନା ବରଗଛ ମୂଳରେ ଆହୁରି ଚାରିଜଣ ଲୋକ ବସିଛନ୍ତି । ସେମାନେ ତାଙ୍କ ସହ କଥା ହୋଇଥିବା ପଥିକଙ୍କ କର୍ମଚାରୀ । ପଥିକ ଜଣକ ଜଣେ ବଣିକ । ଦୂରାନ୍ତର ନଗରୀରୁ ନିଜ ସ୍ଥାନକୁ ଫେରୁଛନ୍ତି ।

''ଆପଣମାନଙ୍କୁ ଆମେ ସ୍ୱଚ୍ଛ ସୁଶୀତଳ ପାଣି ଦେବୁ । କିନ୍ତୁ ଟିକିଏ ଅପେକ୍ଷା କରିବେ କି ?'' ଭୋଳାଜୀ ପଚାରିଲେ ।

''ଆମେ ଏତେ କ୍ଳାନ୍ତ ଯେ ଅପେକ୍ଷା ନକରି ଆମର ଅନ୍ୟ ଉପାୟ ନାହିଁ । ପାଣି ନ ପିଇଲେ ଆମେ ଆଉ ପାହୁଣ୍ଡେ ଆଗକୁ ମଧ୍ୟ ଯାଇପାରିବୁ ନାହିଁ ।'' ବଣିକ କହିଲେ ।

ଭୋଳାଜୀ ଏବଂ ତାଙ୍କ ଶିଷ୍ୟ ଦୁଇ ଦୁଇଟି ଗରା ଧରି ବାହାରି ଗଲେ । ସେମାନେ ପ୍ରାୟ ଦୌଡ଼ି ଦୌଡ଼ି ଗଲେ ଓ ସେହି ରୀତିରେ ଆସିଲେ । ତଥାପି ଘଡ଼ିଏ ସମୟ ଲାଗିଗଲା । ସେମାନେ କେମିତି ଧଇଁସଇଁ ହେଉଛନ୍ତି, ବଣିକ ସେକଥା ଲକ୍ଷ୍ୟ କଲେ ।

ବଣିକ ଏବଂ ତାଙ୍କ ସହକାରୀମାନେ ସେଇଠି ଡେରା ପକାଇ ରାତ୍ରି ଯାପନର ସିଦ୍ଧାନ୍ତ ନେଲେ । ରୋଷେଇବାସ ଆରମ୍ଭ ହେଲା । ଏଥର ଭୋଳାଜୀଙ୍କର ଜଣେ ଶିଷ୍ୟସହ ବଣିକଙ୍କର ଦୁଇଜଣ କର୍ମଚାରୀ ଯାଇ ଝରଣାରୁ ପାଣି ନେଇ ଆସିଲେ ।

ରାତିରେ ବଣିକ ଭୋଳାଜୀଙ୍କୁ ତାଙ୍କ ସହ ନୈଶାହାରରେ ଯୋଗ ଦେବାକୁ ନିମନ୍ତ୍ରଣ କଲେ । ଖିଆପିଆ ଅବସରରେ ବଣିକ ପ୍ରଶ୍ନ କଲେ, ''ସାଧୁବାବା ! ଲୋକେ ପାଣି ବିନା ଏତେ କଷ୍ଟ ପାଉଛନ୍ତି, ଅଥଚ କୂଅଟାଏ ଖୋଳାଉ ନାହାନ୍ତି କାହିଁକି ?''

''ବାବୁ, ଏହା ବଡ଼ ଟାଣ ପଥୁରିଆ ସ୍ଥାନ । ଅନେକ ଗଭୀରକୁ ଗଲେ ଯାଇ ପାଣି ମିଳିବ । ହିସାବ କରି ଦେଖା ଯାଇଛି, ସେ ପାଇଁ ଶହେ ମୁଦ୍ରା ଲାଗିଯିବ । ଆମ ଏ ଗାଁର ଲୋକେ ଢୋକେ ପିଇ ଦଣ୍ଡେ ଜିଅଁନ୍ତି । ଶହେଟି ମୁଦ୍ରା ଦେବା ଭଳି ବଳ କା'ର କାହୁଁ ବା ଆସିବ ?'' ଏତକ କହି ଭୋଳାଜୀ ସେ ଦିଗରେ ତାଙ୍କ ଉଦ୍ୟମର ଯେଉଁ ବିବରଣୀ ଦେଲେ, ତାହା ସଂକ୍ଷେପରେ ଏହିପରି :

ଭୋଳାଜୀ ସ୍ଥାନୀୟ ଜମିଦାରଙ୍କୁ କୂଅଖୋଳା ବାବଦରେ ଅର୍ଥ ଯୋଗାଇ ଦେବା ନିମନ୍ତେ ଅନୁରୋଧ ଜଣାଇବାର ନିଷ୍ପତ୍ତି ନେଇ ପାଞ୍ଚକ୍ରୋଶ ଦୂରବର୍ତ୍ତୀ ତାଙ୍କ କୋଠାକୁ ଗଲେ । ସେଠାରେ ଯାଇ ଦେଖନ୍ତି ତ ଏକାଧିକ ଦୁରାରୋଗ୍ୟ ବ୍ୟାଧିବଶତଃ ଜମିଦାର ଶଯ୍ୟାଶାୟୀ ।

ସାଧୁ ଭୋଳାଜୀଙ୍କୁ ଦେଖି ତାଙ୍କ ଆଶୀର୍ବାଦ ଭିକ୍ଷା କରିବା ସଙ୍ଗେ ସଙ୍ଗେ ଜମିଦାର କାନ୍ଦ କାନ୍ଦ ହୋଇ କହିଲେ, ''ବାବା, ବର୍ଷେ କାଳ ବହୁ କଷ୍ଟ ପାଇଲିଣି । ବୈଦ୍ୟ ପରେ ବୈଦ୍ୟ ଆସିଲେ, ଦେଖିଲେ, ଔଷଧ ଦେଲେ, ଚିକିତ୍ସା ବାବଦରେ ଅର୍ଥ ଧରି ଚାଲିଗଲେ । ଦେଇ ଦେଇ ମୁଁ ସର୍ବସ୍ୱାନ୍ତ, ଋଣଗ୍ରସ୍ତ; ଏଣେ ରୋଗ ଉପଶମର କୌଣସି ଲକ୍ଷଣ ନାହିଁ । ଆପଣଙ୍କ ପାଖରେ ଗୋଟାଏ ଅଳି ଅଛି । ପୂରଣ କରିବେ ?''

ଦୋ ଦୋ ପାଞ୍ଚ କରି ଭୋଳାଜୀ କହିଲେ, ''କୁହନ୍ତୁ !''

''ମୋ ପାଇଁ ଈଶ୍ୱରଙ୍କୁ କହନ୍ତୁ, ମୁଁ କେମିତି ଶୀଘ୍ର ଏ କଳେବର ତ୍ୟାଗ କରିବି !''

ସାଧୁବାବା କିଂକର୍ତ୍ତବ୍ୟବିମୂଢ଼ ହୋଇ ଜମିଦାରଙ୍କୁ ଆଶୀର୍ବାଦ କରି କୌଣସି ମତେ ଚାଲି ଆସିଲେ । କୂଅ ଖୋଳା ବାବଦରେ ତାଙ୍କୁ ଅର୍ଥଦାନ ମାଗିବାର ପ୍ରଶ୍ନ ନଥିଲା ।

କିନ୍ତୁ ଜଳକଷ୍ଟ ତ ଦୂର କରିବାକୁହିଁ ହେବ ! ଭୋଳାଜୀ ଏଥର ରାଜାଙ୍କୁ ଯାଇ ଦାନ ପାଇଁ ପ୍ରାର୍ଥନା ଜଣାଇବାକୁ ସ୍ଥିର କଲେ ଓ ଦୁଇ ଦିନ କାଳ ବାଟ ଚାଲି ରାଜଧାନୀରେ ପହଞ୍ଚିଲେ । ରାଜାଙ୍କର ଜଣେ ଅମାତ୍ୟ ତାଙ୍କୁ ଚିହ୍ନିଥିଲେ । ସେ କହିଲେ, ''ରାଜା ସବୁଦିନ ସକାଳେ ଉଆସ ଭିତରେ ଥିବା ମନ୍ଦିରରେ ଦିଅଁଙ୍କୁ ପ୍ରାର୍ଥନା କରନ୍ତି । ଯଦି ସେ ମନ୍ଦିରରୁ ବାହାରିବା ବେଳେ କେତେବେଳେ କେମିତି କାହାରି ଅଭାବ ଅଭିଯୋଗ ଶୁଣନ୍ତି, ତେବେ ସଙ୍ଗେ ସଙ୍ଗେ ତା'ର ପ୍ରତିକାର ବ୍ୟବସ୍ଥା କରନ୍ତି । ଏ ରହସ୍ୟ କେହି ଜାଣନ୍ତି ନାହିଁ । ଆପଣଙ୍କୁ ଆଗାମୀ କାଲି ସକାଳେ ମୁଁ ଉଆସ ଭିତରକୁ ନେଇ ଯାଇ ମନ୍ଦିର ଆଗରେ ପହଞ୍ଚାଇ ଦେବି । ରାଜା ବାହାରିବା ମାତ୍ରେ ଆପଣ ଆପଣଙ୍କ ଭିକ୍ଷା ପୂରଣ ନିମନ୍ତେ ନିବେଦନ ଜଣାଇବେ ।''

ଭୋଳାଜୀ ଆନନ୍ଦରେ ରାଜି ହେଲେ । ପରଦିନ ସେ ଯାଇ ମନ୍ଦିର ଆଗରେ ବସି ରହିଲେ । ଭିତରେ କେବଳ ରାଜାଙ୍କୁ ଛାଡ଼ି ଆଉ କେହି ନଥା'ନ୍ତି ।

ଭୋଳାଜୀଙ୍କ କାନରେ ପଡ଼ିଲା ଦିଅଁଙ୍କ ପାଖରେ ରାଜା ଗୁଣୁ ଗୁଣୁ କରି ଜଣାଉଥିବା ପ୍ରାର୍ଥନା : ''ପ୍ରଭୁ ! ଆପଣ ତ ଜାଣନ୍ତି, ପଡ଼ୋଶୀ ରାଜା ସର୍ବଦା ଆମକୁ ନାନାପ୍ରକାରେ କଷ୍ଟ ଦେଉଛି । ତା' ରାଜ୍ୟ ଜୟ କରି ଆମ ରାଜ୍ୟ ସହ ମିଶାଇ ଦେଲେ ଯାଇ ଶାନ୍ତି ମିଳିବ । ସେ ପାଇଁ ଆବଶ୍ୟକ ବଡ଼ ସୈନ୍ୟବାହିନୀ । ଆବଶ୍ୟକ ଭଲ ଅସ୍ତ୍ରଶସ୍ତ୍ର । ସେସବୁ ଯୋଗାଡ଼ କରିବା ନିମନ୍ତେ ଯେତେ ଅର୍ଥ ଲୋଡ଼ା, ରାଜକୋଷରେ ସେତେ ନାହିଁ । ପ୍ରଭୁ ! ମୋତେ ଯଥେଷ୍ଟ ଅର୍ଥ ମିଳୁ । ନୂଆ କର ବସାଇବି ନା ଆଉ କ'ଣ କରିବି ଜାଣେନା । ମୋର ଲୋଡ଼ା ଅର୍ଥ ।''

ଭୋଳାଜୀ ଉଠିପଡ଼ି ଉଆସ ବାହାରକୁ ଚାଲି ଆସିଲେ ।

''କ'ଣ ହେଲା ସାଧୁଜୀ ! ରାଜା କ'ଣ ଏତେ ଶୀଘ୍ର ଆପଣଙ୍କ ମାଗୁଣି ପୂରଣ କରିଦେଲେ ?'' ଅମାତ୍ୟ ପଚାରିଲେ ।

''ହଇହେ ବାବୁ, ରାଜା ନିଜେ ତ ଭିକ୍ଷାର୍ଥୀ । ମୋତେ ପୁଣି ସେ କ'ଣ ଭିକ୍ଷା ଦେବେ ?'' ଏତିକି କହି ଆଉ ବାକ୍ୟ ବା ସମୟ ବ୍ୟୟ ନକରି ଭୋଳାଜୀ ନିଜ ଗାଁକୁ ଫେରି ଆସିଲେ ।

ନିଜ ଅଭିଜ୍ଞତା ବର୍ଣ୍ଣନା କରି ସାରି ଭୋଳାଜୀ ବଣିକଙ୍କୁ କହିଲେ, ''ମହାଶୟ, ରାଜନବରକୁ ଯିବା କିନ୍ତୁ ମୋର ବ୍ୟର୍ଥ ଗଲା ନାହିଁ । କୌଣସି ସଦୁଦ୍ୟମ ବ୍ୟର୍ଥଯାଏ ନାହିଁ – ଆଶୁ ଫଳ ଫଳୁ ବା ନଫଳୁ । ରାଜାଙ୍କ ଗୁଣୁ ଗୁଣୁ ଭିକ୍ଷା ପ୍ରାର୍ଥନା ଶୁଣି ସାରିବା ମାତ୍ରେ ମୁଁ ମୋ ନିଜ ପନ୍ଥା ସ୍ଥିର କରି ନେଲି । କହିପାରନ୍ତି, ନୂତନ ରଣକୌଶଳ ନିରୂପଣ କରି ନେଲି ।''

''ତାହା କ'ଣ ସାଧୁଜୀ ?'' ବଣିକ କୌତୂହଳୀ ହୋଇ ପ୍ରଶ୍ନ କଲେ ।

''ମୁଁ ରାଜାଙ୍କ ପାଖକୁ ଭିକ୍ଷାର୍ଥୀ ଭାବରେ ଯାଇ ଦେଖିଲି, ରାଜା ଭଗବାନଙ୍କ ପାଖରେ ଭିକ୍ଷାର୍ଥୀ । ମୁଁ ତେବେ ସିଧା ଭଗବାନଙ୍କ ପାଖରେ ଭିକ୍ଷାର୍ଥୀ ନହେବି କାହିଁକି ? ମୁଁ ତାହାହିଁ କରୁଛି । ଭଗବାନଙ୍କୁ ମୋ ଆପତ୍ତି ଜଣାଉଛି ।'' ଭୋଳାଜୀ କହିଲେ ।

ମୁହୂର୍ତ୍ତଟିଏ ସ୍ତବ୍ଧ ରହି ବଣିକ କହିଲେ, ''ସାଧୁଜୀ, ମୋର କେଡ଼େ ସୌଭାଗ୍ୟ, ଆଜି ଭଗବାନ୍ ଆପଣଙ୍କ ପ୍ରାର୍ଥନା ପୂରଣ କରିବା ନିମନ୍ତେ ମୋତେ ମାଧ୍ୟମ ଭାବରେ ବ୍ୟବହାର କରୁଛନ୍ତି ।'' ଏହା କହି ସେ ଏକ ସହସ୍ର ମୁଦ୍ରାଭର୍ତ୍ତି ଥଳିଟିଏ ଭୋଳାଜୀଙ୍କ ଆଗରେ ଥୋଇଦେଇ ପୁଣି କହିଲେ, ''ଏଥର ବାଣିଜ୍ୟ ସକାଶେ ବାହାରିବା ବେଳେ ମୁଁ ମନେ ମନେ ଭଗବାନଙ୍କୁ କହିଥିଲି, ଯଦି ମୋତେ ଆଶାଜନକ ସଫଳତା ମିଳେ, ତେବେ କୌଣସି ମଙ୍ଗଳକାରକ କାର୍ଯ୍ୟ ନିମନ୍ତେ ମୁଁ ଏକ ସହସ୍ର ମୁଦ୍ରା ବ୍ୟୟ କରିବି । ମୋତେ ଖାଲି ଆଶାଜନକ ନୁହେଁ, ଆଶାତୀତ ସଫଳତା ମିଳିଛି । ଏ ଅର୍ଥ ଆପଣ ଯେପରି ପନ୍ଥାରେ ଉପଯୋଗ କରିବେ, କରନ୍ତୁ ।''

ଉଭୟ ବଣିକ ଏବଂ ଭୋଳାଜୀଙ୍କ ଆଖିରୁ ଝରୁଥିଲା କୃତଜ୍ଞତାର ଅଶ୍ରୁ ।

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ ସଂଗୃହୀତ; ପୃ. ୩୦୨-୩୦୪)

❑❑❑

# ଉଦ୍ଧବଙ୍କ ବ୍ରଜ ଗମନ

## ବନମାଳୀ ଆଚାର୍ଯ୍ୟ

ଭାଗବତ ପୁରାଣ ଓ ବ୍ରହ୍ମବୈବର୍ତ୍ତ ପୁରାଣରେ ଶ୍ରୀକୃଷ୍ଣଲୀଳାର ବର୍ଣ୍ଣନା ମିଳେ । ସେଥିରେ ଉଦ୍ଧବଙ୍କର ଏକ ହୃଦୟସ୍ପର୍ଶୀ ଭୂମିକା ରହିଛି । ତାଙ୍କର ବ୍ରଜ ଗମନ ଓ ଗୋପୀମାନଙ୍କୁ ବ୍ରହ୍ମଜ୍ଞାନ ଶିକ୍ଷାଦେବା ପ୍ରସଙ୍ଗ ରହିଛି । ଆହୁରି ମଧ୍ୟ ସେଥିରେ ଭଗବାନ୍ ଶ୍ରୀକୃଷ୍ଣ ଓ ଉଦ୍ଧବଙ୍କ ମଧ୍ୟରେ ଥିବା ଶୁଦ୍ଧ ଆନ୍ତରିକ ସମ୍ବନ୍ଧ ବିଷୟରେ ବର୍ଣ୍ଣନାମାନ ରହିଛି । ଶ୍ରୀକୃଷ୍ଣ ବସୁଦେବଙ୍କ ପୁତ୍ର ଥିଲେ । ବସୁଦେବଙ୍କ କନିଷ୍ଠ ଭ୍ରାତା ଦେବଭାଗଙ୍କର ପୁତ୍ର ଥିଲେ ଉଦ୍ଧବ । ତେଣୁ ସେମାନେ ପରସ୍ପରର ସମ୍ପର୍କୀୟ ଭାଇ ଥିଲେ । ଏହା ବ୍ୟତୀତ ସେମାନେ ପରସ୍ପରର ଉତ୍ତମ ବନ୍ଧୁ ଓ ଉପଦେଷ୍ଟା ବି ଥିଲେ । ଉଦ୍ଧବ ବୟସରେ ଅଳ୍ପ କିଛି ବଡ଼ ଥିଲେ ଏବଂ ଦୁଇଜଣଙ୍କର ରୂପରେ ସାଦୃଶ୍ୟ ଥିଲା । ଯେପରି ବସୁଦେବଙ୍କ ଭଗ୍ନୀ କୁନ୍ତୀଙ୍କ ପୁତ୍ର ଅର୍ଜୁନ ଶ୍ରୀକୃଷ୍ଣଙ୍କର ସମ୍ପର୍କୀୟ ଭାଇ ଓ ସଖା ଥିଲେ, ସେହିପରି ବସୁଦେବଙ୍କ ଭ୍ରାତା ଦେବଭାଗଙ୍କ ପୁତ୍ର ଉଦ୍ଧବ ଶ୍ରୀକୃଷ୍ଣଙ୍କର ସମ୍ପର୍କୀୟ ଭାଇ ଓ ଭକ୍ତ ଥିଲେ । ଶ୍ରୀକୃଷ୍ଣ କୁରୁକ୍ଷେତ୍ର ରଣଭୂମିରେ ଅର୍ଜୁନଙ୍କୁ ଗୀତାର ଅମୃତବାଣୀ ଶିକ୍ଷା ଦେଇଥିଲେ । ସେହିପରି ସେ ଉଦ୍ଧବଙ୍କୁ ଯୋଗ ଓ ଭକ୍ତିର ମାହାତ୍ମ୍ୟ ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ । ବାଲ୍ୟକାଳରେ ଉଦ୍ଧବ ଦେବଗୁରୁ ବୃହସ୍ପତିଙ୍କ ଶିଷ୍ୟ ଥିଲେ । ସେ ତାଙ୍କ ଠାରୁ ବ୍ରହ୍ମଜ୍ଞାନ ଶିକ୍ଷା ଲାଭ କରିଥିଲେ । ଗୁରୁଦେବ ତାଙ୍କୁ କହିଥିଲେ, ତାଙ୍କ ବଂଶରେ ଜନ୍ମଲାଭ କରିଥିବା ଶ୍ରୀକୃଷ୍ଣ ଭଗବାନ୍ ଶ୍ରୀବିଷ୍ଣୁଙ୍କର ଅବତାର ଥିଲେ । ତେଣୁ ପରମଜ୍ଞାନୀ ଉଦ୍ଧବ ଶ୍ରୀକୃଷ୍ଣଙ୍କ ଭିତରେ ନିରାକାର, ନିର୍ଗୁଣ ପରମବ୍ରହ୍ମଙ୍କୁ ଦର୍ଶନ ଓ ଉପଲବ୍ଧି କରୁଥିଲେ । ତାଙ୍କୁ ଭକ୍ତିପୂର୍ଣ୍ଣ ସମ୍ମାନ ପ୍ରଦର୍ଶନ କରୁଥିଲେ । ଜ୍ଞାନକୁ ନେଇ ଉଦ୍ଧବଙ୍କ ମନରେ ଗର୍ବଭାବ ଥିଲା । ଏହା ଶ୍ରୀକୃଷ୍ଣଙ୍କୁ ଜଣାଥିଲା । ନିଜ ପ୍ରିୟ ଭକ୍ତଙ୍କ ଭିତରର ଏହି ବଦ୍‌ଗୁଣକୁ ସେ ଦୂର କରିବାକୁ ଚାହୁଁଥିଲେ ।

ମଥୁରା ନରେଶ ମହାବଳୀ କଂସଙ୍କ ନିଧନ ପରେ ଶ୍ରୀକୃଷ୍ଣ ଓ ବଳରାମ ମଥୁରାରେ ଅବସ୍ଥାନ କଲେ । ମଥୁରାର ସୁସ୍ଥ ରାଜନୈତିକ ସ୍ଥିତି ଭିତରେ ମଧ୍ୟ ଶ୍ରୀକୃଷ୍ଣ ବେଳେବେଳେ ଉଦାସୀନ ଓ ଆନମନା ରହୁଥିଲେ । ଗୋପପୁରରେ ଅତିବାହିତ ବାଲ୍ୟସମୟ ଓ ଅତୀତର ଘଟଣାବଳୀ ତାଙ୍କର ମନେ ପଡୁଥିଲା । ସେ ନନ୍ଦ, ଯଶୋଦା, ଗୋପୀ, ରାଧା, ଯମୁନାତଟ ଓ ସାଙ୍ଗସାଥୀମାନଙ୍କୁ ଭୁଲିପାରୁ ନଥିଲେ । ଗୋକୁଳର ଶାନ୍ତ ଶୀତଳ ପରିବେଶ, ବ୍ରଜବାସୀଙ୍କ ସାତ୍ତ୍ୱିକ ପ୍ରେମଭରା ଅହଂଶୂନ୍ୟ ସମ୍ପର୍କ ଏବଂ ସର୍ବୋପରି ଭକ୍ତଙ୍କ ଗହଣରେ ଲୀଳାଭୂମି ବୃନ୍ଦାବନର ସ୍ମୃତି ତାଙ୍କୁ ବିଚଳିତ କରୁଥିଲା । ପରମଜ୍ଞାନୀ ଉଦ୍ଧବ ଶ୍ରୀକୃଷ୍ଣଙ୍କ ଏତାଦୃଶ ଉଦାସୀନତାର କାରଣକୁ ବୁଝି ପାରୁଥିଲେ । ଗୋପପୁରବାସୀଙ୍କୁ ଭୁଲିଯିବା ପାଇଁ ସେ ତାଙ୍କୁ ଅନୁରୋଧ କଲେ । ତାଙ୍କ କଥାର ମର୍ମ ଥିଲା, ଶ୍ରୀକୃଷ୍ଣଙ୍କର ଗୋପୀମାନଙ୍କ ପାଇଁ ଏବଂ ଗୋପୀମାନଙ୍କର ତାଙ୍କ ପାଇଁ ଯେଉଁ ପ୍ରେମଭାବ ଥିଲା ତାହା ମିଥ୍ୟା ଆସକ୍ତି ଓ ମୋହ ବ୍ୟତୀତ ଅନ୍ୟ କିଛି ନଥିଲା । ଏହା ପରମବ୍ରହ୍ମଙ୍କ ଉପଲବ୍ଧି ଦିଗରେ ବାଧକ ଥିଲା । ଏଥିରୁ ମୁକ୍ତ ରହି ନିରାକାର, ନିର୍ଗୁଣ ବ୍ରହ୍ମ ଉପାସନାରେ ମନ ଲଗାଇବା ଯଥାର୍ଥ ସାଧନା-ପଥ । ଶ୍ରୀକୃଷ୍ଣ ଭଗବାନ୍ ହୋଇଥିବାରୁ ଏହି ବାଧାକୁ ଅତିକ୍ରମ କରିଯାଇ ପାରିବେ । ମାତ୍ର ଅପାଠୁଆ ଗୋପୀମାନେ ଏପ୍ରକାର ମୋହରୁ ମୁକ୍ତ ହେବା କଠିନ । ତେଣୁ ଭଗବାନ୍ ଶ୍ରୀକୃଷ୍ଣ ନିଜେ ବ୍ରଜ ଗମନ କରି ବ୍ରଜବାସୀ ଓ ଗୋପୀମାନଙ୍କୁ ଯଥାର୍ଥ ମାର୍ଗଦର୍ଶନ କରାଇବା ସର୍ବୋତ୍ତମ ବାଟ । ତାହାହେଲେ ସେମାନେ ଶ୍ରୀକୃଷ୍ଣଙ୍କୁ ଭୁଲିଯାଇ ତାଙ୍କର ପରମବ୍ରହ୍ମ ସ୍ୱରୂପରେ ଲୟ ରଖିବେ । ଏହା ଜ୍ଞାନର ମାର୍ଗ । ଯଥାର୍ଥ ସାଧନା-ପଥ ।

ବ୍ରହ୍ମଜ୍ଞାନୀ ଉଦ୍ଧବ ସ୍ୱୟଂ ଗୋକୁଳ ଗମନ କରି ଅପାଠୁଆ ଗୋପୀମାନଙ୍କୁ ବ୍ରହ୍ମଜ୍ଞାନ ଶିକ୍ଷା ଦେବା ସକାଶେ ଶ୍ରୀକୃଷ୍ଣ ତାଙ୍କୁ ଅନୁରୋଧ କଲେ । ତାଙ୍କ କହିବାର କଥା ଥିଲା, ଉଦ୍ଧବ ଥିଲେ ପରମଜ୍ଞାନୀ, ଦେବଗୁରୁ ବୃହସ୍ପତିଙ୍କ ଶିଷ୍ୟ । ତାଙ୍କ ବ୍ୟକ୍ତିତ୍ୱର ସ୍ପର୍ଶ ଗୋପୀମାନଙ୍କୁ ବଦଳାଇ ପାରିବ । ମାତ୍ର ସେ ନିଜେ ଗୋକୁଳରେ କୌଣସି ଶିକ୍ଷା ଅର୍ଜନ କରି ନଥିଲେ । ଗୋପୀମାନଙ୍କ ଭଳି ସେ ଅପାଠୁଆ ଥିଲେ । ସାଥୀମାନଙ୍କ ସହିତ ଧେନୁ ଓ ବତ୍ସା ଜଗିବା କାର୍ଯ୍ୟରେ ସମୟ ବିତାଉଥିଲେ । ଏହାଛଡ଼ା ଗୋପୀମାନେ ତାଙ୍କୁ ଏତେ ନିବିଡ଼ ଭାବେ ଭଲ ପାଉଥିଲେ ଯେ ସେମାନେ ତାଙ୍କର ଅନ୍ୟ କୌଣସି କଥା

ପ୍ରତି ଧ୍ୟାନ ଦେବେ ନାହିଁ । ଦ୍ୱିଧାଚିତ୍ତ ଉଦ୍ଧବ ଶ୍ରୀକୃଷ୍ଣଙ୍କ ଅନୁରୋଧକୁ ଏଡ଼ାଇ ଦେଇ ପାରିଲେ ନାହିଁ । ମାତ୍ର ସେ ସନ୍ଦିହାନରେ ଥିଲେ ଯେ ଗୋପପୁରବାସୀଙ୍କ ନିକଟରେ ସେ ଭଲଭାବରେ ପରିଚିତ ନଥିବାରୁ, ସେମାନେ ତାଙ୍କର ଶିକ୍ଷାକୁ ଗ୍ରହଣ କରି ନପାରନ୍ତି । ଏହି ଅସୁବିଧାକୁ ଦୂର କରିବାକୁ ଯାଇ ଶ୍ରୀକୃଷ୍ଣ ବ୍ରଜବାସୀଙ୍କ ଉଦ୍ଦେଶ୍ୟରେ ସ୍ୱହସ୍ତରେ ପତ୍ର ଲେଖି ଉଦ୍ଧବଙ୍କୁ ଦେଲେ । ବାସ୍ତବରେ ସେ ପତ୍ର ଭିତରେ ତାଙ୍କର ଭଲ ପାଇବାର ସ୍ପନ୍ଦନ ଛପି ରହିଥିଲା ଯାହା ଉଦ୍ଧବଙ୍କୁ ଅଗୋଚର ଥିଲା । ପତ୍ରସହ ଉଦ୍ଧବ ବ୍ରଜ ଗମନ କଲେ । ମହାରାଜା କଂସଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ କୃଷ୍ଣ ଓ ବଳରାମ ବୃନ୍ଦାବନ ପରିତ୍ୟାଗ କରି ମଥୁରା ଯିବା ଦିନଠାରୁ ବୃନ୍ଦାବନ ଶ୍ରୀହୀନ ଜଣାପଡୁଥିଲା । ସମସ୍ତଙ୍କ ମନରେ ଏବଂ ସବୁକିଛିରେ ଉଦାସ ଓ ଦୁଃଖର ଛାଇ ଦେଖା ଦେଇଥିଲା । ସମସ୍ତେ ଶ୍ରୀକୃଷ୍ଣଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ ।

ଗୋକୁଳରେ ରଥ ଆସୁଥିବାର ଦେଖାଯିବା ପରେ ଶ୍ରୀକୃଷ୍ଣଙ୍କ ବ୍ରଜ ଆଗମନ ଖବର ଚାରିଆଡ଼କୁ ଖେଳିଗଲା । ସବୁକାମ ଛାଡ଼ି ଗୋପାଙ୍ଗନାମାନେ ରଥ ନିକଟରେ ଅବିଳମ୍ବେ ପହଞ୍ଚିଲେ । ସେମାନଙ୍କ ଗହଳିରେ ରଥ ଠିଆ ହୋଇ ରହିଲା । ରଥରେ ଶ୍ରୀକୃଷ୍ଣ ନଥିଲେ, ଉଦ୍ଧବ ଥିଲେ । ଶ୍ରୀକୃଷ୍ଣ କାହିଁକି ଆସିଲେ ନାହିଁ, କେବେ ଆସିବେ ଆଦି ବହୁ ପ୍ରଶ୍ନରେ ବିଚଳିତ ହୋଇ ଉଦ୍ଧବ ତଳକୁ ଓହ୍ଲାଇ ଆସିଲେ । ଶ୍ରୀକୃଷ୍ଣଙ୍କ ପ୍ରେରିତ ପତ୍ର ସମସ୍ତଙ୍କୁ ଦେଖାଇ ସେମାନେ ଶାନ୍ତ ରହିବାକୁ ସେ ନିବେଦନ କଲେ । ଶ୍ରୀକୃଷ୍ଣଙ୍କ ଇଚ୍ଛାରେ ସେ ସେମାନଙ୍କୁ ଯଥାର୍ଥ ଜ୍ଞାନ ଶିକ୍ଷା ଦେବା ସକାଶେ ଗୋକୁଳକୁ ଆସିଛନ୍ତି ବୋଲି କହିଲେ । ମାତ୍ର ତାଙ୍କର କଥା କେହି ଶୁଣିବା ଅବସ୍ଥାରେ ନଥିଲେ । ଭାବବିହ୍ୱଳା ଗୋପୀମାନେ ତାଙ୍କ ହାତରୁ ପତ୍ରଟିକୁ ନେଇଗଲେ । ସେଥିରେ କେଉଁ ସନ୍ଦେଶ ରହିଛି ଏବଂ କେଉଁଠାରେ ସେମାନଙ୍କ କଥା ଲେଖାଯାଇଛି ସେସବୁ ପାଠକରି ଶୁଣାଇଦେବାକୁ ଉଦ୍ଧବଙ୍କୁ ଅଧୀର ହୋଇ ଅନୁରୋଧ କଲେ । ସମସ୍ତେ ଶ୍ରୀକୃଷ୍ଣଙ୍କୁ ଭୁଲିଯାଇ ତାଙ୍କର ନିର୍ଗୁଣ ନିରାକାର ସ୍ୱରୂପରେ ଲୟ ରଖିବାକୁ ଉଦ୍ଧବ ବୁଝାଇ କହିଲେ । ତାହା ସେମାନଙ୍କର ମୁକ୍ତିର ପଥ । ଉତ୍ତରରେ ସେମାନେ କହିଲେ, ସେମାନଙ୍କର ଜ୍ଞାନ ବା ମୁକ୍ତି ଦରକାର ନାହିଁ । ସେ ପତ୍ର ଭିତରେ ଶ୍ରୀକୃଷ୍ଣଙ୍କ ସ୍ପର୍ଶ ରହିଛି । ତାହା ସେମାନେ ଅନୁଭବ କରିପାରୁଛନ୍ତି । ଏହାପରେ ପତ୍ରଟି ଏ ହାତରୁ ସେ ହାତ ହୋଇ ଚିରିବାରେ ଲାଗିଲା । ଆନନ୍ଦ-ବିଭୋରା ଗୋପୀମାନେ ପତ୍ରର ଟୁକୁରା ଅଂଶ ଭିତରେ ଶ୍ରୀକୃଷ୍ଣଙ୍କ ସ୍ପର୍ଶ ଓ ସାନ୍ନିଧ୍ୟକୁ ଉପଲବ୍ଧି କରୁଥିଲେ । ଏହା ଦେଖି ଉଦ୍ଧବ ସ୍ତମ୍ଭୀଭୂତ ହୋଇଗଲେ । ପତ୍ରର ଟୁକୁରା ଖଣ୍ଡ ଭିତରେ ଭଗବାନଙ୍କର ସ୍ପର୍ଶ, ଉପସ୍ଥିତି ଓ ଅସ୍ତିତ୍ୱକୁ ଅନୁଭବ କରୁଥିବା ଗୋପୀମାନେ ତାଙ୍କ ଦୃଷ୍ଟିରେ ଅସାଧାରଣ ଥିଲେ । ଗୋପୀମାନେ ତାଙ୍କୁ ଶ୍ରୀରାଧାଙ୍କ ସମୀପକୁ ନେଇଗଲେ ।

ନମ୍ରଭାବରେ ଶ୍ରୀରାଧା ଉଦ୍ଧବଙ୍କୁ ଶ୍ରୀକୃଷ୍ଣଙ୍କ କୁଶଳ ସମାଚାର ଏବଂ ତାଙ୍କର ଗୋକୁଳ ଆଗମନ ବିଷୟରେ ପଚାରିଲେ । ଉଦ୍ଧବ କହିଲେ, ସେ ତାଙ୍କର ସନ୍ଦେଶ ବହନ କରି ସେଠାକୁ ଆସିଛନ୍ତି । ସେ ବ୍ରଜବାସୀମାନଙ୍କୁ ମୁକ୍ତିର ବାଟ ଦେଖାଇବାକୁ ଆସିଛନ୍ତି । ଶ୍ରୀରାଧା ଶ୍ରୀକୃଷ୍ଣଙ୍କୁ ଭୁଲିଯାଇ ନିରାକାର ବ୍ରହ୍ମ ଉପାସନାରେ ବ୍ରତୀ ହେବା ଆବଶ୍ୟକ । ଦୃଶ୍ୟମାନ ଦେହ ଓ ରୂପ ଅଳୀକ । ଏହା ପଛରେ ଅନୁଧାବନ କଲେ ମୁକ୍ତି ମିଳେ ନାହିଁ । କେବଳ ବିରହ ବେଦନା ଓ ଯନ୍ତ୍ରଣା ସାର ହୋଇଥାଏ । ଶ୍ରୀକୃଷ୍ଣଙ୍କ ଅବର୍ତ୍ତମାନରେ ଯେଉଁ ବିରହ ବେଦନା ତାଙ୍କୁ କଷ୍ଟ ଦେଉଛି, ତାହା ନଶ୍ୱର ପ୍ରେମର ପରିଣତି । ସେ ଯଦି ବିରାଟ ବ୍ରହ୍ମସ୍ୱରୂପଙ୍କୁ ଚିନ୍ତନ କରିବେ, ପୀଡ଼ାରୁ ମୁକ୍ତ ହୋଇପାରିବେ । ସ୍ୱଳ୍ପ ହସି ଶ୍ରୀରାଧା ଉତ୍ତର ଦେଲେ, ସେ ମୁକ୍ତି ଚାହାନ୍ତି ନାହିଁ । ଶ୍ରୀକୃଷ୍ଣଙ୍କୁ ଭୁଲିବା ସହଜ ନୁହେଁ, ବରଂ ଅସମ୍ଭବ, କାରଣ ତାଙ୍କର ପ୍ରେମ ଭିତରେ ସେ ତାଙ୍କ ସହିତ ଅଭିନ୍ନ ହୋଇ ରହିଛନ୍ତି । ସେ ସର୍ବତ୍ର ବିଦ୍ୟମାନ । ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ଯୁଗଳମୂର୍ତ୍ତି ପରମପ୍ରେମରେ ଏକ ହୋଇଛନ୍ତି । ତାଙ୍କ ବିରହ ବେଦନା ଓ ପୀଡ଼ା ମଧ୍ୟ ପରମ ଆନନ୍ଦ । ଶ୍ରୀକୃଷ୍ଣ ସର୍ବଦା ତାଙ୍କ ସହିତ ରହିଛନ୍ତି । ଉଦ୍ଧବ ଦେଖିଲେ, ଶ୍ରୀରାଧାଙ୍କ ସାନ୍ନିଧ୍ୟରେ ଶ୍ରୀକୃଷ୍ଣ ସଶରୀରେ ବିଦ୍ୟମାନ । ଏହା ଏକ କଳ୍ପନା ନଥିଲା; ମାତ୍ର ଅବିଶ୍ୱସନୀୟ ବାସ୍ତବତା ଥିଲା । ଉଦ୍ଧବ ଚମତ୍କୃତ ହେଲେ । ଏହା କିପରି ସମ୍ଭବ ସେ ବୁଝି ପାରୁ ନଥିଲେ । ଶ୍ରୀକୃଷ୍ଣ ସ୍ମିତ ହସି ତାଙ୍କୁ କହିଲେ, ଯେଉଁ ହୃଦୟରେ ତାଙ୍କ ପ୍ରତି ଶୁଦ୍ଧ ଭକ୍ତି ଓ ପ୍ରେମ ଥାଏ, ସେ ସେହିଠାରେ ସୂକ୍ଷ୍ମ ବା ସ୍ଥୂଳ ଭାବରେ ଉପସ୍ଥିତ ଥାଆନ୍ତି । ଏହି ସତ୍ୟ ସକଳ ଜ୍ଞାନର ଅତୀତ । ଜ୍ଞାନରେ ଅହଂକାର ଥାଏ । ମାତ୍ର ଶୁଦ୍ଧ ଭକ୍ତି ଓ ପ୍ରେମରେ ତାହା ନଥାଏ । ସେ ଗୋକୁଳର ସମସ୍ତ ଭକ୍ତମାନଙ୍କ ଗହଣରେ ଅଛନ୍ତି । ପରମଜ୍ଞାନୀ ଉଦ୍ଧବ ଏହି ପ୍ରେମ ଓ ଭକ୍ତିର ଦୀପ ଜଳାଇ ସାଧନା ପଥରେ ଚାଲିବା ଉଚିତ ହେବ ।

ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ଯୁଗଳମୂର୍ତ୍ତିର ଦର୍ଶନଲାଭ ଉପରାନ୍ତେ ଉଦ୍ଧବଙ୍କ ଜ୍ଞାନର ଅହମିକା ସୂର୍ଯ୍ୟାଲୋକରେ କୁହେଳିକା ଅନ୍ତର୍ହିତ ହେବାଭଳି ବିଲୁପ୍ତ ହୋଇଗଲା । ସେ ନିରାକାର ପରମବ୍ରହ୍ମଙ୍କୁ ଭକ୍ତି ଓ ପ୍ରେମର ଅବତାର ଭାବେ ଉପଲବ୍ଧି କରୁଥିଲେ । ତାଙ୍କ ଅମୃତବାଣୀ ଶୁଣିପାରୁଥିଲେ । ତାଙ୍କ ଚକ୍ଷୁରୁ କୃତଜ୍ଞତାର ଅଶ୍ରୁ ଝରି ଆସୁଥିଲା । ପ୍ରେମ ଓ ଭକ୍ତିର ଉର୍ମିମାଳାରେ ଉଦ୍ଧବଙ୍କର ମହାନ୍ ଆଧାତ୍ମିକ ବ୍ୟକ୍ତିତ୍ୱ ଶୁଦ୍ଧତର ଓ ମହିମମୟ ହୋଇଉଠୁଥିଲା । ଶ୍ରୀରାଧାଙ୍କ ସମୀପରୁ ଭଗବାନ୍ ଶ୍ରୀକୃଷ୍ଣ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ଯମୁନାତଟରେ ତାଙ୍କୁ ପୁନର୍ବାର ଭେଟିବାର ଆଶାରଖି ଶ୍ରୀରାଧା ଚଞ୍ଚଳ ହୋଇ ଉଠୁଥିଲେ । ଗୋକୁଳ ମାଟିର ସ୍ପର୍ଶ ଲାଭ କରି ପରିବର୍ତ୍ତିତ ପରମ ଜ୍ଞାନୀ ଉଦ୍ଧବ କୃତଜ୍ଞତାବଶତଃ ଶ୍ରୀରାଧାଙ୍କ ପାଦଧୂଳିକୁ ମସ୍ତକରେ ଲେପନ କରିବାକୁ ଆଗେଇ ଆସୁଥିଲେ ।

ପରମପ୍ରଭୁ ଶ୍ରୀଅରବିନ୍ଦ ଯୋଗ ପତ୍ରାବଳୀ(୨)ରେ ଉଲ୍ଲେଖ କରିଛନ୍ତି – ଯଥାର୍ଥ ଅର୍ଥରେ ଗୋପୀମାନେ ସାଧାରଣ ବ୍ୟକ୍ତି ନୁହଁନ୍ତି । ସେମାନଙ୍କର ପ୍ରେମର ଅତିଶୟତା, ଆବେଗଭରା ଭକ୍ତି, ପରିପୂର୍ଣ୍ଣ ଆତ୍ମଦାନ ସେମାନଙ୍କୁ ଅସାଧାରଣ କରିଛି । ରାଧା ଭଗବାନଙ୍କ ପ୍ରତି ସର୍ବୋତ୍ତମ ପ୍ରେମର ବ୍ୟକ୍ତିରୂପ । ସେହି ପ୍ରେମ ସାମଗ୍ରିକ ଓ ପରିପୂର୍ଣ୍ଣ ଅବସ୍ଥାରେ ସତ୍ତାର ସକଳ ଅଂଶରେ ଉଚ୍ଚତମ ଆଧାତ୍ମିକ ସ୍ତରରୁ ଜଡ଼ ପର୍ଯ୍ୟନ୍ତ, ପରିବ୍ୟାପ୍ତ ଥାଏ ଏବଂ ସମଗ୍ର ସତ୍ତାର ସର୍ବୋତ୍ତମ ଆତ୍ମଦାନ ଓ ସାମଗ୍ରିକ ଉତ୍ସର୍ଗର ଭାବ ସହିତ ପରମ ଆନନ୍ଦକୁ ଶରୀର ଓ ଜଡ଼ପ୍ରକୃତି ମଧ୍ୟକୁ ଆବାହନ କରି ଆଣିଥାଏ । ❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ବ୍ରହ୍ମାଙ୍କର ଦିନ ରାତି

## ଆର୍ତ୍ତତ୍ରାଣ ମିଶ୍ର

ରାତିର ନିର୍ମଳ ଆକାଶକୁ ଦେଖିଲେ ଆମେ ଦେଖୁ ଅସଂଖ୍ୟ ତାରା ବିଛେଇ ହୋଇ ରହିଛନ୍ତି । ଏହାକୁ ଅନୁଧ୍ୟାନ କରିଛନ୍ତି ଜ୍ୟୋତିର୍ବିଜ୍ଞାନର ବୈଜ୍ଞାନିକମାନେ ଅତି ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ । ସେମାନଙ୍କର ନିରୂପଣ ଅନୁସାରେ ଏହି ତାରକାମାନଙ୍କ ମଧ୍ୟରୁ ଅଧିକାଂଶ ଗୋଟିଏ ଗୋଟିଏ ବ୍ରହ୍ମାଣ୍ଡ । ଭାଗବତ ଭାଷାରେ,

''ବ୍ରହ୍ମାଣ୍ଡ ମାଳ ମାଳ ହୋଇ
ତୋ ଲୋମକୂପେ ବିରାଜଇ ।''

ଏହି ବ୍ରହ୍ମାଣ୍ଡମାନଙ୍କ ମଧ୍ୟରେ ରହିଛି କୋଟି କୋଟି ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ । ସେହି ବ୍ରହ୍ମାଣ୍ଡମାନଙ୍କ ମଧ୍ୟରେ ଆମେମାନେ ଗୋଟିଏ ବ୍ରହ୍ମାଣ୍ଡରେ ଅଛୁ । ଆମର ସୂର୍ଯ୍ୟ, ଗ୍ରହ, ଆହୁରି କୋଟି କୋଟି ସୂର୍ଯ୍ୟ ଓ ସେମାନଙ୍କର ଗ୍ରହ ସହିତ,– Milky Way, The Galaxy ଇତ୍ୟାଦି ରହିଛି । ଆମ ପୃଥିବୀର ଜୀବ ଜାତି ଭଳି ଏହି କୋଟି କୋଟି ବ୍ରହ୍ମାଣ୍ଡର ସୂର୍ଯ୍ୟମାନଙ୍କୁ ଘେରି ରହିଥିବା ଗ୍ରହମାନଙ୍କରେ ଜୀବ ଜାତିର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ । ଆମ ପୃଥିବୀର ବୈଜ୍ଞାନିକମାନେ ଚେଷ୍ଟା କରୁଛନ୍ତି ଆମ ବ୍ରହ୍ମାଣ୍ଡରେ ଅନ୍ୟ କୌଣସି ଗ୍ରହରେ ଜୀବନ ଅଛି କି ନାହିଁ ।

ତେବେ ପ୍ରଶ୍ନ ହେଉଛି – କିପରି ଏହି କୋଟି କୋଟି ବ୍ରହ୍ମାଣ୍ଡ ସୃଷ୍ଟି ହେଲା ? ବୈଜ୍ଞାନିକମାନଙ୍କର ଆକଳନ ଅନୁସାରେ – 10,000 Million ବର୍ଷ ପୂର୍ବେ ଗୋଟିଏ ଜ୍ୟୋତିଃପିଣ୍ଡ ଅକଳନୀୟ ତେଜଃପୂର୍ଣ୍ଣ ପିଣ୍ଡ ଥିଲା । ଏହି ପିଣ୍ଡରେ ଏକ ମହାବିସ୍ଫୋରଣ ଘଟିଲା, ଯାହାକୁ କୁହାଯାଇଛି 'ବିଗ୍ ବ୍ୟାଙ୍ଗ'(Big Bang) । ଏ ବିସ୍ଫୋରିତ ସେହି ତେଜଃ ଅନନ୍ତ ମହାଶୂନ୍ୟରେ ଖେଳିଗଲା ଏବଂ ସେଥିରୁ ସୃଷ୍ଟି ହେଲା ଏହି କୋଟି କୋଟି ବ୍ରହ୍ମାଣ୍ଡ । ସବୁଠାରୁ ବିସ୍ମୟର କଥା ଏହିସବୁ ବ୍ରହ୍ମାଣ୍ଡ ପ୍ରବଳ ବେଗରେ ପରସ୍ପରଠାରୁ ଦୂରେଇ ଯାଇଛନ୍ତି । ଏଥିରୁ ଅନେକେ ଏତେ ଦୂର ଚାଲିଗଲେଣି ଯେ ଯାହାର ଆଲୋକ ଏପର୍ଯ୍ୟନ୍ତ ଆମ ପୃଥିବୀରେ ପହଞ୍ଚି ପାରି ନାହିଁ ।

ତେବେ ଏହି ବିଚିତ୍ର ସୃଷ୍ଟିର ଭବିଷ୍ୟତ୍ କ'ଣ ? ଏ ପର୍ଯ୍ୟନ୍ତ ବୈଜ୍ଞାନିକମାନଙ୍କୁ ଏହାର ନିର୍ଦ୍ଦିଷ୍ଟ ଉତ୍ତର ମିଳି ପାରି ନାହିଁ । କେତେକେ କହୁଛନ୍ତି ଏହିପରି ଗତି ଅନିର୍ଦ୍ଦିଷ୍ଟ କାଳଯାଏ ଚାଲିଥିବ; କିନ୍ତୁ ଏହା ଗ୍ରହଣୀୟ ନୁହେଁ, କାରଣ ଯାହାର ଆରମ୍ଭ ଅଛି ତା'ର ଶେଷ ମଧ୍ୟ ଅଛି । ଅନ୍ୟମାନେ ଗାଣିତିକ ହିସାବ କରି କହନ୍ତି – ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ପହଞ୍ଚିଲେ ଗତି ଶିଥିଳ ହୋଇଯିବ ଏବଂ ସମସ୍ତେ ପୁଣି ଏକତ୍ରିତ ହେବାକୁ ଆରମ୍ଭ କରିବେ । ଶେଷରେ ପୁଣି ଗୋଟିଏ ତେଜୋମୟ ପିଣ୍ଡ ହୋଇଯିବ । ଏହା ମଧ୍ୟ ସମ୍ଭବ ପୁଣି ବିସ୍ଫୋରଣ ଘଟି ଆଉ ଏକ ନୂଆ ସୃଷ୍ଟି ହୋଇପାରେ ।

ଆମେ ଏବେ ଆଖି ଫେରାଇବା ଆମର ଅଧ୍ୟାତ୍ମ ବିଜ୍ଞାନିମାନେ କ'ଣ କହୁଛନ୍ତି । ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ସୃଷ୍ଟିର ରହସ୍ୟ ଉନ୍ମୋଚନ କରି କହିଛନ୍ତି –

ବ୍ରହ୍ମାଙ୍କର ଦିନ ସହସ୍ର ଯୁଗ ପର୍ଯ୍ୟନ୍ତ ଏବଂ ରାତି ସହସ୍ର ଯୁଗ ପର୍ଯ୍ୟନ୍ତ । ଯେତେବେଳେ ଦିବସ ଆସେ ସୃଷ୍ଟିର ସମସ୍ତେ ଅବ୍ୟକ୍ତ ମଧ୍ୟରୁ ପ୍ରକାଶ ହୋଇ ଆସନ୍ତି ଏବଂ ରାତ୍ରି ଆସିଲେ ପୁଣି ଅବ୍ୟକ୍ତ ମଧ୍ୟରେ ପ୍ରଲୀନ ହୋଇଯା'ନ୍ତି । (ଅଧ୍ୟାୟ : ୮ – ୧୭,୧୮,୧୯) । ଏହି ପ୍ରକ୍ରିୟା ଚାଲିଛି ଭଗବାନଙ୍କର ପ୍ରକୃତି ମଧ୍ୟରୁ (ଅଧ୍ୟାୟ : ୯ – ୭,୮) । ଏହା ହେଉଛି ପରାପ୍ରକୃତି ଯାହା ଜୀବାତ୍ମାରୂପେ ଆବିର୍ଭୂତ ହୋଇ ଜଗତକୁ ଧାରଣ କରିଛନ୍ତି (ଅଧ୍ୟାୟ : ୭-୫) । ତେଣୁ ଜୀବାତ୍ମା ଅମର, ଅନନ୍ତ କାଳ ଧରି କୋଟି କୋଟି ସୃଷ୍ଟି ମଧ୍ୟଦେଇ ଗତି କରି ଚାଲିଛନ୍ତି ।

ସାବିତ୍ରୀରେ ଶ୍ରୀଅରବିନ୍ଦ କହିଛନ୍ତି –

"Our being must move eternally through Time;
Death helps us not, vain is the hope to cease;
A secret Will compels us to endure.
Our life's repose is in the Infinite;
It cannot end, its end is Life supreme."

(Savitri, P. 197)

ଶ୍ରୀଅରବିନ୍ଦ ଏହାକୁ ସଂକ୍ଷେପରେ କହିଛନ୍ତି : "What is God after all ? An eternal child playing an eternal game in an eternal garden."

(CWSA, Vol. 13, p. 202)

❑❑❑

# ବୃତ୍ରାସୁର ବଧ
## ନଳିନୀକାନ୍ତ ଗୁପ୍ତ

ଆଜି ଗୋଟିଏ ଲଢ଼ାଇର ଗଳ୍ପ କହିବି ତୁମକୁ । କାହାଣୀଟି ଆଧୁନିକ ଧରଣର ନୁହେଁ – ଯେମିତି ଷଣ୍ଢ ବା ବୋଦା ଲଢ଼େଇ ହୁଏ, ସେ ପ୍ରକାର ନୁହେଁ କି ଏକ ଅନ୍ଧାରପୁଞ୍ଜ ସହିତ ଆଉ ଏକ ଅନ୍ଧାରପୁଞ୍ଜର ଲଢ଼ାଇ ବି ନୁହେଁ । ଇଂରାଜୀ କବି ମାଥ୍ୟୁ ଆର୍ଣ୍ଣୋଲଡ୍ ଏହିପ୍ରକାର ଲଢ଼ାଇର ଏକ ସୁନ୍ଦର ଚିତ୍ର ଆଙ୍କିଛନ୍ତି :

"And we are here as on a darkling plain
Swept with confused alarms
of struggle and flight
Where ignorant armies clash by night."

ସାଧାରଣତଃ ମନୁଷ୍ୟମାନଙ୍କ ମଧ୍ୟରେ ଲଢ଼େଇ ହୁଏ, ତାହା ଏହି ଧରଣର ଅନ୍ଧାର ସହିତ ଅନ୍ଧାରର ଓ ଅଜ୍ଞାନ ସହିତ ଅଜ୍ଞାନର ଲଢ଼ାଇ । ମୁଁ ଯେଉଁ କାହାଣୀଟି କହିବାକୁ ଯାଉଛି ତାହା ହେଉଛି ଅନ୍ଧାର ସହିତ ଆଲୁଅର ଯୁଦ୍ଧ କାହାଣୀ, ଅର୍ଥାତ୍ ଅସୁର ସହିତ ଦେବତାର ଯୁଦ୍ଧ – ପୁରାତନ କଥା, ତେବେ ନୂଆ ଅର୍ଥରେ, ନୂଆ ଢଙ୍ଗରେ ଶୁଣ ତୁମ୍ଭେମାନେ ।

ଇନ୍ଦ୍ର – ଦେବରାଜ ଇନ୍ଦ୍ର – ସ୍ୱର୍ଗରେ ଆସୀନ । ସେ ହଠାତ୍ ଦିନେ ଦେଖିବାକୁ ପାଇଲେ ଆକାଶରୁ ଆଲୁଅ କୁଆଡ଼େ ଚାଲି ଯାଇଛି, ଅନ୍ଧକାର ଘନାଇ ଆସିଲାଣି । ପୃଥିବୀର ଆମ ଗୋଠ ଭିତରୁ, ଖୋଲା ପ୍ରାନ୍ତରରୁ ମନୁଷ୍ୟର ସମ୍ପତ୍ତି ସୁଶୋଭନ ଗାଭୀକୁଳ ଆଉ ଦେଖାଯାଉ ନାହାନ୍ତି । କ'ଣ ହେଲା, କୁଆଡ଼େ ଗଲେ ଏମାନେ ? କେମିତି ଓ କେଉଁଠୁ ଆସିଲା ଏ ଦୁର୍ଯୋଗ – ସୃଷ୍ଟି ଉପରେ ଅଭିଶାପ ବର୍ଷିଲା କିଏ ? ଇନ୍ଦ୍ର ତହୁଁ ତାଙ୍କର ବିଶ୍ୱସ୍ତ ସେବକ ଓ ଦୂତ ସାରମେୟୀକୁ ପଠାଇଲେ ଖୋଜିବାକୁ । ଏଇ ଦୂତକୁ ବୈଦିକ ଋଷିଗଣ ନାମ ଦେଇଛନ୍ତି ସରମା, ତା' କଥା ପଢ଼ିଲେ ଆଧୁନିକ ଯୁଗର ପୋଲିସ କୁକୁର କଥା ମନେପଡ଼େ ଆମର । ସାରମେୟୀ ଆଗେଇ ଚାଲିଲା ଅନ୍ଧାର ପାରିହୋଇ । ତା'ର ରହିଛି ସୂକ୍ଷ୍ମଦୃଷ୍ଟି, ଦିବ୍ୟବୋଧ । ଚାଲି ଚାଲି ସେ ଯାଇ ପହଞ୍ଚିଲା ଗୋଟିଏ ଦୁର୍ଦ୍ଧର୍ଷ ବିକଟକାୟ ନଣ୍ଡା ପର୍ବତର ସନ୍ଧିରେ – କଳା ମଚ୍‌ମଚ୍ ପାହାଡ଼, ଟାଙ୍ଗରା ପ୍ରସ୍ତର ସ୍ତୂପ, ଗଛ ନାହିଁ କି ସବୁଜିମା ନାହିଁ, ଲତାଗହଳି କି ଘାସବୁଦା ବି କେଉଁଠି ଟିକିଏ ନାହିଁ, ସେଇ ନଣ୍ଡା ପାହାଡ଼ର ଗୋଟାଏ ଜାଗାରେ ତାକୁ ଲାଗିଲା ଯେ ଗୁମ୍ଫାଟିଏ ରହିଛି । ସତକୁ ସତ ଗୁମ୍ଫା ଓ ସେଇ ଗୁମ୍ଫାର ଦୁଆରକୁ ଆଗୁଳି ରହିଛନ୍ତି କେତେଗୁଡ଼ିଏ ଛାୟା ମୂର୍ତ୍ତି । ସାରମେୟୀ ସେଇଠି ବାହାରେ ଠିଆହୋଇ ତା'ର ତୀବ୍ର ଓ ତୀକ୍ଷ୍ଣ ଦୃଷ୍ଟି ଗୁହା ଭିତରକୁ ତୀର ପରି ଲମ୍ବାଇ ଦେଲା । ସେଇ ଛାୟାମୂର୍ତ୍ତିମାନେ ପହରାବାଲାଙ୍କ ପରି ପାଟିକରି ଉଠିଲେ, ହାଙ୍କିଦେଲେ – କିଏ ସେ, କିଏ ପଶିଲା ଭିତରେ ?

– ''ଇନ୍ଦ୍ରଦୂତୀ ସରମା ।''

– ''ଏଠାକୁ କାହିଁକି ଆସିଛ ?''

– ''ତୁମେ ତସ୍କର, ପୃଥିବୀର ଗୋଠରୁ, ଘାସ ପ୍ରାନ୍ତରରୁ ଇନ୍ଦ୍ରଙ୍କର ଗୋଧନ ଚୋରି କରି ଆଣିଛ, ସୂର୍ଯ୍ୟକୁ ଆକାଶରୁ ଟାଣି ଘୋଷାରି ନେଇ ଆସିଛ । ଯଦି ଭଲ ଦଶା ଅଛି, ତାହା ହେଲେ ଫେରାଇ ଦିଅ ।''

– ''କିଏ ଇନ୍ଦ୍ର, ଆମେ ତାକୁ ଚିହ୍ନୁନା । ତା'ର ଯଦି ମନ ହେଉଛି, କୁହ ତାକୁ ଆସି ଚେଷ୍ଟା କରୁ । ଆମର ଖୁସି ହେଲେ ଆମେ ତାକୁ ବି ଏଇଠି ବନ୍ଦୀ କରି ରଖି ଦେଇପାରୁ, ଆମର ସବୁ ସମ୍ପଦକୁ ଦେଖାଶୁଣା କରିବ ।''

ଏହିପରି ଉଭୟ ପକ୍ଷର କିଛି ସମୟ ଯାଏଁ କଥା କଟାକଟି ଯୁକ୍ତିତର୍କ ଚାଲିଲା । ସରମା ଇନ୍ଦ୍ରଙ୍କ ପାଖକୁ ଫେରି ଯାଇ ସବୁକଥା କହିଲା, ଯାହା ଯାହା ଖୋଜଖବର କରିଥିଲା, ଯାହା ଯାହା ସନ୍ଧାନ ପାଇଛି, ଆଉ ବିଶେଷ କରି ଏଇ ଦସ୍ୟୁମାନଙ୍କ କଥା । ସବୁକଥା ଶୁଣି ଇନ୍ଦ୍ର ବାହାରି ପଡ଼ିଲେ ସାଙ୍ଗେ ସାଙ୍ଗେ, ହାତରେ ବଜ୍ର ଓ ଅଗ୍ନିଶିଖା ସେଇ ଅନ୍ଧକାର ରାଜ୍ୟଆଡ଼େ । ଦସ୍ୟୁମାନଙ୍କ ସହ ହେଲା ବିରାଟ ଯୁଦ୍ଧ, ବିପୁଳ ଘନଘନ ବଜ୍ରାଘାତରେ ବିଦୀର୍ଣ୍ଣ ହେଲା ପର୍ବତ, ପାହାଡ଼ର ବକ୍ଷ; ଅନ୍ଧକାର ସବୁ ଅଗ୍ନିଶିଖାରେ ଭସ୍ମୀଭୂତ ହେଲା । ତା'ପରେ ଲୁଚା ହୋଇଥିବା ଗୋଧନ ବାହାରି ଆସିଲେ । ଅସ୍ତମିତ ହୋଇଥିବା ସୂର୍ଯ୍ୟ ପୁଣି ଉଦିତ ହେଲେ । ଇନ୍ଦ୍ରଙ୍କର ସହାୟତାରେ ଏହିପରି ଭାବରେ ଆଲୋକ ଓ ଆଲୋକର ବାହିନୀ ଉଦ୍ଧାର ପାଇଲେ । ସୃଷ୍ଟି ପୁଣି ଉଜ୍ଜ୍ୱଳ ହାସ୍ୟମୁଖର ହୋଇଗଲା ଓ ପୂର୍ଣ୍ଣ ପ୍ରକଟିତ ପ୍ରସ୍ଫୁଟିତ ହେବାକୁ ଲାଗିଲା ।

ମୁଁ ଯେଉଁ ଘଟଣାର କଥା କହୁଛି ତାହା ହେଉଛି ଆଲୋକ ଓ ଅନ୍ଧକାରର ସମର – ମଣିଷର ଆଧାର ଭିତରେ, ପାର୍ଥିବ ଚେତନା ଉପରେ । ଯୁଦ୍ଧଟି ହେଉଛି ଅଜ୍ଞାନ-ଅନ୍ଧକାର ଓ ଜ୍ଞାନ-ଜ୍ୟୋତିଃ ଭିତରେ । ଇନ୍ଦ୍ର ହେଉଛନ୍ତି ଇନ୍ଦ୍ରିୟମାନଙ୍କର ଅଧିପତି – ଯେଉଁ ଦିବ୍ୟ ମନୋମୟ ପୁରୁଷ ପାର୍ଥିବ ଚେତନାକୁ ବ୍ୟକ୍ତ କରନ୍ତି, ରୂପ ଦିଅନ୍ତି, ସୁସଜ୍ଜିତ କରନ୍ତି ସେଇ ହେଉଛନ୍ତି ଇନ୍ଦ୍ର । ସରମା ବା ସାରମେୟୀ ହେଉଛନ୍ତି ଇନ୍ଦ୍ରଙ୍କର ଦିବ୍ୟ-ମାନସର ତୀକ୍ଷ୍ଣ ସାକ୍ଷାତ୍ ଅନ୍ତର୍ଦୃଷ୍ଟି ଏବଂ ବଜ୍ର ହେଉଛି ଇନ୍ଦ୍ରଙ୍କର ତପୋଘନ ଇଚ୍ଛାଶକ୍ତି । ଯେଉଁ ଅଗ୍ନିଶିଖା ତିନୋଟି ତାଙ୍କର ସହକର୍ମୀ ଓ ସହାୟ, ଯେଉଁମାନଙ୍କର ବୈଦିକ ନାମ ହେଉଛି ଆଙ୍ଗିରସ ଋଷି; ସେମାନେ କିଏ ଜାଣ ? ସେମାନେ ଦିବ୍ୟଜ୍ୟୋତିଃର, ଓଜଃଶକ୍ତିର, ଅଗ୍ନିଦେବତାଙ୍କର ମାନବୀୟ ଦେହରେ, ପ୍ରାଣରେ ଓ ମନରେ ପ୍ରକାଶ । ଏଇ ଆଲୋକ ଅନ୍ଧକାରର ଦ୍ୱନ୍ଦ୍ୱ ଚିରକାଳ ଚାଲି ଆସୁଛି । ଯେଉଁଦିନଠାରୁ ଅଚେତନ ନିର୍ଜ୍ଞାନ ମାଟିର ସୃଷ୍ଟି ହୋଇଛି,– ବୈଦିକ ଋଷି ଯାହାକୁ କେବଳ ମୁଣ୍ଡା ପାହାଡ଼ର ସ୍ତୂପ ବୋଲି ବ୍ୟକ୍ତ କରିଛନ୍ତି । ସେଇଦିନଠାରୁ ଯାବତୀୟ ବ୍ୟଷ୍ଟିର ଭିତର ଦେଇ, ମାନୁଷୀ ବ୍ୟକ୍ତିର ଭିତର ଦେଇ ଏଇ ନିର୍ଜ୍ଞାନ ଭେଦକରି କ୍ରମେ ଫୁଟି ଉଠିଛି ଜ୍ୟୋତିଃର, ଦିବ୍ୟ ଆଲୋକର ଉନ୍ନତତର ରୂପଶ୍ରେଣୀ; ସମଷ୍ଟିର ଭିତର ଦେଇ ବିବର୍ତ୍ତନ ଧାରା ଚାଲିଛି – ଜଡ଼ ଆକାରରେ, ଉଦ୍ଭିଦ ଓ ପଶୁ ଆକାରରେ, ତା'ପରେ ସ୍ତର ସ୍ତର କରି ମଣିଷକୁ ଫୁଟାଇ ଧରି, ପରିଶେଷରେ ପହଞ୍ଚିବ ଏକ ଜାଗାରେ ଯେଉଁଠି ଅପାର୍ଥିବ ଅତିମାନୁଷିକ ଦେବତାକୁ ପ୍ରକଟିତ କରି ଧରିବ ପ୍ରକୃତି ମାତା ।

ପୁରାଣରେ ଏଇ ଘଟଣାଟି ଦେବାସୁର ଯୁଦ୍ଧ ରୂପେ କାହାଣୀର ଭିତର ଦେଇ ଗଳ୍ପର ରୂପ ନେଇଛି, କିଛି ପରିମାଣରେ କପୋଳକଳ୍ପିତ ଓ ବିକୃତ ବି କରାହୋଇଛି । ପୌରାଣିକ କାହାଣୀର ବେଶୀଭାଗ ମଣିଷର କଳ୍ପନାମିଶ୍ରିତ । ସେଥିରେ ଦେବତା ଓ ଅସୁରଙ୍କର ଯେଉଁ ଚିତ୍ର ଦିଆ ଯାଇଛି, ଏକାନ୍ତ ମାନୁଷୀ ଲଢ଼ାଇ ବ୍ୟତୀତ ତାହା ଅନ୍ୟ କିଛି ନୁହେଁ ବୋଲି ମନେ ହୁଏ । ତେଣୁ ଏହି ଅଭିଯୋଗ ବି ଉଠିଛି, ବିଶେଷ କରି ଆଧୁନିକ ଯୁଗରେ ଯେ ପୌରାଣିକ ଦେବତାମାନଙ୍କର ଯେଉଁ ଚିତ୍ର ଆମେ ପଢୁଛେ ବା ଜାଣିବାକୁ ପାଉଛେ, ତାହା ତ ଅସୁରମାନଙ୍କଠାରୁ ବି ଅଧମ – ସେମାନେ ଅସୁରମାନଙ୍କ ଠାରୁ ବି ନିକୃଷ୍ଟବୋଧ ହେଉଛନ୍ତି । ସବୁପ୍ରକାର ମାନୁଷୀ ଦୁର୍ବଳତା ଆବିଳତା ଦେଇ ତାଙ୍କୁ ଗଢ଼ା ହୋଇଛି । ବରଂ ଅସୁରମାନେ ବେଶୀ ଯୋଗ୍ୟ, ସମର୍ଥ ଓ ମହୀୟାନ୍ ମନେ ହେଉଛନ୍ତି । ଅସୁରମାନେ ବି ଯୋଗ-ସାଧନା କରୁଥିଲେ, ସେମାନେ ବି ଥିଲେ ତପସ୍ୱୀ – ଶିବଭକ୍ତମାନଙ୍କ ମଧ୍ୟରେ ରାବଣ ଜଣେ ପ୍ରମୁଖ ଭକ୍ତ । ଇଦାନୀନ୍ତନ କାଳରେ ହିଟଲରଙ୍କୁ ମଧ୍ୟ ଅନେକେ ତପସ୍ୱୀ ବୋଲି ସମ୍ଭ୍ରମ କରୁଥିଲେ । ଆଧୁନିକ ଯୁଗରେ ସେହି କାରଣରୁ ଏକ ପ୍ରକାର ବ୍ୟତିରେକୀ ବୁଦ୍ଧି ବା ବିପରୀତ-ବୁଦ୍ଧି ଜାଗିଛି, ସେଇ ଧାରାରେ ଚାଲି ଆମ ମଧୁସୂଦନଙ୍କ (ମାଇକେଲ୍ ମଧୁସୂଦନ ଦତ୍ତଙ୍କ) ହାତରେ ରାମ ଅପେକ୍ଷା ରାବଣ ମହୀୟାନ୍ ଓ ଶ୍ରୀମାନ୍ ହୋଇ ଉଠିଛନ୍ତି । ଅସୁର ଶବ୍ଦଟିର ଅର୍ଥ ହେଉଛି – ସମର୍ଥ ଶକ୍ତିମାନ୍ । ବୈଦିକ ଋଷି ସେଥିପାଇଁ କହୁଛନ୍ତି ଦେବତାମାନେ ଅସୁର, ଅର୍ଥାତ୍ ଅସୁ-ସମ୍ପନ୍ନ – ଶକ୍ତିସମ୍ପନ୍ନ । ପାରସିକମାନଙ୍କ ଭାଷାରେ 'ଆହୁର' ଅର୍ଥ ଦେବତା ।

କଥା ହେଲା ପୌରାଣିକ ଦେବତାମାନେ ଅସଲରେ ମଣିଷର ପ୍ରତୀକ, ସେଇସବୁ ଦେବତାଙ୍କୁ ମଣିଷ ତା'ର ନିଜର କଳ୍ପନା ଦେଇ ଗଢ଼ିଛି – ନିଜର ଆକାଙ୍‌କ୍ଷା, ଦ୍ୱିଧା, ଦୁର୍ବଳତା ଦେଇ ଗଢ଼ିଛି । ମାତ୍ର ସବୁ ଅକ୍ଷମତା ଥାଇ ମଧ୍ୟ ଯାବତୀୟ ପରାଜୟ ଓ ବିଫଳତାକୁ ଡେଇଁ କରି ତମସାର ସେ ପାରିରେ ଏକ ସତ୍ୟବସ୍ତୁକୁ ସେ ଖୋଜେ ଏବଂ ଶେଷରେ ପରିଣାମରେ ତାହା ସେ ଲାଭ କରେ, ପୁନଶ୍ଚ ପରିଣାମରେ ଅସୁରଙ୍କ ପରାଜୟ ଓ ଦେବତାଙ୍କର ବିଜୟ । କାରଣ ମଣିଷର, ମାନୁଷୀ ଦେବତାମାନଙ୍କର ଏପରି ଗୋଟିଏ ଜିନିଷ ଅଛି, ଯାହା ଅସୁରମାନଙ୍କର ନାହିଁ – ସେଇଟି ହେଉଛି ଅନ୍ତରାତ୍ମା, ଅନ୍ତର୍ଯାମୀ ଭଗବାନ୍ । ଏହାର ଅର୍ଥ ହେଉଛି ସେମାନେ ଭଗବାନଙ୍କ ପକ୍ଷରେ, ଅସୁରମାନେ ଭଗବାନଙ୍କ ବିପକ୍ଷରେ । ଶତ ଦୋଷତ୍ରୁଟି ଥାଉ ପଛେ, ଯେତେ ଆପାତ-ବୈପରୀତ୍ୟ ଦେଖା ଯାଉପଛେ, ସେଥିରେ କିଛି ଯାଏ ଆସେ ନାହିଁ, ସବୁ କ୍ଷୟ କ୍ଷତି ଅବଶେଷରେ ପୂରଣ ହୋଇଯିବ ପୂର୍ଣ୍ଣ ଭାବରେ ।

ବୈଦିକ ଋଷିଗଣ ଦେବଶତ୍ରୁମାନଙ୍କୁ ଗୋଟିଏ ଗୋଟିଏ ନାମ ଦେଇଛନ୍ତି ଏବଂ ବିଶେଷ ଗୁଣ ଓ କର୍ମ ଅନୁସାରେ ପ୍ରତ୍ୟେକ ଶତ୍ରୁର ନାମ ବି ହୋଇଛି ସେହିପରି । ସେମାନଙ୍କର ସାଧାରଣ ନାମ ଦସ୍ୟୁ ଅର୍ଥାତ୍ ଯେଉଁମାନେ ଲୁଟ୍ କରନ୍ତି, ଚୋରି କରନ୍ତି – ଅପହର୍ତ୍ତା । କଥାଟିର ମୂଳ ଅର୍ଥ ମାନେ ଧାତୁଗତ ଅର୍ଥରେ ଦେଖିଲେ ଦସ୍ୟୁ କହିଲେ ବୁଝାଇବ

ସେଇମାନଙ୍କୁ, ଯାହାର ଭେଦଜ୍ଞାନ ଅଛି, ଯେ ଭେଦସୃଷ୍ଟି କରେ ଅର୍ଥାତ୍ ଏକତ୍ୱର ଦୃଷ୍ଟି ଯାହାର ନାହିଁ । ଦସ୍ୟୁ ଯାହା, ଦାନବ ବା ଦିତି ତାହାହିଁ । ତା'ପରେ ବୃତ୍ର ଇନ୍ଦ୍ରଙ୍କର ପ୍ରଧାନ ଶତ୍ରୁ, ପାଶ୍ଚାତ୍ୟ ଲୋକେ କହନ୍ତି ଇନ୍ଦ୍ର ହେଉଛନ୍ତି ଆକାଶର ଦେବତା, ଆଲୋକର ଦେବତା, ଆଉ ବୃତ୍ର ହେଉଛି ମେଘ । ଆବୃତ କରି ରଖିବା, ଢାଙ୍କି ରଖିବା ଯାହାର କାମ । ଆଲୁଅକୁ ଆଢୁଆଳ କରି ରଖନ୍ତି ଯେଉଁ ଶକ୍ତିଗଣ ସେମାନେ ବୃତ୍ରବାହିନୀ – ସେ ଆଲୋକ ବାହାରର ହେଉ ଅବା ଅନ୍ତରର ହେଉ । ତା'ପରେ 'ପଣି' ଅର୍ଥାତ୍ ଚତୁର ବ୍ୟବସାୟୀ – ଚୋରି ହୋଇଥିବା ଧନକୁ କାରବାରରେ ଲଗାନ୍ତି ସେମାନେ । ପଣ୍ଡିତମାନେ 'ପଣି' ସାଙ୍ଗରେ Phoneciaର ସାଦୃଶ୍ୟ ଅଛି ବୋଲି କହନ୍ତି । ଇତିହାସ-ବିଦ୍‌ଗଣ ବିଗତ ପ୍ରାଚୀନ ଯୁଗରେ ଫିନିସିୟବାସୀମାନେ ଚୋରା ବ୍ୟବସାୟରେ ଧୁରନ୍ଧର ଥିଲେ ବୋଲି କହନ୍ତି, ସେଥିମଧ୍ୟରୁ ଏପରି କେତେକ ବି ଥିଲେ ଯାହାଙ୍କୁ 'ଶୁଷ୍ଣ' କୁହାଯାଉଥିଲା– ଯେଉଁମାନେ ଅପରକୁ ଶୁଷ୍କ କରି ଦିଅନ୍ତି, ଜୀବନ-ଜଳକୁ ଶୋଷି ପକାନ୍ତି, ହୃଦୟର ସରସତା ଶୁଖାଇ ଦିଅନ୍ତି, ଅନ୍ତରଟିକୁ ଶୁଷ୍କ ମରୁଭୂମି କରିଦିଅନ୍ତି । ଆହୁରି କେତେକ ଦେବଦ୍ୱେଷୀ ଅଛନ୍ତି, ଯାହାଙ୍କର ସାଧାରଣ ନାମ ବଳ ଅର୍ଥାତ୍ ଶାରୀରିକ ବଳ, ନିରାଟ ସ୍ଥୂଳ ବଳ – ବଲମ୍ ବଲମ୍ ବାହୁବଲମ୍ – ଜଡ଼ ଚେତନାର, ନିଶ୍ଚେତନାର ପ୍ରାକୃତ-ଶକ୍ତି । ଦେବବୈରୀର ଆଉ ଏକ ଦଳଙ୍କ ନାମରୂପ ହେଉଛି ଅହି, ସତେ ଯେମିତି ଅଜଗର ତା'ର କାଳକୁଣ୍ଡଳୀ ମଧ୍ୟରେ ଜଡ଼ାଇ ଜଡ଼ାଇ ଶକ୍ତ କରି ଟାଣି ଧରି ରଖିଥାଏ, ପେଷି ଚିପି ଧରେ, ଠିକ୍ ସେମିତି ଅହିଶକ୍ତି ସାଧକ ମଧ୍ୟରେ ଥିବା ଜ୍ୟୋତିଃକୁ, ସତ୍ୟକୁ – ଗୋ-ଯୂଥକୁ ଜାବୁଡ଼ି, ପେଷି ନଷ୍ଟ କରିଦିଏ ।

କୌତୂହଳର କଥା ହେଉଛି ଅସୁରମାନଙ୍କ ନାମରୂପ ସାଙ୍ଗେ ଖାପଖୁଆଇ ଦେବତାମାନଙ୍କର ନାମରୂପ ବି ଋଷିମାନେ ଦେଇଛନ୍ତି – ସେମାନଙ୍କ ଆପଣା ଆପଣାର ଧର୍ମ ଓ କର୍ମ ଅନୁସାରେ, ଶତ୍ରୁମାନଙ୍କୁ ସମ୍ମୁଖୀନ ହେବା ଭଳି ସଂପୂର୍ଣ୍ଣ ବିପରୀତ ନାମକରଣ କରାହୋଇଛି । ବୃତ୍ର ଯଦି ହୁଏ ଆବରକ, ବରୁଣଦେବ ହେଉଛନ୍ତି ପ୍ରକାଶକ; ଦାନୁ-ଦୈତ୍ୟ ଯଦି ବିଭାଜକ, ମିତ୍ର ହେଉଛନ୍ତି ସଂଯୋଜକ; ଶୁଷ୍ଣ ଯେହେତୁ ଶୋଷକ ଦୈତ୍ୟର ନାମ, ତାହାର ବିପରୀତ ଗୁଣାନ୍ୱିତ ଦେବତାଙ୍କ ନାମ ସୋମଦେବ ଓ ପର୍ଜନ୍ୟ, ଯାହାର କାମ ବର୍ଷଣ; ପଣିମାନେ କୃପଣ, ସ୍ୱାର୍ଥପର ଓ ମହଜୁଦ୍‌କାରୀ (hoarder), ବିଷ୍ଣୁ ହେଉଛନ୍ତି ଉଦାର ପ୍ରଦାତା; ଅହି ଯଦି କୁଟିଳ, କୃଷ୍ଣ ନିମ୍ନଚାରୀ ନିଶାଚର ହୁଏ, ଅଗ୍ନି ତା'ର ବିପରୀତ – ଉଜ୍ଜ୍ୱଳ, ଊର୍ଦ୍ଧ୍ୱଶିଖ ଓ ଋଜୁଗାମୀ ।

ଗୋଟିଏ ଜିନିଷ ଲକ୍ଷ୍ୟ କଲେ ଭଲ ହେବ ଯେ ଏଇ ଯେଉଁ ଦେବଦ୍ରୋହୀଙ୍କ ପ୍ରସଙ୍ଗରେ ଚର୍ଚ୍ଚା ହେଉଛି, ସେମାନେ ଅଜ୍ଞାନର ଶକ୍ତି, ଅନ୍ଧକାରର ବଳ ହେଲେ କ'ଣ ହେବ, ନିଜେ ସେମାନେ ଅଜ୍ଞାନ ବା ଅଚେତନ ନୁହନ୍ତି । ଅଜ୍ଞାନ ବା ଅଚେତନା ସେମାନଙ୍କର ଗୋଟିଏ ମାୟାଶକ୍ତି; ଜ୍ଞାନ, ଚେତନା, ଆଲୋକକୁ ସେମାନେ ଘୋଡ଼ାଇ ରଖନ୍ତି, ଲୁଚାଇ ରଖନ୍ତି ନିଜର ଗୋପନ ଭଣ୍ଡାରରେ (ଅହଂ ସତ୍ତାର ଆଢୁଆଳରେ) – ସେଗୁଡ଼ିକର ଅପବ୍ୟବହାର କରିବା ସକାଶେ, ମଣିଷକୁ ପ୍ରଲୁବ୍ଧ କରିବା ପାଇଁ, ପୃଥିବୀ ଉପରେ ପ୍ରଭୁତ୍ୱ କରିବା ପାଇଁ । ବୈଦିକ ଋଷି କହୁଛନ୍ତି ବାରଂବାର ବଜ୍ରାଘାତରେ ଇନ୍ଦ୍ର ଅଦ୍ରି ବିଦୀର୍ଣ୍ଣ କଲେ ଓ ଆଲୋକର ରାଶି ବିଦୀର୍ଣ୍ଣ ହୋଇ ଆସିଲା; ଅଦ୍ରି ସ୍ଥୂଳ ଜଡ଼ର ପ୍ରତୀକ, ପୃଥିବୀର ମାନବାଧାରରେ ଏକାନ୍ତ ବାହ୍ୟ ଜଡ଼ପ୍ରକୃତି । ସ୍ଥୂଳ ଭୂତ ଜଡ଼ବସ୍ତୁକୁ କୁହାଯାଏ ଅଚେତନ ସଂଜ୍ଞାବିହୀନ; ବାସ୍ତବରେ କିନ୍ତୁ ଜଡ଼ବସ୍ତୁ ଆଲୋକ ବର୍ଜିତ ନୁହେଁ । ସେ କେବଳ ଆଲୋକକୁ ଲୁଚାଇ ରଖେ, ନିଜ ଭିତରେ ତାକୁ ପ୍ରକାଶିତ ହେବାକୁ ଦିଏ ନାହିଁ । ଚେତନା ତା'ର ଅଛି, ଅଥଚ ତାହା ଅଛି ସଂଗୁପ୍ତ ଅବସ୍ଥାରେ ଗଭୀରର ଗଭୀର ଦେଶରେ । ତେଣୁ ଉପର ଖୋଳପାଟି ଦୀର୍ଣ୍ଣ ହୋଇଗଲେ ଆପଣାଛାଏଁ ଚେତନା ପ୍ରକାଶିତ ହୁଏ, ବାହାରି ଆସେ । ପ୍ରାଚୀନତର ସିଦ୍ଧାନ୍ତରେ ପ୍ରକୃତିକୁ କୁହାଯାଇଛି ଅଚିତ୍, ପୁରୁଷହିଁ ହେଉଛନ୍ତି ଏକମାତ୍ର ଚିନ୍ମୟ । ଆଧୁନିକ ବିଜ୍ଞାନ ମଧ୍ୟ ତାହାହିଁ କହୁଛି, କହୁଥିଲା ଏଇ କେତେଦିନ ଆଗରୁ । ବର୍ତ୍ତମାନ ସେ କହିବାକୁ ଆରମ୍ଭ କରିଛି ଯେ ଜଡ଼ ଏକାନ୍ତ ଜଡ଼ ନୁହେଁ, ତାହା ଘନୀଭୂତ ବଳ, ବୀର୍ଯ୍ୟ ବା ତେଜ । ତାକୁ ଯଦି ଭାଙ୍ଗି ଦିଆଯିବ (fission) ତାହାହେଲେ ତା' ଭିତରୁ ବାହାରି ଆସିବ ହିରୋସିମାରେ ପଡ଼ିଥିବା ପରି ବୋମା । ଆଉ ଏକ ପାଦ ଆଗେଇ ଗଲେ, ଦେଖାଯିବ ତେଜର ପଛରେ ରହିଛି ଚେତନା, ବିଦ୍ୟୁତ୍ ତରଙ୍ଗର ପଛଆଡ଼େ ରହିଛି ଚିନ୍ମୟ ତରଙ୍ଗ । ଯୋଗୀର ପ୍ରୟାସ ହେଉଛି ଏବଂ ଦେବଶକ୍ତିର ଲକ୍ଷ୍ୟ ହେଉଛି ଏକାନ୍ତ ସ୍ଥୂଳ ଭୂତକଣାକୁ ଚିନ୍ମୟ ସ୍ଫୁଲିଙ୍ଗରେ ପରିଣତ କରିବା ।

ଆଲୋକ ଅନ୍ଧକାର ମଧ୍ୟରେ ବିଶ୍ୱଗତ ଯେଉଁ ଲଢ଼ାଇ, ଦେବତା ଅସୁରଙ୍କ ଭିତରେ ଯେଉଁ ଚିରନ୍ତନ ନିରବଚ୍ଛିନ୍ନ ଯୁଦ୍ଧ,

ପ୍ରକୃତରେ ଦେଖିବାକୁ ଗଲେ ତାହା ମହାମାୟାଙ୍କ ଯୁଦ୍ଧ,– ଅନ୍ଧକାର କୁହେଳିର ମାଟିକୁ ଜ୍ୟୋତିଃକଣାରେ ପରିଣତ କରିବା ହେଉଛି ମହାମାୟାଙ୍କର ପ୍ରୟାସ । ଆଲୋକର ସ୍ପର୍ଶରେ ମାଟିର ଅଭ୍ୟାସଗତ ଯେଉଁ ଅନିଚ୍ଛା, ଯେଉଁ କାତରତା ତାହାରି ଇତିହାସ ହେଉଛି ଦେବାସୁର ସଂଗ୍ରାମର ମର୍ମକଥା । ଏହାହିଁ ପୃଥିବୀର ମାଟି ଉପରେ ଜଗଜ୍ଜନନୀଙ୍କର ଆପଣାର ସ୍ୱରାଜ୍ୟ ଓ ସାମ୍ରାଜ୍ୟ ପ୍ରତିଷ୍ଠା ସକାଶେ ବିଜୟଯାତ୍ରା, ତାହାଙ୍କର କ୍ରମ-ଆତ୍ମପ୍ରକାଶ ।

(‘ତିନ୍‌କାହିନୀ’ ପୁସ୍ତକରୁ ସଂଗୃହୀତ)

ଅନୁବାଦ : କୃଷ୍ଣାଦେବୀ ❑

# କୁହୁତାନ

## ନିମାଇଁ ପଟ୍ଟନାୟକ

ମନ୍ତ୍ର ପରି ଝରି ଆସିଲା କୁହୁତାନ ଅକସ୍ମାତ୍ ...
ବିକ୍ଷୁବ୍ଧ ପୃଥ୍ୱୀର ସଞ୍ଚିତ କୋମଳ ଆବେଗସବୁ
ଚେତା ପାଇ ଚମକି ଉଠିଲେ ।
ନଈପାଣି ମିଠା ହେଲା, ପତ୍ର କଅଁଳିଲା,
ଶିଶିର ଧୋଇଲା ଧୂଳି ଫୁଲ ପାଖୁଡ଼ାର,
ପ୍ରଜାପତି, ମହୁମାଛି ସାରା ଉପବନ ।

ଦିଗ୍‌ବଳୟର ଧୂମାଭ ବଳୟ ଡେଇଁ
ଭାସି ଆସିଲା ଜହ୍ନ ରାତିରୁ ଚେନାଏ
ସଯତ୍ନେ ସାଇତା ଯହିଁ ପିଲାଦିନ,
ବଣଭୋଜି, ମାଦଳ ନାଚ, ମଲ୍ଲିକଢ଼, ବଂଶୀସ୍ୱନ,
ସବୁଜ, ସତେଜ, ଉଜ୍ଜ୍ୱଳ ସ୍ମୃତି-ସ୍ୱଗତୋକ୍ତି ।



ସାମବେଦ ଗାନ ସମ କୁହୁ କୁହୁ ଅପୂର୍ବ ଝଙ୍କାର,
ଦୃଶ୍ୟରୁ ଦୃଶ୍ୟାନ୍ତର, ରୂପରୁ ରୂପାନ୍ତର,
ମନ-ପ୍ରାଣ-ଶରୀର ନିଗଢ଼ୁ ଚେତନାର ସୁଉଚ୍ଚ ଶିଖରେ
ଅନୁରଣିତ ଅବିରତ, ପ୍ରତିଧ୍ୱନିତ ଆନନ୍ଦ ଓଁକାରେ ।

ଆଃ ! ଗାଆରେ ପକ୍ଷୀ, ତୋ କୁହୁକ ଡାକରେ
ଭରିଯାଉ ନୀଳ ଆତଙ୍କର ଆକାଶ ଆଖିରେ,
ଗୁଳିବିଦ୍ଧ ଅଶୁଭ ଶକ୍ତିର ରକ୍ତଭିଜା ମାଟିରୁ
କଅଁଳି ଉଠୁ କେରା କେରା ଦୁବ ଘାସ ଫୁଲ ।

ତୋ ଡାକରେ ହିରଣ୍ମୟ ସକାଳର ସିନ୍ଦୂରା ଫାଟୁ
ମାଟି ଓ ମଣିଷର ଆଖିତଳ ଅଥଳ ଅନ୍ଧାରେ
ଝରିଆସୁ କୁହୁତାନ ତୋର
ଚେତନାର ଆଲୋକ ପ୍ଲାବନେ । ❑

# କାଲ୍‌କୁଲେଟର୍‌ରୁ ସଂଖ୍ୟା କୌତୁକ

## ଧର୍ମକୁମାର ଶତପଥି

ସମୟର ଘୂର୍ଣ୍ଣନରେ ଡିସେମ୍ବର ମାସ ଆସି ଯାଇଛି । ଏବେ ଇଂରାଜୀ ବର୍ଷ ୨୦୨୪ ସରିବାକୁ ବସିଛି । ନୂଆ ବର୍ଷ ଆସିବ । ମନରେ ନୂଆ ଉତ୍ସାହ, ଉଦ୍ଦୀପନା ଓ ଆଗ୍ରହ ସମ୍ଭାର ଧରି ୨୦୨୫ ଆସିବ । ଏହାକୁ ସାଦର ସ୍ୱାଗତ ପାଇଁ ଶିକ୍ଷିତ ସମାଜ, ଛାତ୍ରଛାତ୍ରୀ ପ୍ରସ୍ତୁତ ହେଉଛନ୍ତି । ତା' ସହିତ ଶୀତ ଆସୁଛି କୁହୁଡ଼ିର ଚାଦର ଘୋଡ଼େଇ ହୋଇ । ରାତି ସରିଗଲା ପରେ ସକାଳଟା ମଧ୍ୟ ସେଇ କୁହୁଡ଼ି ଆଚ୍ଛାଦିତ ରହୁଛି । ଅନେକ ବେଳ ପରେ ସାମାନ୍ୟ ପାଉଁଶିଆ ଖରା ପଡୁଛି ।

ଏମିତି ଏକ ଅଳସ ସକାଳ । ରବିବାର । ଗତକାଲି ପ୍ରଥମାଷ୍ଟମୀର ପିଠାପଣାରୁ କିଛି ଜଳଖିଆ କରି ମୁଁ ଖରାକୁ ପଛ କରି ଖବର କାଗଜ ଦେଖୁଛି । ଅନୁଭବ କରୁଛି କେହି ଜଣେ କହିଥିବା ଏକ ଉକ୍ତି : ''ପାନ, ପାଣି, ପିଠା, ଶୀତ ଦିନେ ମିଠା''ର ଯଥାର୍ଥତା । ମୋ ପଛପଟୁ ଖାତା କଲମ ଧରି ଆସି ଝିଅ ମୋ ପାଖରେ ବସି କ'ଣ ଲେଖାଲେଖି କରିବାକୁ ପ୍ରସ୍ତୁତ ହେଲା । ମୁଁ ଖବର କାଗଜରୁ ବର୍ଡ଼ର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚର ଭାରତର ବ୍ୟାଟିଂ ବିପର୍ଯ୍ୟୟ କଥା ପଢୁଛି । ଝିଅ ପଚାରିଲା – ''ବାପା, ସଂଖ୍ୟାମାନଙ୍କର ଅଦ୍ଭୁତ ଗୁଣ ସମ୍ପର୍କରେ ତୁମେ ମୋତେ ବହୁତ କଥା କହିଛ । ଯେତେ ଶୁଣୁଥିଲେ ମଧ୍ୟ ଆହୁରି ଶୁଣିବାକୁ ଇଚ୍ଛା ହେଉଛି । ତୁମେ ଯେଉଁ ରାମାନୁଜଙ୍କ ୧୭୨୯ର ସଂଖ୍ୟା ସଜ୍ଜୀକରଣରେ କିପରି ୧, ୭, ୨, ୯ କ୍ରମ ରକ୍ଷା କରି ୧ ଠାରୁ ୩୦ ପର୍ଯ୍ୟନ୍ତ ସଂଖ୍ୟାର ମାନ କଥା କହିଥିଲ, ତାହା ଆମ ଶ୍ରେଣୀର ଝିଅମାନେ ଖୁବ୍ ପସନ୍ଦ କରିଛନ୍ତି । ମୋ ସାଙ୍ଗ କମଳିନୀ ତ ଏ ସଜ୍ଜୀକରଣରେ ଏତେ ଖୁସି ହେଲା ଯେ, କହିଲେ ନସରେ ।''

''ସତରେ ! ସେ କ'ଣ କହୁଥିଲା ?'' ମୁଁ ଉତ୍ସାହିତ ହୋଇ ପଚାରିଲି ।

ସେ ଉତ୍ତର ଦେଲା, ''କହୁଥିଲା, ତୋ' ବାପା ଗଣିତର କେତେ ମଜା ମଜା କଥା କହନ୍ତି । ଗପ କାହାଣୀଠାରୁ ସୁଦ୍ଧା ସେସବୁ ମନମତାଣିଆ । ମୋ ବାପା ଯଦି ଏମିତି ଗଣିତର ମଜାକଥା କହନ୍ତେ, ମୁଁ ନିତି ତାଙ୍କଠାରୁ ଶୁଣନ୍ତି ଓ ମୋ ସାଙ୍ଗମାନଙ୍କୁ କହନ୍ତି ।''

''ତେବେ ତୁ କ'ଣ ଆଜି ଏମିତି ସଂଖ୍ୟାର ଏକ କୌତୁକ କଥା ଶୁଣିବୁ ?'' ମୁଁ ଖବର କାଗଜକୁ ଚଉଭାଙ୍ଗ କରୁ କରୁ କହିଲି ।

ଝିଅ ଯେମିତି ଅପେକ୍ଷା କରି ରହିଥିଲା । କହିଲା – ''କୁହ ବାପା । ଗୋଟିଏ କୌତୁକ ଅଙ୍କ କଥା କୁହ ।'' ସେ ଚଳଚଞ୍ଚଳ ହୋଇ ଉଠିଲା । ଛୋଟ ଏକ ଜଳପାତ୍ରରେ ଛୋଟ ଏକ ଦଣ୍ଡକିରି ମାଛ ଫର୍ ଫର୍ ବୁଲିବା ପରି ।

''ଗଲୁ । ମୋ ପଢ଼ା ଟେବୁଲ ଉପରେ କାଲ୍‌କୁଲେଟର୍ ଥୁଆ ହୋଇଛି, ଆଣିବୁ ।'' ସେ ଏକ ପ୍ରକାର ଡେଇଁ ଡେଇଁ ଧାଇଁଗଲା । ସଙ୍ଗେ ସଙ୍ଗେ ଫେରିଲା । କହିଲା – ''ନିଅ ।''

ତା' ହାତରୁ କାଲ୍‌କୁଲେଟର୍ ନେଇ ମୁଁ କହିଲି – ''ତୁ ଜାଣିଛୁ, ଏଇ କାଲ୍‌କୁଲେଟର୍‌ରେ କ'ଣ କରାଯାଏ ?''

ସେ ଚଟାପଟ ଉତ୍ତର ଦେଲା – ''ହଁ, ସଂଖ୍ୟାମାନଙ୍କର ହରଣ, ଗୁଣନ, ମିଶାଣ ଓ ଫେଡ଼ାଣ ଏହା ଦ୍ୱାରା କରାଯାଏ । ଖୁବ୍ କମ୍ ସମୟ ମଧ୍ୟରେ ବଡ଼ ବଡ଼ ହରଣ, ଗୁଣନ, ଶତକଡ଼ା ହିସାବ ଇତ୍ୟାଦି ପାଇଥାଉ ।''

''ଠିକ୍ କଥା । ହେଲେ ଏହା ମଧ୍ୟରେ ଯେଉଁ ୧ ଠାରୁ ୯ ପର୍ଯ୍ୟନ୍ତ ସଂଖ୍ୟା ସଜାଇ ରଖା ଯାଇଛି, ତା' ଭିତରେ ଏକ ସୌନ୍ଦର୍ଯ୍ୟ ଲୁକ୍କାୟିତ ରହିଛି । ସେଇଟା ଜାଣିଲେ ତୁ ନିଶ୍ଚୟ ଆଶ୍ଚର୍ଯ୍ୟ ହେବୁ ।'' – ମୁଁ କହିଲି ।

''ସତରେ ! କିପରି ?'' – ଝିଅ ମୋ ପାଖକୁ ଲାଗି ଆସି ପଚାରିଲା ।

''କାଲ୍‌କୁଲେଟର୍‌ର କି-ବୋର୍ଡ଼ (Key-Board)ରେ ଏମିତି –

| | | |
|---|---|---|
| ୭ | ୮ | ୯ |
| ୪ | ୫ | ୬ |
| ୧ | ୨ | ୩ |

– ସଂଖ୍ୟାମାନଙ୍କୁ ସଜାଇ ରଖା ଯାଇଥାଏ । ଏହାର ପ୍ରତ୍ୟେକ ଧାଡ଼ି, ପ୍ରତ୍ୟେକ ସ୍ତମ୍ଭ ଓ କୋଣ (Corner)ରେ ଥିବା ଅଙ୍କମାନଙ୍କୁ ନେଇ ଆମେ ତିନି ଅଙ୍କ ବିଶିଷ୍ଟ ସଂଖ୍ୟା ଲେଖି ପାରିବା । ସେଗୁଡ଼ିକ ହେଉଛି ୧୪୭, ୧୨୩, ୧୫୯, ୩୫୭, ୪୫୬ ଇତ୍ୟାଦି । ଏଇ ସଂଖ୍ୟାର ଓଲଟା ସଂଖ୍ୟାକୁ ଏମାନଙ୍କ ପାଖରେ ଲଗାଲଗି କରି ଲେଖିଲେ

ଆମେ ପ୍ରତ୍ୟେକ ସ୍ଥଳରେ ଏକ ଛଅ ଅଙ୍କ ବିଶିଷ୍ଟ ସଂଖ୍ୟା ପାଇବା । ସେଗୁଡ଼ିକ ହେଲା : ୧୪୭୭୪୧, ୧୫୯୯୫୧, ୧୨୩୩୨୧, ୨୫୮୮୫୨, ୩୨୧୧୨୩, ୩୫୭୭୫୩, ୩୬୯୯୬୩, ୪୫୬୬୫୪, ୬୫୪୪୫୬, ୭୪୧୧୪୭, ୭୫୩୩୫୭, ୭୮୯୯୮୭, ୮୫୨୨୫୮,୯୮୭୭୮୯, ୯୫୧୧୫୯, ୯୬୩୩୬୯ ।

''ଏହି ୧୬ଟି ସଂଖ୍ୟାକୁ ବାମ ପଟରୁ ପଢ଼ିଲେ ଯାହା ଡାହାଣ ପଟରୁ ପଢ଼ିଲେ ମଧ ତାହା ହୁଏ । ଲକ୍ଷ୍ୟ କର, ଏଇ ସମସ୍ତ ସଂଖ୍ୟା ୩ ଦ୍ୱାରା ବିଭାଜ୍ୟ । କାରଣ ପ୍ରତ୍ୟେକ ସଂଖ୍ୟାର ଅଙ୍କମାନଙ୍କର ସମଷ୍ଟିରୁ ମିଳୁଥିବା ସଂଖ୍ୟାଟି ୩ ଦ୍ୱାରା ବିଭାଜ୍ୟ । ଖାଲି ସେତିକି ନୁହେଁ, ଏହି ସବୁ ସଂଖ୍ୟା ୧୧ ଦ୍ୱାରା ମଧ ବିଭାଜ୍ୟ । ସୁତରାଂ ଏ ସମସ୍ତ ସଂଖ୍ୟା ୧୧x୩ = ୩୩ ଦ୍ୱାରା ମଧ ବିଭାଜ୍ୟ ହୋଇଥା'ନ୍ତି ।''

ଝିଅ ନୀରବରେ ଏଇ ସଂଖ୍ୟା ଗଠନର ଢାଞ୍ଚା ଓ ତହିଁରେ ଲୁକ୍କାୟିତ ବିଭାଜ୍ୟ ଗୁଣର ସୌନ୍ଦର୍ଯ୍ୟକୁ ଦେଖୁଥିଲା ବେଶ୍ ମନ ପ୍ରାଣ ଦେଇ । ଏକ ଦୀର୍ଘ ଶ୍ୱାସ ଛାଡ଼ି ସିଏ ମତ ଦେଲା, ''ସତରେ ବାପା, ଏଇ ଚମତ୍କାର ସଂଖ୍ୟାମାନଙ୍କର ଚମତ୍କାର ଗୁଣ ବେଶ୍ ଚମତ୍କାରରେ ଭରା । କାଲ୍‌କୁଲେଟର୍ ଯନ୍ତ୍ରରେ ଏଭଳି ଚମତ୍କାରିତା କେତେ ଜଣ ଜାଣିଥିବେ ? "My Papa is great !"

ମୁଁ କହିଲି, ''ଯେଉଁମାନେ ସଂଖ୍ୟାର କୌତୁକରେ ରୁଚି ରଖିଥା'ନ୍ତି, ସେମାନଙ୍କ ମଧ୍ୟରୁ ଅନେକେ ଏ ବିଷୟ ନିଶ୍ଚୟ ଜାଣିଥିବେ ।''

ସେ କିନ୍ତୁ ମୋର ଏ ମନ୍ତବ୍ୟକୁ ସ୍ୱୀକାର କଲା ନାହିଁ ।

ମୁଁ ଚୁପ୍ ରହିଲି ।

ଏହା ପରେ ମୁଁ କାଲ୍‌କୁଲେଟର୍‌ର ସଂଖ୍ୟା ସଜ୍ଜାକୁ ଅବିକଳ ରଖି ଚାରୋଟି ଗ୍ରୁପ୍ ବା ଚିତ୍ରରେ ଅଲଗା ଅଲଗା A, B, C, D କରି ଦେଲି । ତାହାକୁ ନିମ୍ନ ପ୍ରକାରେ ତା'ର ଟିପା ଖାତାରେ ଲେଖିଲି ।

| | |
|---|---|
| ୪ | ୫ |
| ୧ | ୨ |

A

| | |
|---|---|
| ୫ | ୬ |
| ୨ | ୩ |

B

| | |
|---|---|
| ୭ | ୮ |
| ୪ | ୫ |

C

| | |
|---|---|
| ୮ | ୯ |
| ୫ | ୬ |

D

କହିଲି – ''ପ୍ରତ୍ୟେକ ଚିତ୍ରରେ ଯେଉଁ ଚାରୋଟି ଅଙ୍କ ଅଛି ସେମାନଙ୍କୁ ନେଇ ଚାରି ଅଙ୍କ ବିଶିଷ୍ଟ ବୃହତ୍ତମ ଓ କ୍ଷୁଦ୍ରତମ ସଂଖ୍ୟା ଗଠନ କରିବୁ । ତା' ପରେ ସେମାନଙ୍କର ବିଯୋଗ କରିବୁ । ତୋ'ର ବିଯୋଗ ଫଳ କେତେ ହେଉଛି ଦେଖ !''

ମୁଁ ତାକୁ କାମ ଦେଲି ।

ସେ ପ୍ରଥମେ A ଚିତ୍ରର ୧,୨,୪,୫ ଅଙ୍କକୁ ନେଇ ବୃହତ୍ତମ ଓ କ୍ଷୁଦ୍ରତମ ସଂଖ୍ୟା ଗଠନ କଲା । ଲେଖିଲା :

୫୪୨୧ – ୧୨୪୫ = ୪୧୭୬ ।

ତା'ପରେ B ଚିତ୍ରର ୨,୩,୫,୬ ଅଙ୍କକୁ ନେଇ ବୃହତ୍ତମ ଓ କ୍ଷୁଦ୍ରତମ ସଂଖ୍ୟା ଗଠନ କଲା । ଲେଖିଲା :

୬୫୩୨ – ୨୩୫୬ = ୪୧୭୬ ।

C ଚିତ୍ରରେ ସେହିପରି ୪,୫,୭,୮କୁ ନେଇ ଅନୁରୂପ ଭାବେ ବୃହତ୍ତମ ଓ କ୍ଷୁଦ୍ରତମ ସଂଖ୍ୟା ୮୭୫୪ ଓ ୪୫୭୮ ତିଆରି କରି ତହିଁର ବିଯୋଗ ଫଳ :

୮୭୫୪ – ୪୫୭୮ = ୪୧୭୬ ଲେଖିଲା ।

ସେହିପରି D ଚିତ୍ରର ଚାରି ଅଙ୍କ ୫,୬,୮,୯କୁ ନେଇ ୯୮୬୫ ଓ ୫୬୮୯ ଲେଖି ତାହାର ବିଯୋଗ କଲା ।

୯୮୬୫ – ୫୬୮୯ = ୪୧୭୬ ଲେଖିଲା ।

ସେ ଏକ ଲୟରେ ଦେଖିଲା ଯେ ପ୍ରତ୍ୟେକ ଚିତ୍ରରେ ବିଯୋଗ ଫଳ ସେଇ ଏକ ସଂଖ୍ୟା ୪୧୭୬ ରହୁଛି । ମୋତେ ଆଉ କିଛି କହିବାକୁ ପଡ଼ିଲା ନାହିଁ । ସଂଖ୍ୟା ଗଠନ, ବିଯୋଗ ଓ ବିଯୋଗ ଫଳ ନିର୍ଣ୍ଣୟର କୌଶଳ ନିର୍ଭୁଲ ଥିଲା । ଶେଷରେ ସେଇ ଗୋଟିଏ ଅଙ୍କ ପାଇବା ତାକୁ ଆନନ୍ଦିତ କଲା ।

''ଏହି ଚିତ୍ରମାନଙ୍କ ମଧ୍ୟରେ ଆହୁରି କୌତୁକ ଛପି ରହିଛି । ମୁଁ ଯେପରି କହୁଛି ସେପରି କଲେ ତୁ ଆହୁରି ଖୁସି ଓ ଆଶ୍ଚର୍ଯ୍ୟ ହେବୁ ।'' – ମୁଁ ପୁଣି ଆଉ ପାଦେ ଅଗ୍ରସର ହେଲି ।

''ହଁ, ବାପା, କୁହ, ଭଲ ଲାଗୁଛି ।'' – ଝିଅ ବି ଜାଣିବାକୁ ପ୍ରସ୍ତୁତ ।

ମୁଁ କୌଶଳ (Trick)ଟା ବତାଇ ଦେଲି । କହିଲି ଚିତ୍ର Bରୁ ଆରମ୍ଭ କରି clockwiseରେ ଗଲେ ଆମେ ୨,୫,୬,୩ ଅଙ୍କ ପାଇବା । ଏହା ଦ୍ୱାରା ଆମେ ୨୫୬୩ ପାଇବା । ଚିତ୍ର Aର ୧ଠାରୁ ଅନୁରୂପ ଭାବେ ଆମେ ପାଇବା ୧,୪,୫,୨ରୁ ୧୪୫୨ । ଏବେ ଆମେ

୨୫୬୩ – ୧୪୫୨ କରିବା । ଫଳ ପାଇବା :

୨୫୬୩ – ୧୪୫୨ = ୧୧୧୧

ଅର୍ଥାତ୍, B – A = ୨୫୬୩ – ୧୪୫୨ = ୧୧୧୧

୬ରୁ ଆରମ୍ଭ କଲେ,

B – A = ୬୩୨୫ – ୫୨୧୪ = ୧୧୧୧
B – A = ୫୬୩୨ – ୪୫୨୧ = ୧୧୧୧
B – A = ୩୨୫୬ – ୨୧୪୫ = ୧୧୧୧

ସେହିପରି C – B = ୪୭୮୫ – ୨୫୬୩ = ୨୨୨୨
C – B = ୮୫୪୭ – ୬୩୨୫ = ୨୨୨୨
C – B = ୭୮୫୪ – ୫୬୩୨ = ୨୨୨୨
C – B = ୫୪୭୮ – ୩୨୫୬ = ୨୨୨୨

ସେହିପରି D – B = ୫୮୯୬ – ୨୫୬୩ = ୩୩୩୩
D – B = ୯୬୫୮ – ୬୩୨୫ = ୩୩୩୩
D – B = ୮୯୬୫ – ୫୬୩୨ = ୩୩୩୩
D – B = ୬୫୮୯ – ୩୨୫୬ = ୩୩୩୩

ଏବଂ ଶେଷରେ
D – A = ୫୮୯୬ – ୧୪୫୨ = ୪୪୪୪
D – A = ୯୬୫୮ – ୫୨୧୪ = ୪୪୪୪
D – A = ୮୯୬୫ – ୪୫୨୧ = ୪୪୪୪
D – A = ୬୫୮୯ – ୨୧୪୫ = ୪୪୪୪

''ଏବେ ଏଇ ବିୟୋଗ ଫଳର ଯାଦୁ କୌଶଳ ତୁ ବୁଝି ପାରୁଥିବୁ ।'' – ମୁଁ କହିଲି । ଝିଅ ତା'ର ଆନନ୍ଦ ଉଦ୍‌ବେଳିତ ଆଧିକ୍ୟକୁ ସମ୍ଭାଳି ନପାରି ଏକ ପ୍ରକାର ଚିତ୍କାର କରି ଉଠିଲା – ''ୱାଓ,... .... କେତେ ସୁନ୍ଦର ସଂଖ୍ୟା ସଜ୍ଜା ହୋଇଛି, ତା' ସହ କେତେ ସୁନ୍ଦର ବିୟୋଗ ଫଳ କ୍ରମାନ୍ୱୟରେ ୧୧୧୧, ୨୨୨୨, ୩୩୩୩ ଓ ୪୪୪୪ ମିଳୁଛି ।'' ତା'ର ଆବାଜ ବଢ଼ିବା ସଙ୍ଗେ ସଙ୍ଗେ ଆଖିର ଡୋଳା ଓ ମୁଖ ମଣ୍ଡଳଟି ଆନନ୍ଦରେ ଉଜ୍ଜ୍ୱଳ ଦେଖାଗଲା ।

ମୁଁ ପୁଣି ଆରମ୍ଭ କଲି ତା' ଖାତା କଲମ ଧରି । ''ଏଇଟା ତ ଆମେ ପ୍ରତ୍ୟେକ ଚିତ୍ରରେ clockwise ଗତି କରି ଅଙ୍କମାନଙ୍କରୁ ଏ ଅଭୁତ ସଂଖ୍ୟା ପାଇଲେ । ଯଦି A,B,C,D ଚିତ୍ରକୁ ଆମେ Anti-clockwiseରେ ଗତି କରି ଅଙ୍କରୁ ସଂଖ୍ୟାକୁ ଲେଖି ବିୟୋଗ କରିବା, ତେବେ ଅନୁରୂପ ଭାବରେ ଆଶ୍ଚର୍ଯ୍ୟକର ବିୟୋଗ ଫଳ ପାଇବା ।''

''କେମିତି ହେବ ବାପା ? ବୁଝାଇ ଦିଅ ।'' – ଝିଅ ପୁଣି ଜିଜ୍ଞାସା କଲା ।

ମୁଁ Anti-clockwiseରେ B – A ବାହାର କରିବାକୁ ଝିଅକୁ କହିଲି । ସିଏ ଲେଖିଲା –

B – A = ୩୬୫୨ – ୨୫୪୧ = ୧୧୧୧
B – A = ୫୨୩୬ – ୪୧୨୫ = ୧୧୧୧
B – A = ୬୫୨୩ – ୫୪୧୨ = ୧୧୧୧
B – A = ୨୩୬୫ – ୧୨୫୪ = ୧୧୧୧
C – B = ୫୮୭୪ – ୩୬୫୨ = ୨୨୨୨
C – B = ୭୪୫୮ – ୫୨୩୬ = ୨୨୨୨
C – B = ୮୭୪୫ – ୬୫୨୩ = ୨୨୨୨
C – B = ୪୫୮୭ – ୨୩୬୫ = ୨୨୨୨

ଏବଂ
D – B = ୬୯୮୫ – ୩୬୫୨ = ୩୩୩୩
D – B = ୮୫୬୯ – ୫୨୩୬ = ୩୩୩୩
D – B = ୯୮୫୬ – ୬୫୨୩ = ୩୩୩୩
D – B = ୫୬୯୮ – ୨୩୬୫ = ୩୩୩୩

ଏବଂ ଶେଷରେ
D – A = ୬୯୮୫ – ୨୫୪୧ = ୪୪୪୪
D – A = ୮୫୬୯ – ୪୧୨୫ = ୪୪୪୪
D – A = ୯୮୫୬ – ୫୪୧୨ = ୪୪୪୪
D – A = ୫୬୯୮ – ୧୨୫୪ = ୪୪୪୪

ଝିଅର ଆଶ୍ଚର୍ଯ୍ୟର ସୀମା କାହିଁରେ କେତେ ! ଅନେକ ବେଳ ହେଇ ଯାଇଥିଲା । ପାଉଁଶିଆ ଖରା ସାମାନ୍ୟ ଟାଣ ହୋଇ ଆସିଛି । ମୁଁ ଝିଅକୁ କହିଲି – ''ଆଜି ତୋତେ ଏଇ କାଲ୍‌କୁଲେଟର୍‌ର ଲୁକ୍କାୟିତ ସଂଖ୍ୟା କୌତୁକ କହିଲି । ଆଗକୁ ପୁଣି ଏହାର ଆହୁରି ଅନେକ କୌତୁକ କଥା କହିବି । ଆଜି ଏତିକିରେ ରହିବା ।''

ଝିଅ ମୁଣ୍ଡ ହଲାଇ ''ହଁ''ର ଇସାରା ଦେଲା । ମୁଁ ପୁଣି ଖବର କାଗଜ ପଢ଼ିବାରେ ଲାଗିଗଲି ।

❑❑❑

# ଈର୍ଷାହିଁ ବିନାଶର କାରଣ

## ଦୌଲତ ପାଣ୍ଡେ

ରାଜ ପ୍ରାସାଦର ଉପବନ ପାଚେରି ବାହାରେ ସୁନ୍ଦର ଏକ ବାଦାମ ଗଛ ଥିଲା । ପ୍ରଚଣ୍ଡ ଖରା ଓ ହାଡ଼ଭଙ୍ଗା ଶୀତକୁ ଭ୍ରୁକ୍ଷେପ ନ କରି ବାଦାମ ଗଛଟିର ସୁରକ୍ଷା ବଳୟ ଭିତରେ ରହି ଥରେ ଏକ ଗୋଲାପ ବୁଦା ବଢ଼ିବାରେ ଲାଗିଲା । ଗ୍ରୀଷ୍ମଋତୁର ପ୍ରଚଣ୍ଡ ଉତ୍ତାପ ଓ ଝାଞ୍ଜି ପବନ ଯେତେବେଳେ ସୁକୁମାରୀ ଗୋଲାପ ଗଛଟିକୁ ବ୍ୟତିବ୍ୟସ୍ତ କରିବାକୁ ଆରମ୍ଭ କରିଦିଏ, ସାଥୀ ବାଦାମ ଗଛଟି ତା'ର ଗହଳିଆ ଡାଳପତ୍ରରେ ଗୋଲାପ ବୁଦାଟିକୁ ଢାଙ୍କି ଉତ୍ତାପରୁ ରକ୍ଷା କରେ । ଶୀତ ଋତୁର ଆଗମନରେ ଉଭୟ ଗୋଲାପ ଓ ବାଦାମ ଗଛରୁ ପତ୍ରସବୁ ଝଡ଼ିଯାଏ । ଗୋଲାପ ଫୁଲର ପାଖୁଡ଼ାସବୁ ଝଡ଼ିଯାଏ । ସେହି ଦୁର୍ଦ୍ଦିନରେ ବାଦାମ ଗଛଟି ଥାଏ ଗୋଲାପର ଏକମାତ୍ର ସାଥୀ । ଗୋଲାପକୁ ସାନ୍ତ୍ୱନା ଦେବା ଉଦ୍ଦେଶ୍ୟରେ ବାଦାମ ଗଛଟି ନିଜ ଅଙ୍ଗେ ନିଭା ପୁରୁଣା କାହାଣୀସବୁ ଗୋଲାପ ଆଗରେ ବଖାଣି ଯାଏ । ନିଜ ଜନ୍ମ ପୂର୍ବର କାହାଣୀସବୁ ବାଦାମ ଗଛଠାରୁ ଶୁଣି ଗୋଲାପ ଗଛଟି ଦୁଃସହ ଶୀତ ଯନ୍ତ୍ରଣା ଭୁଲିଯାଏ । ଶେଷରେ ବହୁଆକାଙ୍କ୍ଷିତ ବସନ୍ତ ଋତୁ ଯେତେବେଳେ କୋମଳ ପଦପାତରେ ନଦ-ନଦୀ, ପାହାଡ଼-ପର୍ବତ ଓ ଉପତ୍ୟକା ଉପରେ ନାଚି ନାଚି ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଏ ଉଭୟ ବାଦାମ ଗଛ ଓ ଗୋଲାପ ଲତା ପତ୍ରଫୁଲରେ ଭରିଯା'ନ୍ତି । ପକ୍ଷୀମାନେ ସେମାନଙ୍କ ପାଖକୁ ଫେରି ଆସନ୍ତି । ପତ୍ରଫୁଲଭରା ଗହଳିଆ ଡାଳରେ ବସି ମଧୁର କାକଳୀରେ ସମଗ୍ର ବାତାବରଣକୁ ଉତ୍ସବ-ମୁଖର କରି ଦିଅନ୍ତି । ପ୍ରଜାପତିର ମଧୁର ଚୁମ୍ବନରେ ଗୋଲାପ କଢ଼ିଗୁଡ଼ିକ ପୁଣି ପାଖୁଡ଼ା ମେଲି ଫୁଟି ଉଠନ୍ତି ।

ଥରକର ଘଟଣା । ଋତୁରାଜ ବସନ୍ତର ଆଗମନରେ ଗୋଲାପ ବୁଦାଟିରେ ଫୁଲ, ପତ୍ର ଭରିଗଲା । ମହୁମାଛିମାନେ ଗୁଣୁ ଗୁଣୁ ଧ୍ୱନି କରି ମନ ଆନନ୍ଦରେ ଫୁଲରୁ ଫୁଲକୁ ଉଡ଼ି ମହୁ ସଂଗ୍ରହ କରିବାରେ ଲାଗିଗଲେ । ଝିଣ୍ଟିକାମାନେ କଅଁଳ ଘାସର ଗାଲିଚା ଉପରେ ଡେଇଁ ବୁଲିଲେ । ଆନନ୍ଦ ବିଭୋର ଫୁଟନ୍ତା ଗୋଲାପଗୁଡ଼ିକ ପକ୍ଷୀମାନଙ୍କୁ କହିବାରେ ଲାଗିଲେ – 'ଆମର ଏ ଜୀବନ ସତେ କେଡ଼େ ମଧୁମୟ ! ଏବେ ଆମେ କି ସୁଖରେ କାଳଯାପନ କରୁଛୁଁ !' ଉତ୍ତରରେ ପକ୍ଷୀମାନେ କହିଲେ 'ଆମ୍ଭେମାନେ ମଧ୍ୟ କମ୍ ସୁଖୀ ନୋହୁଁ । ଆମ୍ଭମାନଙ୍କ ଜୀବନ ଏବେ ସଙ୍ଗୀତମୟ ହୋଇଯାଇଛି ।' ବାଦାମଗଛଟି କହିଲା – 'ମୁଁ ସମସ୍ତଙ୍କ ଅପେକ୍ଷା ଅଧିକ ଖୁସୀ । କାରଣ ପ୍ରତିଦିନ ମୋର ଉଚ୍ଚତା କ୍ରମେ ବଢ଼ିବାରେ ଲାଗିଛି । ଆଉ ଅଳ୍ପଦିନ ଭିତରେ ମୋର ବଢ଼ନ୍ତା ଡାଳସବୁ ପ୍ରାସାଦର ପାଚେରିକୁ ଅତିକ୍ରମ କରିଯିବେ । ମୋ ଫୁଲସବୁ ପ୍ରାସାଦ ଉଦ୍ୟାନରେ ବିଞ୍ଛି ହୋଇଯିବେ ।'

ଗୋଲାପ ଗଛଟି କହିଲା – 'ଭାଇ ସତରେ ତୁମେ ବଡ଼ ଭାଗ୍ୟବାନ୍ । ମୁଁ ତମ ଭଳି ଡେଙ୍ଗା ହୋଇଥାନ୍ତି କି ! ତାହା ହେଲେ ପାଚେରିରେ ଉଙ୍କିମାରି ଦେଖିପାରନ୍ତି ରାଜାଙ୍କ ଉଦ୍ୟାନରେ ଗୋଲାପ ଫୁଟିଛି କି ନାହିଁ ।' କାଠହଣା ଚଢ଼େଇଟି ବାଦାମ ଗଛର ଉଚ୍ଚ ଡାଳରେ ବସି ଗଛକୁ ଥଣ୍ଟରେ ଆଘାତ ଦେଉ ଦେଉ ଗୋଲାପକୁ କହିଲା – 'ମୋ କାମରେ ମୁଁ ବ୍ୟସ୍ତ । ମୋ ଅବସ୍ଥା ଯଦି ତୁମ ଭଳି ହୋଇଥା'ନ୍ତା, ତେବେ ବି ମୁଁ ଅନ୍ୟ କାହା କଥାରେ ମୁଣ୍ଡ ପୂରାନ୍ତି ନାହିଁ ।' ଗୋଲାପଗୁଡ଼ିକ ସମବେତ କଣ୍ଠରେ କହି ଉଠିଲେ – 'ଏଭଳି କହିବା ତୁମ ପାଇଁ ବେଶ୍ ସହଜ । କାରଣ ତୁମର ଡେଣା ଅଛି, ଯେତେବେଳେ ଚାହିଁବ ପାଚେରି ଉପରକୁ ଉଡ଼ି ଯାଇ ପାରିବ; ରାଜାଙ୍କ ବଗିଚାରେ କେଉଁ ଫୁଲ ଫୁଟିଛି ଦେଖିପାରିବ । ଆମ ପକ୍ଷେ ତ ତାହା ସମ୍ଭବ ନୁହେଁ ! ଆମେ ଇଞ୍ଚେ ବି ଘୁଞ୍ଚି ପାରିବୁ ନାହିଁ ।' ହଳଦୀ ବର୍ଣ୍ଣର ବଟର କପ୍ ଫୁଲଟି କହି ଉଠିଲା – 'ଆମ ଅବସ୍ଥା ବି ଠିକ୍ ସେଇଆ ! ମାତ୍ର ସେଥିପାଇଁ ଆମର ଆଦୌ ଦୁଃଖ ନାହିଁ । କାରଣ ଆମେ ତ ପକ୍ଷୀ ନୋହୁଁ, ଆମେ ଫୁଲ ।' ଗୋଲାପମାନେ ବାଦାମ ଗଛକୁ ଲକ୍ଷ୍ୟକରି କହିଲେ – 'ଭାଇ, ପାଚେରି ସେ ପାଖରେ ତୁମ ନଜର ପଡ଼ିବା ମାତ୍ରେ ରାଜାଙ୍କ ବଗିଚାରେ କ'ଣ ସବୁ ଅଛି ଆମକୁ ନିଶ୍ଚୟ କହିବ ।' ବାଦାମ ଗଛଟି 'ହଁ' ଭରି କହିଲା – 'ଏବେ ସେ କଥା ଭୁଲିଯାଅ । ଦେଖ ମନ୍ଦ ମଳୟରେ ମୋ ଫୁଲ ସବୁ କିପରି ଶୂନ୍ୟରେ ଘୂରି ଘୂରି ନାଚି ନାଚି ଉଡ଼ି ଯାଉଛନ୍ତି ।'

ସୁଖ ସ୍ୱପ୍ନ ତୁଲ୍ୟ ଦିନ ଗଡ଼ି ଚାଲିଲା । ଦିନେ ସକାଳେ ହଠାତ୍ ବାଦାମ ଗଛଟି ଆନନ୍ଦ ଗଦ୍‌ଗଦ କଣ୍ଠରେ ଘୋଷଣା

କଲା ଯେ ପାଚେରି ଆରପାଖରେ କ'ଣ ସବୁ ଅଛି ସେ ଦେଖିପାରୁଛି । ବାଦାମ ଗଛଟି କ'ଣ ସବୁ ଦେଖୁଛି ଜାଣିବା ପାଇଁ ଗୋଲାପ ଗଛଟି ଅତ୍ୟନ୍ତ ଉତ୍‌କଣ୍ଠିତ ହୋଇ ଉଠିଲା । ବାଦାମ ଗଛ କହିଲା – 'ବଗିଚାଟିରେ ଅନେକ ପ୍ରକାର ଫୁଲସବୁ ଫୁଟିଛି । ଆଉ ଗୋଲାପ କଥା କ'ଣ କହିବି ? ଏ ଦୁନିଆରେ ଏତେ ଜାତିର ଗୋଲାପ ଅଛି, ମୁଁ ଜାଣି ନ ଥିଲି । ହେଇ, ସାଙ୍ଗସାଥୀଙ୍କ ଗହଣରେ ସ୍ୱୟଂ ରାଜକୁମାର ବଗିଚା ଭିତରକୁ ବୁଲି ଆସୁଛନ୍ତି ।' ଗୋଲାପ କହିଲା – 'ଭାଇ, ସତରେ ତୁମ ପ୍ରତି ଆମର ଈର୍ଷା ହେଉଛି । ରାଜକୁମାର କ'ଣ ସତରେ ଜଣେ ଗୌର ବର୍ଣ୍ଣର ସୁନ୍ଦର ଯୁବକ ?' ବାଦାମ ଗଛ କହିଲା – 'ହଁ, ଦୁନିଆର ଯେ କୌଣସି ରାଜକୁମାର ତୁଲ୍ୟ ସେ ଅତିଶୟ ସୁନ୍ଦର । ଲୋହିତ ବର୍ଣ୍ଣର ସୁନ୍ଦର ଗୋଲାପଟିଏ ହାତରେ ଧରି ସେ ତାହାର ପାଖୁଡ଼ାଗୁଡ଼ିକୁ ନିଜ ଆଙ୍ଗୁଳିର କୋମଳ ସ୍ପର୍ଶ ଦେବାରେ ଲାଗିଛନ୍ତି ।'

ଗୋଲାପଗୁଡ଼ିକ କାନ୍ଦି କାନ୍ଦି କହିବାର ଶୁଣାଗଲା, କୌଣସି ରାଜକୁମାର ସେମାନଙ୍କ ପାଖକୁ ଆସନ୍ତି ନାହିଁ । ଏହା ଶୁଣି ପକ୍ଷୀମାନେ କହିଲେ – 'ସେଥିରେ ତୁମର ଦୁଃଖ କାହିଁକି ? ଆମେ ତ ତୁମ ପାଖକୁ ଆସୁଛୁ ।' ଗୋଲାପମାନେ ପକ୍ଷୀମାନଙ୍କ ପ୍ରତି ଅବଜ୍ଞା ପ୍ରକାଶ କରି କହିଲେ – 'ରାଜକୁମାରଙ୍କ ଧମନୀରେ ରାଜରକ୍ତ ପ୍ରବାହିତ ହେଉଛି । ତାଙ୍କ ସହିତ ନିଜକୁ ତୁଳନା କରିବାର ଧୃଷ୍ଟତା କିପରି କରିପାରୁଛ ?' ପକ୍ଷୀମାନେ କହିଲେ – 'ଏ କଥା ସତ ଯେ ଆମ୍ଭେମାନେ ରାଜକୁମାର ନୋହୁଁ । ହେଲେ, ଆମେ ତୁମମାନଙ୍କୁ କେଡ଼େ ଶ୍ରଦ୍ଧା କରୁଛୁଁ ! କିନ୍ତୁ ରାଜକୁମାର ତୁମକୁ ଅଚଳ ମୁଦ୍ରାତୁଲ୍ୟ କେବଳ ବେଖାତିର କରନ୍ତି ।' ଈର୍ଷା ଜର୍ଜରିତ ଗୋଲାପମାନେ ସ୍ଥାନ, କାଳ ଓ ପାତ୍ର ଭୁଲିଗଲେ ଏବଂ କହିଲେ ତାଙ୍କର କେବଳ ରାଜକୁମାର ଦରକାର, ଆଉ କେହି ନୁହେଁ । ବାଦାମ ଗଛଟି ଗୋଲାପକୁ ଆକଟ କଲା ଏବଂ ପକ୍ଷୀମାନଙ୍କୁ ଏଭଳି ଅଭଦ୍ର ବ୍ୟବହାର କରିବାକୁ ବାରଣ କଲା । ଗୋଲାପଗୁଡ଼ିକ ନିଜର ଭୁଲ୍ ବୁଝିବା ଦୂରେ ଥାଉ ବାଦାମ ଗଛକୁ ଲକ୍ଷ୍ୟ କରି କହିଲେ – 'ସେଥିରେ ଆମର ଖାତିର ନାହିଁ । ଭବିଷ୍ୟତରେ ନିଜ କଥା ନିଜେ ବୁଝିବାକୁ ଚେଷ୍ଟାକର । ଆମକୁ ନୀତିବାଣୀ ଶୁଣାଇବା ଦରକାର ନାହିଁ ।' ପକ୍ଷୀମାନଙ୍କୁ ଲକ୍ଷ୍ୟ କରି କହିଲେ – 'ତୁମମାନଙ୍କ ଶ୍ରଦ୍ଧା ମଧ୍ୟ ଆମର ଦରକାର ନାହିଁ । ତୁମେମାନେ ଆଉ କାହା ପାଖକୁ ଯାଇପାର ।'

ଗୋଲାପର ତାଚ୍ଛଲ୍ୟପୂର୍ଣ୍ଣ ମନ୍ତବ୍ୟ ପକ୍ଷୀମାନଙ୍କୁ ବଡ଼ ବାଧିଲା । ସେମାନେ ଗୋଟିକ ପରେ ଗୋଟିଏ ସେ ସ୍ଥାନ ଛାଡ଼ି ଉଡ଼ି ଗଲେ । ଗୋଲାପ ବୁଦାଟି ନିଜ ଅହଂକାରକୁ ଧରି ସେହିଠାରେ ରହିଲା । ବାଦାମ ଗଛଟି ମଧ୍ୟ ଗୋଲାପର କଥାରେ କ୍ଷୁବ୍ଧ ଏବଂ ଅପମାନିତ ବୋଧକଲା । ସେ ବି ଗୋଲାପବୁଦାଟି ଆଡୁ ମୁହଁ ବୁଲାଇ ନେଲା । ଫଳରେ ଗୋଲାପବୁଦାଟି ବାଦାମ ଡାଳର ଶୀତଳ ଛାୟାରୁ ବଞ୍ଚିତ ହେଲା । ସମୟକ୍ରମେ ଗ୍ରୀଷ୍ମଋତୁ ଆସିଲା । ଗ୍ରୀଷ୍ମତାପ ସହି ନ ପାରି ଗୋଲାପ ଗଛଟି ଶୁଖି ଶୁଖି ମରିଗଲା ।

ଯେଉଁ ସ୍ଥାନରେ ଏକଦା ସ୍ନେହ, ଶ୍ରଦ୍ଧା ଓ ସୁଖ ଶାନ୍ତି ବିରାଜୁ ଥିଲା, କେବଳ ଈର୍ଷା ସବୁ ଧୂଳିସାତ୍ କରିଦେଲା । ବାଦାମ ଗଛଟି ନୀରବ ରହିବା ଉଚିତ ମନେ କଲା । ବର୍ଷ ପରେ ବର୍ଷ ବିତିଗଲା । ଗୋଲାପ ସ୍ଥାନରେ ଅନ୍ୟ ଫୁଲସବୁ ଫୁଟିବାରେ ଲାଗିଲେ । ମାତ୍ର ପାଚେରି ସେପାଖ ରାଜ-ଉଦ୍ୟାନରେ କ'ଣ ସବୁ ଦେଖିଲା ବାଦାମ ଗଛ ଆଉ କେବେ କାହାରିକୁ କହିବାର ଶୁଣାଗଲା ନାହିଁ । ନୀରବ ରହିବା ବୁଦ୍ଧିମାନର କାର୍ଯ୍ୟ ବୋଲି ବୋଧହୁଏ ସେ ବୁଝି ପାରିଲା ।

(The Tales of India - I ପୁସ୍ତକରୁ)

ଅନୁବାଦ : ସନାତନ ମହାନ୍ତି ❑

ସ୍ୱାର୍ଥପରତା ହେଉଛି ଏକମାତ୍ର ପାପ, ନୀଚତା ହେଉଛି ଏକମାତ୍ର ଦୋଷ, ଘୃଣା ହେଉଛି ଏକମାତ୍ର ଅପରାଧ । ଏମାନଙ୍କ ଛଡ଼ା ଆଉ ସବୁକିଛିକୁ ସହଜରେ ଭଲରେ ପରିଣତ କରାଯାଇ ପାରିବ; କିନ୍ତୁ ଏମାନେ ହେଉଛନ୍ତି ଦିବ୍ୟତାର ପ୍ରଚଣ୍ଡ ବିରୋଧୀ ।

– ଶ୍ରୀଅରବିନ୍ଦ

ଚେତନାର ଦିଗ୍‌ବଳୟ :

# ଜ୍ଞାନ ବିସ୍ଫୋରଣ ?

ସୁବିଖ୍ୟାତ ଫରାସୀ ଲେଖକ ଆନାତୋଲ୍ ଫ୍ରାଁସ୍ ଲେଖିଥିବା ଏକ କାହାଣୀର ବିଷୟବସ୍ତୁ ଏହିପରି :

ପ୍ରାଚ୍ୟ ଭୂଖଣ୍ଡରେ ଥିଲେ ଜଣେ ବିବେକୀ ରାଜା । ସଚ୍ଚା ଜ୍ଞାନକୁ ଭିତ୍ତିକରି ଦେଶର ଶାସନ ବିଧାନ ପ୍ରଣୀତ ହେବ, ଏହି ଉଦ୍ଦେଶ୍ୟରେ ସେ ଦେଶର ଶତାଧିକ ଅବିସମ୍ବାଦିତ ଜ୍ଞାନୀଙ୍କୁ ନିମନ୍ତ୍ରଣ କରି ଆଣି ଯାବତୀୟ ଜ୍ଞାନ ଲିପିବଦ୍ଧ କରିବାକୁ ନିର୍ଦ୍ଦେଶ ଦେଲେ । କୋଳାହଳମୟ ନଗରୀଠାରୁ କିଛିଦୂରରେ ଏକ ପ୍ରାସାଦରେ ସେମାନଙ୍କୁ ବ୍ୟବସ୍ଥିତ କରାଗଲା । ଦେଶର ଯାବତୀୟ ଗ୍ରନ୍ଥାଗାରର ସଞ୍ଚୟକୁ ଆଣି ସେମାନଙ୍କ ଜିମା ଦିଆଗଲା । ସେମାନଙ୍କୁ ଖଟିବା ପାଇଁ, ଯେତେବେଳେ ଯାହାସହ ସେମାନେ ପରାମର୍ଶ କରିବାକୁ ଚାହିଁବେ ତାକୁ ଆଣି ସେମାନଙ୍କ ଆଗରେ ହାଜର କରାହେବା ନିମନ୍ତେ ବହୁ କର୍ମଚାରୀ ନିଯୁକ୍ତ ହେଲେ ।

ତିରିଶ ବର୍ଷ ଉତ୍ତାରୁ ଜ୍ଞାନିବର୍ଗ ତିନିଶହ ଗ୍ରନ୍ଥରେ ଲିପିବଦ୍ଧ ଜ୍ଞାନସମ୍ଭାର ଏକାଧିକ ଶଗଡ଼ରେ ବୋଝେଇ କରି ଆଣି ରାଜାଙ୍କ ଦରବାରରେ ଥୋଇଲେ ।

''ଏତେ ଗୁଡ଼ାଏ ପାଠ ପଢ଼ିବାକୁ ସମୟ ନାହିଁ । ସଂକ୍ଷେପିତ କର ।'' ରାଜା ଆଦେଶ ଦେଲେ ।

ଆଉ ଦଶବର୍ଷ ପରେ ଜ୍ଞାନିବୃନ୍ଦ ପଚାଶ ଖଣ୍ଡି ଗ୍ରନ୍ଥ ଆଣି ରାଜାଙ୍କ ଆଗରେ ଉପସ୍ଥାପନ କଲେ ।

''ପାଗଳ ? ମୁଁ ଶାସନ କାର୍ଯ୍ୟ ଦେଖିବି ନା ପଚାଶ ଖଣ୍ଡ ଗ୍ରନ୍ଥ ଅଧ୍ୟୟନ କରିବି ! ଯାଅ, ସବୁ ଜ୍ଞାନକୁ ଗୋଟାଏ ଗ୍ରନ୍ଥରେ ଜାକିଜୁକି ଭର୍ତ୍ତିକରି ଆଣ ।'' ରାଜା ଦେଲେ ନିର୍ଦ୍ଦେଶ ।

ଜ୍ଞାନୀ ସମାବେଶର ଯେଉଁ ସଦସ୍ୟମାନେ ଇତିମଧ୍ୟେ ପରଲୋକଗମନ କରୁଥା'ନ୍ତି, ସେମାନଙ୍କ ସ୍ଥାନ ନେଉଥା'ନ୍ତି ସେମାନଙ୍କ ପୁତ୍ର ବା ଜାମାତା ବା ପୌତ୍ର – ଉତ୍ତରାଧିକାରୀ ସୂତ୍ରେ ।

ପ୍ରବୀଣ ଓ ନବୀନ ଜ୍ଞାନିମାନଙ୍କ ପାଞ୍ଚବର୍ଷ ବ୍ୟାପ୍ତ ଉଦ୍ୟମରେ ସମ୍ଭବ ହେଲା ଗୋଟାଏ ଜ୍ଞାନଗ୍ରନ୍ଥ । ସେମାନେ ସଗର୍ବ ତାକୁ ଧରି ରାଜଦରବାରରେ ଉପସ୍ଥିତ ହେଲେ ।

କିନ୍ତୁ ସେତେବେଳକୁ ବୃଦ୍ଧ ରାଜା ଶେଷ ନିଃଶ୍ୱାସ ତ୍ୟାଗ କରୁଥିଲେ । ଗ୍ରନ୍ଥ ଗୋଟିକ ତାଙ୍କ ମର କଳେବର ସହ ସମାଧିସ୍ଥ ହୋଇଥିବା ଅସ୍ୱାଭାବିକ ନୁହେଁ ।

ଗଳ୍ପଟି ମନେ ପଡ଼ିବାର ହେତୁ, ସଂପ୍ରତି ଦେଶ ବିଦେଶର ବିଶ୍ୱବିଦ୍ୟାଳୟମାନଙ୍କରେ ଜ୍ଞାନ ବିସ୍ଫୋରଣ (Knowledge Explosion) ବା ତଥ୍ୟ ବିସ୍ଫୋରଣ (Information Explosion) ଉପରେ, ଶିରୋନାମାରେ କିଛି କିଛି ଭିନ୍ନତା ଥାଇ ଅନେକଗୁଡ଼ିଏ ଆଲୋଚନାଚକ୍ର ଅନୁଷ୍ଠିତ ହେବାରେ ଲାଗିଛି ।

ଆପାତତଃ ମନେହୁଏ, ଜ୍ଞାନ ଏବଂ ତଥ୍ୟକୁ ଅନେକେ ଏକାକାର କରି ଦେଖୁଛନ୍ତି; ବହୁତ ସମାଚାର ଜାଣିବାକୁ ଜ୍ଞାନ ବୃଦ୍ଧି ବୋଲି ଧରିନିଆ ଯାଉଛି । ଅବଶ୍ୟ ଏଠାରେ ହାରାହାରି ସାମାଜିକ ସ୍ତର କଥା କୁହାଯାଉଛି, ଚିନ୍ତାଶୀଳମାନଙ୍କ ସୀମିତ ଗୋଷ୍ଠୀ କଥା କୁହାଯାଉ ନାହିଁ । ଚିନ୍ତାଶୀଳମାନେ ଜାଣନ୍ତି ଯେ ନାନାଦି ତଥ୍ୟ ଜ୍ଞାତ ହେବା ସ୍ମୃତି ଓ ବୋଧଶକ୍ତିର ବ୍ୟାପାର । ତାହା ଉତ୍ତମ କଥା । କିନ୍ତୁ ଜ୍ଞାନର ଅର୍ଥ ଭିନ୍ନ, ତାହା ଚେତନାର ବ୍ୟାପାର । ଯାହାଙ୍କ ଚେତନା ବିକଶିତ, ଯିଏ ସାଧାରଣ ମାନବ-ସୁଲଭ ମୂଲ୍ୟବୋଧର ଉପରକୁ ଯାଇଥା'ନ୍ତି, ସିଏ ଜ୍ଞାନୀ । ସିଏ ଜଣେ ସଫଳ ନାଗରିକ, ଜଣେ ସାମ୍ବାଦିକ, ଜଣେ ଶିକ୍ଷକ ବା ଗବେଷକଙ୍କ ତୁଳନାରେ ବହୁତ କମ୍ ତଥ୍ୟ ଜାଣିଥାଇ ପାରନ୍ତି, ଏପରିକି ଆମ ସହ ଜ୍ଞାନଚର୍ଚ୍ଚା କରିବା ଭଳି ଦକ୍ଷତା ତାଙ୍କର ନ ଥାଇପାରେ, କିନ୍ତୁ ସେ ଆମ ଭଳି ଆଶା, ହତାଶା, ପ୍ରତ୍ୟାଶା, ନିରାଶାର ଶରବ୍ୟ ହୁଅନ୍ତି ନାହିଁ ।

ଜଣେ ଜ୍ଞାନ ଚର୍ଚ୍ଚାରେ ଧୁରନ୍ଧର ବ୍ୟକ୍ତି ଜ୍ଞାନୀ ହୋଇଥିବ ବୋଲି ବୁଝିବା ଭୁଲ୍ । ପତଞ୍ଜଳି, ଯିଏ ଯୋଗ ସୂତ୍ରର ପ୍ରଣେତା, ସିଏ ଜ୍ଞାନୀ, କିନ୍ତୁ ପତଞ୍ଜଳି ଦର୍ଶନ ଉପରେ ଡକ୍‌ଟରେଟ୍ କରିଥିବା ମେଧାବୀ ବ୍ୟକ୍ତିଜଣକ ଜ୍ଞାନୀ ନୁହନ୍ତି, ତଥ୍ୟ-ଜ୍ଞାନୀ । ଏହା ଏକ ଦୃଷ୍ଟାନ୍ତ ମାତ୍ର ।

ଏଠାରେ ଏ ଲେଖକ ଜ୍ଞାନ ବୋଇଲେ ଇଂରାଜୀ Knowledge ଏବଂ General Knowledge – ଏ ଉଭୟକୁ ବୁଝାଉଛି । କିନ୍ତୁ ଆଉ ଟିକିଏ ଗଭୀରକୁ ଗଲେ Knowledge ଅର୍ଥରେ ଜ୍ଞାନର ବହୁ ପର୍ଯ୍ୟାୟ ଏବଂ ସ୍ତର

ରହିଛି । ପୁଣି ଜ୍ଞାନଠାରୁ ମହତ୍ତର ହେଲା ପ୍ରଜ୍ଞା ବା Wisdom । ମନ ଭଳି ଅଜ୍ଞାନ ଏବଂ ଦୁର୍ବଳ ମାଧ୍ୟମ ସତ୍ୟର ଯେତିକି ରହସ୍ୟ ବୁଝିପାରେ ବା ଆୟତ୍ତ କରିପାରେ ତାହା Knowldege; ଆନ୍ତର ଦୃଷ୍ଟିର ବା ସମ୍ବୋଧି (Intuition)ର ଯଥାର୍ଥ ବିକାଶ ହେଲେ ଜଣେ ପ୍ରଜ୍ଞାବାନ୍ ହୁଏ । ଶ୍ରୀଅରବିନ୍ଦଙ୍କର ଏକ କାରିକାରୁ ଏହାର ସୁସ୍ପଷ୍ଟ ସୂଚନା ମିଳେ : ''There are two allied powers in man : Knowledge and Wisdom. Knowledge is so much of the truth, seen in a distorted medium, as the mind arrives at by groping; Wisdom what the eye of divine vision sees in the spirit.''

(Thoughts and Aphorisms)

ଅର୍ଥାତ୍, ''ମଣିଷ ଭିତରେ ରହିଛନ୍ତି ଦୁଇ ପରସ୍ପର ସହଯୋଗୀ ଶକ୍ତି : ଜ୍ଞାନ ଓ ପ୍ରଜ୍ଞା । ଗୋଟିଏ ବିକୃତ ମାଧ୍ୟମ ଦେଇ ଦେଖି ସତ୍ୟର ଯେତିକି ମାତ୍ରାକୁ ମନ ଅଣ୍ଡାଳି ଅଣ୍ଡାଳି ନିରୂପଣ କରିପାରେ, ତାହାହିଁ ଜ୍ଞାନ । ଦିବ୍ୟଦୃଷ୍ଟି ଆତ୍ମା ଜରିଆରେ ଯାହା ଦେଖିପାରେ, ତାହାହିଁ ପ୍ରଜ୍ଞା ।''

ଆନାତୋଲ୍ ଫ୍ରାଁସ୍‌ଙ୍କ କାହାଣୀର ପଣ୍ଡିତବର୍ଗ ଯାହା ସଙ୍କଳନ କରୁଥିଲେ, ତାହା ଜ୍ଞାନ-ସମ୍ପର୍କୀୟ ତଥ୍ୟ; ଜ୍ଞାନ ନୁହେଁ, ଅର୍ଥାତ୍ ସେସବୁ ପଢ଼ି ଜଣେ ସମଝଦାର୍ ହୋଇପାରେ, ପଣ୍ଡିତ ହୋଇପାରେ, କିନ୍ତୁ ତା'ର ଚେତନାର ଗୁଣଗତ ବିକାଶ ନହେଲେ ସିଏ ଜ୍ଞାନୀ ଶ୍ରେଣୀଭୁକ୍ତ ହୋଇପାରିବ ନାହିଁ ।

ଆଜି ବାସ୍ତବିକ ଅଜସ୍ର ତଥ୍ୟ ଆମ ଉପରେ ଅଜାଡ଼ି ହୋଇ ପଡୁଛି । ଅତୀତରେ ଏତେ ତଥ୍ୟ ମଣିଷକୁ ଆକର୍ଷିତ କରୁ ନଥିଲା ବା ପ୍ରଭାବିତ କରୁ ନଥିଲା । ଏ ପରିସ୍ଥିତିକୁ ଜ୍ଞାନର ପ୍ରାଚୁର୍ଯ୍ୟ ଅର୍ଥରେ ଜ୍ଞାନ ବିସ୍ଫୋରଣ ବୋଲି କହିବା ଭୁଲ୍; ଏହା ତଥ୍ୟ ବିଚ୍ଛୁରଣ; ସେଥିରେ ରହିଛି ଆବର୍ଜନା ବିତରଣ ମଧ୍ୟ । ସମସ୍ୟା ହେଲା, ଏସବୁ ତଥ୍ୟ-ବହୁଳତା ଭିତରେ ନିମଜ୍ଜିତ ରହି, ଏହିସବୁକୁ ଭିତ୍ତିକରି ଆଲୋଚନା, ସମାଲୋଚନା, ପରୀକ୍ଷା, ପ୍ରତିଯୋଗିତାରେ ସାମିଲ ହୋଇ ଆମେ ଆମ ଭିତରେ ସଂଗୁପ୍ତ ଜ୍ଞାନ-ପିପାସା ଚରିତାର୍ଥ କରିବାର ଅବସର ପାଉ ନାହୁଁ । ଆମ ଧାରଣା ମାମୁଲି ବସ୍ତୁ-ସର୍ବସ୍ୱ ଜୀବନ ସଂଗ୍ରାମ ଭିତରେ ଅନ୍ତର୍ମୁଖୀ ହେବା ସମ୍ଭବପର ନୁହେଁ । କିନ୍ତୁ ବାସ୍ତବରେ ଜ୍ଞାନର ବିକାଶ ପାଇଁ ସ୍ୱତନ୍ତ୍ର ଅବସରର ଆବଶ୍ୟକତା ଅନିବାର୍ଯ୍ୟ ନୁହେଁ । ଅବଶ୍ୟ ପ୍ରତ୍ୟହ ନିଜ ଦୈନନ୍ଦିନ କାର୍ଯ୍ୟରେ କିଛି ସମୟ ନିରବତା ଓ ନିଶ୍ଚଳତାକୁ ସ୍ଥାନ ଦେବା ଉତ୍ତମ ଏବଂ ଆବଶ୍ୟକ ମଧ୍ୟ — ସେସମୟ ଯେତେ ସ୍ୱଳ୍ପ ହେଉ ନା କାହିଁକି । କିନ୍ତୁ ଆମ ମନର ଉପରାଂଶ ତଥ୍ୟ-ବହୁଳତାରେ ଭାରାକ୍ରାନ୍ତ ହେବା ସତ୍ତ୍ୱେ ଆମେ ଅଭ୍ୟାସ କଲେ ସମାନ୍ତରାଳଭାବେ ଅନ୍ତର୍ମୁଖୀ ହୋଇ ରହିପାରିବା; ସେତେବେଳେ ତଥ୍ୟର ଓଜନ ଆମକୁ କଷଣ ଦେବ ନାହିଁ, ବିଭ୍ରାନ୍ତ କରିବ ନାହିଁ । ବରଂ ଅଧିକାଂଶ ଅନାବଶ୍ୟକ ଓ ନିରର୍ଥକ ତଥ୍ୟ ହାଲୁକା ମେଘ ଭଳି ଭାସି ଚାଲିଯିବେ; ଆଉ କେତେକ ଆପାତ ଦୃଷ୍ଟିରେ ମାମୁଲି ବା ସାଧାରଣ ତଥ୍ୟ ଭିତରେ ଆମେ ଅନୁଭବ କରିପାରିବା ଅସାଧାରଣ ତାତ୍ପର୍ଯ୍ୟ ।

ଏଭଳି ପରାମର୍ଶ ଏ ଲେଖକର ଅଧିକାର ବହିର୍ଭୂତ; କିନ୍ତୁ ଚଳିତ ସମୟରେ ମନସ୍ତତ୍ତ୍ୱକୁ ଯେଉଁମାନେ ମହତ୍ତର ଦୃଷ୍ଟିକୋଣରୁ ବିଚାର କରି ପାରୁଛନ୍ତି, ଏହା ସେମାନଙ୍କର ପର୍ଯ୍ୟବେକ୍ଷଣ । ଏହା ଆମ କର୍ମବହୁଳ ବାସ୍ତବ ଜୀବନ କ୍ଷେତ୍ରରେ ପ୍ରଯୁଜ୍ୟ; ଏଠାରେ କୌଣସି ବିରାଟ ଆଦର୍ଶ ବା ସାଧନା କଥା କୁହାଯାଉ ନାହିଁ ।

**— ମନୋଜ ଦାସ ❑**

ତୁମ ପାଇଁ ତୁମର ଆଧ୍ୟାତ୍ମିକ ପରିବର୍ତ୍ତନ ଓ ଅଗ୍ରଗତିହିଁ କେବଳ ପ୍ରଧାନ ବିଷୟବସ୍ତୁ ହୋଇ ରହୁ ଏବଂ ସେଥିଲାଗି ତୁମ ସହ ରହିଥିବା ମା'ଙ୍କ ଶକ୍ତି ଓ କୃପା ଉପରେ ସଂପୂର୍ଣ୍ଣ ଆସ୍ଥା ସ୍ଥାପନ କର — ବସ୍ତୁସକଳ କିଂବା ବ୍ୟକ୍ତିସକଳ ଦ୍ୱାରା ନିଜକୁ ବିଭ୍ରାନ୍ତ ହେବାକୁ ଦିଅ ନାହିଁ — କାରଣ ଭିତରର ସତ୍ୟ ଓ ମା'ଙ୍କ ଚେତନାର ପୂର୍ଣ୍ଣ ଆଲୋକ ମଧ୍ୟକୁ ଯାତ୍ରା ତୁଳନାରେ ଏସବୁ କଥାର କୌଣସି ଗୁରୁତ୍ୱ ନାହିଁ ।

— ଶ୍ରୀଅରବିନ୍ଦ

tarika

**AYURVEDIC HERBAL REMEDIES**

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LVI, No. 1** **R.N.I. No. 18163/70.**
Navaprakash (Monthly), January, 2025 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ(୧୯୨୪-୨୦୨୪)ର ଶୁଭ ଅବସରରେ ପ୍ରକାଶିତ ହୋଇଛି

**ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ**

**(ଦ୍ୱିତୀୟ ଖଣ୍ଡ)**




ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ, ଶିକ୍ଷା ତଥା ସମାଜରେ ପରିଦୃଷ୍ଟ ସମସ୍ୟାର ନିରାକରଣ ପାଇଁ ନୂତନ ଚେତନାରେ ସ୍ପନ୍ଦିତ ପ୍ରବନ୍ଧମାଳା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।

୬୩୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୭୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**